
ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୨/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, March 12/2025 | Page 16 | ₹ 7.00 | SAMBALPUR
୫୧ଶ ଭାଗ ୧୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 108 | ମୂଲ୍ୟ₹୭/-




KP GROUP Quality Since 1965
KAMLA PASAND
Anokha Swad
SILVER COATED ELAICHI
Anokha Swad
KAMLA PASAND
SILVER COATED ELAICHI
Watch at : You Tube
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୨/୨୦୨୫ | Bhubaneswar, Wednesday, March 12/2025 | ପୃଷ୍ଠା-୧




**କୁଶ ମାଇନି ରିଜର୍ଭ ଡ୍ରାଇଭର**

ଅଲ୍‌ପାଇନ୍ ଫର୍ମୁଲା ୱାନ ଟିମ୍‌ର ରିଜର୍ଭ ଡ୍ରାଇଭରକୁ ପଦୋନ୍ନତି ପାଇଛନ୍ତି ଭାରତର କୁଶ ମାଇନି।

୧୪

୦୮

**'ମା': ଅନ୍ୟାୟ ବିରୋଧରେ ଲଢ଼ିବେ କାଜଲ**

ଆସନ୍ତା ଜୁନ୍ ୨୭ରେ ରିଲିଜ୍ ହେବାକୁ ଥିବା 'ମା' ଫିଲ୍ମରେ ଅଭିନେତ୍ରୀ କାଜଲ ଦେବଗନ୍ ଅନ୍ୟାୟ ବିରୋଧରେ ଲଢୁଥିବାର ନଜରକୁ ଆସିବେ।





ବିଧାନସଭା ଅଧିବେଶନ ପ୍ରଥମାର୍ଦ୍ଧରେ ଗୃହରେ ଶାସକ-ବିରୋଧୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଛି। (ଫଟୋ: ମନୋରଞ୍ଜନ ମିଶ୍ର)

# ପାକିସ୍ତାନରେ ଟ୍ରେନ୍ ଅପହରଣ

- ୨୦ ସୁରକ୍ଷା କର୍ମୀ ନିହତ, ବହୁ ଯାତ୍ରୀ ଆହତ
- ୧୮୨ ଯାତ୍ରୀଙ୍କୁ ପଣବନ୍ଦୀ କଲା ବିଏଲ୍ଏ

**କରାଚୀ,୧୧।୩ (ପି.ଟି.)**

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ମଙ୍ଗଳବାର ଆତଙ୍କବାଦୀମାନେ ଏକ ଏକ୍ସପ୍ରେସ୍ ଟ୍ରେନ୍ ଉପରେ ଆକ୍ରମଣ କରିଛନ୍ତି। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨୦ ଜଣ ସୁରକ୍ଷା କର୍ମୀ ନିହତ ହୋଇଥିବାବେଳେ ଅନେକ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ୧୮୨ ଜଣ ଯାତ୍ରୀ ଓ ସୁରକ୍ଷା କର୍ମୀଙ୍କୁ ପଣବନ୍ଦୀ ରଖିଥିବା ଦାବି କରିଛନ୍ତି। ଯଦି ପାକିସ୍ତାନ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରେ, ତେବେ ସମସ୍ତ ପଣବନ୍ଦୀଙ୍କୁ ମାରିଦିଆଯିବ ବୋଲି ଆତଙ୍କବାଦୀ ସଂଗଠନ ବିଏଲ୍ଏ ଚେତାବନୀ ଦେଇଛି।

ଆକ୍ରମଣ ଘଟଣା ପରେ ବେଲୁଚିସ୍ତାନ ପ୍ରାଦେଶିକ ସରକାର ଜରୁରିକାଳୀନ ପଦକ୍ଷେପ ନେବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାଫର ଏକ୍ସପ୍ରେସ୍ କ୍ୱେଟାରୁ ପେଶାୱର ଯାଉଥିବାବେଳେ ପେହରୋ କୁନ୍ରି ଏବଂ ଗଦାଲର ମଧ୍ୟବର୍ତ୍ତୀ ଏକ ଟନେଲ ନିକଟରେ ଆକ୍ରମଣ ହୋଇଛି। ଆକ୍ରମଣ ପାଇଁ ବେଲୁଚିସ୍ତାନ ଲିବରେଶନ ଆର୍ମି (ବିଏଲ୍ଏ) ନିଜକୁ ଦାୟୀ କରିଛି।



ସେମାନେ ଟ୍ରେନ୍‌କୁ ଲାଇନଚ୍ୟୁତ କରାଇବା ସହ ନିଜ ନିୟନ୍ତ୍ରଣକୁ ନେଇଥିବା କହିଛନ୍ତି। ଆତଙ୍କବାଦୀମାନେ କର୍ତ୍ତବ୍ୟରତ ସୁରକ୍ଷା କର୍ମଚାରୀଙ୍କ ସମେତ ଶତାଧିକ ଯାତ୍ରୀଙ୍କୁ ପଣବନ୍ଦୀ ରଖିଥିବା ଦାବି କରିଛନ୍ତି। ସୂଚନାଯୋଗ୍ୟ, ବିଏଲ୍ଏକୁ ପାକିସ୍ତାନ, ବ୍ରିଟେନ୍ ଏବଂ ଆମେରିକାରେ ବେଆଇନ ସଂଗଠନ ଘୋଷଣା କରାଯାଇଛି।

ବିଚ୍ଛିନ୍ନତାବାଦୀ ଆତଙ୍କବାଦୀଙ୍କ ଆକ୍ରମଣରେ କେତେଜଣ ମୃତାହତ ହୋଇଛନ୍ତି, ତାହା ସରକାରୀ ଭାବେ ସ୍ପଷ୍ଟ ହୋଇନାହିଁ। ତେବେ ଗୁଳିମାଡ଼ରେ ଟ୍ରେନ୍ ଡ୍ରାଇଭର ଓ କେତେଜଣ ଯାତ୍ରୀ ଆହତ ହୋଇଥିବା ସୁରକ୍ଷାବଳ ସୂତ୍ରରୁ କୁହାଯାଇଛି। ସୁରକ୍ଷା ବଳ ଏବଂ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ସ୍ଥାନୀୟ ସିବି ହସ୍ପିଟାଲରେ ଏମର୍ଜେନ୍ସି ଜାରି କରାଯାଇଛି। ଟ୍ରେନ୍ ଡ୍ରାଇଭର ଗୁରୁତର ହୋଇଥିବା ରେଲୱେ ଅଧିକାରୀ ସ୍ପଷ୍ଟ କରିଛନ୍ତି। ସହାୟତା ପାଇଁ ଜରୁରୀ ରିଲିଫ୍ ଟ୍ରେନ୍ ପଠାଯାଇଛି। ୯ କୋଚ୍ ବିଶିଷ୍ଟ ଉକ୍ତ ଟ୍ରେନ୍‌ରେ ପ୍ରାୟ ୫୦୦ ଯାତ୍ରୀ ଥିଲେ ବୋଲି ରେଲୱେ କଣ୍ଟ୍ରୋଲର ମହମ୍ମଦ କଶିଫ୍ କହିଛନ୍ତି। ଉକ୍ତ ଅଞ୍ଚଳର ରେଳଲାଇନରେ ୧୭ଟି ଟନେଲ ଥିବାବେଳେ ଟ୍ରେନ୍‌ର ବେଗ କମ୍ ରହିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ବେଲୁଚ୍ ଆତଙ୍କବାଦୀମାନେ ☞ପୃଷ୍ଠା-୨

**ଅସ୍ମିତା ଓ ମହିଳା ପ୍ରସଙ୍ଗରେ କମ୍ପିଲା ବିଧାନସଭା**

# ଶାସକ-ବିରୋଧୀ ଧସ୍ତାଧସ୍ତି

**ଭୁବନେଶ୍ୱର,୧୧।୩(ରବିନାରାୟଣ ଜେନା)**

ନାରୀ ଓ ଅସ୍ମିତା ପ୍ରସଙ୍ଗକୁ ନେଇ ମଙ୍ଗଳବାର ବିଧାନସଭାରେ ଅସ୍ୱାଭାବିକ ସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି। ଏପରିକି ଶାସକ ଓ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ଧସ୍ତାଧସ୍ତି ଭଳି ଘଟଣା ଉପୁଜିବା ପରେ ଗୃହର ବାତାବରଣ ସରଗରମ ହୋଇଥିଲା। ଫଳରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ବାରମ୍ବାର ମୁଲତବୀ କରିଥିଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କୁ ସସ୍‌ପେଣ୍ଡ କରାଯାଇଥିବା ଯାଏ ମଧ୍ୟ କଥା ଯାଇଛି।

ଗୃହରେ ବିରୋଧୀ କଂଗ୍ରେସ ପକ୍ଷରୁ ମୂଳରୁ ଶାସକ ଦଳକୁ ଟାର୍ଗେଟ କରାଯାଇଥିଲା। ସରକାରଙ୍କ ଗୁଣ୍ଡାଗର୍ଦ୍ଦି ଚଳିବ ନାହିଁ। ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଅଛନ୍ତି। ଦିନ ଦ୍ୱିପ୍ରହରରେ ବଳାତ୍କାର ଓ ନାରୀ ନିର୍ଯାତନା ବଢ଼ିଚାଲିଛି। ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି କଂଗ୍ରେସ ସଦସ୍ୟମାନେ କହିଥିଲେ। ସେହିପରି ବିରୋଧୀ ବିଜେଡି ସରକାରୀ ଦଳ ଭାଜପାକୁ ଉପଲକ୍ଷ୍ୟ କରି ଓଡ଼ିଶା ବିଭାଜନକାରୀ ହାଏ ହାଏ ସ୍ଲୋଗାନ ଦେଇଥିଲା। ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ଅସ୍ମିତାର ଦ୍ୱାହିଦେଇ ସରକାରକୁ ଆସିଥିବା ଭାଜପାର ସଭ୍ୟମାନେ ଓଡ଼ିଶା ବିଭାଜନ କରିବାକୁ ଆହ୍ୱାନ ଦେଉଛନ୍ତି ବୋଲି କହିଥିଲେ। ଗୋଟିଏପଟେ କଂଗ୍ରେସ ନାରୀ ନିର୍ଯାତନା ପ୍ରସଙ୍ଗରେ, ଅନ୍ୟପଟେ ବିଜେଡି ଅସ୍ମିତା ପ୍ରସଙ୍ଗରେ ସରକାରଙ୍କୁ ସନ୍ତୁଆଶି ଆକ୍ରମଣ କରିଥିଲେ। ଏହି ସମୟରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳରେ ଗୃହ ହୁଲସ୍ଥୁଲ ହୋଇଥିଲା। ପରେ ଏକ ଘଟଣାକ୍ରମେ ସ୍ଥିତି ଏପରି ହୋଇଥିଲା ଯେ, ଶାସକ-ବିରୋଧୀ ସଭ୍ୟମାନେ ଧସ୍ତାଧସ୍ତି ଓ ଶାର୍ଟ କଲାର ଧରି ଠେଲାପେଲା ପର୍ଯ୍ୟନ୍ତ କଥା ଯାଇଥିଲା। ଏଭଳି ଅପ୍ରୀତିକର ପରିସ୍ଥିତି ମଙ୍ଗଳବାର ଗୃହର ପ୍ରଥମାର୍ଦ୍ଧରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ବିରୋଧୀଙ୍କ ଏଭଳି ଆଚରଣକୁ ନିନ୍ଦା କରିବା ସହ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିବା ବିରୋଧୀ ଦଳର ସଦସ୍ୟଙ୍କୁ ବହିଷ୍କାର କରାଯାଉ ବୋଲି ଭାଜପା ସଦସ୍ୟମାନେ ଦାବି କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବାକୁ ୩ଥର ମୁଲତବୀ ଘୋଷଣା କରିଥିଲେ। ମାତ୍ର ବିରୋଧୀ ତାଙ୍କ ଜିଦ୍‌ରେ ଅଡ଼ି ବସିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ମଙ୍ଗଳବାର ପୂର୍ବାହ୍ନରେ ପ୍ରଶ୍ନୋତ୍ତର ଆଲୋଚନା କାଳରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଭାଜପା ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ ପ୍ରଶ୍ନର ଉତ୍ତର ରଖୁଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଗୃହ ମଧ୍ୟକୁ ପଶି ☞ପୃଷ୍ଠା-୨

## ତାରା ନିଲମ୍ବିତ

**ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)**

ବିଧାନସଭାରେ ମଙ୍ଗଳବାର ବିରୋଧୀଙ୍କ ହଟ୍ଟଗୋଳ ଭିତରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବିରୋଧୀ ଓ ଶାସକ ଦଳ ସଦସ୍ୟମାନଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହେବାପରେ ଦ୍ୱିତୀୟାର୍ଦ୍ଧରେ ଗୃହ ମଧ୍ୟଭାଗକୁ ଆସି ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ସରକାରୀ ଦଳର ଗୁଣ୍ଡାଗର୍ଦ୍ଦି ଚଳିବ ନାହିଁ, ଡବଲ ଇଞ୍ଜିନ ହାଏ ହାଏ, ନାରୀ ସୁରକ୍ଷା ଆମର ଦାବି, ଭାଜପା ସରକାର ହାଏ ହାଏ ନାରାବାଜି କରି ପ୍ରତିବାଦ ଆରମ୍ଭ କରିଥିଲେ। ୪ଟା ସମୟରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୩୦ ମିନିଟ୍ ଲାଗି ମୁଲତବୀ ଘୋଷଣା କରିଥିଲେ। ଏହାପରେ ୪ଟା ୩୦ରୁ ଆଉ ଥରେ ୩୦ ମିନିଟ୍, ତାପରେ ୨୦ ମିନିଟ୍ ପୁଣି ଥରେ ୨୦ ମିନିଟ୍ ଏବଂ ଶେଷରେ ୧୦ ମିନିଟ୍ ଲାଗି ଗୃହକୁ ସେ ମୁଲତବୀ ଘୋଷଣା କରିଥିଲେ। ଏହିପରି ଗୃହକାର୍ଯ୍ୟକୁ ଦ୍ୱିତୀୟାର୍ଦ୍ଧରେ ବାଚସ୍ପତି ଏବଂ ଉପବାଚସ୍ପତି ୫ଥରରେ ମୋଟ୍ ୧ ଘଣ୍ଟା ୫୦ ମିନିଟ୍ ଲାଗି ବନ୍ଦ ରଖିଥିଲେ। ଶେଷରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କୁ ୭ ଦିନ ଲାଗି ଗୃହରୁ ନିଲମ୍ବନ କରାଯିବା ନେଇ ପ୍ରସ୍ତାବ ପାରିତ କରାଯାଇଥିଲା। ☞ପୃଷ୍ଠା-୨

# ଇଂଲିଶ୍ କୋର୍ ପରିବର୍ତ୍ତେ ଇଲେକ୍ଟିଭ୍ ପ୍ରଶ୍ନପତ୍ର

**ଉତ୍ତର ଲେଖିପାରିଲେନି ଛାତ୍ରୀଛାତ୍ର**

**ବାରିପଦା,୧୧।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁ ୩୦ଜଣ ସିବିଏସ୍‌ଇ +୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେମାନେ ଇଂଲିଶ୍ କୋର୍ ବିଷୟରେ ବର୍ଷତମାମ ପାଠ ପଢ଼ିଥିଲେ। ହେଲେ ମଙ୍ଗଳବାର ଅନୁଷ୍ଠିତ ପରୀକ୍ଷାରେ ସେମାନେ ଇଂଲିଶ୍ ଇଲେକ୍ଟିଭ୍ ବିଷୟର ପ୍ରଶ୍ନପତ୍ର ପାଇଥିଲେ। ଫଳରେ ଉତ୍ତର ଲେଖି ନ ପାରି ଅଡୁଆରେ ପଡ଼ିଛନ୍ତି। ମୟୂରଭଞ୍ଜ ଜିଲା ବଡ଼ସାହିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିଛି। ବିକଳ୍ପ ବ୍ୟବସ୍ଥା ସ୍ୱରୂପ ପୁନଃ ପରୀକ୍ଷା କରାଯିବାକୁ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଦାବି କରିଛନ୍ତି। ଅନ୍ୟଥା ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।। ପରୀକ୍ଷା ହଲ୍‌ରୁ ବାହାରିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଜିଲାପାଳ ହେମକାନ୍ତ ସୟଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତଦନ୍ତ ପରେ ଅବହେଳା ପ୍ରଦର୍ଶନ କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

+୨ ବିଜ୍ଞାନର ବାର୍ଷିକ ପରୀକ୍ଷା ସକାଶେ ବଡ଼ସାହି ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଛାତ୍ରୀଛାତ୍ରମାନେ ଇଂଲିଶର କୋର୍ ବିଷୟ ପାଇଁ ଫର୍ମପୂରଣ କରିଥିଲେ। ବିଦ୍ୟାଳୟରେ ସେମାନେ ଇଂଲିଶର କୋର୍ ବିଷୟରେ ☞ପୃଷ୍ଠା-୨

# ବିଶ୍ୱର ସବୁଠୁ ପ୍ରଦୂଷିତ ୨୦ ସହର ମଧ୍ୟରୁ ଭାରତରେ ୧୩

**ନୂଆଦିଲ୍ଲୀ,୧୧।୩(ପି.ଟି.)**

ବିଶ୍ୱରେ ସବୁଠାରୁ ପ୍ରଦୂଷିତ ୨୦ ସହର ମଧ୍ୟରୁ ଭାରତର ୧୩ ସହର ରହିଛି। ସୁଇସ୍ ଏୟାର କ୍ୱାଲିଟି ଟେକ୍ନୋଲୋଜି କମ୍ପାନୀ 'ଆଇକ୍ୟୁ ଏୟାର' ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା 'ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ ୨୦୨୪' ଅନୁଯାୟୀ, ମେଘାଳୟର ବର୍ନିହାଟ ହେଉଛି ବିଶ୍ୱର ସବୁଠୁ ପ୍ରଦୂଷିତ ସହର। ସେହିପରି ଭାରତର ରାଜଧାନୀ ଦିଲ୍ଲୀ ମଧ୍ୟ ସବୁଠାରୁ ପ୍ରଦୂଷିତ ରାଜଧାନୀ ହୋଇଥିବା ନେଇ 'ଆଇକ୍ୟୁ ଏୟାର' ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରେ କୁହାଯାଇଛି। ୨୦୨୪ରେ ଭାରତ ବିଶ୍ୱର ପଞ୍ଚମ ସବୁଠାରୁ ପ୍ରଦୂଷିତ ଦେଶ ହୋଇଥିବା ଏହି ରିପୋର୍ଟ କହିଛି। ୨୦୨୩ରେ ଭାରତ ଏହି ତାଲିକାର ତୃତୀୟ ସ୍ଥାନରେ ଥିଲା।

୨୦୨୩ଠାରୁ ୨୦୨୪ରେ ଭାରତର ପିଏମ୍ ୨.୫ ସାନ୍ଦ୍ରତାରେ ୭% ହ୍ରାସ ଲକ୍ଷ୍ୟ କରାଯାଇଛି। ୨୦୨୩ରେ ଭାରତର ବାର୍ଷିକ ହାରାହାରି ପିଏମ୍ ୨.୫ ସାନ୍ଦ୍ରତା ୫୪.୪ ମାଇକ୍ରୋଗ୍ରାମ/କ୍ୟୁବିକ୍ ମିଟର ଥିବାବେଳେ ୨୦୨୪ରେ ଏହି ସଂଖ୍ୟା ସାମାନ୍ୟ ଖସି ୫୦.୬ ମାଇକ୍ରୋଗ୍ରାମ/କ୍ୟୁବିକ୍ ମିଟରରେ ପହଞ୍ଚିଛି। ବିଶ୍ୱର ସବୁଠାରୁ ୧୦ ପ୍ରଦୂଷିତ ସହର ମଧ୍ୟରେ ଭାରତର ୬ ସହର ଥିବା ଏହି ରିପୋର୍ଟ କହିଛି। ଦିଲ୍ଲୀରେ ଲଗାତର



**ଦିଲ୍ଲୀ ସବୁଠୁ ପ୍ରଦୂଷିତ ରାଜଧାନୀ**

ଭାବେ ଉଚ୍ଚ ପ୍ରଦୂଷଣ ସ୍ତର ରେକର୍ଡ ହୋଇଛି। ଏହାର ବାର୍ଷିକ ହାରାହାରି ପିଏମ୍ ୨.୫ ସାନ୍ଦ୍ରତା ୧୦.୮.୩ ମାଇକ୍ରୋଗ୍ରାମ/କ୍ୟୁବିକ୍ ମିଟର ରହିଛି, ଯାହା ଗତବର୍ଷ ୧୦୨.୪ ମାଇକ୍ରୋଗ୍ରାମ/କ୍ୟୁବିକ୍ ମିଟର ରହିଥିଲା। ବିଶ୍ୱର ୨୦ ପ୍ରଦୂଷିତ ସହର ମଧ୍ୟରେ ଥିବା ୧୩ ଭାରତୀୟ ସହର ହେଉଛି ବର୍ନିହାଟ, ଦିଲ୍ଲୀ, ନୂଆଦିଲ୍ଲୀ, ପଞ୍ଜାବର ମୁଲ୍ଲାନପୁର, ହରିୟାଣାର ଫରିଦାବାଦ, ଗୁରୁଗ୍ରାମ, ଉତ୍ତରପ୍ରଦେଶର ଲୋନି, ଗ୍ରେଟରନୋଏଡା, ନୋଏଡା, ମୁଜାଫରନଗର, ରାଜସ୍ଥାନର ଗଙ୍ଗାନଗର, ଭିୱାଡ଼ି, ହନୁମାନଗଡ଼। ୩୫% ଭାରତୀୟ ସହରର ପ୍ରଦୂଷଣ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ଜାରି କରାଯାଇଥିବା ସୀମା ୫ ମାଇକ୍ରୋଗ୍ରାମ/କ୍ୟୁବିକ୍ ମିଟରଠାରୁ ଅତିକମ୍‌ରେ ୧୦ ଗୁଣା ଅଧିକ ରହିଥିବା ନେଇ ଏହି ଅଧ୍ୟୟନ କହିଛି। ଏହି ରିପୋର୍ଟ ଅନୁଯାୟୀ, ବିଶ୍ୱର ୨୦ ପ୍ରଦୂଷିତ ସହର ମଧ୍ୟରେ ପାକିସ୍ତାନର ୪ ଏବଂ ଚାଇନାର ଗୋଟିଏ ସହର ରହିଛି। ଆଫ୍ରିକୀୟ ଦେଶ ଚାଡ୍ ବିଶ୍ୱର ସବୁଠାରୁ ପ୍ରଦୂଷିତ ହୋଇଥିବାବେଳେ ବାଂଲାଦେଶ ଏବଂ ପାକିସ୍ତାନ ଯଥାକ୍ରମେ ବିଶ୍ୱର ଦ୍ୱିତୀୟ ଏବଂ ତୃତୀୟ ସବୁଠୁ ପ୍ରଦୂଷିତ ଦେଶ ହୋଇଥିବା ଏହି ରିପୋର୍ଟ କହିଛି। ସବୁଠାରୁ ପ୍ରଦୂଷିତ ଦେଶ ତାଲିକାର ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଯଥାକ୍ରମେ ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋ ଏବଂ ଭାରତ ରହିଛନ୍ତି।

## ଜୟନାରାୟଣଙ୍କ ବିବୃତିରେ ସହମତ ନାହାନ୍ତି ସରକାର: ଆଇନ ମନ୍ତ୍ରୀ

**ଭୁବନେଶ୍ୱର,୧୧।୩(ସୁନିତ୍ ମିଶ୍ର)**

ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କ ବୟାନକୁ ନେଇ ଦୁଇ ଦିନ ହେଲା ଗୃହ କମ୍ପୁଥିବା ବେଳେ ଶେଷରେ ଏ ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ମୁହଁ ଖୋଲିଛନ୍ତି। ଗୃହରେ ଏନେଇ ପ୍ରତିକ୍ରିୟା ରଖି ଆଇନ ମନ୍ତ୍ରୀ କହିଛନ୍ତି, ବିଧାୟକ ଜୟନାରାଣ ମିଶ୍ର ବିଧାନସଭା ବାହାରେ ଏକ ସାଧାରଣ ସଭାରେ ଦେଇଥିବା ବିବୃତିରେ ସରକାର ସହମତି ନାହାନ୍ତି। ଏହା ତାଙ୍କର ବ୍ୟକ୍ତିଗତ ମତାମତ। ଓଡ଼ିଶା ପ୍ରଦେଶର ଏକତା, ଅଖଣ୍ଡତା ପାଇଁ ସରକାର ବଦ୍ଧପରିକର। ଏନେଇ କାହା ମନରେ ଦ୍ୱନ୍ଦ ରହିବା ଆବଶ୍ୟକ ନାହିଁ। ରାଜ୍ୟର ପ୍ରତ୍ୟେକ ଅଞ୍ଚଳର ବିକାଶ ପାଇଁ ସରକାର କାର୍ଯ୍ୟରତ ଏବଂ ଏଥିଲାଗି ଦକ୍ଷିଣ ତଥା ଉତ୍ତର ଓଡିଶା ବିକାଶ ପରିଷଦ ଗଠନ କରି ସରକାର ସାମଗ୍ରିକ ବିକାଶ ପାଇଁ ଗଠନ ମୂଳକ କାର୍ଯ୍ୟ କରୁଛନ୍ତି। ରାଜନୀତିରେ ଆଲୋଚନା, ସମାଲୋଚନା ଏବଂ ବିକ୍ଷୋଭ ପ୍ରଦର୍ଶନ ଏକ ସାମ୍ବିଧାନିକ ଅଧିକାର ମାତ୍ର ଅହିଂସା ମାଧ୍ୟରେ ମଙ୍ଗଳବାର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କାର୍ଯ୍ୟ ନୁହେଁ କେବଳ କଥା**



ନବୀନ ନିବାସଠାରେ ମଙ୍ଗଳବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ନିମନ୍ତ୍ରଣ ଦେଉଛନ୍ତି ଡିଏମ୍‌କେ ଏମ୍‌ପି ଦୟାନିଧି ମାରାନ୍ (ମଝି)।

## ସୀମା ପୁନଃ ନିର୍ଦ୍ଧାରଣ ନେଇ ଷ୍ଟାଲିନ୍‌ଙ୍କ ବୈଠକରେ ଯୋଗଦେବ ବିଜେଡି

**ଭୁବନେଶ୍ୱର,୧୧।୩(ସୁନିତ୍ ମିଶ୍ର)**

ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଡାକିଥିବା ବୈଠକରେ ବିଜେଡି ଯୋଗଦେବ। ମଙ୍ଗଳବାର ଡିଏମ୍‌କେ ସାଂସଦ ଦୟାନିଧି ମାରାନ୍ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଥିଲେ। ନବୀନ ଏବଂ ମାରାନ୍‌ଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ହେବାପରେ ମାରାନ୍ ଏହି ସୂଚନା ଦେଇଛନ୍ତି। ମାରାନ୍ ଏବଂ ତାଙ୍କ ସହ ତାମିଲନାଡୁ ଶିଳ୍ପ ମନ୍ତ୍ରୀ ଟି.ବି.କେ. ରାଜା ନବୀନ ନିବାସ ଯାଇ ଏନେଇ ନବୀନଙ୍କୁ ନିମନ୍ତ୍ରଣ ଦେଇଛନ୍ତି। ସୀମା ପୁନଃ ନିର୍ଦ୍ଧାରଣ ନେଇ ଆସନ୍ତା ୨୨ରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ବୈଠକ ଡକାଇଛନ୍ତି। ଉକ୍ତ ବୈଠକରେ ଯୋଗଦେବା ଲାଗି ନବୀନ ସହମତି ଜଣାଇଥିବା ଜଣାପଡ଼ିଛି। ସୀମା ପୁନଃ ନିର୍ଦ୍ଧାରଣ ନେଇ ଓଡ଼ିଶାର କ'ଣ ସବୁ କ୍ଷତି ହେବ ସେନେଇ ଶୀଘ୍ର ବୈଠକ ଅନୁଷ୍ଠିତ ହେବା ସହ ଆଲୋଚନା ହେବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡ଼ା ସଂସଦର ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୯ତମ ବାର୍ଷିକୋତ୍ସବ 'ଜୟଦେବ ସମାରୋହ-୨୦୨୫', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## କଟକ
- ବ୍ଲକସ୍ତରୀୟ ଇସି ସଭ୍ୟାଙ୍କ ଧାରଣା, ସ୍ଥାନ: ତିଗିରିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ।

## ବାଲେଶ୍ୱର
- ଆନ୍ତର୍ଜାତିକ ଆଲୋଚନା ଚକ୍ର, ସ୍ଥାନ: ଉପେନ୍ଦ୍ରନାଥ ମହାବିଦ୍ୟାଳୟ, ସୋର, ସମୟ: ପୂର୍ବାହ୍ନ ୧୦ଟା ।
- ହରିହର ମିଳନ ଉତ୍ସବ, ସ୍ଥାନ: ବଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ଖଇରା, ସମୟ: ଅପରାହ୍ନ ୪ଟା ।
- ହରାଇଜନ୍ ଆୱାର୍ଡ ସମାରୋହ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ
- ମୁନସୀ ମେଳଣ ଉଦ୍‌ଯାପନ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା ।
- ସୂଚନା ଅଧିକାର କର୍ମଶାଳା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଗାଁସାଥୀଙ୍କ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନା, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦ ।
- ସର୍ବଭାରତୀୟ ପାରେଶ୍ୱର ମେମୋରିଆଲ ଭଲିବଲ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ, ସ୍ଥାନ: ମଣ୍ଡଳପୋଖରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦୁଝର
- ୨ୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ, ନାମ ସଂକୀର୍ତ୍ତନ, ସ୍ଥାନ: ବର୍ଦ୍ଧନପୁର, ଛେନାପଦି, ସମୟ: ସକାଳ ୬ଟା ।

## ମୟୂରଭଞ୍ଜ
- ଷୋହଳ ପ୍ରହର ନାମଯଜ୍ଞ ଅବସରରେ ଘଟୋତ୍ତଳନ, ସ୍ଥାନ:ମଧୁବନ ୱାର୍ଡନଂ.୯, ବାରିପଦା,ସମୟ:ସକାଳ ୯ଟା ।
- ଚନ୍ଦନପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: ଚନ୍ଦନପୁର,ପୁରୁଣା ଆଶ୍ରମ ବିଦ୍ୟାଳୟ ଗୌଡଗାଁ, ମାଣତ୍ରୀ, ବଡ଼ସାହି,ସମୟ: ଅପରାହ୍ନ ୪ଟା ।
- ୧୦୦ତମ ହୋଲି ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ୟାମ୍ବ ମହଲ, ସ୍ଥାନ: ତାଳପଦା ଦୁର୍ଗାମାଧବ ପଡ଼ିଆ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା ।

## ବ୍ରହ୍ମପୁର
- ବୁଢ଼ୀ ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ,ସ୍ଥାନ: ଦେଶୀ ବେହେରା ସାହି,ସମୟ: ରାତି ୯ଟା ୩୦ ।

## ଗଞ୍ଜାମ
- ଚବିଶି ପ୍ରହର ନାମ ସଂକୀର୍ତ୍ତନ ଆରମ୍ଭ, ସ୍ଥାନ: ବୁଗୁଡା,ଆଦିପୁର,ସମୟ: ସକାଳ ୬ଟା ।

## ଜଗତ୍‌ସିଂହପୁର
- ତ୍ରିନାଥ କଲୋନୀ ବାସିନ୍ଦାଙ୍କ ପକ୍ଷରୁ ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ବାଲିଝରା, ପାରାଦୀପ, ସମୟ: ସକାଳ ୬ଟା ।
- ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି)ପକ୍ଷରୁ ସଡ଼କ ସୁରକ୍ଷା ଉଦ୍ଦେଶ୍ୟରେ ସାଇକ୍ଲୋଥନ ରାଲି, ସ୍ଥାନ: ପାରାଦୀପ କଲେଜ ରୋଡ, ନୂଆବଜାର, ପାରାଦୀପ, ସକାଳ ୮ଟା ।

## କେନ୍ଦ୍ରାପଡ଼ା
- ହରିବାସର ଯୁବକ ସଂଘ ପକ୍ଷରୁ ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଓ ନାମଯଜ୍ଞ, ସ୍ଥାନ: ସୁନୀତି, ମହାକାଳପଡ଼ା, ସମୟ: ସକାଳ ୬ଟା ।
- ସାଂସ୍କୃତିକ ପରିଷଦ ପକ୍ଷରୁ ସାଗରବେଳା ମହୋତ୍ସବ, ସ୍ଥାନ: ପେଣ୍ଠ, ରାଜନଗର, ସମୟ: ଅପରାହ୍ନ ୫ଟା ।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଗୁରୁ ମହାରାଜ ମଠ, କଳଦିଆ, ଆଳି, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର
- ଶ୍ରୀ ରଘୁନାଥଜୀଉଙ୍କ ୧୨୫ତମ ମେଳଣ ଉତ୍ସବ, ସ୍ଥାନ: ଚନ୍ଦମା ଗ୍ରାମ ମେଳଣ ପଡ଼ିଆ, ସମୟ: ସକାଳ ୬ଟା ।
- ୧ମ ଯାଜପୁର ଜିଲା ଯୁବ ମହୋତ୍ସବ-୨୦୨୫, ସ୍ଥାନ: ଯାଜପୁର ରୋଡ୍ ଏନ୍.ସି. ହାଇସ୍କୁଲ ପଡ଼ିଆ, ସମୟ : ସନ୍ଧ୍ୟା ୬ଟା ।

## ନୟାଗଡ଼
- ମଦନ ମୋହନଙ୍କ ବାର୍ଷିକ ଉତ୍ସବରେ ଚାଉପଲ୍ଲୀ ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ, ସମୟ: ସକାଳ ୮ଟା ।
- ଡାକ୍ତର ଅଭାବ ପ୍ରତିବାଦରେ ଓଡଗାଁରେ ଦୋକାନ ବଜାର ବନ୍ଦ ସହ ଗଣଧାରଣା, ସ୍ଥାନ: ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ, ସମୟ: ସକାଳ ୮ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ , ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ କାଦୁଆ ଗତିଶ୍ୱର ମହାଦେବ ମନ୍ଦିର, ସମୟ: ସକାଳ ୮ଟା ।
- ଭାଗବତ ପାରାୟଣ ଓ ଗୀତା ଯଜ୍ଞର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ଖଳିସାହି ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା ।
- ବିଶ୍ୱଶାନ୍ତି ଯଜ୍ଞ ଅବସରରେ କରଡାପଲ୍ଲୀର ସିତା ଚୋରି ନାଟକ, ସ୍ଥାନ: ନୟାଗଡ଼ ବ୍ଲକର ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ସକାଳ ୧୦ଟା ।
- କାମ୍ପୋରୀ ଉତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଆରସି ହାଇସ୍କୁଲ, ସମୟ: ସନ୍ଧ୍ୟା ୭ଟା ।
- ବିଶ୍ୱଶାନ୍ତି ଯଜ୍ଞ ଅବସରରେ ମଞ୍ଜୁରିଆପଲ୍ଲୀର ନାଟକ ନର୍କ କୁଣ୍ଡେ ନାରାୟଣ, ସ୍ଥାନ: ନୟାଗଡ଼ ବ୍ଲକର ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ରାତି ୧୦ଟା ।

## ନବରଙ୍ଗପୁର
- ୫୭ତମ ବର୍ଷିକ ଉତ୍ସବ, ସ୍ଥାନ: ଝରିଗାଁ ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର
- ଗୋଲଡେନ କପ କ୍ରିକେଟ ଟୁର୍ନାମେଣ୍ଟ, ହାୱା ମଇଦାନ, ସମୟ : ସକାଳ ୮ଟା ।
- ସମ୍ବଲପୁର ଜିଲା ଆଉଟ ସୋର୍ସିଂ ସଂଘ ପକ୍ଷରୁ ରାଲି, ସ୍ଥାନ: ମ୍ୟୁନିସିପାଲିଟି ଛକ, ସମୟ : ପୂର୍ବାହ୍ନ ୧୦ଟା ।
- କଲମ ଅନୁଷ୍ଠାନର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର
- ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିଶାଳ ଆଦିବାସୀ ମହାରାଲି, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

## ରାଉରକେଲା
- ମ୍ୟୁନିସିପାଲ କଲେଜରେ ଶାସ୍ତ୍ରୀୟ ଓଡିଆ ଭାଷା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ।
- ବେଦବ୍ୟାସ ସଂସ୍କୃତ କଲେଜରେ ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳନ ସମାରୋହ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ବରଗଡ଼
- ପର୍ଯ୍ୟଟନ ସଚିବଙ୍କ ପରିଦର୍ଶନ, ସ୍ଥାନ: ନୃସିଂହନାଥ, ପାଇକମାଳ, ସମୟ:ସକାଳ ୮ଟା ।
- ଶିଶୁ ସୁରକ୍ଷା କମିଟିର କର୍ମଶାଳା,ସ୍ଥାନ: ବୟନ ଶିଳ୍ପ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା ।
- ନିଯୁକ୍ତି ମେଳା,ପାଣି ପଞ୍ଚାୟତ ଭବନ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ପର୍ଯ୍ୟଟନ ସଚିବଙ୍କ ଧନୁଯାତ୍ରା ପଡ଼ିଆ ପରିଦର୍ଶନ,ସ୍ଥାନ:ବରଗଡ଼ ଧନୁଯାତ୍ରା ପଡ଼ିଆ,ସମୟ:ମଧ୍ୟାହ୍ନ ୧୨ଟା ।

## କଳାହାଣ୍ଡି
- ଲାଞ୍ଜିଗଡ଼ ପିଭିଟିଜି ବାଳକ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଆଶ୍ରମ ବିଦ୍ୟାଳୟ ପରିସର, ସମୟ: ସକାଳ ୧୦ଟା ।
- ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣାସ୍ଥିତ ବିଶ୍ୱବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା ।
- ବୃନ୍ଦାବନ ସ୍ମାର୍ଟ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣାସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା ୧୫ ।

## ବୌଦ୍ଧ
- ନିରାକାର ବ୍ରହ୍ମ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା ।

## ଦେବଗଡ଼
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- ତରଭା ବ୍ଲକ ସରଧାପାଲିରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା ।
- ସୋନପୁର ମୋଡେଲ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ତରଭା ପ୍ରିମିୟର କ୍ରିକେଟ୍ ଲିଗ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ତରଭା ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।

## ନୂଆପଡ଼ା
- ଜିଲା ଶ୍ରମିକ ମହାସଂଘ ନୂଆପଡ଼ା ପକ୍ଷରୁ ଜିଲା ଶ୍ରମ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲା ଶ୍ରମ କାର୍ଯ୍ୟାଳୟ ଖରିଆର ରୋଡ, ସମୟ: ପୂର୍ବାହ୍ନ ୧୦ଟା ।
- ଯଜ୍ଞବେଦୀ ରତ୍ନମୁଦ ଉପଲକ୍ଷେ ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ଗୋହିରାପଦର ଗାଁ, ସମୟ: ପୂର୍ବାହ୍ନ ୧୦ଟା ୧୫ ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ସିନାପାଲି ବ୍ଲକ ହାତୀବନ୍ଧା ଗାଁ, ସମୟ: ଅପରାହ୍ନ ୩ଟା ।

## ଝାରସୁଗୁଡ଼ା
- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ରାଉତବନ୍ଧ କୀର୍ତ୍ତନ ମଣ୍ଡପ, ରାଉତବନ୍ଧ, ସମୟ: ସକାଳ ୭ଟା ।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ସରବାହାଲ ନାମ ମଣ୍ଡପ, ସମୟ: ସକାଳ ୮ଟା ।
- ଶିବ ଚତୁର୍ଦ୍ଦଶୀ ଉପବାସ ବ୍ରତ ପାଳନ, ସ୍ଥାନ: ବାଗଡ଼ିହି ମହାକାଳ ମନ୍ଦିର, ସମୟ: ସକାଳ ୯ଟା ।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ଉପୁଜିଥିବା ଅପ୍ରୀତିକର ପରିସ୍ଥିତିକୁ ସଜାଡ଼ି ନେବେ । ମୁହଁ ସାମ୍ନାରେ ଭଲ କହୁଥିବା ସମ୍ପର୍କୀୟ ପଛରେ ବିଭିନ୍ନ କଥା କହିବେ । ଅଶ୍ୱିନୀ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତପ୍ତ ହେବେ । ସାମାନ୍ୟ ଚେଷ୍ଟା ଦ୍ୱାରା ଗତକାଲିଠାରୁ ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ପାଇପାରିବେ ।

**ବୃଷ** ଅଭାବରେ ପଡ଼ି ମାନସିକ ସନ୍ତୁଳନ ହରାଇପାରନ୍ତି । ଅଫିସରେ କୌଣସି କାମ ଠିକ୍ ସମୟରେ କରି ପାରିବେ ନାହିଁ । ରୋହିଣୀ ନକ୍ଷତ୍ର ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରିପାରନ୍ତି । ପରୋକ୍ଷ ଶତ୍ରୁତା, ଦେହପୀଡ଼ା ଓ ବନ୍ଧୁଙ୍କ ସହ ବୁଝାମଣାର ଅଭାବ ପରିସ୍ଥିତିକୁ ସଙ୍ଗିନ କରିଦେବ ।

**ମିଥୁନ** ଅଭିମାନକୁ ନିୟନ୍ତ୍ରଣରେ ନ ରଖିବା କାରଣରୁ କଳହର ଆଶଙ୍କା ସୃଷ୍ଟି ହେବ । ମୃଗଶିରା ନକ୍ଷତ୍ର କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ । ସ୍ତ୍ରୀଙ୍କ ସତ୍‌ପ୍ରେରଣା ଓ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ ।

**କର୍କଟ** ମନ କଥା ମନରେ ରଖି ବନ୍ଧୁଙ୍କ ନିକଟରେ ସଫେଇ ଦେବାକୁ ପଡ଼ିପାରେ । କର୍ମକ୍ଷେତ୍ରରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରି ଆତ୍ମବିଭୋର ହେବେ । ଅଶ୍ଳେଷା ନକ୍ଷତ୍ର ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇବ । ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବାର ସୂଚନା ରହିଛି ।

**ସିଂହ** ଶନି କ୍ଷେତ୍ରସ୍ଥ ରବିଙ୍କ ଯୋଗୁ ପ୍ରତ୍ୟେକ କାମ ହାସଲ ପୂର୍ବରୁ ଆକସ୍ମିକ ସମସ୍ୟା ସୃଷ୍ଟି ହୋଇପାରେ । ବୁଧଙ୍କ ଦୁର୍ବଳତା କାରଣରୁ ଋଣ ଭାରରେ ଅତିଷ୍ଠ ହେବେ । କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ମଘା ନକ୍ଷତ୍ର ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ପ୍ରତି ଦୂରତ୍ୱ ବଜାୟ ରଖି ଚଳିବା ଭଲ ହେବ ।

**କନ୍ୟା** କର୍ମଭାବସ୍ଥ ମଙ୍ଗଳ ଯୋଗୁ ବନ୍ଧୁ ଆନୁଷଙ୍ଗିକ ସାହାଯ୍ୟ ପ୍ରଦାନ କରି କାର୍ଯ୍ୟ ସାଧିତ କରାଇବେ । କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ । ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି ଭଳି କଥା କହିପାରନ୍ତି । ଚିତ୍ରା ନକ୍ଷତ୍ର ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ।

**ତୁଳା** ଅଷ୍ଟମସ୍ଥ ଗୁରୁଙ୍କ ଯୋଗୁ କୌଣସି ବନ୍ଧୁଙ୍କୁ ସାହାଯ୍ୟ ସକାଶେ ହଁ କିମ୍ବା ନା କରି ପାରିବେନି । ବିଶାଖା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ । ଆକସ୍ମିକ ଭାବରେ ଆସି ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିପାରେ । ବନ୍ଧୁଙ୍କୁ କେନ୍ଦ୍ରକରି ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ ।

**ବିଛା** ଯେଉଁ କାମ ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହା ସମ୍ପନ୍ନ ହେବ । ଅର୍ଥ ସମ୍ପର୍କରେ ଯେତେ ପାଇଲେ ମଧ୍ୟ ଆହୁରି ପାଇବାକୁ ବ୍ୟାକୁଳ ହେବେ । ଅନୁରାଧା ନକ୍ଷତ୍ର ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରୟତ୍ନ କରି ସଫଳତା ପାଇବେ । ନିଜ ପରିବାରର ସଦସ୍ୟମାନଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ ।

**ଧନୁ** କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଦୁଶ୍ଚିନ୍ତାର କାରଣ ହେବ । ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ କରିପାରିବେ । ଆଜିର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ । ଏଣୁ ଯିବା ପୂର୍ବରୁ ଗାଡ଼ିକୁ ପରଖି ନେବା ଭଲ ହେବ । ଉତ୍ତରାଷାଢ଼ା ନକ୍ଷତ୍ର ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି ।

**ମକର** ଶାରୀରିକ ଅସୁସ୍ଥତା ଦୂରେଇବା ହେତୁ ମାନସିକ ଆଶ୍ୱସ୍ତି ଲାଭ କରିବେ । କୌଣସି ବିସ୍ମୟ ସୃଷ୍ଟିକାରୀ ଖବର ପାଇ ବିଚଳିତ ବୋଧ କରିପାରନ୍ତି । ଶ୍ରବଣା ନକ୍ଷତ୍ର ସକାଶେ ଉପରିସ୍ଥ ଅଧିକାରୀ କାମହାସଲ ସକାଶେ ଚାପ ପ୍ରୟୋଗ କରିପାରନ୍ତି । ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢା ପ୍ରଭୃତିରୁ ସୁଫଳ ପାଇବେ ।

**କୁମ୍ଭ** ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ହଠାତ୍ କଳହ ସୃଷ୍ଟି ହୋଇପାରେ । କର୍ମକ୍ଷେତ୍ରସ୍ଥ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି । କ୍ରୀଡ଼ା, ସଙ୍ଗୀତ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟହାସଲ କରିବେ । ପୂର୍ବଭାଦ୍ର ନକ୍ଷତ୍ର ଦେହ ଭଲ ରହିଲେ ମଧ୍ୟ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି । ପରିବାରରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହୋଇପାରନ୍ତି । ଧାର କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ । ଉତ୍ତରଭାଦ୍ର ନକ୍ଷତ୍ର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିକୁ ବିଶ୍ୱାସ କରି ଖାଲରେ ପଡ଼ି ପାରନ୍ତି ।

ଆଜି ମାର୍ଚ୍ଚ ୧୨ ତାରିଖ, ଧୂମପାନ ନିଷେଧ ଦିବସ (ମାର୍ଚ୍ଚ ୨ୟ ସପ୍ତାହ), ଫାଲ୍‌ଗୁନ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ବୁଧବାର, ବରାହ ଦୋଳ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶିନକ୍ଷତ୍ର-ମଘା/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୬.୦୧ମି. ଗତେ ଘ.୦୭.୩୫ମି. ମଧ୍ୟେ, ଘ.୧୦.୨୭ମି. ଗତେ ଘ.୧୧.୩୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୧.୫୬ମି. ଗତେ ଘ.୦୧.୨୫ମି. ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### ପାକିସ୍ତାନରେ ଟ୍ରେନ୍...

ଅନେକ ଥର ଉକ୍ତ ଅଞ୍ଚଳର ରେଲଲାଇନ୍ ଉପରେ ରକେଟ୍ ଓ ବୋମାମାଡ଼ କରିଥିଲେ । କ୍ୱେଟା ଓ ପେଶାୱର ମଧ୍ୟରେ ଦେଢ଼ମାସ ଟ୍ରେନ୍ ସେବା ବନ୍ଦ ରହିବା ପରେ ଗତବର୍ଷ ଅକ୍ଟୋବରରେ ପୁନର୍ବାର ଆରମ୍ଭ ହୋଇଥିଲା । ଗତବର୍ଷ ନଭେମ୍ବରରେ କ୍ୱେଟା ରେଳଷ୍ଟେଶନରେ ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ୨୬ ଜଣଙ୍କ ମୃତ୍ୟୁ ଘଟିବା ସହ ୬୨ ଆହତ ହୋଇଥିଲେ । ଇରାନ ଏବଂ ଆଫଗାନିସ୍ତାନ ସୀମାକୁ ଲାଗିଥିବା ଏହି ରାଜ୍ୟରେ ଦୀର୍ଘବର୍ଷ ହେଲା ଆତଙ୍କବାଦୀଙ୍କ ହିଂସାତ୍ମକ କାର୍ଯ୍ୟ ଜାରି ରହିଛି । ବେଲୁଚ୍ ଆତଙ୍କବାଦୀ ସଂଗଠନ ମୁଖ୍ୟତଃ ସୁରକ୍ଷା କର୍ମୀ ଏବଂ ସରକାରୀ ପ୍ରକଳ୍ପକୁ ଟାର୍ଗେଟ କରି ଆକ୍ରମଣ କରିଥାନ୍ତି ।

### ଶାସକ-ବିରୋଧୀ...

ମନ୍ତ୍ରୀ ଡ. ମହାପାତ୍ରଙ୍କୁ ଉତ୍ତର ବନ୍ଦ କରିବାକୁ କହିଥିଲେ । ବାହିନୀପତି ପ୍ରଥମେ ହାତଯୋଡ଼ି ଅନୁରୋଧ କରିବା ପରେ ମନ୍ତ୍ରୀଙ୍କ ମାଇକ୍ରୋଫୋନ୍ ଟଣାଓଟରା କରିଥିଲେ । ଏହାକୁ ଶାସକ ଦଳ ସଭ୍ୟ ସହ୍ୟ କରିପାରି ନ ଥିଲେ । ବିରୋଧୀଙ୍କ ହୋହଲ୍ଲା ଭିତରେ ସରକାରୀ ଦଳ ଭାଜପା ସଦସ୍ୟଙ୍କ ସହ କଂଗ୍ରେସ ଓ ବିଜେଡି ସଦସ୍ୟଙ୍କ ହାତାହାତି ପରିସ୍ଥିତି ପରେ ମଧ୍ୟ ବିରୋଧୀ ପ୍ରତିବାଦ ଜାରି ରଖିଥିଲେ ।

ଏହି ସମୟରେ ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ କହିଥିଲେ ଯେ, ବିଧାନସଭାରେ ଏକ ଅଶୋଭନୀୟ ଦୃଶ୍ୟ ଦେଖିବାକୁ ମିଳିଲା । ନଗର ଉନ୍ନୟନ ମନ୍ତ୍ରୀ ଗୃହରେ ଉତ୍ତର ରଖୁଥିବା ବେଳେ ବିରୋଧୀ କଂଗ୍ରେସର ବରିଷ୍ଠ ସଦସ୍ୟ ତାରା ତାଙ୍କ ମାଇକ୍ ଭାଙ୍ଗିବା ପାଇଁ ଚେଷ୍ଟାକଲେ । କାଗଜ ଛଡ଼ାଇଲେ, ସୋମବାର ବାଚସ୍ପତିଙ୍କ ଉପରକୁ ପୋଷ୍ଟର ମଧ୍ୟ ଫୋପାଡ଼ିଥିଲେ । ଗୃହର ବାଚସ୍ପତି ଜଣେ ମହିଳା ବର୍ଗର । କଂଗ୍ରେସ ଗୃହରେ ମହିଳା ଅସୁରକ୍ଷିତ କଥା କହୁଛି । ମାତ୍ର ମହିଳା ବାଚସ୍ପତିଙ୍କ ପ୍ରତି ଅଶୋଭନୀୟ ଆଚରଣ କରୁଛି । ଏସବୁ ଓଡ଼ିଶାବାସୀ ଦେଖୁଛନ୍ତି । ବିରୋଧୀ ରାଜ୍ୟବାସୀଙ୍କ ସ୍ୱାର୍ଥ କଥା ଚିନ୍ତା କରୁନାହାନ୍ତି । ପୋଡିୟମ ଉପରେ ଚଢ଼ି ବିରୋଧୀ ସଦସ୍ୟମାନେ ପ୍ରତିବାଦ କରୁଛନ୍ତି । ରିପୋର୍ଟରମାନଙ୍କୁ ତାଙ୍କ କାମ କରିବାକୁ ଦେଉନାହାନ୍ତି । ବିଜେଡିର ବରିଷ୍ଠ ସଦସ୍ୟ ବିଶୃଙ୍ଖଳା କରିବାକୁ ପ୍ରୋତ୍ସାହିତ କରୁଛନ୍ତି । ବାଚସ୍ପତିଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରୁଥିବା ସଦସ୍ୟଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆଚାର୍ଯ୍ୟ ଦାବି କରିଥିଲେ ।

ଭାଜପା ସଦସ୍ୟ ଜଲେନ୍ ନାଏକ କହିଥିଲେ ଯେ, ଗତ ଦୁଇଦିନ ହେଲା ବିରୋଧୀ ବିଜେଡି ଓ କଂଗ୍ରେସ ଗୃହକୁ ଅଚଳ କରୁଛନ୍ତି । ବିରୋଧୀ ମହିଳା ନିର୍ଯ୍ୟାତନା କଥା କହୁଛନ୍ତି, ହେଲେ ମହିଳା ବାଚସ୍ପତିଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରୁଛନ୍ତି । ସୋମବାର ବାଚସ୍ପତିଙ୍କ ଉପରକୁ କଂଗ୍ରେସର ବରିଷ୍ଠ ସଦସ୍ୟ ପୋଷ୍ଟର ଫୋପାଡ଼ିଲେ । ତଥାପି ଧୈର୍ଯ୍ୟର ସହ ବାଚସ୍ପତି ଗୃହ ପରିଚାଳନା କରୁଛନ୍ତି । ଯେଉଁମାନେ ଏଭଳି ଆଚରଣ କରୁଛନ୍ତି ତାଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ କହିଥିଲେ । ଭାଜପା ସଦସ୍ୟ ଓମ୍ ପ୍ରକାଶ ମିଶ୍ର କହିଥିଲେ, ବିଜେଡି ଓ କଂଗ୍ରେସ ମିଳିମିଶି ଗୃହକୁ ଅଚଳ କରୁଛନ୍ତି । ମହିଳାଙ୍କୁ ସୁରକ୍ଷା ଦେଇ ନ ପାରି କଂଗ୍ରେସ ୨୬ ବର୍ଷ ହେଲା କ୍ଷମତାଠାରୁ ଦୂରରେ ରହିଥିବାବେଳେ ବିଜେଡି ଆଜି ବିରୋଧୀ ଆସନରେ ବସିଛି ।

ଭାଜପା ସଦସ୍ୟ ଅଶୋକ ମହାନ୍ତି କହିଥିଲେ, ବିଧାନସଭା ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟିହେଲା । ବିରୋଧୀଙ୍କ ଆଚରଣ ପୀଡ଼ାଦାୟକ । ବିରୋଧୀଙ୍କ ଅସହିଷ୍ଣୁତା ଚରମସୀମାରେ ପହଞ୍ଚିଲାଣି । ମନ୍ତ୍ରୀଙ୍କୁ ଗୃହରେ ଆକ୍ରମଣ କରୁଛନ୍ତି । ବିରୋଧୀ ଦଳର ବିଧାୟକ ଗୁଣ୍ଡା ଭଳି ଆଚରଣ କରୁଛନ୍ତି । ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଥିଲେ । ଭାଜପା ସଦସ୍ୟ ଲକ୍ଷ୍ମଣ ବାଗ୍ ବିରୋଧୀଙ୍କ ଆଚରଣ ଅଶୋଭନୀୟ ବୋଲି କହିବା ସହ ବାଚସ୍ପତିଙ୍କଠାରେ ବହିଷ୍କାର ଦାବି କରିଥିଲେ ।

ଭାଜପା ସଦସ୍ୟ ଉପାସନା ମହାପାତ୍ର ଓ ସଞ୍ଜଳି ମୁର୍ମୁ ବିରୋଧୀଙ୍କ ବିରୋଧାଚରଣକୁ କଡ଼ାଭାଷାରେ ନିନ୍ଦା କରିଥିଲେ । ଆମେ ନୂଆ କରି ବିଧାନସଭାକୁ ଆସିଛୁ, ବରିଷ୍ଠଙ୍କଠାରୁ କ'ଣ ଶିଖିବୁ ବୋଲି ପ୍ରଶ୍ନ କରିଥିଲେ । ସେହିଭଳି ଭାଜପା ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଆଶ୍ରିତ ପଟ୍ଟନାୟକ, ଅମର ନାୟକ, ସନାତନ ବିଜୁଳି, ପ୍ରତାପ ଚନ୍ଦ୍ର ନାୟକ, ରୁପୁ ଭତ୍ରା, ଭାସ୍କର ମଢ଼େଇ, ବାବୁ ସିଂ, ସନ୍ତୋଷ ଖଟୁଆ ପ୍ରମୁଖ ବିରୋଧୀଙ୍କୁ କଟୁ ସମାଲୋଚନା କରିଥିଲେ । କଂଗ୍ରେସ ସରକାର ନାରୀ ନିର୍ଯ୍ୟାତନାରେ ରେକର୍ଡ କରିଥିବା ବେଳେ ଏବେ ତାଙ୍କ ଦଳର ସଦସ୍ୟମାନେ ନାରୀଙ୍କ ସୁରକ୍ଷା କଥା କହି ଗୃହ ଅଚଳ କରିବା ଲଜ୍ଜାଜନକ । ମୋହନ ମାଝୀଙ୍କ ସରକାରରେ ଅସହିଷ୍ଣୁ ହୋଇ ବିରୋଧୀ ଏଭଳି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରୁଛନ୍ତି ବୋଲି ଭାଜପା ସଦସ୍ୟମାନେ କହିଥିଲେ ।

### ତାରା ନିଲମ୍ବିତ...

ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ କହିବା ଲାଗି ପ୍ରସ୍ତାବ ଦେଇଥିଲେ । ଏହି ସମୟରେ ସରକାରୀ ଦଳ ମୁଖ୍ୟ ସଚେତକ କହିଥିଲେ, ଗୃହରେ ବିରୋଧୀ ସଦସ୍ୟ ଅଶୋଭନୀୟ ଘଟଣା ଘଟାଇଛନ୍ତି । ଏହା ଏକ ଦୁର୍ଭାଗ୍ୟଜନକ ଘଟଣା । ଏହା ଆଗକୁ ସମସ୍ତଙ୍କ ପାଇଁ ଅସୁବିଧା ସୃଷ୍ଟି କରିବ । ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ଯେପରି ବାଚସ୍ପତିଙ୍କ ପ୍ରତି ବ୍ୟବହାର ଦେଖାଇଛନ୍ତି ତାହା ଦୁର୍ଭାଗ୍ୟଜନକ । ତେଣୁ ଏଭଳି ଆଚରଣ ଦେଖାଇଥିବା କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କୁ ଗୃହରୁ ନିଲମ୍ବନ କରିବା ଲାଗି ସେ ମୋଶନ ଜରିଆରେ ପ୍ରସ୍ତାବ ଆଗତ କରିଥିଲେ । ଏହାକୁ ବାଚସ୍ପତି ଅନୁମୋଦିତ କରିବା ପରେ ତାଙ୍କୁ ଗୃହରୁ ବିଦାହେବା ଲାଗି ମାର୍ଶାଲଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ ବିଜେଡି ସଦସ୍ୟ ଅରୁଣ କୁମାର ସାହୁ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଆଣିଥିବା ମୋଶନ ବିରୋଧରେ ଭୋଟିଂ କରିବା ଲାଗି ଦାବି କରିଥିଲେ । ତାଙ୍କ ସହ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ମଧ୍ୟ ଦାବି କରିଥିଲେ । ଏହାପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କିଛି କହିବାକୁ ଦାବି କରିଥିଲେ ମଧ୍ୟ ତାଙ୍କୁ ବାଚସ୍ପତି କହିବାର ସୁଯୋଗ ଦେଇ ନ ଥିଲେ । ଫଳରେ ୫ଟା ୫୮ ମିନିଟ୍ ସମୟରେ ବିଜେଡି ସଦସ୍ୟମାନେ ବାଚସ୍ପତିଙ୍କ ନିଷ୍ପତ୍ତିର ପ୍ରତିବାଦ ଜଣାଇ ଗୃହତ୍ୟାଗ କରିଥିଲେ । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିବାକୁ ଚାହିଁଥିଲେ ମଧ୍ୟ ବାଚସ୍ପତି ତାଙ୍କୁ ଏହି ସୁଯୋଗ ଦେଇ ନ ଥିଲେ । ତେଣୁ କଂଗ୍ରେସ ସଦସ୍ୟମାନେ ମୁହଁରେ କଳାପଟି ବାନ୍ଧି ବାଚସ୍ପତିଙ୍କ ପୋଡିୟମ ତଳେ ଧାରଣାରେ ବସିଥିଲେ । ଏହାପରେ ବାଚସ୍ପତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଖର୍ଚ୍ଚଦାବି ଆଲୋଚନା ଆରମ୍ଭ କରାଇଥିଲେ । ହେଲେ କଂଗ୍ରେସ ସଦସ୍ୟମାନେ ପୁଣି ଥରେ ଗୃହରେ କହିବାକୁ ଦାବି କରିଥିଲେ ମଧ୍ୟ ତାଙ୍କୁ ବାଚସ୍ପତି ସୁଯୋଗ ନ ଦେବାରୁ ସେମାନେ ୬ଟା ୨୯ ସମୟରେ ଗୃହ ତ୍ୟାଗକରି ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ । ଯେପର୍ଯ୍ୟନ୍ତ ତାରାପ୍ରସାଦ ବାହିନୀପତିଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ନ କରାଯାଇଛି କଂଗ୍ରେସ ସଦସ୍ୟମାନେ ଧାରଣାରେ ବସିବେ ବୋଲି ଦାବି କରିଥିଲେ । ଏହି ଅବସରରେ ତାରା କହିଥିଲେ, ଗୃହରେ ପ୍ରଥମେ ଜୟନାରାୟଣ ତାଙ୍କ କଲର ଧରିଲେ, ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଭାଷା ପ୍ରୟୋଗ କରି ଗଣ୍ଡଗୋଳ ଲାଗି ଉସୁକାଇଥିଲେ । ବିଧାୟକ ବାବୁ ସିଂ ମଧ୍ୟ ଗଣ୍ଡଗୋଳ କରିଥିଲେ । ଯଦି ବାଚସ୍ପତି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଏ ସମସ୍ତଙ୍କ ବିରୋଧରେ ନିଅନ୍ତୁ ବୋଲି ସେ ଦାବି କରିଥିଲେ । ହେଲେ କିଛି ସମୟ ପ୍ରତିବାଦ କରିବା ପରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଧାରଣାସ୍ଥଳରେ ପହଞ୍ଚି ବିଧାୟକମାନଙ୍କ ସହ ଆଲୋଚନା କରିଥିଲେ । ପିସିସି ସଭାପତି ଧାରଣାରୁ ଉଠିବା ଲାଗି କହିବା ପରେ କଂଗ୍ରେସ ସଦସ୍ୟମାନେ ପ୍ରତିବାଦ ବନ୍ଦ କରିଛନ୍ତି ।

### ଇଂଲିଶ୍ କୋର୍...

ପାଠପଢ଼ି ନିଜକୁ ପ୍ରସ୍ତୁତ କରିଥିଲେ । ଗୋପବନ୍ଧୁନଗର ବ୍ଲକ୍ ଅଧୀନ ଟିଁଆସ୍ଥିତ ଆଦର୍ଶ ବିଦ୍ୟାଳୟରେ ପରୀକ୍ଷା ସେଣ୍ଟର ପଡ଼ିଥିଲା । ଏହି ସେଣ୍ଟରରେ ଉଦଳା, ଖୁଣ୍ଟା ଓ ବଡ଼ସାହି ଓଏଭି ବିଦ୍ୟାଳୟର ମୋଟ ୮୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ବଡ଼ସାହି ଓଏଭିର ୩୦ ଛାତ୍ରୀଛାତ୍ର ଇଂଲିଶ ପରୀକ୍ଷାର ପ୍ରଶ୍ନପତ୍ର କୋର୍ ବିଷୟ ପରିବର୍ତ୍ତେ ଇଲେକ୍ଟିଭ ବିଷୟର ପ୍ରଶ୍ନପତ୍ର ପାଇଥିଲେ । ଏହି ବିଷୟରେ ଛାତ୍ରୀଛାତ୍ରମାନେ ପୂର୍ବରୁ ପ୍ରସ୍ତୁତ ହୋଇ ନ ଥିବାରୁ ପରୀକ୍ଷା ହଲ୍‌ରେ ବସି ଉତ୍ତର ଦେବାରେ ସକ୍ଷମ ହୋଇପାରି ନ ଥିଲେ । କୋର୍ ବିଷୟରେ ଫର୍ମପୂରଣ କରାଯାଇଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏହା ଇଲେକ୍ଟିଭ ବିଷୟକୁ ପରିବର୍ତ୍ତନ କରିଦିଆଯାଇଥିଲା ବୋଲି ଅଭିଭାବକ ବିନୋଦ ବିହାରୀ ପରିଡ଼ା, ଦୀପକ ଦାସ ଓ ହରେକୃଷ୍ଣ ବିଶ୍ୱାଳ ପ୍ରକାଶ କରିଛନ୍ତି । ମାସକ ପୂର୍ବରୁ ହୋଇଥିବା ପ୍ରି ବୋର୍ଡ ପରୀକ୍ଷାରେ ଏହି ଛାତ୍ରୀଛାତ୍ରମାନେ କୋର ବିଷୟରେ ପରୀକ୍ଷା ଦେଇଥିଲେ । ମାତ୍ର ବାର୍ଷିକ ପରୀକ୍ଷାରେ ଏହା କିପରି ଇଲେକ୍ଟିଭ ବିଷୟ ହୋଇଗଲା, ତାହାକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି । କୋର୍ ଓ ଇଲେକ୍ଟିଭ ପୃଥକ୍ ପାଠ୍ୟକ୍ରମ ହୋଇଥିବାରୁ ଏଥିରେ ଉତ୍ତର ଲେଖିବା କଷ୍ଟକର ହୋଇପଡ଼ିଥିଲା ବୋଲି ଛାତ୍ର ଶ୍ରୀୟାଂଶୁ ପରିଡ଼ା, ଶୁଭ୍ରକାନ୍ତ ଦାସ, ଉଦିତ ନାରାୟଣ ବିଶ୍ୱାଳ, ପ୍ରତ୍ୟୁଷ ପ୍ରଶ୍ନ ଦାସ ଓ ଭବାନୀ ଶଙ୍କର ମହାନ୍ତି କହି କାନ୍ଦି ପକାଇଥିଲେ । ରେଜଲ୍ଟ ବାହାରିବା ପରେ ଇମ୍ପ୍ରୁଭମେଣ୍ଟ ପରୀକ୍ଷାର ବ୍ୟବସ୍ଥା କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି ।

ଅନ୍ୟପକ୍ଷରେ ବିଦ୍ୟାଳୟରେ +୨ ପ୍ରଥମ ବର୍ଷରେ ଛାତ୍ରୀଛାତ୍ରମାନେ ନିଜର ବିଷୟଭିତ୍ତିକ ଫର୍ମପୂରଣ କରିଥିଲେ । ନିଜର ନାମ, ମାତାପିତାଙ୍କ ନାମ, ଜନ୍ମ ତାରିଖ, ଆଧାରକାର୍ଡ ଭଳି ଅନେକ ତଥ୍ୟ ପୂରଣ କରାଯାଇଥିବା ବେଳେ ଏହାର ବିଧିବଦ୍ଧ ଯାଞ୍ଚ କରାଯାଇଥାଏ । ଏହା ବୋର୍ଡରେ ଦାଖଲହେବା ପୂର୍ବରୁ ଲିଷ୍ଟ ଅଫ୍ କ୍ୟାଣ୍ଡିଡେଟ୍(ଏଲ୍‌ଓସି)ରେ ଉଭୟ ଛାତ୍ରୀଛାତ୍ରଙ୍କ ସମେତ ମାତାପିତାମାନେ ଉପସ୍ଥିତ ରହି ଯାଞ୍ଚ କରିଥାନ୍ତି । ଏପରିକି ସମସ୍ତଙ୍କ ଦସ୍ତଖତରେ ଏଲ୍‌ଓସି ଦାଖଲ କରାଯାଇଥିଲେ ହେଁ ଏଥିରେ ଉଭୟ ପକ୍ଷରୁ ତ୍ରୁଟି ପରିଲକ୍ଷିତ ହୋଇଥିବା ନେଇ ବିଦ୍ୟାଳୟର ଅଧକ୍ଷା ଦେବୀ ପ୍ରତିମା ଜେନା କହିଛନ୍ତି । ବିଦ୍ୟାଳୟର ୩୨ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୦ଜଣ ପରୀକ୍ଷା ଦେଇଥିଲେ । ଜଣେ ଛାତ୍ର ଟ୍ରାନ୍ସଫର ସାର୍ଟିଫିକେଟ ନେଇଯାଇଥିବା ବେଳେ ଜଣେ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ । ତେବେ ରେଜଲ୍ଟ ବାହାରିବା ପରେ ଇମ୍ପ୍ରୁଭମେଣ୍ଟ(ଉନ୍ନତି ମୂଳକ) ପରୀକ୍ଷା ଦେବାର ବ୍ୟବସ୍ଥା ରହିଛି । ୨/୩ଦିନ ପରେ ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ଦେବାର ବ୍ୟବସ୍ଥା କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି । ତ୍ରୁଟି ସମ୍ପର୍କରେ ବୋର୍ଡକୁ ଅବଗତ କରାଯାଇଥିବାବେଳେ ଏହାର ସମାଧାନ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଅଧକ୍ଷା ଜେନା କହିଛନ୍ତି । ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତ୍ରୁଟିରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲିହୋଇଯାଇଛି । ଆଡମିଟ୍ କାର୍ଡ ଆସିବା ପୂର୍ବରୁ କର୍ତ୍ତୃପକ୍ଷ ଏହାକୁ ଭଲଭାବେ ଯାଞ୍ଚ କରିଥିଲେ ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ଅଭିଭାବକମାନେ କହିଛନ୍ତି । ଏହାକୁ ନେଇ ଜିଲାପାଳଙ୍କ ସମେତ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି । ଖୁବ୍‌ଶୀଘ୍ର ପୁନର୍ବାର ପରୀକ୍ଷା ଦେବାର ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି ।

### ଜୟନାରାୟଣଙ୍କ ବିବୃତିରେ...

ଗୃହରେ ଯେପରି ବିରୋଧୀ ଦଳ ପକ୍ଷରୁ ହିଂସାତ୍ମକ ଏବଂ ଅସଂସଦୀୟ ଭାବେ ଆଚରଣ କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ । ସରକାର ଯେ କୌଣସି ପ୍ରସଙ୍ଗରେ ଆଲୋଚନା ଲାଗି ପ୍ରସ୍ତୁତ ଏବଂ ଆମ ସରକାର ତାଙ୍କୁ ଆଲୋଚନାକୁ ନିମନ୍ତ୍ରଣ କରୁଛୁ । ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ଲାଗି ସମସ୍ତେ ମିଳିମିଶି ଗୃହ ଚଳାଇବାକୁ ଆଇନ ମନ୍ତ୍ରୀ ଅନୁରୋଧ କରିଛନ୍ତି ।

### ସୀମା ପୁନଃ ନିର୍ଦ୍ଧାରଣ...



ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ସାକ୍ଷାତ କରୁଛନ୍ତି ଡିଏମ୍‌କେ ଏମ୍‌ପି ଦୟାନିଧି ମାରାନ୍ (ଡାହାଣ) ।

ନବୀନଙ୍କ ସହ ସାକ୍ଷାତ କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଦୟାନିଧି କହିଛନ୍ତି, ତାମିଲନାଡୁ, କର୍ଣ୍ଣାଟକ, କେରଳ, ତେଲଙ୍ଗାନା, ଓଡ଼ିଶା ଏବଂ ପଞ୍ଜାବ ଭଳି ରାଜ୍ୟ ସୀମା ପୁନଃ ନିର୍ଦ୍ଧାରଣରେ ସିଧାସଳଖ କ୍ଷତି ସହିବେ । ଏହାଦ୍ୱାରା ନର୍ଦ୍ଦର୍ନ ରାଜ୍ୟଗୁଡିକ ବଢ଼ିବ, କାରଣ ସେଗୁଡିକ ବିକଶିତ ରାଜ୍ୟ, ଯେଉଁମାନେ ଦେଶକୁ କଣ୍ଟ୍ରୋଲ କରିଥାଆନ୍ତି । ବିଜେଡି ଉପସଭାପତି ଦେବୀ ମିଶ୍ର କହିଛନ୍ତି, ସୀମା ପୁନଃ ନିର୍ଦ୍ଧାରଣ ଯୋଗୁ ରାଜ୍ୟର କ୍ଷତି ହେବାର ଯୋଉଁ ଆଶାଙ୍କା ରହିଛି ତାକୁ ନେଇ ଆଲୋଚନା ହେବ । ତେଣୁ କେଉଁ ରାଜ୍ୟର କ'ଣ କ୍ଷତି ହେବ ତା'ଉପରେ ଆଲୋଚନାରେ ଭାଗନେବା ଲାଗି ନବୀନ ପଟ୍ଟନାୟକ ସହମତି ଜଣାଇଥିବା ଦେବୀ ସୂଚନା ଦେଇଛନ୍ତି ।

ଅନ୍ୟପଟେ ତାମିଲନାଡୁର ଏହି ପ୍ରତିନିଧି ପରବର୍ତ୍ତୀ ସମୟରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କୁ ମଧ୍ୟ ଭେଟିଛନ୍ତି । ଏହି ଅବସରରେ ସୀମା ପୁନଃ ନିର୍ଦ୍ଧାରଣ ନେଇ ହେବାକୁ ଥିବା ବୈଠକରେ ଯୋଗଦେବା ଲାଗି ପିସିସି ସଭାପତିଙ୍କୁ ସେମାନେ ନିମନ୍ତ୍ରଣ କରିଥିଲେ । କଂଗ୍ରେସ ମଧ୍ୟ ବୈଠକରେ ସାମିଲହେବ ବୋଲି ସୂଚନା ଦେଇଥିବା ଜଣାପଡିଛି ।

ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ଏହି ପ୍ରସଙ୍ଗରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏ ନେଇ ଚିଠି ଲେଖିଥିଲେ । କେନ୍ଦ୍ର ସୀମା ପୁନଃ ନିର୍ଦ୍ଧାରଣ କରାଇବାକୁ ଯେଉଁ ଚେଷ୍ଟା କରୁଛି ଏହାଦ୍ୱାରା ଓଡ଼ିଶା ସମେତ ୫ଟି ରାଜ୍ୟର ବ୍ୟାପକ କ୍ଷତି ହେବ ବୋଲି ଉଲ୍ଲେଖ କରିବା ସହ ଆଗାମୀ ଦିନରେ ଏନେଇ ହେବାକୁ ଥିବା ବୈଠକରେ ଯୋଗଦେବାକୁ ଅନୁରୋଧ କରିଥିଲେ । ହେଲେ ଏନେଇ ଏ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ ।




# ଭିତରକନିକାରେ ୪ ପ୍ରଜାତିର ୫୦୫ ଡଲ୍‌ଫିନ୍

**ରାଜନଗର, ୧୧।୩ (ଭାସ୍କର ରାଉତରାୟ)**

ଚଳିତ ବର୍ଷ ଡଲ୍‌ଫିନ୍ ଗଣନା ରିପୋର୍ଟ ମଙ୍ଗଳବାର ପ୍ରକାଶ ପାଇଛି। ଏହି ଅନୁଯାୟୀ ସାରା ଓଡ଼ିଶାରେ ୭୧୦ଟି ଦେଖିବାକୁ ମିଳିଛି। କେବଳ ଭିତରକନିକରେ ୪ ପ୍ରଜାତିର ୫୦୫ଟି ଡଲ୍‌ଫିନ୍ ଚିହ୍ନଟ କରାଯାଇଛି। ୨୦୨୪ ରେ ୫୦୨ଟି ଡଲ୍‌ଫିନ୍ ଥିବାବେଳେ ଚଳିତବର୍ଷ ୩ଟି ବଢ଼ିଛନ୍ତି।

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥାରେ ସାମୁଦ୍ରିକ ଅଭୟାରଣ୍ୟରେ ଜାନୁଆରୀ ୨୭ରୁ ୨୯ତାରିଖ ଯାଏ ଡଲ୍‌ଫିନ ଗଣନା କରାଯାଇଥିଲା। ଧାମରା ମୁହାଣଠାରୁ ଦେବୀ ମୁହାଣ ଯାଏ ସମୁଦ୍ର ମଧ୍ୟରେ ଓ ଭିତରକନିକା ମଧ୍ୟରେ ଥିବା କ୍ରିକ୍ ଓ ନଦୀରେ ୯ଟି ଗଣନାକାରୀ ଟିମ୍ ଡଲ୍‌ଫିନ୍ ଗଣନା କରିଥିଲେ। ଭିତରକନିକା ସହ ଚିଲିକା, ପୁରୀ, ବ୍ରହ୍ମପୁର, ଭଦ୍ରକ ଓ ବାଲେଶ୍ୱରରେ ଡଲ୍‌ଫିନ୍‌ଙ୍କ ଗଣନା କରାଯାଇଥିଲା। ରିପୋର୍ଟ ଅନୁସାରେ ଭିତରକନିକରେ ଇରାୱାର୍ଡି ଡଲ୍‌ଫିନ୍ ୨୨ଟି , ବଟରନୋଜ୍ ୫ଟି, ହମ୍ପବ୍ୟାକ୍ ୪୭୦ଟି, ସ୍ପିନର ୮ଟିକୁ ମିଶାଇ ୫୦୫ଟି ଡଲ୍‌ଫିନ୍ ଦେଖିବାକୁ ମିଳିଛି। ଚିଲିକାରେ ଇରାୱାର୍ଡି ଡଲ୍‌ଫିନ୍ ୧୫୯ଟି, ହମ୍ପବ୍ୟାକ ୧୫ଟି ମୋଟ ୧୭୪ଟି ଚିହ୍ନଟ କରାଯାଇଛି। ଏଥିସହ ପୁରୀରେ ୭ଟି , ବ୍ରହ୍ମପୁର ୧୩ଟି,




ଭଦ୍ରକରେ ୪ଟି ଓ ବାଲେଶ୍ୱରରେ ୭ଟି ଡଲ୍‌ଫିନ୍ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ପୂର୍ବରୁ କେବଳ ଚିଲିକାରେ ଡଲ୍‌ଫିନ୍ ଗଣନା କରାଯାଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିଷ୍ପତ୍ତିକ୍ରମେ ୨୦୧୫ ମସିହାଠାରୁ ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯାଉଛି। ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା ପାଇଁ ଚଳିତବର୍ଷ ୯ଟି ଟିମ୍ ଗଣନା କରିଥିଲେ। ସମୁଦ୍ର ମଧ୍ୟରେ ୫ଟି ଟିମ୍ ଓ ନଦୀ, କ୍ରିକ୍ ୪ଟି ଟିମ୍ ଡଲ୍‌ଫିନ୍‌ମାନଙ୍କର ଗଣନା କରିଥିଲେ।

# ବରଗଡ଼-ନୂଆପଡ଼ା ରୋଡ୍ ରେଳ ଲାଇନ ପାଇଁ ଜମି ଅଧିଗ୍ରହଣ

**ଭୁବନେଶ୍ୱର, ୧୧।୩ (ଅନୁରାଧା ମହାରଣା)**

ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ ନୂତନ ରେଳପଥ ଭାୟା ପଦମପୁର ପ୍ରସ୍ତାବିତ ରେଳପଥର ନିର୍ମାଣ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ଚାଲିଛି। ଏକ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବେ ଘୋଷିତ ୧୩୮.୩୨ କିଲୋମିଟର ଦୀର୍ଘ ନୂତନ ରେଳଲାଇନ ୨,୬୨୧.୯୨ କୋଟି ନିବେଶରେ ନିର୍ମାଣ କରାଯାଉଛି। ପ୍ରକଳ୍ପ ପାଇଁ ୯୨୪.୬୪ ହେକ୍ଟର ଜମି ଆବଶ୍ୟକ, ଯେଉଁଥିରେ ୭୫୨.୫୨୪ ହେକ୍ଟର ଘରୋଇ ଜମି, ୧୨୩.୨୩୩ ହେକ୍ଟର ସରକାରୀ ଜମି ଏବଂ ୪୮.୯୧୩ ହେକ୍ଟର ଜଙ୍ଗଲ ଜମି ଅନ୍ତର୍ଭୁକ୍ତ। ଜମି ଅଧିଗ୍ରହଣ ପାଇଁ ଆନୁମାନିକ ମୂଲ୍ୟ ପ୍ରାୟ ୩୬୪ କୋଟି ରହିଛି। ବରଗଡ଼ ତହସିଲ ଅନ୍ତର୍ଗତ ବରଗଡ଼ ଏବଂ ସରସରା ମଧ୍ୟରେ ପ୍ରଥମ ବ୍ଲକ ସେକ୍ସନର ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇସାରିଛି।




ଏହିବିଜ୍ଞପ୍ତି ବରଗଡ଼ ଜିଲାର ୫ଟିଗ୍ରାମକୁ ଅନ୍ତର୍ଭୁକ୍ତ କରୁଛି। ଏହି ୫ଟି ଗ୍ରାମର ଜମି ସୂଚୀ ଜିଲା କର୍ତ୍ତୃପକ୍ଷ ଯାଞ୍ଚ କରିଛନ୍ତି। ରେଳ ସଂଶୋଧନ ଆଇନର ବ୍ୟବସ୍ଥା ଅନୁଯାୟୀ ଜମି ଅଧିଗ୍ରହଣ ପ୍ରକ୍ରିୟା କରାଯାଇଛି ଏବଂ ପ୍ରଥମ ବ୍ଲକ ସେକ୍ସନ ପାଇଁ ୨୦-ଏ ବିଜ୍ଞପ୍ତି ମଧ୍ୟ ହୋଇସାରିଛି। ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଓଡ଼ିଶା ସରକାର ମାଗଣାରେ ଜମି ଯୋଗାଇଦେବା ସହ ୩୦୦ କୋଟିର ଅନୁଦାନ ମଞ୍ଜୁର କରିଛନ୍ତି। ନୂତନ ରେଳ ଲାଇନ ସମ୍ବଲପୁର-ଝାରସୁଗୁଡ଼ା-ରାୟପୁର ରେଳ ମାର୍ଗ ତୁଳନାରେ ୫୩ କିଲୋମିଟର ଏବଂ ସମ୍ବଲପୁର-ଟିଟିଲାଗଡ଼-ରାୟପୁର ରେଳ ମାର୍ଗ ତୁଳନାରେ ୮୭ କିଲୋମିଟର ଯାତ୍ରା ଦୂରତା ହ୍ରାସ କରିବ। ଏହି ପ୍ରସ୍ତାବିତ ରେଳ ଲାଇନ କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ, କୃଷିଭିତ୍ତିକ ଶିଳ୍ପ ଏବଂ ଅନ୍ୟାନ୍ୟ ଶିଳ୍ପ ସାମଗ୍ରୀର ଦ୍ରୁତ ପରିବହନକୁ ସହଜ କରିବ, ଯାହା ବରଗଡ଼, ଝାରସୁଗୁଡ଼ା, ରାୟପୁର ଏବଂ ଟିଟିଲାଗଡ଼ର ଶିଳ୍ପ ବିକାଶ କରିବ। ଏଥିସହ ମାତ୍ରାଧିକ ଯାତ୍ରା ଭିଡ଼ ଥିବା ଝାରସୁଗୁଡ଼ା-ବିଲାସପୁର-ରାୟପୁର ରେଳ ମାର୍ଗକୁ ଏଡ଼ାଇ ପଶ୍ଚିମ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ସିଧାସଳଖ ସଂଯୋଗ କରିବ। ଦୁର୍ଗମ ଏବଂ ଅନୁନ୍ନତ ଅଞ୍ଚଳଗୁଡ଼ିକୁ ସେବା ଯୋଗାଇବ, ଯାହା ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଏବଂ ପର୍ଯ୍ୟଟନ ସୁଯୋଗକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପରେ ୧୩ଟି ରେଳଷ୍ଟେଶନ ରହିବ, ଯେଉଁଥିରେ ୧୧ଟି ନୂତନ ଷ୍ଟେଶନ ଏବଂ ୨ଟି ପୂର୍ବରୁ ଥିବା ଷ୍ଟେଶନ ଅନ୍ତର୍ଭୁକ୍ତ। ଏହି ରେଳମାର୍ଗର ଆଲାଇନମେଣ୍ଟରେ ଥିବା ପ୍ରମୁଖ ଷ୍ଟେଶନଗୁଡ଼ିକ ମଧ୍ୟରେ ବରଗଡ଼ ରୋଡ, ସରସରା, ଡୁମେରପାଲି, ବିଜେପୁର, ବାଦିପାଲି, ଧୌରାମୁଣ୍ଡା, ପଦମପୁର, ଭଗତପୁର, ମାଝିପାଲି, ପାଇକମାଲ ରୋଡ, ବରତୁଣ୍ଡା, ଅଁଳାଜୁବା ଏବଂ ନୂଆପଡ଼ା ରୋଡ ଷ୍ଟେଶନ ରହିଛି।

# ଘଉଡ଼ାଇବା ବେଳେ ଜଣକ ଜୀବନ ନେଲା ହାତୀ

**ବନ୍ତଳା, ୧୧।୩ (ସୁଶିତ ସାହୁ)**

ଅନୁଗୋଳ ବନାଞ୍ଚଳ ଅନ୍ତର୍ଗତ କରତପଟା ସେକ୍ସନ ଶଙ୍ଖପୁର ଗାଁରେ ସୋମବାର ବିଳମ୍ବିତ ରାତିରେ ହାତୀ ଘଉଡ଼ାଇବା ବେଳେ ଧୋକୁଟା ହରିଜନ ସାହିର ବିଜୟ ନାଏକ (୫୦)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଏକ ହାତୀପଲ ଏହି ଅଞ୍ଚଳରେ କିଛିଦିନ ହେବ ରହି ଉପଦ୍ରବ ଚଳାଇଛନ୍ତି। ବିଳମ୍ବିତ ରାତିରେ ହାତୀପଲ ଧୋକୁଟା ହରିଜନ ସାହି ପାଖାପାଖି ଥିବା ଖବରପାଇ ଘଉଡ଼ାଇବା ପାଇଁ ବନବିଭାଗ କର୍ମଚାରୀ ପହଞ୍ଚିଥିଲେ। କର୍ମଚାରୀମାନେ ହାତୀ ଘଉଡ଼ାଇବା ବେଳେ କିଛି ଲୋକ ସେଠାରେ ଉପସ୍ଥିତ ଥିଲେ। ଏହି ସମୟରେ ଏକ ହାତୀ ଲୋକମାନଙ୍କୁ ଗୋଡ଼ାଇଥିଲା। ବିଜୟ ହାବୁଡ଼ରେ ପଡ଼ିଯିବାରୁ ହାତୀ ତାଙ୍କୁ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ବିଜୟଙ୍କ ମୃତ୍ୟୁ ହୋଇଥିଲା। ଘଟଣା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ପୂର୍ବତନ ସରପଞ୍ଚ ହରେକୃଷ୍ଣ ବେହେରାଙ୍କ ନେତୃତ୍ୱରେ ଗ୍ରାମବାସୀ ବନ ବିଭାଗ କର୍ମଚାରୀଙ୍କୁ ଘେରାଉ କରିଥିଲେ। ବିଳମ୍ବିତ ରାତି ଯାଏ ଆଲୋଚନା ପରେ ମୃତ ବିଜୟଙ୍କ ପୁଅଙ୍କୁ ଗଜ ସାଥୀ ଭାବେ ନିଯୁକ୍ତି ଦିଆଯିବା ସହ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅନୁକମ୍ପା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହାପରେ ବନ୍ତଳା ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରାଜା ଚକ୍ରଙ୍କ ସମେତ ୫ ଜଣଙ୍କୁ ଅନ୍ତରୀଣ ସୁରକ୍ଷା

**ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲା**

**କଟକ, ୧୧।୩ (କାର୍ତ୍ତିକ ସାହୁ)**

ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ପ୍ରାୟ ୫୦ କୋଟି ଟଙ୍କା ହେର୍‌ଫେର ଘଟଣାରେ ଅଭିଯୁକ୍ତ ବିଜେଡି ନେତା ରାଜା ଚକ୍ରଙ୍କ ସମେତ ୫ ଜଣଙ୍କୁ ହାଇକୋର୍ଟ ମଙ୍ଗଳବାର ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ହାଇକୋର୍ଟ ବିଚାରପତି ଭି. ନରସିଂହ ମାମଲାର ଶୁଣାଣି କରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିବ ବୋଲି ସ୍ପଷ୍ଟ କରିଛନ୍ତି। ଫଳରେ ଏହିସମୟ ଅବଧି ମଧ୍ୟରେ ସେମାନଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ସୂଚନାଯୋଗ୍ୟ, ଉପରୋକ୍ତ ଅର୍ଥ ହେର୍‌ଫେର ମାମଲାରେ ରାଜା ଚକ୍ରଙ୍କ ସମେତ ଅନ୍ୟ ୫ ଜଣ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ଅନ୍ତରୀଣ ସୁରକ୍ଷା ପାଇଁ ସେମାନଙ୍କ ଆବେଦନକୁ ହାଇକୋର୍ଟ ଅନୁମତି ଦେବା ସହ ଶୁଣାଣି ଶେଷ କରିଛନ୍ତି। ହେଲେ ମାମଲାର ରାୟକୁ ହାଇକୋର୍ଟ ସଂରକ୍ଷିତ ରଖିଛନ୍ତି।

# ବୌଦ୍ଧ ରାଜ୍ୟର ଉତ୍ତପ୍ତ ସହର

**୩୭ ଡିଗ୍ରୀ ଉପରେ ୧୧ ସହରର ତାପମାତ୍ରା**

**ଭୁବନେଶ୍ୱର, ୧୧।୩ (ଅନୁରାଧା ମହାରଣା)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ୩୯.୨ଡିଗ୍ରୀ ସେଲସିୟସ୍ ତାପମାତ୍ରା ସହ ବୌଦ୍ଧ ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ମଙ୍ଗଳବାର ରାଜ୍ୟର ୧୧ଟି ସହରର ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ୍ ଉପରେ ରହିଥିଲା। ଝାରସୁଗୁଡ଼ାରେ ୩୮.୬, ବଲାଙ୍ଗୀରରେ ୩୮.୫, ସମ୍ବଲପୁରରେ ୩୮.୩, ଟିଟିଲାଗଡ଼ରେ ୩୭.୫, ହୀରାକୁଦ, ସୁନ୍ଦରଗଡ଼ ଓ ପାରଳାଖେମୁଣ୍ଡିରେ ୩୭.୨, ଅନୁଗୋଳରେ ୩୭.୧, ମାଲକାନଗିରି ଓ ବାରିପଦାରେ ୩୭ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱରରେ ୩୫.୪ ଏବଂ କଟକରେ ୩୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ଅନୁଭୂତ ହୋଇଛି। ତେବେ ରାଜ୍ୟରେ ଆସନ୍ତା ୫ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ୧୫ ତାରିଖ ପର୍ଯ୍ୟନ୍ତ ହିଟ୍‌ୱେଭ୍ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଥିବାବେଳେ ଜନସାଧାରଣ ସଚେତନ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଓ ସମ୍ବଲପୁର ଆଦି ଜିଲାକୁ ୧୫ ତାରିଖ ପର୍ଯ୍ୟନ୍ତ ଏନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ବୟସ୍କ, ଶିଶୁ ଓ ରୋଗୀ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ଆଜି ପ୍ରଦୀପ ମାଝୀଙ୍କ ଶୁଭ ପରିଣୟ

**ନବରଙ୍ଗପୁର, ୧୧।୩ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ବିଜେଡି ବରିଷ୍ଠ ନେତା ପ୍ରଦୀପ ମାଝୀ ୧୨ ତାରିଖ ବୁଧବାର ବିବାହ କରିବେ। ସେ ନିଜ ବାନ୍ଧବୀ ସଙ୍ଗୀତା ସାହୁଙ୍କୁ ବିବାହ କରିବାକୁ ଯାଉଛନ୍ତି। ସଙ୍ଗୀତାଙ୍କ ଘର କେନ୍ଦ୍ରାପଡ଼ା ଜିଲାରେ। ସେ ଭୁବନେଶ୍ୱରରେ ନିଜସ୍ୱ ଡିଜିଟାଲ ମାର୍କେଟିଂ କାର୍ଯ୍ୟ କରୁଥିଲେ। ତେବେ ଉଭୟେ ଗୋଆସ୍ଥିତ ପଞ୍ଜିମ କେଡିନା ହାଉସ୍‌ରେ ଡେଷ୍ଟିନେଶନ ୱେଡିଂ କରିବେ। ଉଭୟ ପରିବାର ଓ କେତେଜଣ ହାତ ଗଣତି ଲୋକ ହିଁ ଏହି ବିବାହ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଦୀପଙ୍କ ବାପା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଭାଇ ପ୍ରସନ୍ନ ମାଝୀ ପ୍ରମୁଖ ବିବାହରେ ସାମିଲହେବାକୁ ଗୋଆ ଯାତ୍ରା କରିଥିବା ସୂଚନା ମିଳିଛି।


ପ୍ରଦୀପ ମାଝୀ ଓ ସଙ୍ଗୀତା ସାହୁ।







ଆପଣଙ୍କର ପୁରୁଣା କୁକର-କୁକୱେର ବଦଳରେ ପାଆନ୍ତୁ ₹100 ରୁ ₹1000 କ୍ୟାଶ୍‌ବ୍ୟାକ - ଯେ କୌଣସି କମ୍ପାନୀର, ଯେ କୌଣସି ସାଇଜର । ନିୟମ ଓ ସର୍ତ୍ତାବଳୀ ପାଇଁ ନିମ୍ନଲିଖିତ ଡିଲର୍ସଙ୍କୁ ପଚାରନ୍ତୁ।

ସମ୍ବଲପୁର ଅଇଁଠାପାଲି କ୍ରିଷ୍ଣା ଏଣ୍ଟରପ୍ରାଇଜେସ, ଫୋନ:7008954177 •ବୁଢ଼ା ରାଜା ଶାମୁକା ଷ୍ଟିଲ ସେଣ୍ଟର, ଫୋନ:9437331074 •ସାମଲେଶ୍ୱରୀ ଷ୍ଟିଲ ସେଣ୍ଟର, ଫୋନ:9438202753 ବଲାଙ୍ଗିର ସିନେମା ହଲ୍ ରୋଡ ଶାମୁକା ଷ୍ଟିଲ ସେଣ୍ଟର, ଫୋନ:9937531843 •ଆକାଶ ଷ୍ଟିଲ ସେଣ୍ଟର, ଫୋନ:9437331491 ବରଗଡ଼ ଗର୍ଭମେଣ୍ଟ ବସ ଷ୍ଟାଣ୍ଡ ପାଖରେ ପାତ୍ର ଏଣ୍ଟରପ୍ରାଇଜେସ, ଫୋନ:9438281677 •ପ୍ରାଇଭେଟ ବସ ଷ୍ଟାଣ୍ଡ ପାଖରେ ନ୍ୟୁ ପାତ୍ର ନାଇଟ୍ସ, ଫୋନ:9776922020 ଭବାନୀପାଟଣା ଇରିଗେଶନ କଲୋନୀ ଅନନ୍ତ ମେଟାଲ୍ସ, ଫୋନ:7608888914 •ମାଣିକେଶ୍ୱରୀ ମନ୍ଦିରର ପାଖରେ ସୁମିତ କିଚେନୱେୟର, ଫୋନ:7978502255 ବୌଦ୍ଧ ହସ୍ପିଟାଲ୍ ରୋଡ୍ ମହାରଣା ବ୍ରଦର୍ସ, ଫୋନ:9668023712 ଧର୍ମଗଡ଼ ମେନ୍ ରୋଡ ରାମଚନ୍ଦ୍ର ବେହେରା, ଫୋନ:9437626759 ଝାରସୁଗୁଡ଼ା ବେହରାମଲ ମେନ୍ ରୋଡ ସୁଶ୍ରୀ ହୋମ ଅପ୍ଲାଏନ୍ସେସ୍, ଫୋନ:9861363376 •କଲ୍ପ-କଲୋନୀ ଶ୍ୟାମ ଆଲୁମିନିୟମ୍ ଇଣ୍ଡଷ୍ଟ୍ରିକ୍, ଫୋନ:9861428739 •ମୁଦ୍ରା ବସ୍ତ୍ରାଳୟ ସାମନାରେ ଅଗ୍ରୱାଲ କିଚେନ୍ ଏମ୍ପୋରିୟମ୍, ଫୋନ:8895914090 ରାଉରକେଲା ଫର୍ଟିଲାଇଜର ଟାଉନସିପ ଶ୍ରୀ ବଳଦେବଜୀ ଏଣ୍ଟରପ୍ରାଇଜେସ, ଫୋନ: 9437198917 •ବେଦ ବ୍ୟାସ ବାନେଶ୍ୱର ସେଲ୍ସ କର୍ପୋରେସନ, ଫୋନ: 9438247111 • ଭିଆଇପି ମାର୍କେଟ ସେକ୍ଟର 5 କିଚେନ ଆସେଶରୀଜ୍, ଫୋନ:9437837833 ସୁନ୍ଦରଗଡ଼ ଓଲ୍ଡ ବସ୍ ଷ୍ଟାଣ୍ଡ ପାଖରେ ଲକ୍ଷ୍ମୀ ଷ୍ଟିଲ, ଫୋନ:9776164771 ସୋନପୁର ବସ ଷ୍ଟାଣ୍ଡ ପାଖରେ ମହାଲକ୍ଷ୍ମୀ ଷ୍ଟିଲ, ଫୋନ:1943746566 •ଯେ କୌଣସି ସହାୟତା ପାଇଁ ଯୋଗାଯୋଗ କରନ୍ତୁ: (022) 2444 0807/8512820759/9182683315; cs@hawkins.in www.buyhawkins.in

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡ଼େ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। **-ଶ୍ରୀଅରବିନ୍ଦ**

# କାର୍ଯ୍ୟ ନୁହେଁ କେବଳ କଥା

୨୦୨୫ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ଟିମ୍ ଚାମ୍ପିୟନ ହୋଇ କ୍ରିକେଟପ୍ରେମୀ ଓ ଦେଶବାସୀଙ୍କ ଆଶା ପୂରଣ କରିଛି। ଏବେ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)କୁ ନେଇ ସେମାନଙ୍କ ଉତ୍କଣ୍ଠା ବଢ଼ିଯାଇଛି। ୨୦୦୮ରେ ଆରମ୍ଭ ହୋଇଥିବା ଆଇପିଏଲ୍‌ର ୧୮ତମ ସଂସ୍କରଣ ୨୨ ମାର୍ଚ୍ଚରେ କଲିକତାରେ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ମାର୍ଚ୍ଚ ୧୦ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଇପିଏଲ୍‌କୁ ଏକ ଚିଠି ଜାରିକରି ଖେଳ ହେଉଥିବା ଷ୍ଟାଡିୟମ ପରିସର ଓ ଜାତୀୟ ଟେଲିଭିଜନ ପ୍ରସାରଣ ବେଳେ ସମସ୍ତ ପ୍ରକାର ମାଦକଦ୍ରବ୍ୟର ବିଜ୍ଞାପନକୁ ବାରଣ କରିଛି। ଆଇପିଏଲ୍ ଚେୟାରମ୍ୟାନ ଅରୁଣ ଧୁମଲଙ୍କୁ ଦିଆଯାଇଥିବା ଚିଠିରେ ସ୍ୱାସ୍ଥ୍ୟସେବାର ମହାନିର୍ଦ୍ଦେଶକ ଅତୁଲ ଗୋଏଲ ଉଲ୍ଲେଖ କରିଛନ୍ତି ଯେ, ଭାରତରେ ତମାଖୁ ଓ ମଦ ସେବନ ଅଣ ସଂକ୍ରମିତ ରୋଗ ଯଥା ହୃଦ୍‌ରୋଗ, କର୍କଟ, ଫୁସ୍‌ଫୁସ୍ ରୋଗ, ଡାଇବେଟିସ୍ ଓ ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ ହୋଇଛି ଏବଂ ବର୍ଷକୁ ଭାରତରେ ହେଉଥିବା ମୋଟ ମୃତ୍ୟୁ ମଧ୍ୟରୁ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଏହିସବୁ ରୋଗ ଯୋଗୁ ହେଉଛି। ତମାଖୁ ସେବନଜନିତ ମୃତ୍ୟୁରେ ବିଶ୍ୱରେ ଭାରତର ସ୍ଥାନ ଦ୍ୱିତୀୟ ଓ ଏହା ଯୋଗୁ ବର୍ଷକୁ ପାଖାପାଖି ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ଗୋଏଲ କହିଛନ୍ତି, ଯୁବପିଢ଼ିଙ୍କ ପାଇଁ କ୍ରିକେଟ ଖେଳାଳିମାନେ ରୋଲ୍ ମଡେଲ। ଏଣୁ ଖେଳାଳିମାନେ ଏକ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ପାଇଁ ଯୁବପିଢ଼ିକୁ ଉତ୍ସାହିତ କରିପାରିବେ। ସାର୍ବଜନୀନ ସ୍ୱାସ୍ଥ୍ୟ ଓ ଏ ସମ୍ପର୍କିତ ସରକାରଙ୍କ କାର୍ଯ୍ୟକ୍ରମକୁ ସହଯୋଗ କରିବାରେ ଦେଶର ସବୁ ବଡ଼ କ୍ରୀଡ଼ା ପ୍ଲାଟ୍‌ଫର୍ମ ଭାବେ ଆଇପିଏଲ୍‌ର ଏକ ସାମାଜିକ ଓ ନୈତିକ ଦାୟିତ୍ୱ ରହିଛି ବୋଲି ଗୋଏଲ ଦର୍ଶାଇଛନ୍ତି। ଗୋଏଲଙ୍କ ପତ୍ର ନିଶ୍ଚିତ ଭାବରେ ଉଚ୍ଚକୋଟୀର। ତାଙ୍କର ମହତ ଚିନ୍ତାଧାରା ପଛରେ ସରକାରଙ୍କର ଅନ୍ୟ ଅଙ୍ଗଗୁଡ଼ିକର କେତେ ଆନ୍ତରିକ ସମର୍ଥନ ରହିଛି ସେ ସମ୍ପର୍କରେ ଦେଶବାସୀ ବହୁ ବର୍ଷ ଧରି ଦେଖିଆସୁଛନ୍ତି। ନଦୀକୁ ଶୁଖାଇବାକୁ ହେଲେ ଝରଣାକୁ ବନ୍ଦ କରିବାକୁ ହୋଇଥାଏ। ଗୋଏଲ ମାଦକଦ୍ରବ୍ୟ ବିଜ୍ଞାପନ ବନ୍ଦ କରିବାକୁ ଲେଖିଥିବା ପତ୍ର ଅନ୍ୟ ଏକ ବିଷୟକୁ ମନେପକାଏ। ବିଭିନ୍ନ ସମୟରେ ପ୍ରାୟ ଭାରତର ସବୁ ରାଜ୍ୟ ସରକାର ଏବଂ ଅନେକ ଥର କେନ୍ଦ୍ର ସରକାର ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ବନ୍ଦ କରିବାକୁ ଘୋଷଣାକରି ଆସୁଛନ୍ତି। ଅନ୍ୟପଟେ ସବୁ ରାଜ୍ୟକୁ ବିଭିନ୍ନ ମନ୍ତ୍ରୀ ଯାଇ ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ୍ ବ୍ୟାଗ୍ ନିର୍ମାଣକାରୀ ଶିଳ୍ପକୁ ଉଦ୍‌ଘାଟନ କରୁଛନ୍ତି। ଅର୍ଥାତ୍ ସେଭଳି ବ୍ୟବସାୟକୁ ଜମି, ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ ସରକାରୀ ବ୍ୟବସ୍ଥାରେ ଯୋଗାଇ ଦିଆଯାଉଛି। ତେଣୁ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ବନ୍ଦହୋଇପାରୁ ନାହିଁ କିମ୍ବା ପ୍ରଦୂଷଣ ହ୍ରାସ ପାଉନାହିଁ। କାର୍ଯ୍ୟ ନୁହେଁ କେବଳ କଥା। ତେବେ ଗୁଟ୍‌ଖା ହେଉ କିମ୍ବା ଅନ୍ୟ ସବୁ ମାଦକଦ୍ରବ୍ୟ ବିଜ୍ଞାପନ ଆଇପିଏଲ୍ ସମୟରେ ରୋକାଗଲେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ଏହାର ମୂଳ ସମସ୍ୟା ଯେଉଁଠି ରହିଛି ତାହା ଉପରେ ଗୁରୁତ୍ୱ ଦେବାର ସମୟ ଏବେ ଉପନୀତ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ ଭାରତରେ ୨୫ କୋଟିରୁ ଊର୍ଦ୍ଧ୍ୱ ଲୋକ ତମାଖୁ ସେବନ କରନ୍ତି, ଯାହା ବିଶ୍ୱର ସବୁଠୁ ଅଧିକ। ଏମାନଙ୍କ ମଧ୍ୟରୁ କେବଳ ୧୦-୧୪ ବର୍ଷ ବୟସ ମଧ୍ୟରେ ୨ କୋଟି ପିଲା ତମାଖୁ କବଳିତ ବୋଲି ଭାରତ ସରକାରଙ୍କ ନ୍ୟାଶନାଲ ସାମ୍ପଲ ସର୍ଭେ ଅର୍ଗାନାଇଜେଶନ ରିପୋର୍ଟରୁ ଜଣାପଡ଼ିଛି। ଏହାସହ କଲେଜ ଛାତ୍ରମାନଙ୍କ ମଧ୍ୟରେ ଏବେ ଇ-ସିଗାରେଟ୍ ଓ ଅନ୍ୟ ମାଦକଦ୍ରବ୍ୟ ସେବନ ବୃଦ୍ଧି ପାଇଚାଲିଛି। ସ୍କୁଲ,କଲେଜ, ଦେବାଳୟ କିମ୍ବା ଅନ୍ୟ ସାର୍ବଜନୀନ ସ୍ଥାନରେ ମଦ , ଗୁଟ୍‌କା କିମ୍ବା ସିଗାରେଟ୍‌ର ବଡ଼ ବଡ଼ ଲୁକ୍କାୟିତ ବିଜ୍ଞାପନ ଦେଖିବାକୁ ମିଳୁଛି। ଯଥା ବିଭିନ୍ନ ମଦ ବାହାରେ ସୋଡ଼ା ବୋତଲ ଦର୍ଶାଯିବାର କୌତୂହଳ ବିଜ୍ଞାପନ ସମସ୍ତେ ବୁଝିଲା ଭଳି ଦେଖିବାକୁ ମିଳୁଛି।

ଯଦି ଓଡ଼ିଶା କଥା ଦେଖିବା ତେବେ ତମାଖୁ ସେବନ ଏକ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଥିବା ସରକାରୀ ତଥ୍ୟରୁ ଜଣାପଡ଼େ। ଏକ ଦଶନ୍ଧି ମଧ୍ୟରେ ରାଜ୍ୟରେ ତମାଖୁ ବିକ୍ରି ହାର ୧୦ ଗୁଣ ବୃଦ୍ଧିପାଇଛି। ଏଣୁ କେବଳ ଓଡ଼ିଶା ନୁହେଁ, ଜାତୀୟ ସ୍ତରରେ ମଧ୍ୟ ତମାଖୁ ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ନିକଟ ଭବିଷ୍ୟତରେ ଏହାର ନିୟନ୍ତ୍ରଣ ସମ୍ଭବ ହେବା ଜଣାପଡୁନାହିଁ। କାରଣ ଗୋଟିଏ ପଟେ ସ୍ୱାସ୍ଥ୍ୟରକ୍ଷା ଚିନ୍ତା କରାଯାଉଥିବା ସମୟରେ ଅନ୍ୟପଟେ ତମାଖୁଜାତ ସାମଗ୍ରୀ କିମ୍ବା ମଦରୁ ବିପୁଳ ରାଜସ୍ୱ ମିଳୁଛି। ରାଜସ୍ୱ ପାଇବାର ନିଶା ଯୋଗୁ ମାଦକଦ୍ରବ୍ୟ ନିୟନ୍ତ୍ରଣ ସମ୍ଭବ ହୋଇପାରୁନାହିଁ। ଏହା ବ୍ୟତୀତ ବିଦେଶରୁ ସମୁଦ୍ରପଥ ଦେଇ ଗୁଜରାଟର କେତୋଟି ବଛା ଘରୋଇ ବନ୍ଦରକୁ ଅନେକ ଦାମିକା ମାଦକ ଦ୍ରବ୍ୟ ଆସୁଛି। ଆଖିଦୃଶିଆ ଭାବେ ଅଳ୍ପ କିଛି ପରିମାଣ ଧରାପକାଇ ଜନସାଧାରଣଙ୍କୁ ବାଉଳା କରାଯାଉଛି। କିନ୍ତୁ ଭାରତର ଅନେକ ବୃହତ୍ ବ୍ୟବସାୟୀ ଏବଂ ତଥାକଥିତ ଶିଳ୍ପପତି ମାଦକଦ୍ରବ୍ୟ ବ୍ୟବସାୟରୁ ବିପୁଳ ଅର୍ଥ ଉପାର୍ଜନ କରି ରାଜନୀତିରେ ଖର୍ଚ୍ଚ କରୁଥିବାରୁ ସେମାନଙ୍କ ଉପରେ କୌଣସି ଅଙ୍କୁଶ ଲଗାଯାଇପାରୁନାହିଁ। ଆଇପିଏଲ୍‌ରେ ତମାଖୁ ଓ ଅନ୍ୟ ମାଦକଦ୍ରବ୍ୟ ବିଜ୍ଞାପନ ବନ୍ଦ କରିବାର ନିର୍ଦ୍ଦେଶ ଦେବା କେବଳ ଆଖିଦୃଶିଆ ପଦକ୍ଷେପ ଭଳି ମନେହେଉଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | 1 | | | 5 |
| | | | | 6 | 7 | | | |
| | | | | | 9 | 1 | | |
| 9 | 5 | | | | | | | 7 |
| 7 | | | 6 | | 4 | | | 9 |
| 3 | | | | | | 5 | | 2 |
| | | 1 | 4 | | | | 8 | |
| | | | | 9 | | 2 | | |
| | | | | | 3 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 8 | 7 | 4 | 9 | 2 | 5 | 3 |
| 9 | 7 | 5 | 1 | 2 | 3 | 8 | 6 | 4 |
| 4 | 3 | 2 | 5 | 6 | 8 | 1 | 7 | 9 |
| 5 | 9 | 4 | 6 | 8 | 1 | 7 | 3 | 2 |
| 2 | 6 | 3 | 4 | 9 | 7 | 5 | 8 | 1 |
| 7 | 8 | 1 | 3 | 5 | 2 | 9 | 4 | 6 |
| 1 | 4 | 6 | 2 | 7 | 5 | 3 | 9 | 8 |
| 3 | 5 | 9 | 8 | 1 | 6 | 4 | 2 | 7 |
| 8 | 2 | 7 | 9 | 3 | 4 | 6 | 1 | 5 |

ଗତକାଲିର ଉତ୍ତର

# ହାତମୁଠା ଭାଙ୍ଗିଯାଉ, ମୁଠା ନ ଫିଟୁ



ଜ୍ୟୋତି ପ୍ରକାଶ କର

ସତ୍ୟାଗ୍ରହ ସଂଗ୍ରାମ, ଗୋଟିଏ ନୂତନ କୌଶଳ ଓ ନୂତନ ପ୍ରେରଣାର ଉଦ୍ଦେଶ୍ୟ ନେଇ ଇଂରେଜ ସରକାରଙ୍କ ଅନ୍ୟାୟ ଓ ଯଥେଚ୍ଛାପୂର୍ଣ୍ଣ ଦମନ ନୀତିର ଉତ୍ତର ଦେବା ପାଇଁ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହର ପରିକଳ୍ପନା। କୌଣସି ନୂତନ ପନ୍ଥା ଅବଲମ୍ବନ କରିବା ପୂର୍ବରୁ ଗାନ୍ଧିଜୀ ତାହା ଅପରପକ୍ଷକୁ ନ ଜଣାଇ କିଛି କରନ୍ତି ନାହିଁ କିମ୍ବା କହନ୍ତି ନାହିଁ। ସତ୍ୟାଗ୍ରହ ସଂଗ୍ରାମର ଏହା ହିଁ ହେଉଛି ବିଶେଷତ୍ୱ। ଏହା ହିଁ ସତ୍ୟର ସଂଗ୍ରାମ ଓ ସତ୍ୟକୁ ଲୁଚାଇ କିଛି କରିବା ସତ୍ୟାଗ୍ରହର ପରିପନ୍ଥୀ। ଗୁଜରାଟର ସୁରଟ ଜିଲା ଧର୍ଷଣାରେ ସରକାରଙ୍କ ଏକ ବଡ଼ ଲୁଣଗୋଲା ଥାଏ। ଧର୍ଷଣା ଲୁଣଗୋଲା ଆକ୍ରମଣ କରିବା ପୂର୍ବରୁ ଗାନ୍ଧିଜୀ ଲର୍ଡ ଇରଉଇନ୍‌ଙ୍କୁ ଜଣାଇ ଦେଇଥିଲେ। ଯୁଦ୍ଧରେ ସେନାପତି ତା'ର ରଣକୌଶଳ ଅପରପକ୍ଷଙ୍କୁ ଜଣାଏ ନାହିଁ କିନ୍ତୁ ଗାନ୍ଧିଜୀ ବଡ଼ଲାଟ୍‌ଙ୍କୁ ଏହା ଜଣାଇ ଦେବା ଦ୍ୱାରା ସରକାର ସାବଧାନ ହୋଇ ସମ୍ମୁଖୀନ ହେବା ପାଇଁ କଠୋର ବ୍ୟବସ୍ଥା ଅବଲମ୍ବନ କଲେ। ଅତର୍କିତ ଆକ୍ରମଣ କରି ଲୁଣଗୋଲାରୁ ଲୁଣ ଲୁଟ୍‌କରି ଆଣିବା ଅତି ସହଜ ହୋଇଥାନ୍ତା। କିନ୍ତୁ ଏହା ହିଁ ଥିଲା ଗାନ୍ଧୀ ନୀତିର ମହତ୍ତ୍ୱ। ଲୁଣ ଲୁଟ୍ କରି ଆଣିବା ଲକ୍ଷ୍ୟ ନ ଥିଲା ବରଂ ଉଦ୍ଦେଶ୍ୟ ଭାରତବାସୀ ଭୀରୁ, ଦୁର୍ବଳ ଓ ନିଃସହାୟ ନୁହନ୍ତି ସୂଚେଇ ଦେବା। ଲୁଣ ଲୁଟ୍ କରିବାର ପ୍ରଶ୍ନ ଅପେକ୍ଷା ଲୁଣ ଗୋଲା ଆକ୍ରମଣ କରି ଲୁଣ ଲୁଟ୍‌କରି ଆଣି ନ ପାରିଲେ ସତ୍ୟାଗ୍ରହର ଉଦ୍ଦେଶ୍ୟ ବିଫଳ ହେଲା ଓ ସତ୍ୟାଗ୍ରହୀ ହାର୍ ମାନିଲେ ବୋଲି ଏକ ନକାରାତ୍ମକ ବାର୍ତ୍ତାର ସୁଦୂର ପ୍ରସାରୀ ପ୍ରଭାବ ପରିଲକ୍ଷିତ ହେବ। ସରକାରୀ କର୍ମଚାରୀ ଚାହିଁଥିବେ ସେମାନଙ୍କ ଆଖି ଆଗରେ ଲୁଣ ଆଇନ ଭଙ୍ଗକରି ଲୁଣମାରି ଲୋକେ ନେଇଯାଉଥିବେ। ଏହା ଅଧିକ ଦିନ ସହ୍ୟ କରିବା ଅସମ୍ଭବ, କାରଣ ଏହା ହେଲେ ପରାକ୍ରମୀ ଇଂରେଜ ଶାସନର ଅସ୍ତିତ୍ୱ ନ ଥିବା ପ୍ରମାଣିତ ହେବ। ତେଣୁ ସତ୍ୟାଗ୍ରହୀଙ୍କୁ ଜେଲ, ଜରିମାନା, ଲାଠିମାଡ଼, ତଳେ ପକାଇ ଘୋଷାରିବା ଓ ଶେଷରେ ଗୁଳି ମଧ୍ୟ ଚାଲିଲା। ତଥାପି ଲୋକେ ଡରିଲେ ନାହିଁ କି ଆନ୍ଦୋଳନ ଦବିଗଲା ନାହିଁ, ଲୁଣମାରି ସେହି ଲୁଣକୁ ବିକ୍ରି କରିବା କାର୍ଯ୍ୟକୁ ପରମ ସୌଭାଗ୍ୟ ମନେକଲେ।

ଲୁଣଗୋଲା ଆକ୍ରମଣ କରିବାର କଳ୍ପନା ଓ ତାକୁ ରୂପାନ୍ୱିତ କରିବା ପାଇଁ ଗାନ୍ଧିଜୀଙ୍କର ଆହ୍ୱାନ ଥିଲା 'ହାତମୁଠା ଭାଙ୍ଗିଯାଉ କିନ୍ତୁ ମୁଠା ନ ଫିଟୁ'। କିନ୍ତୁ ହାତମୁଠା ଭାଙ୍ଗି ନିର୍ଯାତନା ସହିବାର ସୀମା ବି ଅଛି। ଲାଠିମାଡ଼ରେ କାହାର ଆଖି ଫୁଟିଯାଉଛି, କାହାର ଗୋଡ଼ ହାତ ଭାଙ୍ଗିଯିବାରୁ ସେ ଅକର୍ମଣ୍ୟ। ଲାଠିମାଡ଼ ଖାଇ ଅଚେତ ଅବସ୍ଥାରେ ପଡ଼ିଥିବା ସତ୍ୟାଗ୍ରହୀଙ୍କ ଉପରେ ଘୋଡ଼ା ଚଢ଼େଇ ଦିଆଯାଉଛି, ଅଚେତ ସତ୍ୟାଗ୍ରହୀଙ୍କୁ ଉଠାଇ କଣ୍ଟାବୁଦା ଉପରକୁ ଫିଙ୍ଗି ଦେଉଛନ୍ତି। ସତ୍ୟାଗ୍ରହ ସଂଗ୍ରାମକୁ ଦମନ କରିବା



ପାଇଁ ଦିନକୁ ଦିନ ନୂଆ ଉପାୟ ଅବଲମ୍ବନ କରି ନିଷ୍ଠୁର କର୍ମ କରିବାରେ ସରକାରୀ କର୍ମଚାରୀମାନେ ତିଳେମାତ୍ର ଦ୍ୱିଧାବୋଧ କରୁନାହାନ୍ତି। ପରିସ୍ଥିତିର ଭୟାବହତା ଦେଖି ଗାନ୍ଧିଜୀ କହିଲେ, ସରକାରଙ୍କ ହିଂସା ପ୍ରଣୋଦିତ କ୍ଷୁଧା ଯେପରି ପ୍ରବଳ ଆକାର ଧାରଣ କରୁଛି, ସେଥିରେ ଲାଠିମାଡ଼ ଖାଇ ଭୂପତିତ ସତ୍ୟାଗ୍ରହୀର ରୁଧିରରେ ସେ କ୍ଷୁଧା ତୃପ୍ତି ହେବନାହିଁ। ସତ୍ୟାଗ୍ରହୀର ଜୀବନଦାନରେ ତାହା ତୃପ୍ତିଲାଭ କରିବ। କେବଳ ଧର୍ଷଣା ଲୁଣଗୋଲା ନୁହେଁ ବରଂ ଯେଉଁଠାରେ ସରକାରୀ ଲୁଣ କାରଖାନା ଅଛି ସେ ସବୁ ଲୁଟ୍ କରି ନେବାକୁ ଗାନ୍ଧିଜୀଙ୍କର ବାର୍ତ୍ତା ଥିଲା।

ଇଂରେଜ ସରକାର ପ୍ରଥମେ ଏହି ଆନ୍ଦୋଳନ ପ୍ରତି ଗୁରୁତ୍ୱ ଦେଉ ନ ଥିଲେ ଓ ଦେଶର ନରମପନ୍ଥୀମାନେ ଉପହାସ କରି କହୁଥିଲେ, ଲୁଣମାରି ଦେଶକୁ ସ୍ୱାଧୀନ କରାଯାଇ ନ ପାରେ। ତେଣୁ ଏହି ଆନ୍ଦୋଳନକୁ ଭ୍ରୂକ୍ଷେପ ନ କଲେ ଏହା ଆପେ ଆପେ ମିଳେଇଯିବ। କିନ୍ତୁ ଏହା ଧିମେଇ ନ ଯାଇ ବରଂ ତୀବ୍ର ରୂପ ଧାରଣ କଲା ଓ ସତ୍ୟାଗ୍ରହୀମାନେ ଲୁଣ ମାରି ତାଙ୍କୁ ଆଣି ହାଟ ବଜାରରେ ବିକ୍ରି କଲେ ଓ ଏହା ସରକାରଙ୍କ ଅସହ୍ୟ ହୁଅନ୍ତେ ଆନ୍ଦୋଳନକୁ ସମୂଳେ ଉତ୍ପାଟନ କରିବା ପାଇଁ ଦମନମୂଳକନୀତି ଅବଲମ୍ବନ କଲେ। ଲୁଣ ଲୁଟ୍, ଆନ୍ଦୋଳନ ଚାଲିଥିବା ବେଳେ ଗାନ୍ଧିଜୀଙ୍କୁ ଲୋକେ ଅତି ଶ୍ରଦ୍ଧାରେ 'ନମକ ଚୋର ଗାନ୍ଧୀ' ବୋଲି କହିବା ଆରମ୍ଭ କଲେ। ଏହା ଶୁଣିବା ପରେ ଗାନ୍ଧିଜୀଙ୍କ ପ୍ରତିକ୍ରିୟା ଥିଲା, ଭାରତରେ ମହାତ୍ମା ପାଇବା ଅତି ସହଜ କିନ୍ତୁ ନମକ ଚୋର ପଦ ପାଇବା ସହଜ ନୁହେଁ। ଧର୍ଷଣା ଲୁଣଗୋଲା ଦଖଲ ନ କଲା ପର୍ଯ୍ୟନ୍ତ ମତେ ନମକ ଚୋର କହିବାର କୌଣସି ଅର୍ଥ ନାହିଁ। ଲୁଣ ଗୋଲାରୁ ଲୁଣ ଆଣିଲା ବେଳେ ତାହାର ପରିମାଣ ପ୍ରତି ଦୃଷ୍ଟିଦେବା ଉଚିତ ନୁହେଁ, ତାହା ସେର, ଏକ ମୁଠା ଓ ଚିମୁଟା ଲୁଣ ହୋଇପାରେ, ଏହା ସ୍ୱାଭିମାନର କଥା। ସରକାର ଏହାକୁ ପିଲାଖେଳ ଭାବିପାରନ୍ତି କିନ୍ତୁ ଏହି ପିଲାଖେଳରୁ ହିଁ ମହାଭାରତର ମହାସମର ସୃଷ୍ଟି ହେବ। ଗାନ୍ଧିଜୀଙ୍କର ଏହି ଉଦ୍‌ବୋଧନ ପରେ ସରକାର କ୍ରୋଧାନ୍ୱିତ ହେଲେ ଓ ଗାନ୍ଧିଜୀ ଅଟକ ହୋଇପାରନ୍ତି କିମ୍ବା ତାଙ୍କୁ ହତ୍ୟା କରାଯାଇପାରେ ବୋଲି ଲୋକଙ୍କ ମନରେ ଭାବନା ସୃଷ୍ଟି ହେଲା। ସତକୁ ସତ ଦିନେ ଗାନ୍ଧିଜୀ ଗୋଟିଏ ଗଛ ତଳେ ଖଣ୍ଡିଏ ଦଉଡ଼ିଆ ଖଟରେ ଶୋଇଥିବା ଅବସ୍ଥାରେ ତାଙ୍କୁ ଧରି ନେଇଥିଲେ। ଗାନ୍ଧିଜୀ ଧରାହୋଇ ଅଟକବନ୍ଦୀ କରିବାକୁ ଯାଇଥିବା ମାଜିଷ୍ଟ୍ରେଟ୍ ଭାବବିହ୍ୱଳ ହୋଇ ଭାବିଲେ, ଏହି ବ୍ୟକ୍ତି କ'ଣ ସେହି ଗାନ୍ଧୀ ଯାହାଙ୍କ କଥା ଆଜି ପୃଥିବୀରେ ଚହଳ ପକାଇ ଦେଇଛି; ଯାହାଙ୍କ କାର୍ଯ୍ୟ ପ୍ରବଳ ପରାକ୍ରମୀ ଇଂରେଜ ସରକାରଙ୍କୁ ବିବ୍ରତ କରିପକାଇଛି। ଗାନ୍ଧିଜୀ ଧରାହୋଇ ଅଟକବନ୍ଦୀ ହୋଇ ରହିବା ଖବର ପ୍ରଚାରିତ ହେବା ପରେ ଭାରତର କୋଣ ଅନୁକୋଣରୁ ଅସଂଖ୍ୟ ନରନାରୀ ସମରଯାତ୍ରା ଆରମ୍ଭ କରି ଲୁଣମାରି ତାକୁ ବିକ୍ରି କରିବା କାର୍ଯ୍ୟରେ ଆତ୍ମହରା ହୋଇପଡ଼ିଲେ। ଗୁଜରାଟର ଧର୍ଷଣା ଓ ବମ୍ବେ ନିକଟସ୍ଥ ୱାଦଲା ଲୁଣଗୋଲାରେ ଆକ୍ରମଣ ହେଲା।

ଧର୍ଷଣା ଲୁଣଗୋଲା ଚାରିପାଖରେ ପାଣି ଭର୍ତ୍ତି ଗଭୀର ଖାଇ ଓ ଖାଲର ଉଭୟ ପାର୍ଶ୍ୱରେ ପୋଲିସ ଫୌଜଙ୍କ ପହରା। ଲୁଣ ଲୁଟ୍ କରିବାକୁ ହେଲେ ପୋଲିସ ଧାଡ଼ିକୁ ଅତିକ୍ରମ କରି ଖାଇ ପାରହେବ ତା'ପରେ ଦ୍ୱିତୀୟ ପୋଲିସ ଧାଡ଼ି ପାର ହୋଇ ଲୁହାକଣ୍ଟାର ବାଡ଼ଡେଇଁ ଗୋଲା ଭିତରେ ପ୍ରବେଶ କରିପାରିଲେ ଲୁଣ ଆଣିପାରିବ। ଲୁଣ ଧରି ଫେରିଲା ବେଳକୁ ପୂର୍ବପରି ଲୁହାକଣ୍ଟାର ତାରବାଡ଼ ଡେଇଁ ପୋଲିସ ଧାଡ଼ି ଓ ଖାଇ ପାରହୋଇ ପୁଣି ଥରେ ପୋଲିସ ଘେର ଭାଙ୍ଗି ଲୁଣ ଧରି ବାହାରିବାକୁ ପଡ଼ିବ। ଧର୍ଷଣା ଆକ୍ରମଣ ଧରାବକ୍ଷରେ ହିଂସା-ଅହିଂସା ଆୟୁଧର ଶକ୍ତି ଓ ସାମର୍ଥ୍ୟର ପରୀକ୍ଷା କେନ୍ଦ୍ର ପାଲଟି ଯାଇଥିଲା। ଏହା ଥିଲା ଲବଣ ସତ୍ୟାଗ୍ରହ ସଂଗ୍ରାମର ବିଭୀଷିକା, ଯାହା ଭାରତର ଆବାଳ ବୃଦ୍ଧବନିତାଙ୍କ ହୃଦୟକୁ ସ୍ପର୍ଶ କରିପାରିଥିଲା ଓ ରକ୍ତ ମାଂସଧାରୀ ମଣିଷର ପରାକାଷ୍ଠା ପ୍ରଦର୍ଶନ, ଯାହା ବିଶ୍ୱକୁ ବିସ୍ମିତ କରିପାରିଥିଲା।

ସତ୍ୟ ଓ ଅହିଂସାକୁ ପାଥେୟ କରି ୧୯୩୦ ମାର୍ଚ୍ଚ ୧୨ରେ ମହାତ୍ମାଗାନ୍ଧୀ ସାବରମତି ଆଶ୍ରମରୁ ଆରମ୍ଭ କରିଥିଲେ ଭାରତୀୟଙ୍କ ପାଇଁ ଏକ ସମର ଯାତ୍ରା - ଦାଣ୍ଡିଯାତ୍ରା। ଓଡ଼ିଶାରେ ହରେକୃଷ୍ଣ ମହତାବ ବାଲେଶ୍ୱରର ଇଞ୍ଚୁଡ଼ିକୁ ପ୍ରଥମ ରଣ ପ୍ରାଙ୍ଗଣରେ ପରିଣତ କରିବା ପ୍ରସ୍ତାବକୁ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିଆରୀ, ଗୋପବନ୍ଧୁ ଚୌଧୁରୀ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ନୀଳକଣ୍ଠ ଦାସ, ଜଗନ୍ନାଥ ରଥ ପ୍ରମୁଖ ସମର୍ଥନ କରିଥିଲେ। 'ସର୍ଦ୍ଦାର ସୁରେନ୍ଦ୍ର' ନାମରେ ଖ୍ୟାତି ଅର୍ଜନ କରିଥିବା ବାଲେଶ୍ୱରର ସଂଗ୍ରାମୀ ସୁରେନ୍ଦ୍ର ନାଥ ଦାସ ସତ୍ୟାଗ୍ରହୀଙ୍କ ପାଇଁ ଇଞ୍ଚୁଡ଼ିରେ ସଂଗଠନ ଦାୟିତ୍ୱ ବହନ କରିଥିଲେ। ମୁଣ୍ଡିତ ମସ୍ତକ, କପାଳରେ ସିନ୍ଦୂର ଟୋପା, ପରିଧାନରେ ଖଣ୍ଡିଏ କ୍ଷୁଦ୍ର ଧୋତି, ହସ୍ତରେ ପତାକା ଶୋଭିତ ଯଷ୍ଟି ଧରି ମୁକ୍ତିବାହିନୀର ପ୍ରଥମ ସେନାପତି ଭାବେ ଗୋପବନ୍ଧୁ ଚୌଧୁରୀ ପ୍ରାୟ ୨୧ଜଣ ସ୍ୱେଚ୍ଛାସେବୀଙ୍କୁ ଧରି ଇଞ୍ଚୁଡ଼ି ଅଭିମୁଖେ କଟକରୁ ବାହାରିଥିଲେ। ଗୋପବନ୍ଧୁ ଚୌଧୁରୀ ଗିରଫ ହେଲାପରେ ଆଚାର୍ଯ୍ୟ ହରିହର ଦାସ ପ୍ରଥମ ବାହିନୀର ଅଧ୍ୟକ୍ଷ ଭାବେ ଇଞ୍ଚୁଡ଼ି ଅଭିମୁଖେ ଗଲେ। ଏହାପରେ ମଦନମୋହନ ପଟ୍ଟନାୟକ ଦ୍ୱିତୀୟ ବାହିନୀର ସେନାପତି ଭାବେ ଇଞ୍ଚୁଡ଼ି ଯାତ୍ରା କଲେ।

ଶକ୍ତି ନଗର, କଟକ
ମୋ: ୯୪୩୮୫୩୨୪୫୭

# ସଶକ୍ତୀକରଣ ଓ ସୁରକ୍ଷାର ଅଧିକାର



ମୀରା ବେଉରା

ସ୍ୱାଭିମାନ ଓ ସୁରକ୍ଷାର ସହ ବଞ୍ଚିବା ପ୍ରତ୍ୟେକ ଭାରତୀୟ ନାରୀର ଜନ୍ମଗତ ଅଧିକାର। ରାଷ୍ଟ୍ରର ପ୍ରଥମ ଓ ପ୍ରଧାନ ଦାୟିତ୍ୱ ହେଲା ନାରୀକୁ ସୁରକ୍ଷା ଯୋଗାଇ ଦେଇ ତାକୁ ବ୍ୟକ୍ତିଭାବେ ପ୍ରତିଷ୍ଠିତ କରି ତା'ର ମାନବିକ ମୂଲ୍ୟବୋଧକୁ କ୍ଷୁଣ୍ଣ ନ କରି ତା'ର ଅଧିକାର ପ୍ରତି ସଜାଗ ଓ ସଚେତନ ହେବା। ନାରୀ ପ୍ରତି ଅସମ୍ମାନ କରୁଥିବା ରାଷ୍ଟ୍ର ହେଉ ବା ବ୍ୟକ୍ତି ଏହା କଦାପି କ୍ଷମଣୀୟ ନୁହେଁ। ଏହାକୁ ପ୍ରତ୍ୟକ୍ଷଦର୍ଶୀ ଭାବେ ଚଳଚ୍ଚିତ୍ର ପରି ଉପଭୋଗ କରି ପ୍ରତିବାଦ କରୁ ନ ଥିବା ବ୍ୟକ୍ତି ଓ ରାଷ୍ଟ୍ର ତା'ର ଦାୟିତ୍ୱହୀନତାକୁ ସୂଚାଇଥାଏ। ଯେଉଁ ରାଷ୍ଟ୍ର ତା'ର ଗଣତନ୍ତ୍ରର ଅର୍ଦ୍ଧେକ ଜାତିକୁ ସୁରକ୍ଷା ଯୋଗାଇ ପାରିବାରେ ଅସମର୍ଥ ; ସେ ରାଷ୍ଟ୍ର ରାଜନୈତିକ, ସାମରିକ ଓ ଅର୍ଥନୈତିକ କ୍ଷେତ୍ରରେ ଯେତେ ସମୃଦ୍ଧ ହେଲେ ମଧ୍ୟ ପ୍ରକୃତରେ ବିକଶିତ କିମ୍ବା ସମୃଦ୍ଧ ରାଷ୍ଟ୍ରରେ କଦାପି ପରିଗଣିତ ହୁଏନାହିଁ।

ଆଗରୁ ଆମେ ଚିନ୍ତା କରିଥିଲୁ ଯେ କେବଳ ନାରୀଟିଏ ସ୍ୱାବଲମ୍ବୀ ହେଲେ ନାରୀର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ବୃଦ୍ଧି ପାଇବ। ଆମେ ପଶୁଠାରୁ ମଧ୍ୟ ହୀନ ବୋଲି ନିଜକୁ ପ୍ରମାଣିତ କରିସାରିଛୁ। କାରଣ ଯଦି କୁକୁରଟିଏ ଆମ ମଣିଷକୁ କାମୁଡୁଛି, ତେବେ କିଛିଦିନ ଚିକିତ୍ସା ପରେ ଆମେ ବିଷମୁକ୍ତ ହୋଇପାରୁଛୁ। ଯଦି ବିଷଧର ସାପଟିଏ ବା ବିଛାଟିଏ ଆମକୁ ଦଂଶନ କରୁଛି, ତେବେ ତିନି ଚାରି ଦିନ ଚିକିତ୍ସା ପରେ ଆରୋଗ୍ୟ ଲାଭ ହେଉଛି, କିନ୍ତୁ ଯଦି ଦିବ୍ୟଜ୍ଞାନ ଥିବା ମଣିଷଟିଏ ମଣିଷକୁ କାମୁଡୁଛି, ତେବେ ସେହି ବିଷ ଦ୍ୱାରା ମଣିଷ ବଞ୍ଚିବା ଆଶା ବହୁତ କମ୍। ଏ ପୃଥିବୀରେ ମଣିଷ ନିଜ ଦେହର କ୍ଷୁଧା ମେଣ୍ଟାଇବା ପାଇଁ ମଣିଷକୁ ଦଂଶନ କରି ଆନନ୍ଦ ପାଏ।

ଏ ଭାରତବର୍ଷ ସୀତା, ସାବିତ୍ରୀ, ଝାନ୍ସୀ ରାଣୀ ଲକ୍ଷ୍ମୀବାଈ, ମହିଷମର୍ଦ୍ଦିନୀ ଦୁର୍ଗା ଓ ରାଣୀ ଦୁର୍ଗାବତୀଙ୍କ ଦେଶ। ଇତିହାସ ତା'ର ମୂକସାକ୍ଷୀ। ସେ କଦାପି ଅସହାୟ ହୋଇପାରେନା। ଥରେ ନୋବେଲ ପୁରସ୍କାର ବିଜେତା ସାରାମାଗୋ କହିଥିଲେ- ''ଇଏ ଏମିତି ଗୋଟିଏ ବିଶ୍ୱ, ଯିଏ ମଙ୍ଗଳ ଗ୍ରହକୁ ଯନ୍ତ୍ର ପଠାଏ, ଚନ୍ଦ୍ରକୁ ମଣିଷ ପଠାଏ ଅଥଚ ନିଜ ଇଲାକାରେ ନାରୀ ପ୍ରତି ବଳାତ୍କାର ଓ ହିଂସା ବନ୍ଦ କରି ନାରୀକୁ ସୁରକ୍ଷା ଦେଇ ପାରେନାହିଁ।'' କେବଳ ଭାରତବର୍ଷରେ ନୁହେଁ, ଆମେରିକାର ନ୍ୟୁୟର୍କରେ ମଧ୍ୟ ଆତ୍ମଘୋଷିତ ଗୁରୁ କିଥ୍ ରାନିଅରଙ୍କୁ ସଂସ୍କୃତି ନାମରେ ମହିଳାଙ୍କୁ ଖଟାଇ ସଂସାର ଯୌନ ଦାସୀ କରିବା ହେତୁ ନ୍ୟୁୟର୍କ ବ୍ରକ୍‌ଲିନ୍ କୋର୍ଟ ୧୨୦ ବର୍ଷ ଜେଲ ଓ ୧.୭୫ ନିୟୁତ ଡଲାର ଜରିମାନା ଆଦେଶ କରିଛନ୍ତି। ଏଇଠି ମନେପଡୁଛି ପ୍ରସିଦ୍ଧ ଲେଖିକା ଏଲିଜାବେଥ୍ କାଲ୍‌ସ୍କିଙ୍କ ବହୁ ଚର୍ଚ୍ଚିତ ପୁସ୍ତକ 'ଦି ରୁଲ୍ ଅଫ୍ କଲୋନିଆଲ ଇନ୍‌ଡିଫରେନ' ଯାହାର ଓଡ଼ିଆ ଅନୁବାଦ ହେଉଛି ଔପନିବେଶିକ ଉଦାସୀନତାର ରାଜତ୍ୱ। ଏହି ପୁସ୍ତକର ସବୁଠାରୁ ବଡ଼ ଆଲୋଡ଼ନକାରୀ ତଥ୍ୟଟି ହେଉଛି ଔପନିବେଶିକ ଅଦାଲତର ମହାମାନ୍ୟ ବିଚାରପତିମାନଙ୍କର ଏକ ମୂଳ ଓ ବଦ୍ଧ ଧାରଣା ରହିଥିଲା ଯେ, ଭାରତୀୟ ସମାଜରେ ଧର୍ଷଣ ଏକ ଚିରାଚରିତ ଦେହସୁହା ଓ ନିୟମିତ ବ୍ୟାପାର।

୨୦୧୨ରେ ମଧ୍ୟ ଦିଲ୍ଲୀରେ ଏହିଭଳି ନିର୍ଭୟା ଗଣଦୁର୍ଷ୍କର୍ମ ମାମଲା ଘଟିଥିଲା। ଆଉ ଗୋଟିଏ



ଘଟଣା ଭାରତର ସବୁଠାରୁ ଲୋମହର୍ଷଣକାରୀ ମଧୁରା ଗଣଦୁଷ୍କର୍ମ ମାମଲା, ଯାହା ଘଟିଥିଲା ୧୯୭୨ ମାର୍ଚ୍ଚ ୨୬ରେ। ମହାରାଷ୍ଟ୍ରର ଦେଶାଇଗ ଥାନାର ଦୁଇଜଣ ପୋଲିସଙ୍କ ଦ୍ୱାରା ଘଟିଥିବା ଦୁଷ୍କର୍ମ ତତ୍କାଳୀନ ଜନମାନସକୁ ଏପରି ତୀବ୍ର ପ୍ରତିବାଦ କରିବାକୁ ବାଧ କରିଥିଲା ଯେ, ସରକାର ଶେଷକୁ ବାଧ ହୋଇ 'ଦି କ୍ରିମିନାଲ ଲ ଆମେଣ୍ଡମେଣ୍ଟ ଆକ୍ଟ୍: ୧୯୮୩' (ନଂ.୪୩) ମାଧ୍ୟମରେ ଭାରତୀୟ ଦୁଷ୍କର୍ମ ଆଇନର ସଂଶୋଧନ କରିବାକୁ ଏକ ପ୍ରକାର ବାଧ ହୋଇଥିଲେ। କେବଳ ଆଜୀବନ କାରାଦଣ୍ଡ ବ୍ୟବସ୍ଥା କଲେ ହେବନାହିଁ, ଏଥିପାଇଁ ବିରାଟ ସାମାଜିକ ଜନଆନ୍ଦୋଳନ ହେବା ଆବଶ୍ୟକ। କାରଣ ଧାରା ୨୧ କହେ ସ୍ୱାଭିମାନ ସହ ବଞ୍ଚିବା ନାରୀର ସାମ୍ବିଧାନିକ ଅଧିକାର। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଦୋଷୀକୁ ଦଣ୍ଡ ଦେବା ପାଇଁ ଆମ ଆଇନ ଯେତିକି ତୀବ୍ର ବେଗରେ ଧାଉଁନି, ଦୋଷୀକୁ ନିର୍ଦ୍ଦୋଷ କରିବା ପାଇଁ ଆମର କିଛି ଆଇନଜୀବୀ ନିଜର ମାନବିକତାକୁ ହତ୍ୟାକରି ତାକୁ ଘଣ୍ଟ ଘୋଡ଼ାଇବା ଲାଗି ପ୍ରୟାସ କରୁଛନ୍ତି।

ଶିକ୍ଷା କ୍ଷେତ୍ରରେ ମଧ୍ୟ କେବଳ ଚାକିରି ଓ ଜଗତୀକରଣକୁ ଅଧିକ ଗୁରୁତ୍ୱ ନ ଦେଇ ଶିକ୍ଷା କ୍ଷେତ୍ରରେ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯାଉ। ଅପରାଧୀକୁ ଘଣ୍ଟ ଘୋଡ଼ାଇ ରଖିବା ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ନୀତିବିରୁଦ୍ଧ କାର୍ଯ୍ୟକଳାପ। ବିଚାର ବ୍ୟବସ୍ଥା ବିଳମ୍ବିତ ନ ହେଉ, ଯଦ୍ୱାରା ପ୍ରମାଣ ପତ୍ର ନଷ୍ଟ କରି ଦିଆଯାଉଛି। ସମ୍ପ୍ରତି ମହିଳା ଓ କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ପଶ୍ଚିମବଙ୍ଗରେ 'ଅପରାଜିତା ବିଲ୍' ୩ ସେପ୍ଟେମ୍ବର, ୨୦୨୪ରେ ପ୍ରଣୋଦିତ ହୋଇ ସାରଛି। ଏହା କେବଳ ପଶ୍ଚିମବଙ୍ଗ କାହିଁକି, ସବୁ ରାଜ୍ୟରେ ମହିଳା ଓ କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ ହେବା ସହିତ ତାହା କିପରି କଡ଼ାକଡ଼ି ଭାବେ ପାଳନ କରାଯିବ, ସେ ଦିଗରେ ସରକାରଙ୍କଠାରୁ ଆରମ୍ଭ କରି ଜନସାଧାରଣ ପ୍ରୟାସ ଜାରି ରଖିବା ଦରକାର।

ଶେଷରେ ଏତିକି କୁହାଯାଇପାରେ ଯେ, ସ୍ୱାଧୀନତାର ଏତେ ବର୍ଷ ବିତି ଯାଇଥିଲେ ମଧ୍ୟ ଆମ ସମାଜରେ ଲିଙ୍ଗଗତ ବୈଷମ୍ୟ ଦେଖାଯାଉଛି। ଯେଉଁ ଜାତି ବା ରାଷ୍ଟ୍ର ନାରୀକୁ ତା'ର ବଞ୍ଚିବାର ଅଧିକାର ଯୋଗାଇପାରୁନି, ତେବେ କାହିଁକି ମାତୃଶକ୍ତି ପୂଜାର ପ୍ରହସନ କରି ସ୍ୱର୍ଣ୍ଣ, ହୀରା, ମୋତି, ମାଣିକ୍ୟ ଖଚିତ ମୁକୁଟରେ ମା'ଙ୍କୁ ସଜାଇ ପାଟବସ୍ତ୍ର ଓ ଅଳଙ୍କାର ପିନ୍ଧାଇ ପୂଜା, ସଂସ୍କୃତି ଓ ପରମ୍ପରାର ଦ୍ୱାହି ଦେଇ ପରମ୍ପରାର ରକ୍ଷକ ବୋଲି ଦାବି କରିବା ? ଗୋଟିଏ ପଟେ ତାକୁ ଦିବ୍ୟ ମୂର୍ତ୍ତିରେ ସଜାଇ ଆଉ ଗୋଟିଏ ପଟେ ତାକୁ ବିବସ୍ତ୍ରା କରି ତା' ପ୍ରତି ପାଶବିକ ଅତ୍ୟାଚାର କରି ଶେଷରେ ମୃତ୍ୟୁମୁହଁକୁ ଠେଲିଦେଉ। ଏହା ଆମ ଭାରତୀୟ ସଂସ୍କୃତି ପ୍ରତି ଛଳନା ନୁହେଁ ତ ଆଉ କ'ଣ ! ଯେଉଁ ଦିନ ଆମେ ତାଙ୍କୁ ସୁରକ୍ଷା ଦେଇ ବଞ୍ଚିବାର ଅଧିକାର ଯୋଗାଇ ଦେବା, ସେହି ଦିନ ଆମେ ଦାବି କରିବା ଆମେ ପୁଣ୍ୟଭୂମି ପବିତ୍ରଭୂମି ଭାରତବର୍ଷର ପ୍ରକୃତ ଦାୟାଦ।

ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳସାହି,
ମୋ: ୭୮୪୭୯୨୧୪୦୦

## ଏଇ ଭାରତରେ

ଦଶମ ଶ୍ରେଣୀରୁ ପାଠପଢ଼ା ଛାଡ଼ି ତାମିଲନାଡୁର ପୋନାରସି ସଜନା ଚାଷ କରି ବର୍ଷକୁ ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ପୋନାରସିଙ୍କ ବୟସ ଏବେ ୩୮। ସେ ପ୍ରଥମେ ଅଳ୍ପ କେତୋଟି ସଜନା ଗଛ ଲଗାଇ ଶାଗ ବିକ୍ରି କରୁଥିଲେ। ପରେ ୧୦ ଏକରରେ ଚାଷ କରି ଶାଗ, ମଞ୍ଜି ଓ ମୂଳ ବିକ୍ରି କରିବା ସହ ସଜନା ତେଲ, ସୁପ୍ ପାଉଡର, ସାବୁନ, ସାମ୍ପୋ, ଲିପବାମ୍ ସମେତ ୩୬ଟି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ତାମିଲନାଡୁ କୃଷି ମହାବିଦ୍ୟାଳୟରେ କୃଷି ବିଶେଷଜ୍ଞ ଜନ୍ କେନେଡିଙ୍କ ସହ ସାକ୍ଷାତ ହେବା ପରେ ତାଙ୍କ ପରାମର୍ଶକ୍ରମେ ସେ ଏହି ଚାଷକୁ ବ୍ୟାପକ କରି ଏଭଳି ଉତ୍ପାଦ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି। ତାଙ୍କ ବଡ଼ ଭଉଣୀ କଳାସାରି ଓ ପରିବାର ସହଯୋଗ କରୁଛି। ଏହା ପାଇଁ ସେ ଏକ ପ୍ୟାକ୍ ହାଉସ ନିର୍ମାଣ କରିଛନ୍ତି। ସଜନା ତେଲ ଏବେ ପ୍ରତି ଲିଟରକୁ ୫,୦୦୦ ଟଙ୍କାରେ ବିକ୍ରି କରୁଛନ୍ତି, ଯାହା କସ୍‌ମେଟିକ୍ସ ଓ ମେଡିସିନ ତିଆରିରେ ବ୍ୟବହାର କରାଯାଉଛି। ସେ ପ୍ରଥମେ ହ୍ୱାଟ୍ସଆପ ଓ ଫେସ୍‌ବୁକ ମାଧ୍ୟମରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟରେ ତାଙ୍କ ଗ୍ରାହକ ଆଧାର ସୃଷ୍ଟି କରିପାରିଛନ୍ତି ଏବଂ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ମଧ୍ୟ ମାଲେସିଆ, ସିଙ୍ଗାପୋର, ଆମେରିକା, ଫ୍ରାନ୍ସକୁ ରପ୍ତାନି କରୁଛନ୍ତି। ପୋନାରସି ତାମିଲନାଡୁରେ 'ମର୍ଣ୍ଣଙ୍ଗା କୁଇନ' ବା ସଜନା ରାଣୀ ଭାବେ ପରିଚିତ। ସେ ମଧ୍ୟ ଅନ୍ୟ ମହିଳାମାନଙ୍କୁ ଏହି ଚାଷ ପ୍ରତି ଆକୃଷ୍ଟ କରିବାରେ ସକ୍ଷମ ହୋଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୨ ମାର୍ଚ୍ଚ ୧୯୭୬**

- ସୌଦି ଆରବିୟା ଓ ଦକ୍ଷିଣ ୟେମେନ ପରସ୍ପର ମଧ୍ୟରେ ସାଧାରଣ ସମ୍ପର୍କ ପ୍ରତିଷ୍ଠା ପାଇଁ ଏକମତ ହୋଇଛନ୍ତି।
- ରେଳବାଇର ବିଭିନ୍ନ କାର୍ଯ୍ୟକ୍ରମ ଲାଗି ଯୋଜନା କମିଶନଙ୍କ ଦ୍ୱାରା ୪୧୭୮ ନିୟୁତ ଟଙ୍କା ମଞ୍ଜୁର।

## ପାଠକ ଶ୍ରେଷ୍ଠ ବିଚାରକ

### ମାଗଣା ଚାଉଳ ପାଇଁ ବିକଳ କାହିଁକି

ମହାଶୟ,

ଅଯୋଗ୍ୟ ହିତାଧିକାରୀ ଯଥା ଗେଜେଟେଡ୍ ଅଫିସରଙ୍କଠାରୁ ତଳିଆ ଶ୍ରେଣୀ କର୍ମଚାରୀ, ମୃତ ବ୍ୟକ୍ତିଙ୍କ ନାମରେ ଓ ଆୟକରଦାତା ମଧ୍ୟ ଗଳାବାଟରେ ରାଶନ କାର୍ଡ ହାତେଇ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଚାଉଳ ବାଟମାରଣା କରିବା ଲୋକଲୋଚନ ଆସିଛି। କେନ୍ଦ୍ର ସରକାର ଦେଶର ଜନସଂଖ୍ୟା ୧୪୦ କୋଟିରୁ ୮୦ କୋଟି ଲୋକଙ୍କୁ ଖାଦ୍ୟାନ୍ନ ମାଗଣାରେ ପ୍ରତି ମାସ ଯୋଗାଇ ଦେଉଛନ୍ତି। ୨୦୧୩ରୁ ଏହି ଯୋଜନା ଚାଲୁଥିଲେ ହେଁ ବେଧଡ଼କ ଭାବେ ବିନା ଧରପଗଡ଼ରେ ଅଯୋଗ୍ୟ ହିତାଧିକାରୀ ଏଥିରୁ ଫାଇଦା ଉଠାଇବାରେ ବ୍ୟସ୍ତ ରହୁଛନ୍ତି। ଦେଶ ସ୍ୱାଧୀନତା ଲାଭ କରିବାର ଦୀର୍ଘ ବର୍ଷ ପରେ ଓଡ଼ିଶା ବଳକା ଖାଦ୍ୟଶସ୍ୟ ରାଜ୍ୟ ହୋଇଥିବା ବେଳେ ଏଠାରେ ଜନସଂଖ୍ୟା ୪ କୋଟି ୨୦ ଲକ୍ଷରୁ ୩ କୋଟି ୩୬ ଲକ୍ଷ ନିରନ୍ନ ହୋଇ କେନ୍ଦ୍ର ସରକାରଙ୍କ ହାତଟେକାରେ ଖାଦ୍ୟାନ୍ନ ଖାଇବା ଭାଗ୍ୟର ବିଡମ୍ବନା କହିଲେ ଅତ୍ୟୁକ୍ତି ହେବନାହିଁ। ଅଯୋଗ୍ୟ ହିତାଧିକାରୀମାନେ ଯୋଗାଣ ବିଭାଗ କର୍ମଚାରୀ ଓ ରିଟେଲରଙ୍କ ସହଭାଗିତାରେ ଏଥିରୁ ଫାଇଦା ଉଠାଇଥିବା ଜଣାପଡ଼ିଛି।

**-ହରମୋହନ ମହାନ୍ତି, ଦଉତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୟନେ କା'ର ନାହିଁ ପଲକ
ସକଳ ଦେହେ ଭରେ ଲୋତକ
ବରଷା ବାରି ପୂରଇ ଯଥା ବିଶ୍ୱେ
ସ୍ୱରଗ-ଭୂତି କରଇ ଦାନ ନିଃସ୍ୱେ।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ




ଲଣ୍ଠନ ଧରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରକୋଷ୍ଠ ଆଗରେ ବିଜେଡି ସଦସ୍ୟମାନେ ଅଭିନବ ପ୍ରତିବାଦ କରୁଛନ୍ତି।



ବରିଷ୍ଠ କଂଗ୍ରେସ ନେତା ତାରା ବାହିନୀପତିଙ୍କୁ ସସ୍‌ପେଣ୍ଡ କରାଯିବା ପରେ କଂଗ୍ରେସ ବିଧାୟକମାନେ ଗାନ୍ଧୀମୂର୍ତ୍ତି ସମ୍ମୁଖରେ ଧାରଣା ଦେଇଛନ୍ତି।

# ଖୋଜିଲା ବିଜେଡି: ଗର୍ଜିଲା କଂଗ୍ରେସ

ଭୁବନେଶ୍ୱର,୧୧।୩
(ରବିନାରାୟଣ ଜେନା)

## ଆଚରଣ, ଉଚ୍ଚାରଣ ସୀମା ଟପିଛି : ମନ୍ତ୍ରୀ

ମହିଳା ଓ ଅସ୍ମିତା ପ୍ରସଙ୍ଗକୁ ନେଇ ମଙ୍ଗଳବାର ବିରୋଧୀ ବିଜେଡି ଏବଂ କଂଗ୍ରେସର ଭିନ୍ନ ରୂପ ଦେଖିବାକୁ ମିଳିଥିଲା। ବିଜେଡି ଅସ୍ମିତା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଚୁପ୍ କାହିଁକି ବୋଲି କହି ଲଣ୍ଠନ ଧରି ଗୃହ ବାହାରେ ମୁଖ୍ୟମନ୍ତ୍ରୀଙ୍କୁ ଖୋଜିଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ସମ୍ମୁଖରେ ପ୍ରତିବାଦ ଜଣାଇବା ସହ ବିଧାନସଭା ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିଲା। ସେହିପରି କଂଗ୍ରେସ ମହିଳା ନିର୍ଯାତନାକୁ ପ୍ରସଙ୍ଗକରି ସରକାରଙ୍କ ଉପରେ ଗର୍ଜିଥିଲା। ଗୃହ ଭିତରେ ତୁମ୍ବିତୋଫାନ କରିବା ସହିତ ଗୃହ ବାହାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ବସି ପ୍ରତିବାଦ ଜଣାଇଥିଲା। ସେପଟେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିରୋଧୀଙ୍କୁ ଗୃହବାହାରେ କଡ଼ା ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ, ବିରୋଧୀଙ୍କ ଆଚରଣ ଓ ଉଚ୍ଚାରଣ ସୀମା ଟପିଛି।

ମଙ୍ଗଳବାର ପ୍ରଥମାର୍ଦ୍ଧରେ ୧୧ଟା ୦୩ ମିନିଟ୍‌ରେ ଗୃହ ମୁଲତବୀ ହେବା ପରେ ବିରୋଧୀ ବିଜେଡି ଏକ ଶୋଭାଯାତ୍ରାରେ ବାହାରି ପ୍ରଥମେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ପ୍ରତିବାଦ ଜଣାଇଥିଲା। ଏହି ସମୟରେ ବିଜେଡିର ବରିଷ୍ଠ ସଦସ୍ୟ ଅରୁଣ ସାହୁ ହାତରେ ଲଣ୍ଠନ ଧରି ବିଧାନସଭା ପରିସରରେ ସରକାର ବିରୋଧୀ ନାରା ଦେଇଥିଲେ। ସେ କହିଥିଲେ ଯେ, ଯେଉଁ ଭାଜପା ସରକାର ଅସ୍ମିତାର ଦ୍ୱାହି ଦେଇ ଶାସନକୁ ଆସିଛି ଆଜି ସେ ଓଡ଼ିଆ ଅସ୍ମିତା ଭୁଲିଯାଇଛି। ଓଡ଼ିଶାକୁ ବିଭାଜନ କରିବା ପାଇଁ ଭାଜପା ସଦସ୍ୟ ଏକ ସରକାରୀ ସଭାରେ ଖୋଲା ଆହ୍ୱାନ ଦେଉଥିବାବେଳେ ଓଡ଼ିଶାର ଅସ୍ମିତା ତଥା ଉତ୍କଳ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ ବେଳେ ଅସମ୍ମାନ ପ୍ରଦର୍ଶନ କରୁଛି। ଏ ସମ୍ପର୍କରେ ବିରୋଧୀ ମୁଖ୍ୟମନ୍ତ୍ରୀଙ୍କଠାରୁ ଜବାବ ଲୋଡୁଛନ୍ତି। ହେଲେ ସେ ତିନିଦିନ ହେଲା ଦେଖାଦେଉନାହାନ୍ତି, ତେଣୁ ତାଙ୍କୁ ଆମେ ଲଣ୍ଠନ ଧରି ଖୋଜୁଛୁ। ଏହି ଅବସରରେ ବିଜେଡିର ବରିଷ୍ଠ ସଦସ୍ୟ ପ୍ରତାପ ଦେବ କହିଥିଲେ, ସରକାରଙ୍କ ଅହଂକାର ବଢ଼ିଯାଇଛି। ସେଥିପାଇଁ ଓଡ଼ିଆ ଅସ୍ମିତାକୁ ଅସମ୍ମାନ କରିଚାଲିଛନ୍ତି। ସରକାରୀ ସଭାରେ ଉତ୍କଳ ସଙ୍ଗୀତ ଗାନ ବେଳେ ଭାଜପା ସଦସ୍ୟ ନିଜ ଆସନରେ ବସିରହିଲେ। ଉକ୍ତ ସଭାରେ କ୍ୟାବିନେଟ୍ ମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ଏହା କ'ଣ ଭାଜପାର ଅସ୍ମିତା ବୋଲି କହି ସେ ସରକାରଙ୍କୁ ପ୍ରଶ୍ନ କରିଥିଲେ।

ସେହିପରି ମହିଳା ନିର୍ଯାତନା ପ୍ରସଙ୍ଗକୁ ଅସ୍ତ୍ରକରି କଂଗ୍ରେସ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲା। ଏହି ସମୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ ଯେ, ସରକାର ସବୁ ସୀମା ଟପିଯାଇଛନ୍ତି। ମହିଳା ନିର୍ଯାତନା ପ୍ରସଙ୍ଗରେ ଆମେ ମୁଖ୍ୟମନ୍ତ୍ରୀଙ୍କଠାରୁ ଉତ୍ତର ଲୋଡୁଛୁ। ହେଲେ ସେ ନୀରବ ରହିଛନ୍ତି। ସେହିପରି ସଦସ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ, ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଲାଣି। ଦିନଦ୍ୱିପ୍ରହରେ ମହିଳାମାନଙ୍କ ଉପରେ ଅକଥନୀୟ ନିର୍ଯାତନା ହେଉଛି। ମହିଳା ହତ୍ୟାରେ ଓଡ଼ିଶା ରେକର୍ଡ ସୃଷ୍ଟିକଲାଣି। ଏ ସରକାର ମହିଳାଙ୍କୁ ସୁରକ୍ଷା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା, ହେଲେ ରାଜ୍ୟରେ ଆଜି ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ ବୋଲି କହି ବାହିନୀପତି ସରକାରଙ୍କ ଉପରେ ବର୍ଷିଥିଲେ।

ଅନ୍ୟପକ୍ଷରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ବିରୋଧୀ ଆଜି ଯେଉଁଳି ଅଶୋଭନୀୟ ଆଚରଣ ପ୍ରଦର୍ଶନ କଲେ ତାହା ଅସାମ୍ବିଧାନିକ। ଗୃହ ଭିତରେ ସୋମବାର ବାଚସ୍ପତିଙ୍କ ଉପରକୁ କାଗଜଗୁଳା ଫିଙ୍ଗିବା ସହିତ ମଙ୍ଗଳବାର ମୋ ଉପରକୁ ଆକ୍ରମଣସ୍ୱରୂପ ଅଶୋଭନୀୟ ଆଚରଣ ପ୍ରଦର୍ଶନ କଲେ। ବିରୋଧୀଙ୍କୁ ବିରୋଧ କରିବା ମନାନାହିଁ। ହେଲେ ତାଙ୍କ ନିକଟରେ କୌଣସି ପ୍ରସଙ୍ଗ ନ ଥିବାରୁ ଅଯଥାରେ ଗୃହ ଭିତରେ ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି। ରାଜ୍ୟ ସରକାର ସବୁପ୍ରକାର ଆଲୋଚନା ପାଇଁ ପ୍ରସ୍ତୁତ, ହେଲେ ବିରୋଧୀ ଆଲୋଚନାକୁ ଡରି ଏଭଳି ନାଟକବାଜି କରୁଛନ୍ତି ବୋଲି ମନ୍ତ୍ରୀ ମହାପାତ୍ର କହିଥିଲେ।

## ତାରାଙ୍କ କଲାର ଧରିଲେ ଜୟନାରାୟଣ

ଭୁବନେଶ୍ୱର,୧୧।୩ ରବିନାରାୟଣ ଜେନା)

ବିଧାନସଭାରେ ମଙ୍ଗଳବାର ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏକ ପ୍ରଶ୍ନର ଉତ୍ତର ରଖୁଥିବାବେଳେ କଂଗ୍ରେସର ବରିଷ୍ଠ ସଦସ୍ୟ ତାରାପ୍ରସାଦ ବାହିନୀପତି ମହିଳା ନିର୍ଯାତନା ପ୍ରସଙ୍ଗ ଉଠାଇ ମନ୍ତ୍ରୀଙ୍କୁ ହାତଯୋଡ଼ି ଉତ୍ତର ବନ୍ଦ କରିବାକୁ ଅନୁରୋଧ କରିଥିଲେ। ମାତ୍ର ମନ୍ତ୍ରୀ ତାଙ୍କ କଥା ନ ଶୁଣି ଉତ୍ତର ଜାରି ରଖିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବାହିନୀପତି ମନ୍ତ୍ରୀଙ୍କ ଡେସ୍କରେ ଥିବା କାଗଜ ଓ ମାଇକ୍ରୋଫୋନ୍ ଟଣାଭିଡ଼ା କରିଥିଲେ। ଏହି ସମୟରେ ଶାସକଦଳ ସଭ୍ୟ ହଠାତ୍ ତାରାଙ୍କ ଉପରକୁ ମାଡ଼ି ଆସିଥିଲେ। ଭାଜପାର ଜୟନାରାୟଣ ମିଶ୍ର ତାରାଙ୍କ ଶାର୍ଟ କଲାର ଧରି କିଛି ବାଟ ଘୋଷାଡ଼ି ନେଇଥିଲେ। ଏହି ଅବସରରେ କଂଗ୍ରେସ ଓ ଶାସକଦଳ ମଧ୍ୟରେ ଧସ୍ତାଧସ୍ତି ଓ ଠେଲାପେଲା ଜୋରଦାର ହୋଇଥିଲା।

## ୨ ବିଜେଡି ବିଧାୟକଙ୍କ ଆବେଦନ ହାଇକୋର୍ଟରେ ଖାରଜ

ଜଳେଶ୍ୱର, ନର୍ଲା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ହେବ

କଟକ,୧୧।୩(କାର୍ତ୍ତିକ ସାହୁ)

ଓଡ଼ିଶା ବିଧାନସଭାର ୨ ଜଣ ବିଜେଡି ବିଧାୟକ ତାଙ୍କ ବିରୋଧରେ ହୋଇଥିବା ୨୦୨୪ ନିର୍ବାଚନ ଅନିୟମିତତା ମାମଲାକୁ ଖାରଜ ପାଇଁ କରିଥିବା ଆବେଦନକୁ ହାଇକୋର୍ଟ ମଙ୍ଗଳବାର ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏହି ଆବେଦନକାରୀଦ୍ୱୟ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଓ କଳାହାଣ୍ଡି ଜିଲା ନର୍ଲା ବିଧାୟକ ମନୋରମା ମହାନ୍ତି। ଉଭୟ ବିଧାୟକ ହାଇକୋର୍ଟରୁ ନିରାଶ ହୋଇଛନ୍ତି। ସେମାନଙ୍କ ବିରୋଧରେ ହୋଇଥିବା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ଚାଲିବ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ଜଳେଶ୍ୱର ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର ୨୦୨୪ ନିର୍ବାଚନରେ ଅନିୟମିତତା କରିଥିବା ନେଇ ପରାଜିତ ଭାଜପା ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏହି ମାମଲାକୁ ଖାରଜ ପାଇଁ ବିଧାୟକ ହାଇକୋର୍ଟରେ ଏକ ପିଟିଶନ ଜରିଆରେ ଆବେଦନ କରିଥିଲେ। ସେହିପରି ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ବିରୋଧରେ ପରାଜିତ କଂଗ୍ରେସ ପ୍ରାର୍ଥୀ ଭକ୍ତ ଚରଣ ଦାସ ନିର୍ବାଚନ ଅନିୟମିତତା ମାମଲା ଦାଏର କରିଥିଲେ। ତେବେ ତାଙ୍କ ବିରୋଧରେ ଦାଏର ନିର୍ବାଚନ ଅନିୟମିତତା ମାମଲା ଅସତ୍ୟ, ଭିତ୍ତିହୀନ ଦର୍ଶାଇ ତାହାକୁ ଶୁଣାଣି ନ କରି ଖାରଜ କରିଦେବା ପାଇଁ ମନୋରମା ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ।


**CAREER APPOINTMENT** — ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385
Email : advt@dharitri.com

**WANTED**
କୋଣାର୍କରେ ଛୋଟ ଫାର୍ମ ହାଉସ ପାଇଁ ଗୋଟେ ବୟସ୍କ କେୟାର ଟେକର, ଯିଏକି ପନିପରିବା ଚାଷ କାମ ଜାଣିଥିବେ। ନିଜ ସ୍ତ୍ରୀ ସହ ରହିପାରିବେ।
Contact 9438674500, 0674-3561038

**ELECTRICIAN ଆବଶ୍ୟକ**
Bankର Electrical ଏବଂ LAN Wiring କାମରେ ଅଭିଜ୍ଞତା ଥିବା କୁଶଳୀ Electrician ଆବଶ୍ୟକ।
ଯୋଗାଯୋଗ: 9937888855

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

**REQUIREMENT**
**T.P HOTEL**
Market Square, Grand Road, Puri, Odisha
Requires Boys / Girls for Restaurant & Hotels
(1) INDIAN, CHINESE AND SOUTH INDIAN CHEF
(2) STEWARD BOY
(3) HOUSE KEEPING STAFF
(4) HELPER FOR KITCHEN
(5) FRONT OFFICE BOY
Pl. Contact following No.:
9437037032, 9937057190

See Career Appointment on every Wednesday & Saturday

**RECRUITMENT ADVERTISEMENT**
The following Farmer Producer Organizations (FPOs) invite applications for the positions of Chief Executive Officer (07 Nos.) and Accountant-cum-MIS (08 Nos.) on a purely temporary basis:
1. Churapahada Budharaja Farmer Producer Company Limited, Regd. No. U01130OD2024PTC046957.
2. Uttareswar Mahadev Farm Producer Company Limited, Regd. No. U01130OD2024PTC046388.
3. Narla Farm Producer Company Limited, Regd. No. U01139OD2024PTC045216.
4. Jaya Sachidanandam Farm Producer Company Limited, Regd. No. U01139OD2024PTC045026.
5. Tkanasukuli Farmers Producer Company Limited, Regd. No. U01611OD2025PTC048357.
6. Ekagrata Makka Mission Farmers Producer Company Limited, Regd. No. U01611OD2025PTC047973.
7. Lanjigarh Makka Producer Company Limited, Regd. No. U01611OD2025PTC047763.
8. Kalahandi Food and Craft Producer Company Limited, Regd. No. U01100OR2021PTC038248.

The detailed eligibility criteria, qualifications, experience, consolidated pay, role responsibilities and recruitment process are available on the official website: **https://kalahandi.odisha.gov.in/**. The last date for receiving applications: **24th March 2025**. The authorities reserve the right to cancel, reject or amend any of the clauses mentioned.
Chairpersons of the above - Mentioned FPOs

**ଧରିତ୍ରୀ** DHARITRI Oriya daily — 51 Years
**WANTED**

| POSITION | ELIGIBILITY | LOCATION |
|---|---|---|
| ACCOUNTS EXECUTIVES | ▸ Candidates should have at least 3 years+ experience in the field of Accounts. ▸ Experience should include cash register maintenance, day to day accounting, MIS, Verification of Bills and Tally entry. ▸ Proficiency in MS Excel, MS Word & Tally is a must. | BHUBANESWAR |
| CIRCULATION EXECUTIVES | ▸ 2-3 years sales experience in print media. ▸ Oversee distribution to subscribers, retailers & customers. ▸ Willingness to travel & keep in touch with agents. Collection of outstanding dues. Own bike or transport will be preferred. ▸ Proficiency in MS-Office. | BHUBANESWAR |
| LAYOUT DESIGNERS (ADVERTISEMENT) | ▸ Candidate should have expertise in Ad Layout & Designing of pages for print media. ▸ Minimum 3 years + experience in print media. ▸ Proficiency in InDesign, Photoshop, MS Office & CorelDRAW is a must. ▸ Well-versed in Odia, English & Hindi typing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com



**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା–୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: **କ୍ର.ସଂ.:** ୧; **ଟେଣ୍ଡର ନଂ.:** ବିଆର୍‌-ଏଚ୍‌କ୍ୟୁ-କେଜିପି-୨୪-୨୫-୩୩; **କାର୍ଯ୍ୟର ବର୍ଣ୍ଣନା:** "ଖଡ଼ଗପୁର ମଣ୍ଡଳର ଏଏକ୍ସଇଏନ୍/ବିଆର୍‌ଏଲ୍/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ହାଓଡା–ଖଡ଼ଗପୁର ସେକ୍ସନ ଷ୍ଟିଲ ଗିର୍ଡର ବ୍ରିଜ୍‌ଗୁଡ଼ିକରେ ୟୁ୧–ଏମ୍୧ ଏବଂ ୟୁ୧୩–ଏମ୍୧୩ ମେମ୍ବର୍ସ ବ୍ୟତୀତ ବ୍ରିଜ୍ ନଂ. ୫୭ ଅପ୍ (୪x୩୦.୫ ମିଟର + ୭x୯୧.୬ ମିଟର) ୟୁ୧–ଏମ୍୧ ଏବଂ ୟୁ୧୩–ଏମ୍୧୩ ଏବଂ ବ୍ରିଜ୍ ନଂ. ୫୭ ଡାଉନ୍ (୪x୩୦.୫ ମିଟର+୭x୯୧.୬ ମିଟର)ର ରେଟ୍ରୋଫିଟିଂ ଏବଂ ସୁଦୃଢ଼ୀକରଣ।" **ଟେଣ୍ଡର ମୂଲ୍ୟ:** ₹୨,୦୬,୫୩,୫୯୨.୨୬; **ଅମାନତ ରାଶି (ଟ.):** ₹୨,୫୩,୩୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ (ଟ.):** ଶୂନ୍ୟ; **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୨।୦୪।୨୦୨୫ରିଖ ୧୧.୩୦ ଘଟିକା; **ସମାପ୍ତି ଅବଧି:** ୮ ମାସ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-1222)

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-236
**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ସମ୍ବଲପୁର କୋଚିଙ୍ଗ ଡିପୋରେ ପାୱାର କାର୍ ରେ ସଜ୍ଜିତ KOEL ନିର୍ମିତ DA ସେଟ୍ ଅର୍ଥାତ B-ଚେକ୍, C-ଚେକ୍ ଏବଂ D2ର ବାର୍ଷିକ ସିଡ୍ୟୁଲ୍ ରକ୍ଷଣାବେକ୍ଷଣ ଚୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,04,93,614.53, EMD : ₹ 2,02,500/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ତିନି ବର୍ଷ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.04.04.2025ରିଖ 1530 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-1067/P/24-25

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. 61/ET/SBP/ENGG/2024-25, ତା.27.02.2025ରିଖ
(1) ଇ-ଟେଣ୍ଡର ସଂ.39-eT-SDENW-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ ପରିସୀମା ଅଧୀନସ୍ଥ ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ ବିଭିନ୍ନ ଷ୍ଟେସନ ୟାର୍ଡରେ କ୍ଷତିଗ୍ରସ୍ତ କ୍ରସିଙ୍ଗର ରୋବୋଟିକ୍ ରିକଣ୍ଡିସନିଙ୍ଗ୍।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 84,41,524.00, ବିଡ୍ ସିକ୍ୟୁରିଟୀ : ₹ 1,68,900/-
(2) ଇ-ଟେଣ୍ଡର ସଂ.41-eT-SDENW-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ସମ୍ବଲପୁର ଏବଂ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ ସମ୍ବଲପୁର ପରିସୀମା ଅଧୀନସ୍ଥ ବିଭିନ୍ନ ଷ୍ଟେସନ ୟାର୍ଡରେ H3C ଇଲେକ୍ଟ୍ରୋଡ୍ ଦ୍ୱାରା କ୍ଷତିଗ୍ରସ୍ତ ପଏଣ୍ଟଗୁଡ଼ିକର ରିକଣ୍ଡିସନିଙ୍ଗ୍ ଏବଂ ଅନ୍ୟ ସମ୍ବନ୍ଧିତ କାର୍ଯ୍ୟସମୂହ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 72,39,198.08, ବିଡ୍ ସିକ୍ୟୁରିଟୀ : ₹ 1,44,800/-
(3) ଇ-ଟେଣ୍ଡର ସଂ.58-eT-DENS-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ ଦକ୍ଷିଣ ଏବଂ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ ପରିସୀମା ଅଧୀନସ୍ଥ ବିଭିନ୍ନ ସ୍ଥାନରେ 60KG/60EI - R260 ରେଲ୍ ନିମନ୍ତେ ଏଲୁମିନୋ ଥର୍ମିକ (Alumino Thermic) ୱେଲ୍ଡିଙ୍ଗ ଅଂଶର ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,75,32,827.07, ବିଡ୍ ସିକ୍ୟୁରିଟୀ : ₹ 2,37,700/-
କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂଖ୍ୟା 1 ଓ 2 ପାଇଁ) ଏବଂ 18 (ଅଠର) ମାସ (କ୍ରମ ସଂଖ୍ୟା 3 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 28.03.2025, 1500 ଘଟିକା (ସମସ୍ତ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-1058/P/24-25

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**
शुद्धि – पत्र
इस प्रमण्डलान्तर्गत आमंत्रित ई–पुनर्निविदा आमंत्रण सूचना संख्या– RDD/SD/BOKARO/41/ 2024-25/GR_03/RE जिसकी पी० आर० संख्या– 346394 Rural Development (24-25):D है, को अपरिहार्य कारणवश स्थगित किया जाता है।
कार्यपालक अभियंता
ग्रामीण विकास विशेष प्रमंडल
बोकारो
PR 348330 Rural Development(24-25).D

Your classified advertisement published in Dharitri will be listed free in Dharitri online edition : **www.dharitri.com**



**NOTICE**
**IN THE DEBTS RECOVERY TRIBUNAL: CUTTACK**
**C-71, Sector-7, CDA, Cuttack-753014**
**O.A No. 645 of 2024**

**Bank of India, Rourkela Branch** ...Applicant
Versus
**M/s. Graphic Zone and others** ...Defendants
To
1. **M/s. Graphic Zone,** Partnership Firm At: Shop No.: 2, 1st Floor, Razak Talkies Complex, Main Road, Rourkela, PIN-769001, District: Sundargarh, PAN No.: AAVF3650P Represented by its Prop.: Mohammed Irfan
2. **Mr. Mohammed Irfan Ekhlaque,** S/o.: Mohammed Ekhlaque, At: RDA 4/12, Mahatab Road, Plant Side, P.O.: Rourkela, District: Sundargarh, PIN-769001
3. **Mrs. Sana Arju,** C/o: Mohammed Irfan, Ekhlaque At: RDA 4/12, Mahatab Road, Plant Side, P.O.: Rourkela, District: Sundargarh, PIN-769001

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 645 of 2024** in the court of Debts Recovery Tribunal at cuttack for recovery of **Rs.35,69,833/-** only together with current and future interest, costs and other reliefs. The above mentioned defendants are therefore hereby directed to appear before the Registrar of this Tribunal in person or through an Advocate or duly authorized agent, in support of their defence to show cause on Dt of **23/05/2025** at **10:30 A.M** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **10th day of March 2025.**

Sd/- Registrar,
Debts Recovery Tribunal, Cuttack
(Nikhila Ranjan Pati)

**Jharkhand Urja Sancharan Nigam Ltd.**
**(CIN: U40108JH2013SGC001704)**
**Regd. Office: 2nd Floor, JUSNL (SLDC) Building, Kusai Colony, Doranda, Ranchi-02 (E-mail:cetjusnl@gmail.com)**

**SHORT e-TENDER NOTICE**
NIT No.–551_/PR/JUSNL/2024-25
E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works :-

| | |
|---|---|
| Name of work | Deployment of surveyor to carry out detailed survey & estimate for the transmission line required for 04 nos. Railway owned TSS at Tatisilwai, Lodhma, Lohardaga & Bano in connection with 2x25 kV up gradation work. |
| Estimated cost (Rs.) | Rs. 25,80,559.00 (including GST) |
| Earnest Money Deposit | Rs. 51,700.00 On line mode |
| Completion Period | 45 Days |
| e-Tender fee | Rs. 5,000.00 + 18% GST On line mode. |
| Start Date & Time of Download the Tender Documents | 10.03.2025 at 11:00 AM |
| Start Date and time of upload of BID | 10.03.2025 at 11:00 AM |
| End date and time of upload of BID | 24.03.2025 upto 04:00 PM |
| BID Opening date for technical part | 25.03.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।

Sd/-
General Manager,
C&M (NWBP)
PR 348356 Jharkhand Urja Sancharan Nigam Ltd(24-25)#D



**कार्यालय मुख्य अभियंता**
**लोक स्वास्थ्य यांत्रिकी विभाग, रायपुर परिक्षेत्र, रायपुर (छ.ग.)**
**ई-प्रोक्योरमेंट निविदा सूचना**
एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदार से प्रपत्र "ए" में प्रतिशत दर पर कार्य हेतु ऑनलाईन निविदा आमंत्रित की जाती है:-

| क्रं | निविदा आमंत्रण क्र./दिनांक | सिस्टम नं. | निविदा आमंत्रण | जिला | कार्य का विवरण | अनुमानित लागत (रू. लाख में) | ठेकेदारो की श्रेणी |
|---|---|---|---|---|---|---|---|
| 1 | 34/07.03.2025 | 165191 | प्रथम | रायपुर | ग्राम भिलाई में स्थित रिजर्व फोर्स पुलिस कैम्प में पेयजल व्यवस्था कार्य हेतु | 1169.18 | अ एवं उच्च |

Important Events and Time Schedule - Date of Calling NIT - 07.03.2025, Bid Start Date: 11.03.2025, Pre Bid meeting Date: 17.03.2025, Bid due Date: 01.04.2025, PHY Doc. submission Last Date: 03.04.2025, PQ Document Download Date; 03.04.2025.

नोट: उपरोक्त निर्माण कार्यो की निविदा की सामान्य शर्तों, धरोहर राशि, विस्तृत निविदा विज्ञप्ति, निविदा दस्तावेज व अन्य जानकारी ई-प्रोक्योरमेंट वेबपोर्टाल **https://eproc.cgstate.gov.in** में उक्त निविदा दिनांक 10.03.2025 से देखी जा सकती है।

स्वा./- अधीक्षण अभियंता (प्रकोष्ठ प्रभारी)
राज्य स्तरीय निविदा प्रकोष्ठ
कार्यालय मुख्य अभियंता,
लो.स्वा.यां विभाग, परिक्षेत्र, रायपुर (छ.ग.)
G-242505857/4

**DIST; DHANBAD (JHARKHAND) PIN: 828123**
e-tender Notice
BIT/Poly/19R/2024-25/Min1
Reference Number: BIT/Poly/19R/2024-25/Min1 Dated :- 08-03-2025
Tender ID: 2025_DHTE_99326_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply of Mining Engineering Lab Equipments for different Govt. Polytechnic 1 |
| 3 | Document download start date | 11.03.2025 |
| 4 | Document download end date | 26.03.2025 |
| 5 | Bid submission end date | 26.03.2025 |
| 6 | Bid opening date | 27.03.2025 |

Bidders must bid through e-tenders portal.
B.I.T. Sindri, Dhanbad wishes to purchase Laboratory Equipments for different Govt. Polytechnics in Jharkhand.
Further details can be seen on website:- https://jharkhandtenders.gov.in
Sd/- Director, B.I.T., Sindri
PR 348325 Higher Education, Technical Education and Skill Development Department (24-25)_D

## ସଂକ୍ଷେପରେ

### ମନ୍ଦିର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ରିଷିଡ଼ା, ୧୧।୫ (ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବ ଶକ୍ତି ପୀଠଠାରେ ମନ୍ଦିର ଉନ୍ନତୀକରଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣା, ମୁରଲୀଧର ରଣା ଯୋଗଦେଇଥିଲେ। ପୂଜା କମିଟି ସଭାପତି କୈଳାସ କୁମୁରା, ସମ୍ପାଦକ ସୁଶାନ୍ତ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ହୃଦାନନ୍ଦ ମଲ୍ଲିକ, ପ୍ରସନ୍ନ ରଣା, ସୂର୍ଯ୍ୟମଣି ରଣା, ମହିମା ରଣା ପ୍ରମୁଖ ଯୋଗଦେଇଥିଲେ।

### ବାଳିକା ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ

**ଖଡ଼ିଆଳ, ୧୧।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କିଶୋର ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଡିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ମୁଖ୍ୟଅତିଥି, ଖଡ଼ିଆଳ ବିଇଓ କାହ୍ନୁ ଚରଣ ନାଏକ ବିଶିଷ୍ଟ ଅତିଥି, ଏବିଇଓ ଜୟଦେବ ପଣ୍ଡା ମୁଖ୍ୟବକ୍ତା, ପୂର୍ବତନ ଏବିଇଓ ମୋତିଲାଲ ବେହେରା, ସିଆର୍‌ସିସି ରଜନୀକାନ୍ତ ଯୋଶୀ, ଖବରଦାତା କୁନୁ କରୁଆଁ, କାଉନସିଲର ସୁବେର ସିଂଦେଓ, ସ୍କୁଲ ପରଚାଳନା କମିଟି ସଭାପତି ବିଜୟ କୁମାର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଅଗସ୍ତି ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ପ୍ରଣତି ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଶିକ୍ଷୟତ୍ରୀ ସୁମିତ୍ରା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ୨୧ରେ ବୁର୍ଡା ପାକ୍ସ ସାଧାରଣ ପରିଷଦ ବୈଠକ

**ଲୋଇସିଂହା, ୧୧।୩(ସୁଶାନ୍ତ ବାରିକ):** ମଙ୍ଗଳବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତିର (ପାକ୍ସ)ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୋର୍ଡ ସଭାପତି ବାଳଗୋପାଳ ସାହୁ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୧ ତାରିଖରେ ବୁର୍ଡା ପଞ୍ଚାୟତ ଅନ୍ତର୍ଗତ ସିଆଳବାହାଲିଠାରେ ପାକ୍ସ ଅଧୀନ ଚାଷୀଙ୍କୁ ନେଇ ବାର୍ଷିକ ସାଧାରଣ ପରିଷଦ ବୈଠକ ହେବାକୁ ବୃତାନ୍ତ ହୋଇଛି। ପ୍ରାରମ୍ଭରେ ସମ୍ପାଦକ ଘନଶ୍ୟାମ ପୁଟା ସଂଯୋଜନା କରି ବୈଠକର ଆଭିମୁଖ୍ୟ ଓ ଖରିଫ ଧାନ କ୍ରୟ ସମ୍ପର୍କରେ ସୂଚନା ପ୍ରଦାନ କରିଥଲେ। ଗତ ଖରିଫରେ ଧାନ ବିକ୍ରି ପାଇଁ ପାକ୍ସ ଅଧୀନ ଗ୍ରାମର ୫୪୯ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ସେଥିମଧ୍ୟରୁ ୫୩୯ ଜଣ ଚାଷୀଙ୍କ ଠାରୁ ୧୯ ହଜାର ୪୫୩ କୁଇଣ୍ଟାଲ ୪୨ କେଜି କ୍ରୟ ହୋଇଥିବା ଜଣାଇଛନ୍ତି ଏହାବାଦ ୧୦ ଜଣ ଚାଷୀ ବିଭିନ୍ନ କାରଣରୁ ଧାନ ବିକ୍ରି କରିପାରିନାହାନ୍ତି । ସେଟେଲାଇଟ ସର୍ଭେ ବେଳେ ପଞ୍ଜୀକୃତ ଜଣେ ଚାଷୀ ତାଙ୍କ ଜମିରେ ଚାଷ କରି ନ ଥିବା ଜଣାପଡିଥିଲା। ଏହାବ୍ୟତୀତ ୯ ଜଣ ଚାଷୀଙ୍କ ଟୋକନ ଲାପ୍ସ ହୋଇଥିବା ସେ ସୂଚନା ଦେଇଥିଲେ।

# ଓଡ଼ିଆ ହେଉଛି ବଳିଷ୍ଠ, ସମୃଦ୍ଧ ଭାଷା

**ଭବାନୀପାଟଣା, ୧୧।୩(ଉତ୍ତମ କୁମାର ଦାଶ)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ପକ୍ଷରୁ ମଙ୍ଗଳବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ-୨୦୨୫ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱ କରିଥିଲେ। ଆରମ୍ଭରେ ଓଡ଼ିଆ ବିଭାଗର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଓଡ଼ିଆ ହେଉଛି ଏକ ବଳିଷ୍ଠ, ସମୃଦ୍ଧ ତଥା ମୌଳିକ ଭାଷା ବୋଲି କୁଳପତି ନାଥ ନିଜ ବକ୍ତବ୍ୟରେ କହିଥିଲେ। କୁଳସଚିବ ପୀତାମ୍ବର ଭୋଇ ଭାଷା ବଞ୍ଚିଲେ ଜାତି ବଞ୍ଚିବ ବୋଲି ମତବ୍ୟକ୍ତ କରିଥିଲେ। ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଓଡ଼ିଆ ଭାଷାର ପ୍ରାଚୀନତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସହକାରୀ ପ୍ରଫେସର ଡୋଳାମଣି ଧରୁଆ ସ୍ୱାଗତ ସମ୍ଭାଷଣ ଦେଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ପ୍ରତାପ କୁମାର ସେନାପତି ବକ୍ତା ରୂପେ ଯୋଗଦାନକରି ଓଡ଼ିଆ ଭାଷାର ଶାସ୍ତ୍ରୀୟ ଲକ୍ଷଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶାସ୍ତ୍ରୀୟ ମାନ୍ୟତା ପାଇଁ ଓଡ଼ିଆ ଭାଷାର ପ୍ରାଚୀନତା ସହିତ ଓଡ଼ିଶାର ପ୍ରାଚୀନ ସଂସ୍କୃତି ଓ ଇତିହାସକୁ ମାନଦଣ୍ଡ ଭାବରେ ଗ୍ରହଣ କରାଯାଇଥିଲା ବୋଲି ସେ କହିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ବାଲ୍ମୀକି କରୁଆଁ ମଞ୍ଚ ପରିଚାଳନା କରିଥିବାବେଳେ ଡ. ସାଗରିକା ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ଅଧ୍ୟାପିକା ରେଣୁକା ଡାକୁଆ, ଅଧ୍ୟାପକ ଟିକେରାମ କୁମ୍ଭାର, ରାମଶଙ୍କର ମେହେର, ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ନକୁଳ ଚରଣ ମାଝୀ, ହିନ୍ଦୀ ବିଭାଗର ଅଧ୍ୟାପକ ଉଦୟନାଥ ପଧାନଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଖାଉଟି ଅଦାଲତରେ ବୀମା କମ୍ପାନୀ ଦଣ୍ଡିତ

**ଭବାନୀପାଟଣା, ୧୧।୩(ଉତ୍ତମ କୁମାର ଦାଶ)**

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ପ୍ରଦାନରେ ଅବହେଳା ପାଇଁ ୟୁନାଇଟେଡ୍ ଇନ୍‌ସ୍ୟୁରାନ୍ସ (ବୀମା) କମ୍ପାନୀ କଳାହାଣ୍ଡି ଜିଲା ଖାଉଟି ଅଦାଲତରେ ଦଣ୍ଡିତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଦେପୁର ଗାଁର ମମତା ଗୌଡ଼ଙ୍କ ବୀମା ପାଇଁ ସ୍ଥାନୀୟ ୟୁନିୟନ ବ୍ୟାଙ୍କରେ ଥିବା ତାଙ୍କ ଜମାଖାତାରୁ ୧୨ ଟଙ୍କା ପ୍ରିମିୟମ ବାବଦକୁ ଜମା କରାଯାଇଥିଲା। ତେବେ ଡିସେମ୍ବର ୨୦୨୨ରେ ଏକ ରେଳ ଦୁର୍ଘଟଣାରେ ମମତାଙ୍କ ମୃତ୍ୟୁ ହୋଇଥିଲା। ପରେ ମମତାଙ୍କ ମନୋନୀତ ବ୍ୟକ୍ତି ସନ୍ତୋଷ ଗୌଡ଼ ବ୍ୟାଙ୍କ ମାଧ୍ୟମରେ ଆବଶ୍ୟକ କାଗଜପତ୍ର ଦାଖଲକରି ଆକସ୍ମିକ ଦୁର୍ଘଟଣାଜନିତ ସୁବିଧା ପ୍ରଦାନ ପାଇଁ ଦାବି ଜଣାଇଥିଲେ। ହେଲେ ବର୍ଷେ ପରେ ମଧ୍ୟ ଇନ୍‌ସ୍ୟୁରାନ୍ସ କମ୍ପାନୀ କୌଣସି ଉତ୍ତର ଦେଲା ନାହିଁ। ଏଣୁ ସନ୍ତୋଷ ଆଇନଜୀବୀ ଏସ୍.କେ. ପଣ୍ଡା ଓ ସହଯୋଗୀଙ୍କ ମାଧ୍ୟମରେ କଳାହାଣ୍ଡି ଜିଲା ଖାଉଟି ଅଦାଲତରେ ଦ୍ୱାରସ୍ଥ ହୋଇଥିଲେ। ଜିଲା ଖାଉଟି ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ ପାତ୍ର ଓ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାରକରିଥିଲେ। ସମସ୍ତ ପ୍ରମାଣ ଓ ଉଭୟ ପକ୍ଷଙ୍କ ଶୁଣାଣି ପରେ ୪୫ ଦିନ ମଧ୍ୟରେ ପୀଡ଼ିତ ପକ୍ଷଙ୍କୁ ସୁଧ ସହ ୨ଲକ୍ଷ ଟଙ୍କା କ୍ଷତିପୂରଣ ଓ ମକଦ୍ଦମା ଖର୍ଚ୍ଚ ବାବଦକୁ ୧୫ ହଜାର ଟଙ୍କା ଦେବାକୁ ଖାଉଟି ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଫଳରେ ୟୁନାଇଟେଡ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଗତ ସପ୍ତାହରେ ସନ୍ତୋଷଙ୍କୁ ୨,୨୨, ୪୨୭ ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମକରି ମିଳୁନି ପାଉଣା



ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାଟିକାମ କରିଥିବା ଶ୍ରମିକମାନେ।

**ନୂଆପଡ଼ା, ୧୧।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକମାନଙ୍କୁ କାମ ଯୋଗାଇ ପ୍ରବାସୀ ଶ୍ରମିକ ରୋକିବାରେ ସହାୟକ ହୋଇଛି ବୋଲି ପ୍ରଶାସନ କହୁଛି। ହେଲେ ଏହି ଯୋଜନାରେ କାମକରି ମଧ ଦୀର୍ଘ ୩ ବର୍ଷ ହେବ ପାଉଣା ନ ପାଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି ବହୁ ଶ୍ରମିକ। ଏଭଳି ଦୃଶ୍ୟ ନୂଆପଡ଼ା ସଦର ବ୍ଲକ୍ ଟାନ୍‌ୱାଟ ପଞ୍ଚାୟତରେ ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଟାନ୍‌ୱାଟ ପଞ୍ଚାୟତ ଟାନ୍‌ୱାଟ ଗାଁର ହିତାଧିକାରୀ ହେମୁ କୁମାର ନିଆଲ ୨୦୨୧-୨୨ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପଞ୍ଚାୟତ ତରଫରୁ ଏକ ଚହଲା (ଫାର୍ମପଣ୍ଡ) ଖନନ ପାଇଁ ଅର୍ଥ ମଞ୍ଜୁର ହୋଇ ଖନନ କାର୍ଯ୍ୟ ଆରମ୍ଭ କଲେ। ହେଲେ ଆଜକୁ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଚହଲା ଖନନରେ ନିୟୋଜିତ ଶ୍ରମିକଙ୍କୁ ପାଉଣା ମିଳିନାହିଁ। ଟାନ୍‌ୱାଟ ଗାଁର ଶ୍ରମିକ ଗୋବର୍ଦ୍ଧନ ରାଉତ ୨୪ ଗୋଦି, ସତ୍ୟଭାମା ରାଉତ ୨୪ ଗୋଦି, ସୁଶୀଳା ରାଉତ ୧୪ ଗୋଦି, ପେକଲାଲ ସାହୁ ୧୧ ଗୋଦି, ଭିକୁରାମ ସାହୁ ୧୫ ଗୋଦି, କାଶୀରାମ ରାଉତ ଓ ରଇବାରୀ ରାଉତ ୧୬ ଗୋଦି, ରାମଦେଓ ସାହୁ ୨୩ ଗୋଦି, ଆଶାରାମ ସାହୁ ୩୩ ଗୋଦି, ଛବି ସାହୁ ୨୧ ଗୋଦି, ରଜନୀ ରାଉତ ୮ ଗୋଦି, ହଳଧର ସାହୁ ୧୪ ଗୋଦି, ପିଲି ରାଉତ ୧୦ ଗୋଦି, ଗଣେଶୀ ସାହୁ ୭ ଗୋଦି, ରଜନୀ ସାହୁ ୧୨ ଗୋଦି, ଗିରିବର ସାହୁ, ବିଶାଳ ରାଉତ, ରାଜାରାମ ରାଉତ ପ୍ରମୁଖ ମାଟି କାମ କରି ପାଉଣା ପାଇନାହାନ୍ତି। ବର୍ଷ ବର୍ଷ ଧରି ପାଉଣା ନ ପାଇ ସେମାନଙ୍କ ପରିବାର କିପରି ଚଳୁଥିବେ ତାହା ସହଜେ ଅନୁମେୟ । ଶୀଘ୍ର ସେମାନଙ୍କ ପାଉଣା ପ୍ରଦାନ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ସଦର ବ୍ଲକ୍ ବିଡିଓ ରୋହିତ ଭୋଇଙ୍କୁ ପଚାରିବାରୁ ଏହାର ତଦନ୍ତକରି ଶୀଘ୍ର ଶ୍ରମିକମାନଙ୍କୁ ପାଉଣା ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

### ସିକନ୍ଦରାବାଦରୁ ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଲୋଇସିଂହା, ୧୧।୩(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳରୁ ଅପହୃତ ଜଣେ ନାବାଳିକାଙ୍କୁ ସ୍ଥାନୀୟ ପୋଲିସ ସିକନ୍ଦରାବାଦରୁ ଉଦ୍ଧାର କରିବା ସହିତ ଅପହରଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଧଉଁରାଦାଦର ଗ୍ରାମର ବିନୋଦ ଘେସରା। ମଙ୍ଗଳବାର ଅଭିଯୁକ୍ତ ବିନୋଦଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ବିନୋଦ କିଛି ଦିନ ତଳେ ଲୋଇସିଂହା ଅଞ୍ଚଳର ଯୁକ୍ତ ଦୁଇ ଶ୍ରେଣୀରେ ପାଠ ପଢୁଥିବା ଜଣେ ନାବାଳିକାଙ୍କୁ ନେଇ ଫେରାର ହୋଇ ଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ତାଙ୍କ ଝିଅକୁ ଅପହରଣ କରାଯିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ନାବାଳିକା ଓ ଅଭିଯୁକ୍ତଙ୍କୁ ସିକନ୍ଦରାବାଦରୁ ଉଦ୍ଧାର କରିଥିଲା । ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




ଶିବିରରେ ଉପସ୍ଥିତ ଅଧିକାରୀ ଓ ରକ୍ତଦାତାମାନେ।

**ନୂଆପଡ଼ା, ୧୧।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା ବୋଡେନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୯ ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାପାଳ ମଧୁସୂଦନ ଦାସ ଅଭିଯୋଗ ଉପରେ ଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଖଡିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଉପଖଣ୍ଡ ପୋଲିସ ଅଧିକାରୀ ଖଡିଆଳ ମର୍ଶରାଣୀ ପୂର୍ତ୍ତି, ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ନାଗ, ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଉମାକାନ୍ତ ମେହେର, ବିଡିଓ ସୁଶାନ୍ତ କୁମାର ରଣା, ତହସିଲଦାର ସରିତା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଡା. ସଞ୍ଜିବ ନାଏକ, ଡା. ବିଶ୍ୱଜିତ ପଡିହାରି, ଡା. ଅନୁପ ଅଗ୍ରୱାଲ ପ୍ରମୁଖ ଚିକିତ୍ସାସେବା ଯୋଗାଇଥିଲେ।

## ସିକେରକୁପା ସିଆର୍‌ପିଏଫ୍ ଦ୍ୱାରା ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଲାଞ୍ଜିଗଡ, ୧୧।୩ (ରମେଶ ଚନ୍ଦ୍ର ନାୟକ)**



ତାଲିମ ଗ୍ରହଣ କରୁଥିବା ମହିଳାମାନେ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ସିକେରକୁପା ୬୪ ବାଟାଲିଅନ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ଦ୍ୱାରା ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ୧୫ ଦିନିଆ ଟେଲରିଂ ତାଲିମ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମକୁ ଡେପୁଟି ଇନ୍ସପେକ୍ଟର ଜେନେରାଲ ରେଞ୍ଜ ସମ୍ବଲପୁରର ଦଲିପ କୁମାର ଅନ୍ୱେଶ ଉଦ୍‌ଘାଟନ କରିଥିଲେ। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବାହିନୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି, ସ୍ଥାନୀୟ ମହିଳାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅନ୍ୱେଶ କହିଥିଲେ। ଏହା ଦ୍ୱାରା କଳାହାଣ୍ଡି ଜିଲାର ବହୁ ଗରିବ ଓ ବିଧବା ମହିଳା ଉପକୃତ ହେବାର ଆଶା କରାଯାଉଛି। ତାଲିମ କାର୍ଯ୍ୟକ୍ରମରେ ୨୦ ଜଣ ମହିଳା ଅଂଶଗ୍ରହଣ କରିଛନ୍ତି। ତାଲିମ ସମାପ୍ତ ହେବା ପରେ ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଟେଲରିଂ ମେଶିନ ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ-୬୪ ବାଟାଲିୟନ ପଙ୍କଜ ଚୌଧୁରୀ, ଦ୍ୱିତୀୟ-ଇନ-କମାଣ୍ଡ ପି.କେ. ମିଶ୍ର, ଡେପୁଟି କମାଣ୍ଡାଣ୍ଟ ଇନ୍ସପେକ୍ଟର/ଜିଡି ସଚ୍ଚିଦାନନ୍ଦ ପାତ୍ର, ୬୪ ବାଟାଲିଅନ ସିଆର୍‌ପିଏଫ୍ ରଞ୍ଜନ କୁମାର ସିଂହ, ସିକେରକୁପା ଫାଣ୍ଡି ଅଧିକାରୀ ମିନିକେତନ ଶବର, ଟେଲରିଂ ପ୍ରଶିକ୍ଷକ ପ୍ରିତିସ୍ମିତା ମହାପାତ୍ର, କଦମଗୁଡ଼ା ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପଲମ, ୧୧।୩ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଟକର୍ଲା ପଞ୍ଚାୟତସ୍ଥିତ ଆଲିମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜଗନ୍ନାଥ ମାଝୀଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବରେ ସିଆର୍‌ସିସି ତିଲେଶ୍ୱର ରଣା, ଖଇରମାଲ ସ୍କୁଲର ପ୍ରଧାନ ଶିକ୍ଷକ ଯୁବରାଜ ଜାନି, ମହଗାଁ ସ୍କୁଲ ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ହର[illegible] ସ୍କୁଲ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମାଝୀ, ଆଲିମ ସ୍କୁଲ କମିଟି ସଭାପତି ମଙ୍ଗୁଲୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶେଷଦେବ ନାଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଉଦ୍‌ଯାପିତ



ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିମାନେ।

**କର୍ଲାମୁଣ୍ଡା, ୧୧।୩ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର [illegible] ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା [illegible] ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ସା ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣ ଲତା ସାହୁ ମୁଖ୍ୟ ଅତିଥି, ଭାରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରୋହିତ କୁମାର ରଣା ମୁଖ୍ୟ ବକ୍ତା ଓ କର୍ଲାମୁଣ୍ଡା ଖ ଯୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଏବିଇଓ ଗୋପମଣୀ ସାହୁ, ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ କେସିଙ୍ଗା ବ୍ଲକ ତୁଣ୍ଡଲା ସିଆର୍‌ସିସି ଗୋପାଳ ପଧାନ, କାଣ୍ଡେଲ ସିଆର୍‌ସିସି ଅଶୁତୋଷ ଭୋଇ ରହିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ସମ୍ମାନିତ ଅତିଥି ଭାବେ ତହସିଲଦାର ଅରୁଣ ବର୍ଗେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

**୧୩ ବ୍ଲକର ୧୩ ଲକ୍ଷପତି ଦିଦି ସମ୍ବର୍ଦ୍ଧିତ**

**ଭବାନୀପାଟଣା, ୧୧।୩(ଉତ୍ତମ କୁମାର ଦାଶ)**




ଜଣେ ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ମଙ୍ଗଳବାର ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ପ୍ରଶାସନ, ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଜିଲାପାଳ ପାୱାର ସଚିନ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ଚନ୍ଦନ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ ଜିଲାରେ ଲକ୍ଷପତି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ସୂଚନା ଦେବା ସହ ଲକ୍ଷପତି ଦିଦି ନିମନ୍ତେ ମହିଳାମାନଙ୍କ ତାଲିମ, ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ମୁଖ୍ୟ ଅତିଥି ଜିଲାପାଳ ପ୍ରକାଶ ମହିଳାମାନଙ୍କୁ ଲକ୍ଷପତି ଦିଦି ବିକାଶ ଯୋଜନାରେ ସାମିଲ ହେବା ପାଇଁ ସରକାରଙ୍କ ପଦକ୍ଷେପ, ଜୀବିକା ମିଶନର ବିକାଶ ବିଷୟରେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲାର ୧୩ ବ୍ଲକରୁ ୧୩ ଜଣ ଲକ୍ଷପତି ସହାୟିକା ଦିଦିଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଢ଼, ସାଂସଦ ପ୍ରତିନିଧି ଜୟଶଙ୍କର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲା ମୁଖ୍ୟ ଉଦ୍ୟାନ ଅଧିକାରୀ ବିଷ୍ଣୁ ପ୍ରସାଦ ସିଂ, ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀ ଦ୍ରୌପଦୀ ମାଝୀ, ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡା. ନିରୋଦ କହଁର, ଏଲ୍‌ଡିଏମ୍ ଧର୍ମରାଜ ସୁନାନୀ ପ୍ରମୁଖ ନିଜ ବିଭାଗ ଦ୍ୱାରା ମହିଳାମାନେ କିପରି ଲାଭ ଉଠାଇ ଲକ୍ଷପତି ହୋଇପାରିବେ ସେ ନେଇ କହିଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବ୍ଲକ ତେନ୍ତୁଳିପଙ୍ଗା ଗ୍ରାମର ବାସନ୍ତୀ ହରିଜନ କିଭଳି ଲକ୍ଷପତି ହୋଇ ପାରିଛନ୍ତି ସେ ବିଷୟରେ ନିଜର ଅନୁଭୂତି କହିଥିଲେ। ଏଥିରେ ୧୩ ବ୍ଲକ ଓ ପୌରପାଳିକାରୁ ୪ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଶେଷରେ ମିଶନ ଶକ୍ତି ବିଭାଗର ଜିଲା ସଂଯୋଜିକା ସୁମନ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

## ମୌଳିକ ସୁବିଧା ଅପହଞ୍ଚ, ରାସ୍ତା ବାଧକ

**ଥୁଆମୂଳ ରାମପୁର, ୧୧।୩ (ଦୁର୍ଗା କୀର୍ତ୍ତି)**



ପାହାଡ଼ ଉପରେ ଥିବା ଗାଁର ଦୃଶ୍ୟ।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଅଧୀନରେ ଥିବା ସିନ୍ଧିପଦର ଗ୍ରାମପଞ୍ଚାୟତର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ କେନ୍ଦୁଗୁଡ଼ା ଓ କନ୍ଧାଗୁଡ଼ା ଗାଁ ସ୍ୱାଧୀନତାର ୭୭ବର୍ଷ ପରେ ବି ଅବହେଳିତ ହୋଇରହିଛି। ଆଜି ବି ଏହି ୨ ଗ୍ରାମର ଅଧିବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ରାସ୍ତା ମୁଖ୍ୟ ସମସ୍ୟା ଭାବେ ଉଭାହୋଇଛି। ଗାଁ ଚାରିପାଖକୁ ଘେରିରହିଛି ବାଘଝୋଲା ପାହାଡ଼। ଫଳରେ ସରକାରଙ୍କ ବିଭିନ୍ନ ଯୋଜନା ସିନ୍ଧିପଦର ପଞ୍ଚାୟତ ମୁଖ୍ୟାଳୟଠାରେ ଅଟକିଯାଉଛି। ପାହାଡ଼ିଆ ରାସ୍ତାରେ ଘର ତିଆରି ସାମଗ୍ରୀ ଆଣିବା ସମ୍ଭବ ହୁଏ ନାହିଁ। ସେହିପରି ପଞ୍ଚାୟତ ମୁଖ୍ୟାଳୟରେ ଥିବା ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇବା ମଧ ସମ୍ଭବ ନୁହେଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ୨ ଗାଁରେ ୫୦ ପରିବାର ରହିଥିବାବେଳେ ଜନସଂଖ୍ୟା ୨୫୦ ହେବ। ଗ୍ରାମବାସୀଙ୍କ ପାଇଁ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟୁତ୍ ଆଲୋକ ସାତସପନ ପାଲଟିଛି। ପ୍ରଶାସନ ତୁରନ୍ତ ଏହିସବୁ ସମସ୍ୟା ସମାଧାନକରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲକରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଧ୍ରୁବଚରଣ ମୁଦୁଲିଙ୍କୁ ପଚାରିବାରୁ ଉକ୍ତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନାକରି ମୌଳିକ ସବୁଧା ଯୋଗାଇଦେବେ ବୋଲି କହିଛନ୍ତି। ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ମାଝୀ ମଧ ପଞ୍ଚାୟତ ସ୍ତରରେ ଯାହା ହୋଇପାରିବ ତାହା ସେ କରିବେ। ହେଲେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ରାସ୍ତା ନିର୍ମାଣ ସାଙ୍ଗକୁ ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ କରାଯାଉ ବୋଲି ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

**ଅଜଣା ବୃଦ୍ଧଙ୍କ ମୃତଦେହ ଜବତ**

**ଖାରବନ୍ଧ (ଦେବେନ୍ଦ୍ର ସାହୁ):** ଖାରବନ୍ଧ ଥାନା ଅଧୀନ ଡ଼ଭା ବେଲଟୁକ୍ରି ରାସ୍ତା ପାର୍ଶ୍ୱରେ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହକୁ ପୋଲିସ ଜବତ କରିଛି। ରାସ୍ତା କଡ଼ରେ ସମ୍ପୃକ୍ତ ବୃଦ୍ଧ ଜଣଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକମାନେ ପୋଲିସକୁ ଜଣାଇଥିଲେ। ଖାରବନ୍ଧ ପୋଲିସ ପହଞ୍ଚି ବୃଦ୍ଧଙ୍କ ମୃତଦେହ ଜବତ କରିଥିଲା। ଏ ନେଇ ନଂ.୧/୨୫ରେ ମାମଲା ରୁଜୁ ହୋଇଛି। ବୃଦ୍ଧ ଜଣଙ୍କୁ ୬୫ରୁ ୭୦ ବର୍ଷ ହେବ। ସେ ଅଧିକାଂଶ ଦିନ ଅଞ୍ଚଳରେ ବୁଲାବୁଲି କରୁଥିବା ଲୋକମାନେ ଦେଖିଥିବା ବେଳେବେଳେ ସେ ଜଣେ ମାନସିକ ରୋଗୀ ବୋଲି ଅନୁମାନ କରାଯାଏ।



# ବନ୍ୟଜନ୍ତୁ ଶିକାର ଅଭିଯୋଗ, ୨ ଗିରଫ

**ପାଇକମାଲ,୧୧।୩(ବଡ଼ ଶତପଥୀ):** ବରଗଡ଼ ଜିଲା ପାଇକମାଲ ସ୍ଥିତ ନୃସିଂହନାଥ ରେଞ୍ଜ ଅଞ୍ଚଳରେ ଗନ୍ଧମାର୍ଦ୍ଦନ ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର କରିବା ଅଭିଯୋଗରେ ୨ ଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ପାଇକମାଲ ବ୍ଲକ ଖଣ୍ଡିଝରଣ ଗ୍ରାମର ଶୁକ୍ରୁ ଭୁଏ (୬୦) ନକୁଳ ମଲ୍ଲିକ (୨୫)। ଅଭିଯୁକ୍ତମାନେ ଜଙ୍ଗଲରେ ବନ୍ୟଜନ୍ତୁ ତଥା ଏକ ୪ ବର୍ଷର ସମ୍ବରକୁ ଶିକାର କରିବା ପାଇଁ ପିଇବା ପାଣି ଦେଇଥିଲେ। ସମ୍ବର ପାଣି ପିଇବାକୁ ଆସିବା ବେଳେ ତାକୁ ଅଭିଯୁକ୍ତମାନେ ଶିକାର କରିଥିଲେ। ପରେ ସମ୍ବରକୁ ଆଣି ଖଳାରେ ମାଂସ କାଟୁଥିବା ବେଳେ ଜଙ୍ଗଲ ବିଭାଗ କର୍ମଚାରୀମାନେ ଶିକାରୀଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ କଟା ମାଂସ ସହ ଏକ ମୁଣ୍ଡ ଓ ଲାଞ୍ଜ ମଧ୍ୟ ଜବତ କରାଯାଇଛି। ଜଙ୍ଗଲ ବିଭାଗ ଆଇନ ଅନୁସାରେ ନଂ. ୫୪/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଙ୍ଗଲ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ରେଞ୍ଜର ହୃଦାନନ୍ଦ ମିଶ୍ର, ଫରେଷ୍ଟର ଉଦ୍ଧବ ପ୍ରଧାନ, ଫରେଷ୍ଟ ଗାର୍ଡ ଶାନ୍ତନୁ ପ୍ରଧାନ, ଦିବ୍ୟରଞ୍ଜନ ହାତୀ, ପିତାମ୍ବର ଉନସନା ପ୍ରମୁଖ ସାମିଲ ହୋଇଥିଲେ।

# ଚାଷୀଙ୍କ ଭଳି ଦିବ୍ୟାଙ୍ଗଙ୍କ ଆନ୍ଦୋଳନକୁ ଭଣ୍ଡୁର

**ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ଦିବ୍ୟାଙ୍ଗମାନଙ୍କୁ ନେଇ ଗଠିତ ପ୍ୟାରେଣ୍ଟସ୍ ଆସୋସିଏଶନ ୮ଦଫା ଦାବି ଉପରେ ପ୍ରଶାସନର ଅଣଦେଖା ପ୍ରତିବାଦରେ ମଙ୍ଗଳବାର ସହର ଉପକଣ୍ଠ ହଳଦୀପାଲି ଛକରେ ଜାତୀୟ ରାଜପଥ ଅବରୋଧ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେଠାରେ ଦିବ୍ୟାଙ୍ଗମାନେ ସମବେତ ହେଉଥିବାବେଳେ ଆନ୍ଦୋଳନ ପୂର୍ବରୁ ପୋଲିସ ସେମାନଙ୍କୁ ସେଠାରୁ ଥାନାକୁ ଉଠାଇ ନେଇଥିଲା। ସୋମବାର ଫସଲବୀମା କ୍ଷତିପୂରଣ ଦାବି ନେଇ ସଂଯୁକ୍ତ କୃଷକ ସଂଗଠନ, ଭେଡ଼େନ ଶାଖାର ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଯାଉଥିବାବେଳେ ସେମାନଙ୍କ ଉପରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା। ୨୪ଘଣ୍ଟା ମଧ୍ୟରେ ୨ ଆନ୍ଦୋଳନ ଉପରେ ପୋଲିସର ଏଭଳି ଆଭିମୁଖ୍ୟ ପ୍ରଦର୍ଶନ ଚର୍ଚ୍ଚାର ବିଷୟ ହୋଇଛି। ପ୍ୟାରେଣ୍ଟସ୍ ଆସୋସିଏଶନର ସମ୍ପାଦକ ସାନନ୍ଦ ନାଗ କହିଛନ୍ତି, ନୂଆ ଭାଜପା ସରକାରକୁ ମଖ୍ୟମନ୍ତ୍ରୀ ଲୋକଙ୍କ ସରକାର କହୁଛନ୍ତି, କିନ୍ତୁ ନୂଆ ସରକାର ଆସିବା ପରେ ଏଭଳିଭାବେ ଲୋକଙ୍କ ଅଧିକାରକୁ ଅବରୋଧ କରାଯାଉଛି।



ଆନ୍ଦୋଳନ ପୂର୍ବରୁ ରାସ୍ତାପାର୍ଶ୍ୱ ଗଛତଳେ ବସିଥିବା ଦିବ୍ୟାଙ୍ଗଙ୍କୁ ପୋଲିସ ଉଠାଇ ନେଉଛି।

- ଗଛତଳେ ବସିଥିଲେ, ପୋଲିସ ଉଠାଇ ନେଲା
- ନୂଆ ସରକାରକୁ ଦାୟୀ କଲେ ଦିବ୍ୟାଙ୍ଗ ସଙ୍ଗଠନ
- ଅଧିକାରକୁ ଅବରୋଧରୁ ତେଜି ଉଠୁଛି ଅସନ୍ତୋଷ

ପୂର୍ବ ସରକାର ସମୟରେ ଦିବ୍ୟାଙ୍ଗମାନେ ୧୦ରୁ ୧୨ଥର ରାଜରାସ୍ତାକୁ ଓହ୍ଲାଇ ନିଜର ହକ୍, ଅଧିକାର ଦାବି କରିଛନ୍ତି। କିନ୍ତୁ ସେତେବେଳେ ଦିବ୍ୟାଙ୍ଗ ପ୍ରତି କେବେ ମଧ୍ୟ ଏଭଳି ଅସମ୍ମାନ କରାଯାଇ ନ ଥିଲା ବୋଲି ନାଗ କହିଛନ୍ତି। ଅନ୍ୟପଟେ ଆଗାମୀ ମାସକ ମଧ୍ୟରେ ସବୁଦାବି ପୂରଣ ନ ହେଲେ ପୁଣି ହଳଦୀପାଲି ଛକରେ ରାଜପଥ ଅବରୋଧ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ପ୍ୟାରେଣ୍ଟସ୍ ଆସୋସିଏଶନ ଗତମାସ ୨୫ତାରିଖ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲା। ବୟସ୍କ ଭିନ୍ନକ୍ଷମ, ବିଧବା ଏବଂ ନିରାଶ୍ରୟମାନଙ୍କୁ ମାସିକ ୩ହଜାର ଟଙ୍କା ଭତ୍ତା ପ୍ରଦାନ, ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନଗୁଡ଼ିକୁ ଠିକ୍‌ଭାବେ ଧ୍ୟାନ ଦେବା, ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଭିନ୍ନକ୍ଷମମାନଙ୍କ ପାଇଁ ବାଧାମୁକ୍ତ ରାସ୍ତା କରାଯିବା, ବସୁନ୍ଧରା ଯୋଜନାକୁ ଠିକ୍‌ଭାବେ କାର୍ଯ୍ୟକାରୀ କରାଯିବା, ଦିବ୍ୟାଙ୍ଗମାନଙ୍କ କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସରକାରୀ ଜାଗା ପ୍ରଦାନ ସହିତ ଭିନ୍ନକ୍ଷମମାନଙ୍କ କାର୍ଯ୍ୟାଳୟ ନିର୍ମାଣ, ବରଗଡ଼ ସଦର ବ୍ଲକରେ ଭିନ୍ନକ୍ଷମମାନଙ୍କ ପାଇଁ ରହିଥିବା ସ୍ୱଚ୍ଛ ଭାରତ ମିଶନ ପାଇଖନା ଯୋଜନାର ଯନ୍ତ୍ରୀ ଏବଂ କିରାଣିଙ୍କୁ ବଦଳି ଆଦି ଦାବି ସେଥିରେ ରହିଥିଲା। ଦାବି ସମୂହ ପୂରଣ ନ ହେଲେ ମାର୍ଚ୍ଚ ୧୧ତାରିଖ ହଳଦୀପାଲି ଛକରେ ରାଜପଥ ଅବରୋଧ କରାଯିବ ବୋଲି ଆସୋସିଏଶନ ଦାବିପତ୍ରରେ ଚେତାବନୀ ଦେଇଥିଲା।

କିନ୍ତୁ ଆସୋସିଏଶନର ଦାବି ସମୂହ ପ୍ରତି କିଛି ପଦକ୍ଷେପ ନିଆଯାଇ ନ ଥିଲା। ଏହାର ପ୍ରତିବାଦରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଜିଲାର ବିଭିନ୍ନ ବ୍ଲକରୁ ଦିବ୍ୟାଙ୍ଗମାନେ ମଙ୍ଗଳବାର ସକାଳୁ ହଳଦୀପାଲି ଛକରେ ସମବେତ ହେଉଥିଲେ। କିଏ ରାସ୍ତାପାର୍ଶ୍ୱ ଗଛତଳେ ଆଶ୍ରୟ ନେଉଥିଲେ ତ ଆଉ କେହି ପାଖ ଦୋକାନ ପାଖରେ ରହିଥିଲେ। ସମସ୍ତ ବ୍ଲକର ଦିବ୍ୟାଙ୍ଗମାନେ ଏକାଠି ହେଲେ ସେମାନେ ରାଜପଥ ଅବରୋଧ କରିବାକୁ ଯୋଜନା କରିଥିଲେ। ମାତ୍ର ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପୂର୍ବରୁ ପୋଲିସ ସେଠାରୁ ସେମାନଙ୍କୁ ଥରକୁ ଥର ସ୍ଥାନୀୟ ସଦର ଥାନାକୁ ଉଠାଇ ନେଇଥିଲା। ସେହିପରି ଆସୋସିଏଶନର କର୍ମକର୍ତ୍ତାମାନେ ଏକ ଅଟୋରେ ଯାଉଥିବାବେଳେ ପୋଲିସ ଭ୍ୟାନ ସେମାନଙ୍କୁ ପିଛା କରିଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ସେମାନେ ଦାବିପତ୍ର ପ୍ରଦାନ ପାଇଁ ପହଞ୍ଚିବା ପରେ ପୋଲିସ ଭ୍ୟାନ ମଧ୍ୟ ସେଠାକୁ ଆସିଥିଲା। ଆସୋସିଏଶନର କର୍ମକର୍ତ୍ତାମାନେ ସେଠାରେ ଉପସ୍ଥିତ ଭାରପ୍ରାପ୍ତ ଅଧିକାରୀଙ୍କୁ ଆଉ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆସନ୍ତା ମାସକ ମଧ୍ୟରେ ଦାବି ସମୂହ ପୂରଣ ନ ହେଲେ ଆସନ୍ତା ଏପ୍ରିଲ ମାସ ୧୧ତାରିଖ ହଳଦୀପାଲି ଛକରେ ରାସ୍ତା ଅବରୋଧ କରାଯିବ ବୋଲି ଆସୋସିଏଶନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନର ସଭାପତି ମହେନ୍ଦ୍ର ଦାଶ, ଉପସଭାପତି ଅଶୋକ ଭୋଇ, ମୁଣ୍ଡୁ ସୁନା, ମିଥିଳା କୁମ୍ଭାର, ହରିହର ଷଣ୍ଢ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବ୍ରାହ୍ମଣଟାଲରେ ଚେକ୍‌ଡ୍ୟାମ୍ ଉଦ୍‌ଘାଟିତ

**ପାଇକମାଲ,୧୧।୨(ବଡ଼ ଶତପଥୀ)**

ମହାଶକ୍ତି ଫାଉଣ୍ଡେଶନ ଓ ଏଲଟିଆଇମାଇଣ୍ଡ ଟ୍ରି ମିଳିତ ଆନୁକୁଲ୍ୟରେ ପାଇକମାଲ ବ୍ଲକ ବ୍ରାହ୍ମଣଟାଲ ଗାଁରେ ମଙ୍ଗଳବାର ଏକ ନୂତନ ଚେକଡେମ ନିର୍ମାଣ କରାଯାଇଛି। ନଭେମ୍ବର ଓ ଡିସେମ୍ବର ମାସରେ ମୁଖ୍ୟତଃ ଚାଷ ପାଇଁ ପାଣିର ଅଭାବ ଯୋଗୁ ଏହି ପ୍ରକଳ୍ପଟି ନିର୍ମାଣ କରାଯାଇଛି। ଏହା ୧୭ରୁ ଊର୍ଦ୍ଧ୍ୱ ଏକର ଜମିକୁ ଜଳ ସେଚନ କ୍ଷମତା ରହିଛି ଓ ଏଠାରୁ ୧୫ ଜଣ ଚାଷୀଙ୍କ ଜମିକୁ ଜଳ ସେଚନ ସୁବିଧା ରହିଛି। ଉଦଘାଟନ ପାଇଁ ଏଲଟିଆଇମାଇଣ୍ଡ ଟ୍ରି ସିନିୟର୍ ସ୍ପେଶାଲିଷ୍ଟ ଅମ୍ଳାନ ବିଶ୍ୱାସ , ମହାଶକ୍ତି ଫାଉଣ୍ଡେସନ ତରଫରୁ ଆଇଭିଡିପି ପ୍ରକଳ୍ପ ମୁଖ୍ୟ ଫିରୋଜ ଥାଠୀ, ସିଭିଲ ଇଂଜିନିୟର ରାଜ କିଶୋର ନାଏକ, ବ୍ଲକ ସଂଯୋଜକ ମିତ୍ରଭାନୁ ସାହୁ ଓ ଭାଗ୍ୟଶ୍ରୀ ରାଉତ, ଅତିରିକ୍ତ ବ୍ଲକ ସଂଯୋଜକ ଅଜିତ ପୁଟା ଓ ନଟବର ପ୍ରଧାନ,ରିତୁ ସାହୁ, କିରଣ ସେଠ, ଦିଲୀପ କଲେଟ ଓ ବିଷ୍ଣୁମତି ବରିହା ପ୍ରମୁଖ ସହଯୋଗ କରିଥିଲେ।

# ଚତୁର୍ଥ ଶୀତଳଷଷ୍ଠୀ ପାଳନ ପାଇଁ କର୍ମକର୍ତ୍ତା ଘୋଷଣା




**ପଦ୍ମପୁର,୧୧।୩(ପ୍ରଦୀପ୍ତ ଦାଶ)**

ଆସନ୍ତା ମେ ୩୧ ଓ ଜୁନ ୧ ତାରିଖ ବରଗଡ଼ ଜିଲା ପଦ୍ମପୁର ସହରରେ ଚତୁର୍ଥ ବର୍ଷ ଶୀତଳଷଷ୍ଠୀ ୨୦୨୫ ପାଳନ କରାଯିବା ପାଇଁ ମଙ୍ଗଳବାର ରାମେଶ୍ୱର ବାବା ଶୀତଳଷଷ୍ଠୀ ପୂଜା ପାଳନ କମିଟି ତରଫରୁ ଘୋଷଣା ହୋଇଛି। ଏ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତ ୨୦୨୫ ବର୍ଷ ଶୀତଳଷଷ୍ଠୀ ପାଳନ ପାଇଁ ସଭାପତି ଭାବରେ ସୂରଜ କୁମାର ସାହୁ, ଉପ ସଭାପତି ଅକ୍ଷୟ କୁମାର ସାହୁ, ସମ୍ପାଦକ କମଳ କୁମାର ସାହୁ, ସହ ସମ୍ପାଦକ ନିକେଶ କୁମାର ନାଏକ ଓ ଶେବକ ମେହେର, କୋଷାଧ୍ୟକ୍ଷ କ୍ଷୀରୋଦ୍ର ତ୍ରିପାଠୀ, ସହ କୋଷାଧ୍ୟକ୍ଷ ସୁଦାମ ଦାନୀ ଓ ସଂଯୋଜକ ଭାବରେ ଶୁଭମ ପଟ୍ଟନାୟକ ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିବା ବେଳେ ସହରର ବରିଷ୍ଠ ଓ କନିଷ୍ଠମାନଙ୍କୁ ନେଇ ଉପଦେଷ୍ଟା କମିଟି ଗଠନ ହୋଇଛି। ଆସନ୍ତା ଅକ୍ଷୟ ତୃତୀୟା ଦିନ ଶୀତଳଷଷ୍ଠୀର ଥାଳ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ୨୦୨୫ ପାଇଁ ଯେଉଁ ଭକ୍ତମାନେ କନ୍ୟା, ବର ପିତାମାତା ରୂପରେ ଦାୟିତ୍ୱ ନିର୍ବାହ କରି ଶିବ ପାର୍ବତୀଙ୍କ ଆଶୀର୍ବାଦ ଲାଭ କରିବାକୁ ଇଚ୍ଛା କରୁଛନ୍ତି କମିଟି ସହ ଯୋଗାଯୋଗ କରିବା ପାଇଁ ଘୋଷଣା କରାଯାଇଛି।

# ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

## ଲୋ-ଭୋଲଟେଜ୍ ଓ ପାୱାର କଟ୍ ସମସ୍ୟା

**ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ଲୋ ଭୋଲ୍‌ଟେଜ ଓ ପାୱାର୍ କଟ ସମସ୍ୟା ନେଇ ମଙ୍ଗଳବାର ଭଟଲିସ୍ଥିତ ବିଦ୍ୟୁତ୍ ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ କରି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଏସ୍‌ଡିଓଙ୍କ ଅନୁପସ୍ଥିତିରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦାବିପତ୍ର ଗ୍ରହଣ କରିଥିଲେ। ଜଳସେଚନର କୌଣସି ସୁବିଧା ନ ଥିବାରୁ ଏହି ଅଞ୍ଚଳର କୃଷକମାନେ ଗଭୀର ନଳକୂପ ଉପରେ ନିର୍ଭର କରି କୃଷିକାର୍ଯ୍ୟ କରି ନିଜ ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ଚଳିତ ବର୍ଷ କ୍ରମାଗତ ବିଜୁଳି କାଟ୍, ଲୋ ଭୋଲ୍ଟେଜ ଏବଂ ପାୱାର କଟ ଯୋଗୁ ଧାନ ଫସଲ ନଷ୍ଟ ହେବା ସହିତ ପନିପରିବା ଫସଲ ନଷ୍ଟ ହେବାକୁ ଯାଉଛି। ଦିନକୁ ୬ରୁ ୮ଘଣ୍ଟା ପାୱାର କଟ୍ ହେଉଥିବାବେଳେ ଲୋ ଭୋଲଟେଜ କାରଣରୁ ଗଭୀର ନଳକୂପରୁ ପାଣି ବାହାରୁ ନାହିଁ। ଅନେକ ଚାଷୀଙ୍କ ମୋଟର୍ ପୋଡ଼ିଯାଉଛି। ଫଳରେ ଚାଷ ଜମି ଫାଟି ଧାନ ଫସଲ ନଷ୍ଟ ହେବାକୁ ଯାଉଛି ବୋଲି ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ଯଦି କୌଣସି ଚାଷୀର ବିଜୁଳି ସମସ୍ୟା ଜନିତ ଫସଲ ନଷ୍ଟ ହୁଏ, ବିଦ୍ୟୁତ୍ ବିଭାଗ ଦାୟୀ ରହିବ ବୋଲି ଲିଖିତ ଅଭିଯୋଗ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜୟ କିସାନ ଆନ୍ଦୋଳନର ଜିଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ବ୍ଲକ ସମଅପାଦକ ମିନିଷ୍ଟର ବାରିକ, ବିଜୟ ପ୍ରଧାନ, ଜନ୍ମେଜୟ ଠାକୁର, ଅକ୍ଷୟ ପ୍ରଧାନ, ଭରତ ଚନ୍ଦ୍ର ନାୟକ, ରେବତି କାନ୍ତ ବେହେରା, ନିତ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଚାଷୀମାନେ ଭଟଲି ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ଘେରିଛନ୍ତି।

# ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

**ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜର୍ଜ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଲକ୍ଷପତି ଦିଦିମାନଙ୍କୁ ନେଇ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ କାର୍ଯ୍ୟାଳୟର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ସମ୍ମାନିତ ଅତିଥି ଭାବେ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଯଥା ଓଡ଼ିଶା ଜୀବିକା ମିଶନର ଡିପିଏମ୍ ସ୍ମରଣିକା ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରଣୀ ନେପାକ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ ମିଶ୍ର, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସହକାରୀ ବନଖଣ୍ଡ ଅଧିକାରୀ ମଧୁସ୍ମିତା ସେଠୀ, ଜିଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ସୁଷମା କରାଳି, ଓରମାସର ଡେପୁଟି ସିଇଓ ପ୍ରଶାନ୍ତ ହୋତା, ଜିଲା ସମାଜ ସୁରକ୍ଷା ଅଧିକାରୀ ତାହିର ହୁସେନ, ମିଶନ ଶକ୍ତିର ଡିପିସି ସୀମା ଟିବା, ବୟନଶିଳ୍ପ ଉପନିର୍ଦ୍ଦେଶକ ହୃଷୀକେଶ ମାହାଳି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲୁହା ସ୍ୱାଗତ ଭାଷଣ ଦେବା ସହିତ ଲକ୍ଷପତି ଦିଦି ଯୋଜନା ବିବରଣୀ ପ୍ରଦାନ କରିଥିଲେ। ଆଜିର ଯୁଗରେ ମହିଳାମାନେ ପରିବାରରେ ପୁରୁଷଙ୍କ ସହ କାନ୍ଧରେ କାନ୍ଧ ମିଳାଇ ରୋଜଗାରକ୍ଷମ ହୋଇପାରିଛନ୍ତି ବୋଲି ସେ କହିଥିଲେ। ଜିଲାପାଳ ଗୋୟଲ ତାଙ୍କ ଅଭିଭାଷଣରେ ୬୫୦୦୦ ଲକ୍ଷପତି ଦିଦି ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଏବଂ ବର୍ତ୍ତମାନ ସୁଦ୍ଧା ୨୨୦୦୦ ଲକ୍ଷପତି ଦିଦି ହୋଇସାରିଥିବା ସୂଚନା ପ୍ରଦାନ କରିଥିଲେ। ସମସ୍ତ ସୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କୁ ସରକାରଙ୍କର ବିଭିନ୍ନ ଯୋଜନାରେ ସାମିଲ ହୋଇ ନିଜକୁ ଲକ୍ଷପତି ଦିଦି କରିବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ। ଓଡ଼ିଶା ଜୀବିକା ମିଶନ ଅଧିକାରୀ ମହାପାତ୍ର କହିଥିଲେ, ଯାହାର ବର୍ଷକୁ ୧ ଲକ୍ଷ, ମାସକୁ ୧୦,୦୦୦ କିମ୍ବା ତ୍ରୈମାସିକ ୩୦,୦୦୦ ଆମଦାନୀ ଥିବ, ସେ ଲକ୍ଷପତି ଦିଦି ହୋଇପାରିବେ । ୨୦୨୫-୨୬ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଏବଂ ଏହା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରି ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ସୂଚନା ଦେଇଥିଲେ । ଏହି ପରିପ୍ରେକ୍ଷୀରେ ୫ଜଣ ଲକ୍ଷପତି ଦିଦି ନିଜର ସଫଳ କାହାଣୀ ଉପସ୍ଥାପନା କରି ସମ୍ମାନିତ ହୋଇଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଲକ୍ଷପତି ଦିଦିମାନେ।

# ଜାତୀୟ ମାଷ୍ଟର ଗେମ୍ସ: ବରଗଡ଼ର ୨ଭଉଣୀଙ୍କୁ ସ୍ୱର୍ଣ୍ଣପଦକ




ସଫଳତା ପାଇଥିବା ୨ଭଉଣୀ।

**ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ)**

ସପ୍ତମ ଜାତୀୟ ମାଷ୍ଟର ଗେମ୍ସରେ ବରଗଡ଼ ସହରର ୨ଭଉଣୀ ଅନୁପମା ଘିଭିଲା ଏବଂ ଅରୁଣା ଘିଭିଲା ସଫଳତା ହାସଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ରାଉରକେଲା ବିର୍ସା ମୁଣ୍ଡା ଆଥେଲିକ ଷ୍ଟାଡିୟମ୍‌ରେ ଜେନେରାଲ ସେକ୍ରାଟାରୀ ମାଷ୍ଟର ଗେମ୍ ଫାଉନଡେସନ ଆନୁକୂଲ୍ୟରେ ସାରାଦେଶରୁ ୩୦୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ କୋଚ୍ ଶିବ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ବରଗଡ଼ର ଅନୁପମା ଘିଭିଲା ଓଡ଼ିଶା ପାଇଁ ପ୍ରତିନିଧି କରି ଟ୍ରିପଲ ଜମ୍ପରେ ସ୍ୱର୍ଣ୍ଣ ପଦକ, ହାଇ ଜମ୍ପରେ ସ୍ୱର୍ଣ୍ଣ ପଦକ ତଥା ୧୦୦ ମିଟର ହର୍ଡଲ ରେସରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଭଉଣୀ ଅରୁଣା ଟ୍ରିପଲ ଜମ୍ପରେ ସ୍ୱର୍ଣ୍ଣ, ୪୦୦ ଓ ୧୦୦ ରିଲେ ରେସରେ ସ୍ୱର୍ଣ୍ଣ, ହାଇ ଜମ୍ପରେ ସ୍ୱର୍ଣ୍ଣ ଏବଂ ଲଙ୍ଗଜମ୍ପରେ ରୋପ୍ୟ ପଦକ ଜିତି ଓଡ଼ିଶା ତଥା ବରଗଡ଼କୁ ଗୋରବାନ୍ୱିତ କରିଛନ୍ତି। ଏଥିପାଇଁ ଉଭୟଙ୍କୁ ବରଗଡ଼ର ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛାର ବାର୍ତ୍ତା ଛୁଟୁଥିବା ବେଳେ ଅନେକ ସଂଗଠନ ସେମାନଙ୍କୁ ସମ୍ବର୍ଦ୍ଧିତ କରିବେ ବୋଲି ସୂଚନା ମିଳିଛି।

# ବାର୍ଷିକ ଉତ୍ସବରେ 'ମୁଁ କାହିଁକି ଅଲଗା' ମଞ୍ଚସ୍ଥ



ନାଟକରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ, ଶିକ୍ଷକ।

**ପଦ୍ମପୁର, ୧୧।୩ (ପ୍ରଦୀପ୍ତ ଦାଶ)**

ପଦ୍ମପୁରବ୍ଲକ ଶିକ୍ଷା ଅଧୀନରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିରିପାଲିରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ସଞ୍ଜୟ କୁମାର ପଟେଲ ମୁଖ୍ୟଅତିଥି, ବୁଲୁ ମାଝୀ ଅତିଥି, ନୂଆଦେଇ କୁମ୍ଭାର ଓ ପ୍ରଧାନ ଶିକ୍ଷକ ଚୈତନ୍ୟ ଚରଣ ଦାଶ ମଞ୍ଚାସୀନ ହୋଇ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । କ୍ରୀଡ଼ା ପ୍ରତିଯୋଗିତା ଓ ପ୍ରଥମ ସମାପ୍ତି ସୂଚକ ମୂଲ୍ୟାୟନରେ କୃତିତ୍ୱ ହାସଲ କରିଥିବା ସମସ୍ତଙ୍କୁ ପୁରସ୍କୃତ କରାଯିବା ସହ ରାଜକୁମାର ସାହୁଙ୍କ ଲିଖିତ ନାଟକ 'ମୁଁ କାହିଁକି ଅଲଗା' ସମସ୍ତଙ୍କର ମନ ମୋହିଥିଲା । ଶିକ୍ଷକ ଗୌରଚରଣ ହୋତା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ।

# ରେଳ ଷ୍ଟେଶନରେ ଅବ୍ୟବସ୍ଥା, ଉପଭୋକ୍ତା ସଂଘର ଉଦ୍‌ବେଗ

**ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧିମଣ୍ଡଳୀ ରେଳ ଷ୍ଟେଶନର ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ସ୍ଥାନୀୟ ଷ୍ଟେଶନ ମ୍ୟାନେଜରଙ୍କୁ ଡିଆର୍‌ଏମ୍‌ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଉକ୍ତ ଅଧିକାରୀଙ୍କ ସହିତ ଫୋନ ଯୋଗେ କଥାହୋଇ ଲିଫ୍ଟ ଚାଲୁ ନ ହେବା ପର୍ଯ୍ୟନ୍ତ ସମସ୍ତ ଟ୍ରେନ୍‌କୁ ପ୍ଲାଟଫର୍ମ-୧କୁ ଆଣିବା ପାଇଁ କହିଛନ୍ତି। ଦ୍ୱିତୀୟ ଏଫ୍‌ଓବିକୁ ଆର୍‌ପିଏଫ୍ ପରେ ବରପାଲି ଦିଗରେ ନିର୍ମାଣ କରାଯିବା ସହିତ ଏଥିରେ ରେମ୍ପ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ ସଂଘର ସଭାପତି ପ୍ରଦୀପ ଦେବତା, କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଉପସଭାପତି ପ୍ରିତମ ସିଂହ ଓ ନିର୍ମଳ କର, ସମ୍ପାଦକ କମଳ ଯୋଶୀ, ଯୁଗ୍ମସମ୍ପାଦକ ମନୋରଞ୍ଜନ ପୂଜାରୀ, ବରିଷ୍ଠ ସଦସ୍ୟ କିଶୋର କୁମାର ରଥ, ଅଚ୍ୟୁତାନନ୍ଦ ବାରିକ, ସତ୍ୟନାରାୟଣ ପଣ୍ଡା, ତୁଳସୀ ଚରଣ ଦାଶ, ଲକି ମିରଓାନି, ଉଦ୍ଧବ ଚରଣ ବେହେରା, ସି.ଏମ୍.ରାଓ, ହରେକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଷ୍ଟେଶନ ମ୍ୟାନେଜରଙ୍କୁ ରେଳ ଉପଭୋକ୍ତା ସଂଘ ପ୍ରତିନିଧିମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ବରଗଡ଼ ରୋଡ ରେଳଷ୍ଟେଶନର ପ୍ଲାଟଫର୍ମ-୨ର ଲିଫ୍ଟ ଦୀର୍ଘଦିନରୁ ଅଚଳ ଥିବାରୁ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଉପରେ ରେଳବାଇ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ବରଗଡ଼ ରେଳ ଉପଭୋକ୍ତା ସଂଘ ବାରମ୍ବାର ପତ୍ର ଲେଖି ଜଣାଇବା ସହିତ ଡିଆର୍‌ଏମ୍‌ଙ୍କ ସହିତ ଭେଟ ହୋଇ ଏହାର ଶୀଘ୍ର ଉପାୟ କରିବା ପାଇଁ ଅନୁରୋଧ କରିଥିଲା। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ଉକ୍ତ ଲିଫ୍ଟ ଯୋଗାଇଥିବା ଫାର୍ମକୁ କଳା ତାଲିକାଭୁକ୍ତ କରି ନୂତନ ଟେଣ୍ଡର କରାଯାଇଥିବା ସୂଚନା ଦେଇଥିଲେ। କିନ୍ତୁ ଅନେକ ବିଳମ୍ବ ହେଉଥିବାରୁ ଇତି ମଧ୍ୟରେ ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ବରଗଡ଼ ଲୋକସଭା ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ସାକ୍ଷାତ କରି ପ୍ଲାଟଫର୍ମ-୨ର ଲିଫ୍ଟ, ନିର୍ମାଣାଧୀନ ଦ୍ୱିତୀୟ ଫୁଟ-ଓଭରବ୍ରିଜରେ ରେମ୍ପ ବ୍ୟବସ୍ଥା ଏବଂ ଭୁବନେଶ୍ୱର-ସୋନପୁର, ଇସ୍ପାତ ଓ ନାଗାବଳୀ ଏକ୍ସପ୍ରେସକୁ ବରଗଡ଼ ରୋଡ ଷ୍ଟେଶନରେ ୫ ମିନିଟ ରହଣୀ କରିବା ପାଇଁ ଅନୁରୋଧ କରିଥିଲେ। ଏମ୍‌ପି ପୁରୋହିତ ସଙ୍ଗେସଙ୍ଗେ ଡିଆରଏମଙ୍କୁ ଫୋନ କରି ଏହି ୩ଦାବିକୁ କାର୍ଯ୍ୟକାରୀ କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଡିଆରଏମ ସେତେବେଳେ ଏଥିରେ ରାଜି ମଧ୍ୟ କିଛି ସୁଫଳ ମିଳି ନଥିବାରୁ ରେଳ ଉପଭୋକ୍ତା ସଂଘ ଅସନ୍ତୋଷ ପ୍ରକାଶ କରିଛି।

# ଆରମ୍ଭ ହେଲା ଫଗୁନପୁନି ମହୋତ୍ସବ

**ସୋନପୁର,୧୧।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନାମଯଜ୍ଞ କମିଟିର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚାରିଦିନିଆ ଫଗୁନପୁନି ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପ ସାଂସ୍କୃତିକ ମଞ୍ଚରେ କମିଟି ଅଧ୍ୟକ୍ଷ ନାରାୟଣ ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ସମାରୋହରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନାମଯଜ୍ଞ କମିଟି କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ପଣ୍ଡା, ବରିଷ୍ଠ ସଦସ୍ୟ ଦୟାନିଧି ହୋତା, ଅକ୍ଷୟ କୁମାର ମିଶ୍ର, ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବିନିକା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତ୍ତିବାସ ମିଶ୍ର, ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଶ୍ରୀୟା କର୍ମୀ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ମହାନନ୍ଦ, ମୁର୍ଚ୍ଛୁଣ୍ଡୀ ସରପଞ୍ଚ ମନୋଜ କୁମାର ସାହୁ, ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ବାଗବର ସରପଞ୍ଚ ନିରୂପମା ବର୍ଗତ୍ତି, କେଞ୍ଜିରିଆପାଲି ସରପଞ୍ଚ ସସ୍ମିତା ଦିପ, ସୁବଳୟା ସରପଞ୍ଚ ପ୍ରମୋଦ କୁମାର ମହାପାତ୍ର, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦି, ସମିତି ସଭ୍ୟ ବବିତା ବାଘ ଉପସ୍ଥିତ ଥିଲେ ।



ଫଗୁନପୁନି ଯାତ୍ରା ମହୋତ୍ସବ ଶୁଭାରମ୍ଭ ଅବସରରେ ଅତିଥିମାନେ।

## ନୃତ୍ୟଗୀତରେ ଝୁମିଲେ ଦର୍ଶକ

ବୀରମହାରାଜପୁର ଦୋଳଯାତ୍ରା କେଉଁ ଆବାହନ କାଳରୁ ଚାଲି ଆସିଛି। ଏହାକୁ ସରସ ସୁନ୍ଦର କରିବା ପାଇଁ ବୀରମହାରାଜପୁର ଦୋଳ ମଣ୍ଡପ ପାଖରେ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ଏବର୍ଷ ସୁବର୍ଣ୍ଣପୁର ଜୟନ୍ତୀ ପାଇଁ ଚାରିଦିନିଆ ଫଗୁନ ପୁନି ମହୋତ୍ସବ ଆରମ୍ଭ ହୋଇଛି । ବୈଠକକୁ ଅବିନାଶ ହୋତା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘୋଷକ ଭାବେ ପ୍ରେମଜିତ ଝାଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଭାବେ ଶାଶ୍ୱତ କୁମାର ତ୍ରିପାଠୀ, ତପସ୍ୱିନୀ ଦାସ, ମୋନାଲିସା ନନ୍ଦ, ନାରାୟଣ ଲୁହା, ସୁଦର୍ଶନ ବିଶ୍ୱାଳ, ନାରାୟଣ ମହାକୁଡ଼ ସାମିଲ ହୋଇଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

**ସଂକ୍ଷେପରେ**

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଲହୁଣୀପଡା,୧୧।୩(ଦାଶରଥି ପଣ୍ଡା):** ଲହୁଣୀପଡ଼ା ଥାନା ଅନ୍ତର୍ଗତ ଦର୍ଜାଂ ଗ୍ରାମର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ମଙ୍ଗଳବାର ଶାଗୁଆନ ଗଛରୁ ଝୁଲନ୍ତା ଅବସ୍ଥାରେ ଜବତ କରିଛି। ସେ ହେଲେ ଦର୍ଜାଂ ଗ୍ରାମର ବନ୍ଧନ ନାଏକ (୨୨)। ବନ୍ଧନ ଦର୍ଜାଂ ବଙ୍ଗଳା ସାହିର ଶାଗୁଆନ ଗଛରେ ନିଜ ଗାମୁଛାକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ଲହୁଣୀପଡା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଲହୁଣୀପଡା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ।

## ୬ ବାଲି ବୋଝେଇ ଗାଡ଼ି ଜବତ

**କୁଆଁରମୁଣ୍ଡା,୧୧।୩(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା ରାଏବୋଗା ଥାନା ଅନ୍ତର୍ଗତ ଅଣ୍ଡାଳି-ଜାମବାହାଲ ରାସ୍ତାରେ ସୋମବାର ବାଲି ବୋଝେଇ ୨ଟି ଟିପର ଓ ଗୋଟିଏ ହାଇୱାକୁ ଜବତ କରାଯାଇଛି। ୩ ଗାଡ଼ି ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଆଇଆଇସି ବାଲୁଙ୍କେଶ୍ୱର ନାୟକ ସୂଚନା ଦେଇଛନ୍ତି। ସେହିପରି କୁଆଁରମୁଣ୍ଡା ଫାଣ୍ଡି ପୋଲିସ ସୋମବାର କଟାରୁ ନିକଟରେ ଚଢାଉ କରି ୩ଟିବାଲିବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ଏହି ଚଢ଼ାଉ ଆଗାମୀ ଦିନରେ ଆହୁରି କଡାକଡି କରାଯିବ ବୋଲି ସୂଚନା ମିଳିଛି।


ପାନପୋଷ ବସ୍ତି ଅଞ୍ଚଳରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସଚେତନତା କରାଯାଉଛି।

# ପଥପ୍ରାନ୍ତ ନାଟକରେ ଜଙ୍ଗଲ ନିଆଁ ନିବାରଣ ସଚେତନତା

**ରାଉରକେଲା,୧୧।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବନଖଣ୍ଡ ଅଧୀନ ବିଭିନ୍ନ ଜଙ୍ଗଲରେ ମନୁଷ୍ୟକୃତ ନିଆଁ ନିବାରଣ ପାଇଁ ପଥପ୍ରାନ୍ତ ନାଟକ, ଭ୍ରାମ୍ୟମାଣ ଗାଡ଼ିରେ ପ୍ରଚାର, ପୋଷ୍ଟର, ବ୍ୟାନର ମାଧ୍ୟମରେ ବିଭାଗ ପକ୍ଷରୁ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି। ଜଙ୍ଗଲ ନିଆଁରେ ପ୍ରତିବର୍ଷ ଅମୂଲ୍ୟ ଉଦ୍ଭିଦ ସମ୍ପଦ ନଷ୍ଟ ହେଉଥିବା ବେଳେ ବନ୍ୟପ୍ରାଣୀ ଜଙ୍ଗଲ ଛାଡି ଗାଁମୁହାଁ ହେଉଛନ୍ତି। ଯାହାଫଳରେ ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ଏହାଦ୍ୱାରା ବହୁ ଧନଜୀବନ ନଷ୍ଟ ହେଉଛି। ଏଣୁ ଜଙ୍ଗଲ ନିଆଁ ନିବାରଣ ପାଇଁ ରାଉରକେଲା ବନ ବିଭାଗ ପକ୍ଷରୁ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି। ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ସଚେତନତା ଅଭିଯାନରେ ଫରେଷ୍ଟ ଗାର୍ଡ ଅଳିଅଲ ବେହେରାଙ୍କ ସମେତ ଫରେଷ୍ଟ ସ୍କ୍ୱାଡ୍ ସକ୍ରିୟ ଭୂମିକା ନିର୍ବାହ କରୁଛନ୍ତି।

# ୧୩୩ ଛାତ୍ରୀଛାତ୍ରଙ୍କୁ ୩ ଶିକ୍ଷକ

**ରାଉରକେଲା,୧୧।୩(ବିପ୍ଳବ ରଞ୍ଜନ ଦାଶ)**



**ସରକାରୀ ସ୍କୁଲରେ ଶିକ୍ଷା ବ୍ୟବସ୍ଥା ବାଟବଣା**
- ପିଲାଙ୍କ କାମରେ ଆସୁନି ଖେଳ ସରଞ୍ଜାମ
- ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି ଖେଳ ପଡ଼ିଆ

ରାଉରକେଲା-୧୫ର କ୍ୱାରିସାଇଡସ୍ଥିତ ବିର୍ସା ମୁଣ୍ଡା ସରକାରୀ ହାଇସ୍କୁଲରେ ବନ୍ଦପୋଷ ଓ ପ୍ରଧାନପାଲି ସମେତ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଏହି ହାଇସ୍କୁଲରେ ୯ମ ଓ ୧୦ମ ଶ୍ରେଣୀର ୬୯ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୫ଜଣ ଶିକ୍ଷକ ଥିବାବେଳେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୩୩ ଛାତ୍ରୀଛାତ୍ରଙ୍କ ପାଇଁ ୩ଜଣ ଶିକ୍ଷକ ରହିଛନ୍ତି। ଫଳରେ ୧ମରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ସମସ୍ୟା ହେଉଛି। ଅନ୍ୟପଟେ ଆଜିକୁ ବର୍ଷେ ହେଲାଣି ଆର୍‌ଏମ୍‌ସି ପକ୍ଷରୁ ଯୋଗାଣ ହୋଇଥିବା ଲକ୍ଷାଧିକ ଟଙ୍କାର ଖେଳ ସରଞ୍ଜାମ ଏପର୍ଯ୍ୟନ୍ତ ବ୍ୟବହାର ନ ହୋଇ ନଷ୍ଟ ହେବାକୁ ବସିଲାଣି। ଏଥିସହିତ ବର୍ଷ ବର୍ଷ ଧରି ସ୍କୁଲ ଖେଳ ପଡିଆ ସଫେଇ କି ଉନ୍ନତୀକରଣ ହେଉନାହିଁ। ଫଳରେ ସ୍ଥାନୀୟ ହାଇସ୍କୁଲର ଶତାଧିକ ପିଲା କ୍ରୀଡ଼ା ସୁଯୋଗରୁ ବଞ୍ଚିତ ରହୁଛନ୍ତି। ଏ ନେଇ ସ୍ଥାନୀୟ ହାଇସ୍କଲର ପ୍ରଧାନ ଶିକ୍ଷକ ବିଦୁର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ଆମେ ସ୍କୁଲର ଶିକ୍ଷକ ଅଭାବ ସମସ୍ୟାକୁ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଖେଳ ସରଞ୍ଜାମ ଏବଂ ଖେଳ ପଡିଆ ବିଷୟରେ ଆରଏମ୍‌ସିକୁ ଅବଗତ କରିସାରିଛି। ଖେଳପଡିଆ ଚତୁପାର୍ଶ୍ୱରେ ପାଚେରି ନିର୍ମାଣ ନେଇ ମଧ୍ୟ ଲିଖିତ ଭାବେ ଜଣାଯାଇଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ଖେଳ ସରଞ୍ଜାମ ଓ ଖେଳ ପଡିଆର ଉନ୍ନତୀକରଣ ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ବିରୁଆଲ ଗ୍ରାମରେ ପ୍ରୌଢ଼ ଶିକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଗ୍ରାମବାସୀଙ୍କୁ ଶିକ୍ଷା ଉପକରଣ ବଣ୍ଟନ କରାଯାଉଛି।

**ରାଉରକେଲା,୧୧।୩(ଦିନେଶ ମିଶ୍ର)**

ରାଉରକେଲା ଗର୍ଜନର ବିରୁଆଲ ଗ୍ରାମରେ ରୋଟାରୀ କ୍ଲବ ଅର୍ବାନ ପକ୍ଷରୁ ପ୍ରୌଢଶିକ୍ଷା ସେବା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ସଭାପତି ବରିଷ୍ଠ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ରାମଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିରୁଆଲ ଗ୍ରାମର ବାସିନ୍ଦାଙ୍କୁ ପ୍ରୌଢଶିକ୍ଷା ପ୍ରଦାନ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କ୍ଲବର ଏହା ଏକ ପ୍ରୟାସ ବୋଲି ସଭାପତି ଡା. ମେହେର ସୂଚନା ପ୍ରଦାନ କରିଥିଲେ। ଏହି ପ୍ରୌଢ଼ଶିକ୍ଷା କେନ୍ଦ୍ରରେ ଗ୍ରାମର ୩୦ ଜଣ ମହିଳା ପୁରୁଷ ଉପସ୍ଥିତ ରହି ପ୍ରୌଢଶିକ୍ଷାର ଆବଶ୍ୟକତା ବିଷୟରେ ଜାଣି ଆଗାମୀ ଦିନରେ ଏହାକୁ ଜାରି ରଖିବେ ବୋଲି ଶପଥ ପାଠ କରିଥିଲେ। ପରେ ପ୍ରୌଢ ଶିକ୍ଷାର୍ଥୀଙ୍କୁ ଶିକ୍ଷା ଉପକରଣ ପ୍ରଦାନ କରାଯାଇଥିଲା। ପରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବରିଷ୍ଠ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ରାମଚନ୍ଦ୍ର ମେହେରା, ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ପ୍ରୀତି ଗୁପ୍ତା, ଶିଶୁରୋଗ ବିଶେଷଜ୍ଞ ଡାକ୍ତର ସିଦ୍ଧାର୍ଥ ଶଙ୍କର ମେହେର, ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସାମନ୍ତ କୁମାର ସାହୁ ଉପସ୍ଥିତ ରହି ୧୬୦ ରୋଗୀଙ୍କୁ ଚିକିତ୍ସା କରି ମାଗଣା ଔଷଧ ବିତରଣ କରିଥିଲେ। ବରିଷ୍ଠ ସଦସ୍ୟ ଉଦିତ କୁମାର ସାହୁ, ଛଗନଲାଲ ଜୈନ, ଶୈଳେନ୍ଦ୍ର ସିଂହ, ଉଷା ଦାସ, ସସ୍ମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ। କ୍ଲବର ସମ୍ପାଦକ ରୋଟାରିଆନ ଦେବବ୍ରତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲା କଷ୍ଟ ଆକାଉଣ୍ଟାଣ୍ଟସରେ ଛାତ୍ରୀଛାତ୍ର ସମ୍ବର୍ଦ୍ଧନା ସମାରୋହ

**ରାଉରକେଲା,୧୧।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଚାପ୍ଟର ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ ପକ୍ଷରୁ ରାଉରକେଲା କ୍ଲବରେ ମଙ୍ଗଳବାର ଆଇସିଏମ୍ଏଆଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି ଅର୍ଥ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅଭୟ କୁମାର ବେହୁରିଆ ମୁଖ୍ୟ ଅତିଥି ଏବଂ ଅର୍ଥ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ରାଜେଶ ଦାସଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ଶାଖାର ଅଧ୍ୟକ୍ଷ ସିଏମ୍‌ଏ ଡ. ଗିରିଜା ଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଦାସଗୁପ୍ତା ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ବୃତ୍ତିଗତ ଜୀବନର ସବୁ ସମୟରେ ଶିଖିବାର ଅଭ୍ୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଛାତ୍ରୀଛାତ୍ରମାନେ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଯାତ୍ରାରେ ୩ସି ଏବଂ ୩ଏଲ୍‌ର ଗୁରୁତ୍ୱ ସମ୍ପର୍କରେ ଦାସଗୁପ୍ତା ଆଲୋଚନା କରିଥିଲେ। ଯେକୌଣସି ପ୍ରୟାସରେ ସଫଳତାର ମୁଖ୍ୟ ମନ୍ତ୍ର ହେଉଛି ପ୍ରତିବଦ୍ଧତା, ବିଶ୍ୱାସ ଏବଂ ନିରନ୍ତରତା ବୋଲି ସେ କହିଥିଲେ। ଏହାସହିତ ବ୍ୟକ୍ତିଗତ ଏବଂ ସାଙ୍ଗଠନିକ ଅଭିବୃଦ୍ଧି ହାସଲ ଶିଖିବା ସହ ନେତୃତ୍ୱ ନେବାର କଳା ସମ୍ପର୍କରେ ଜ୍ଞାନ ଆହରଣ କରିବା ପାଇଁ ଦାସଗୁପ୍ତା ପରାମର୍ଶ ଦେଇଥିଲେ। ଏହି ଅବସରରେ ଇଣ୍ଟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୧୩ ଛାତ୍ରୀଛାତ୍ର ଏବଂ ଫାଇନାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ୭ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ସର୍ବଭାରତୀୟ ସ୍ତରରେ ୧୬ନମ୍ବର ସ୍ଥାନ ହାସଲ କରିଥିବା ସାୱନ କୁମାର ଅଗ୍ରୱାଲଙ୍କୁ ୩ହଜାର ଟଙ୍କା ନଗଦ ଅର୍ଥ ପୁରସ୍କାର ଦିଆଯାଇଥିଲା। ସିଏମ୍ଏ ଫାଇନାଲ ଛାତ୍ରୀ ଅଭିପ୍ସା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ରାଉରକେଲା ଶାଖାର ଉପାଧ୍ୟକ୍ଷ ଏନ୍. କେ. ରାଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଶାଖାର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ନାରୀଶକ୍ତିର ସଦୁପଯୋଗ ଆବଶ୍ୟକ

**ରାଉରକେଲା, ୧୧।୩(ଦିନେଶ ମିଶ୍ର)**

ନାରୀମାନେ ଅସୀମ ଶକ୍ତିର ଅଧିକାରୀ। ଏହି ଶକ୍ତିର ସଦୁପଯୋଗ କରିପାରିଲେ ସଂସାର ସ୍ୱର୍ଗରେ ପରିଣତ ହୋଇପାରିବ। ଭାରତୀୟ ପରମ୍ପରାରେ ନାରୀଶକ୍ତିକୁ ବହୁତ ପ୍ରାଧାନ୍ୟ ଦିଆଯାଇଛି। ଆଜିର ନାରୀ ମଧ୍ୟ ସମାଜର ବିଭିନ୍ନ କ୍ଷେତ୍ରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରି ପୁରୁଷ ସହ ସମାନତା ପ୍ରତିପାଦିତ କରିପାରିଛି। ମହିଳା ଦିବସ କେବଳ ଗୋଟିଏ ଦିନ ନୁହେଁ ଏହା ସବୁଦିନ ମହତ୍ୱ ବହନ କରେ ବୋଲି ଗୋପବନ୍ଧୁ ପାଠାଗାର ଏବଂ ଉତ୍କଳ ସ୍ନେହୀ ମହିଳା ସମିତିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ରହ୍ମକୁମାରୀ ଶ୍ୱେତପଦ୍ମା ମତ ଦେଇଛନ୍ତି। ମହିଳା ସମିତି ସଭାନେତ୍ରୀ ସବିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ପାଠାଗାର ସଭାପତି ନବଘନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକର୍ମୀ ଆଇଲିନ୍ ତିଗା ଏବଂ ସମାଜସେବୀ ଶ୍ରଦ୍ଧା ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମଞ୍ଜୁବାଳା ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ସମିତି ସଦସ୍ୟା ସାବିତ୍ରୀ ଦାସ, ଗୀତା ସେନାପତି, ଭାରତୀ କର, ଡାକ୍ତର ଗୋକୁଳାନନ୍ଦ ସାହୁ, ଗୋପବନ୍ଧୁ ପାଠାଗାରର ଲକ୍ଷ୍ମଣ ନାଥ ଦାସ, ହରିହର ଶତପଥୀ, ବିଶ୍ୱନାଥ ଜେନା, ରବୀନ୍ଦ୍ର କୁମାର ସରାଫ ପ୍ରମୁଖ ସହଯୋଗ କରିଥିଲେ। ଚିନ୍ମୟୀ ପୁରୋହିତ, ସଙ୍ଗୀତା ମହାନ୍ତି, ତିଳୋତ୍ତମା ବଳ, ପ୍ରତିମା ବାଳା ଶତପଥୀ, ଜ୍ୟୋସ୍ନା ପାଣିଗ୍ରାହୀ, ଚମ୍ପାବତୀ ପୃଷେଠ୍, ମନ୍ଦାକିନୀ ବେହେରା, ଡାକ୍ତର ଶଶୀଭୂଷଣ ନେପାକ, ନାରାୟଣ ଚନ୍ଦ୍ର ଜେନା, ଦିଲୀପ କୁମାର ସାହୁ, ଡାକ୍ତର ମହେଶ ପ୍ରସାଦ ବେହେରା ପ୍ରମୁଖ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ପ୍ରଦାନ


ପ୍ରଶଂସାପତ୍ର ପାଇଥିବା ଛାତ୍ରୀଛାତ୍ର।

**ରାଉରକେଲା,୧୧।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସରକାରୀ ଆଇଟିଆଇଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ସହ ରାଜ୍ୟସ୍ତରୀୟ ଫେଷ୍ଟରେ କୃତୀ ଛାତ୍ରୀଙ୍କୁ ସୋମବାର ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଆଇଟିଆଇ ଅଧ୍ୟକ୍ଷ ଇଂ. ଉମାନ ସୋରେନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା ମୁଖ୍ୟ ଅତିଥି, ସମାଜସେବୀ ଦିପ୍ତୀମୟୀ ସୁନ୍ଦରାୟ, ଲୀନା ତ୍ରିପାଠୀ, ଶ୍ରଦ୍ଧା ପରିଡ଼ା, ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଓ ଆଇଟିଆଇର ଉପସଭାପତି ଉତ୍ତମ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଗତ ୬ ଓ ୭ ତାରିଖରେ କଟକରେ ହୋଇଥିବା ରାଜ୍ୟସ୍ତରୀୟ ଆଇଟିଆଇ ଫେଷ୍ଟ ୨୦୨୪-୨୫ ରେ ରାଉରକେଲା ସରକାରୀ ଆଇଟିଆଇର ୧୫୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନ୍ଦରଗଡ ଜୋନ୍‌କୁ ଚାମ୍ପିୟନ କରାଇଥିଲେ।

# ବାଲିଘାଟରେ ଚଢ଼ାଉ, ୨ ଟ୍ରକ୍ ଜବତ

**ରାଉରକେଲା,୧୧।୩(ବିପ୍ଳବ ରଞ୍ଜନ ଦାଶ)**

ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କ ନେତୃତ୍ୱରେ ଏକ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ମଙ୍ଗଳବାର ଉପଖଣ୍ଡର ୩ଟି ବାଲିଘାଟରେ ଚଢାଉ କରି ବେଆଇନ ବାଲି ଚାଲାଣରେ କରୁଥିବା ୨ଟି ଟ୍ରକ୍‌କୁ ଜବତ କରିଛି। ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ଭୋର ୫ଟାରେ ଉପଖଣ୍ଡର ଡୁମକେଲା, ବିଜୁବନ୍ଧ ଓ ଲୁଆକେରା ବାଲିଘାଟରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଚଢାଉ କରାଯାଇଥିଲା। ଚଢାଉ ସମୟରେ ବାଲି ଭର୍ତ୍ତି ୨ଟି ଟ୍ରକ(ନଂ.ଓଡି୧୪ବି/୭୫୧୬୭, ନଂ.ଓଡି୧୪ଏଜି/୦୭୮୫)କୁ ଜବତ କରାଯାଇଥିଲା। ଉକ୍ତ ଟ୍ରକ୍‌କୁ ଛେଣ୍ଡ ଥାନାରେ ରଖାଯାଇଛି। ଏହି ସ୍କ୍ୱାଡ୍‌ରେ ତହସିଲଦାର ନିବେଦିତା ପ୍ରଧାନ, ଅତିରିକ୍ତ ତହସିଲଦାର ଅମୂଲ୍ୟ ରତନ ସାହୁ , କନିଷ୍ଠ ମାଇନିଂ ଅଧିକାରୀ ହିମାଂଶୁ ଭୂଷଣ ସାହୁ ଏବଂ ଛେଣ୍ଡ ଥାନା ପୋଲିସ ଉପସ୍ଥିତ ସାମିଲ ହୋଇଥିଲେ।

# ଭଲିବଲ: ରାଇଜିଂ କ୍ଲବ ଚାମ୍ପିୟନ

**ରାଉରକେଲା,୧୧।୩(ଦିନେଶ ମିଶ୍ର)**


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ରାଉରକେଲା ସେକ୍ଟର-୨୦ସ୍ଥିତ ରାଇଜିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୬ତମ ସର୍ବଭାରତୀୟ ଭଲିବଲ ପ୍ରତିଯୋଗିତା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଓ ରାଇଜିଂ କ୍ଲବ ମଧ୍ୟରେ ଖେଳାଯାଇଥିଲା। ୩ଟି ସେଟ୍ ବିଶିଷ୍ଟ ଏହି ମ୍ୟାଚ୍ ଅତ୍ୟନ୍ତ ପ୍ରତିଦ୍ୱନ୍ଦିତାମୂଳକ ହେବା ସହ ସିଧାସଳଖ ପ୍ରଥମ ଓ ଦ୍ୱିତୀୟ ସେଟ୍‌ରେ ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱରକୁ ୨-୦ ଗୋଲରେ ହରାଇ ରାଇଜିଂ କ୍ଲବ ହରାଇ ଚଳିତ ବର୍ଷ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ପୂର୍ବତନ ବିଧାୟକ ସୁବ୍ରତ ତରାଇ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ପ୍ରତିଯୋଗିତାର ତୃତୀୟ ସ୍ଥାନରେ ଥିବା ଭଦ୍ରକ ଦଳ ଓ ଶ୍ରେଷ୍ଠ ଖେଳାଳିମାନଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ରାଉରକେଲା ଓପନ ଭଲିବଲ ପ୍ରତିଯୋଗିତାରେ କୁତ୍ରା ଦଳକୁ ଚାମ୍ପିୟନ ଓ ପ୍ରଶାନ୍ତ ସିଂ ମେମୋରିଆଲ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଚାମ୍ପିୟନ ଦଳ ଗ୍ରାସରୁଟ ରାଇଜିଂ କ୍ଲବକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ରାଇଜିଂ କ୍ଲବର ସାଙ୍ଗଠନିକ ସମ୍ପାଦକ ଶିଶିର ସାହୁ ଏହାକୁ ପରିଚାଳନା କରିଥିଲେ। ଦେବୀ ପ୍ରସାଦ ମିଶ୍ର, ଅମର ଦାସ, ମାନସ ନାୟକ, ବିରେନ ପ୍ରଧାନ, ସୁଶାନ୍ତ ସାହୁ, ସୌଭାଗ୍ୟ ମିଶ୍ର, ରାକେଶ ସ୍ୱାଇଁ, ଜୟନ୍ତ ମହାରଣା, ଟୁଟୁ ସ୍ୱାଇଁ, ପପୁ ସାମନ୍ତରାଏ ପ୍ରମୁଖ ସହଯୋଗ କରିଥିଲେ।

# ମହିଳା ଦିବସରେ ନାଟକ 'ଶାରିଆ' ମଞ୍ଚସ୍ଥ

**ରାଉରକେଲା,୧୧।୩(ଦିନେଶ ମିଶ୍ର)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ସମ୍ବର୍ଦ୍ଧିତ ପ୍ରତିଭା।

ରାଉରକେଲା ବାସନ୍ତୀ କଲୋନିସ୍ଥିତ ବ୍ୟାସ ଭବନରେ ଫକୀରମୋହନ ସାହିତ୍ୟ ଗବେଷଣା ପ୍ରତିଷ୍ଠାନ ଓ ସୁବର୍ଣ୍ଣରେଖା ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟର ସେବା ନିବୃତ୍ତ ଅଧ୍ୟକ୍ଷା ଡ. ମିନତୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମର୍ଥ୍ୟକୁ ଚିହ୍ନି ମହିଳାମାନଙ୍କୁ ସାମ୍ନାକୁ ଆଣି ସମାଜର ମୌଳିକ ପରିବର୍ତ୍ତନ କରିବାର ଆବଶ୍ୟକତା ଜରୁରୀ ବୋଲି ମତପ୍ରକାଶ କରିଥିଲେ। ସଭାପତି ମନୋରଞ୍ଜନ ଦାସ ନାରୀଶକ୍ତିକୁ ପାଥେୟ କରି ଅନୁଷ୍ଠାନ ପକ୍ଷରୁ କରାଯାଉଥିବା ବିଭିନ୍ନ ଜନହିତକର କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ସୁଶ୍ରୀ ସୁପ୍ରଭା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହିଳା ସମ୍ପାଦିକା କନକଲତା ଜେନା ବିଭିନ୍ନ ଜନହିତ କାର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ହକି ଖେଳାଳି ପ୍ରତିଭା ଏକ୍କା, ପାୱାର ଲିଫ୍ଟିଂ ଖେଳାଳି ଅକ୍ଷାଂଶ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ସମ୍ବର୍ଦ୍ଧନା ପାଠ କରିଥିଲେ। ଦେବଯାନୀ ଘୋଷ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମନସ୍ୱିନୀ ଜେନା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମହେନ୍ଦ୍ର କୁମାର ମହାଳିକଙ୍କ ରଚିତ ବିଜୟ ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକ 'ଶାରିଆ' ମଞ୍ଚସ୍ଥ ହୋଇଥିଲା। ଛବିରାଣୀ ପ୍ରଧାନ, କମଳକାନ୍ତ ପ୍ରଧାନ, ରାଧାକୃଷ୍ଣ ଦଳପତି, ରାଜୀବ ପାତ୍ର, ଶ୍ରୀକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ। ଆଇନଜୀବୀ ଗୀତାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକ କଳାକାରଙ୍କୁ ପ୍ରୋତ୍ସାହନ ଲୋଡ଼ା

**ସମ୍ବଲପୁର, ୧୧।୩(ଭବାନୀ ଶଙ୍କର ଭୋଇ)**

■ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ଉଦ୍‌ଯାପନ ହେଲା ଜାତୀୟ ସଂପାନ

■ସାମ୍ପ୍ରତିକ ପରିସ୍ଥିତିରେ ପ୍ରଦର୍ଶନ କଳାର ସ୍ଥିତିକୁ ନେଇ ଆଲୋଚନା



ସଂପାନରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗ ପକ୍ଷରୁ ସାଂପ୍ରତିକ ପରିସ୍ଥିତିରେ ପ୍ରଦର୍ଶନ କଳାର ସ୍ଥିତି ଉପରେ ଦୁଇ ଦିନିଆ ଜାତୀୟ ସଂପାନ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ମିନି ଅଡିଟୋରିୟମରେ ଆୟୋଜିତ ଏହି ସଂପାନରେ ସ୍ଥାୟୀ ଜୀବିକା ପାଇଁ କଳାକାରମାନଙ୍କୁ ପୃଷ୍ଠପୋଷକତା ବିଷୟରେ ଆଲୋଚନା ହୋଇଥିଲା। ପ୍ରଦର୍ଶନ କଳା ବିଭାଗର ସଂଯୋଜକ ଡକ୍ଟର ମୋହିତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାରେ ସଂସ୍କୃତି ଗବେଷକ ଡ.ଦ୍ୱାରିକା ନାୟକ, ଗୁରୁ ରଞ୍ଜନ କୁମାର ସାହୁ, ଗୁରୁ ରତନ ପୂଜାରୀ, ଛତିଶଗଡ଼ ସଂସ୍କୃତି ବିଭାଗ ଉପ ନିର୍ଦ୍ଦେଶିକା ପୂର୍ଣ୍ଣଶ୍ରୀ ରାଉତ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ସମୟରେ ବ୍ୟବସାୟିକ କଳାକାର ମାନଙ୍କୁ ଯେତିକି ସମ୍ମାନ ଦିଆଯାଉଛି ଲୋକ କଳାକାରଙ୍କୁ ସେଭଳି ସମ୍ମାନ ମିଳୁ ନ ଥିବା ଆଲୋଚକମାନେ ମତ ଦେଇଥିଲେ। ଏପରିକି ସରକାରୀ କାର୍ଯ୍ୟକ୍ରମରେ ବ୍ୟବସାୟିକ କଳାକାରମାନଙ୍କ ପଛରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ଲୋକ ସଂସ୍କୃତିକୁ ବଞ୍ଚାଇ ରଖୁଥିବା ଲୋକ କଳାକାରଙ୍କୁ ଉପେକ୍ଷା କରାଯାଉଥିବା ଦୃଷ୍ଟିଗୋଚର ହେଉଥିବା ମତ ଦେଇଥିଲେ। ସେଥିପାଇଁ ସରକାରୀସ୍ତରରେ ଲୋକ ସଂସ୍କୃତି ସହ ଜଡିତ କଳାକାରମାନଙ୍କୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ଗବେଷକ ମାନେ ମତ ଦେଇଥିଲେ । ଏହାସହ ସାଂସ୍କୃତିକ ମୌଳିକତା ବଜାୟ ରଖିବାକୁ ଲୋକ କଳାକାରମାନଙ୍କୁ ଆହ୍ୱାନ କରିଥିଲେ।

ଜାତୀୟ ସଂପାନକୁ ସୋମବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡକ୍ଟର ନୃପରାଜ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପି.ଜି. କାଉନସିଲ ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ସଭାପତିତ୍ୱ କରିଥିଲେ। ଜାତୀୟ ସଂପାନ ସଂଯୋଜକ ଡକ୍ଟର ଗୋପୀନାଥ ବାଗ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସହ ସଂଯୋଜକ ଡକ୍ଟର ହରିଦାସ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସଂପାନର ପ୍ରଥମ ଦିନ ଓଡିଶାରେ ପାଠ୍ୟକ୍ରମରେ ଥିଏଟର ସ୍ଥିତି ବିଷୟରେ ଆଲୋଚନା କରାଯାଇଥିଲା । ବୈଷୟିକ ଆଲୋଚନାରେ ଭାଗ ନେଇ ସଂସ୍କୃତି ଗବେଷକ ଡ. ଦ୍ୱାରିକା ନାଥ ନାୟକ ପ୍ରଦର୍ଶନ କଳା ବିଭାଗକୁ ୟୁଜିସି ମାନ୍ୟତା ଦେବାକୁ ଦାବି କରିଥିଲେ। ବିଶିଷ୍ଟ ନାଟ୍ୟବିତ୍ କେଶ ରଞ୍ଜନ ପ୍ରଧାନ ପ୍ରଦର୍ଶନ କଳା ଶିକ୍ଷାକୁ ଜାତୀୟ ଶିକ୍ଷା ନୀତିରେ ଯୋଡାଯାଇଥିବାରୁ ଏହାର ଉନ୍ନତି ହେବ ବୋଲି କହିଥିଲେ। ଏହାସହ ମହାବିଦ୍ୟାଳୟ ପାଠ୍ୟକ୍ରମରେ ମଧ୍ୟ ପ୍ରଦର୍ଶନ କଳା ବିଷୟକୁ ସାମିଲ କରାଯାଉ ବୋଲି କହିଥିଲେ । ଆଲୋଚନାଚକ୍ରରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଅତିଥି ଭାବେ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହାୟକ ପ୍ରଫେସର ଅରବିନ୍ଦ ପଣ୍ଡା ସଭାପତିତ୍ୱ କରିଥିଲେ। ସଂପାନରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଏବଂ ଗବେଷକ ମାନେ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ପ୍ରଦର୍ଶନ କଳା ବିଭାଗର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଶେଷହେଲା ଶୁଭମଙ୍କ ସଚେତନତା ସାଇକେଲ ଯାତ୍ରା

**କୁଚିଣ୍ଡା, ୧୧।୩(ବିରଞ୍ଚି ଦର୍ଜୀ)**


ଶୁଭମ ସାଇକେଲ ଯାତ୍ରାସାରି କୁଚିଣ୍ଡା ବସ୍‌ଷ୍ଟାଣ୍ଡରେ ପହଞ୍ଚିଛନ୍ତି।

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଡିମିରିମୁଣ୍ଡା ଗ୍ରାମର ଶୁଭମ ବାରିକ ବାୟୁ ପ୍ରଦୂଷଣ ସଚେତନତା ବାର୍ତ୍ତା ନେଇ ସାଇକେଲ ଯୋଗେ ଓଡ଼ିଶା ପରିଭ୍ରମଣ କରି ମଙ୍ଗଳବାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ୭୦ଦିନ ପୂର୍ବରୁ ସେ କୁଚିଣ୍ଡା ବସ୍‌ଷ୍ଟାଣ୍ଡରୁ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ। ସଂପ୍ରତି ପେଟ୍ରୋଲ ଓ ଡିଜେଲ ଚାଳିତ ଯାନବାହାନ ଦାରା ବାୟୁ ମଣ୍ଡଳ ପ୍ରଦୂଷଣ ହେବାସହ ତାପମାତ୍ରା ବୃଦ୍ଧି ପାଇ ପରିବେଶ ଉପରେ କୁପ୍ରଭାବ ପଡୁଛି। ୨୩ବର୍ଷିୟ ଯୁବକ ବାରିକ ତାଙ୍କର ଦୀର୍ଘ ଦିନର ଭ୍ରମଣ ସମୟରେ ପ୍ରତ୍ୟେକ ଜିଲାର ଜିଲାପାଳଙ୍କୁ ସାକ୍ଷାତ କରି ନିଜ ଭ୍ରମଣର ଉଦ୍ଦେଶ୍ୟ ଓ ପ୍ରଦୂଷଣ ସଚେତନତା ସମ୍ପର୍କରେ ଅବଗତ କରାଇଛନ୍ତି। ସେ ଭୁବନେଶ୍ୱରରେ କୁଚିଣ୍ଡା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କୁ ସାକ୍ଷାତ କରିଥିଲେ। ତାଙ୍କର ଏଭଳି ସଚେତନତା ସାଇକେଲ ଯାତ୍ରା ପାଇଁ ଉଭୟ ମନ୍ତ୍ରୀ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧନା ଜଣାଇଥିଲେ। ଆଗାମୀ ଦିନରେ ଏଭଳି ସଚେତନତା ସାଇକେଲ ଯାତ୍ରା ପାଇଁ ଯୁବଗୋଷ୍ଠି ନିଶ୍ଚିତ ଅନୁପ୍ରାଣିତ ହେବେ ବୋଲି ଶୁଭମ କହିଛନ୍ତି। ସେ ଯାତ୍ରାସାରି କୁଚିଣ୍ଡା ବସଷ୍ଟାଣ୍ଡରେ ପହଞ୍ଚିବା ପରେ କୁଚିଣ୍ଡାର ବିଭିନ୍ନ ଅନୁଷ୍ଠାନ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ସହ ସମ୍ବର୍ଦ୍ଧନା ଜଣାଇଥିଲେ।

# ଆଦର୍ଶ ଶିଶୁ ମନ୍ଦିରର ସମସ୍ତ ସେବା ଉପରେ ନିଷେଧାଦେଶ ଜାରି

**ସମ୍ବଲପୁର, ୧୧।୩(ପ୍ରମୋଦ ବହିଦାର)**

ସମ୍ବଲପୁରରେ ଭିନ୍ନକ୍ଷମ ଓ ମାନସିକ ରୋଗୀଙ୍କ ଥଇଥାନ କେନ୍ଦ୍ର ଭାବେ ପଞ୍ଜିକୃତ କୁଲୁଥକାନୀସ୍ଥିତ 'ଆଦର୍ଶ ଶିଶୁ ମନ୍ଦିର' ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର ସମସ୍ତ ସେବା ଉପରେ ନିଷେଧାଦେଶ ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବଙ୍କ ପତ୍ର ସଂଖ୍ୟା ୨୮୫୫ ମାର୍ଚ୍ଚ ୧୧ରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆଦର୍ଶ ଶିଶୁ ମନ୍ଦିର ନାମରେ ପଞ୍ଜିକୃତ ସଂସ୍ଥା ଅଧୀନରେ ଚାଲୁଥିବା ରାଜ୍ୟର ସମସ୍ତ ଭିନ୍ନକ୍ଷମ ଓ ମାନସିକ ରୋଗୀଙ୍କ ଥଇଥାନ କେନ୍ଦ୍ରର ସେବାକୁ ବନ୍ଦ କରିବାକୁ ସମସ୍ତ ଜିଲାର ଜିଲାପାଳମାନଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ରହୁଥିବା ମାନସିକ ରୋଗୀଙ୍କୁ ନିର୍ଯାତନା ଭଳି କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗ ପ୍ରମାଣିତ ହେବା ପରେ ଉକ୍ତ ସଂସ୍ଥା ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଉକ୍ତ ଆଦର୍ଶ ଶିଶୁ ମନ୍ଦିର ଦ୍ୱାରା ପରିଚାଳିତ ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ନେତାଜୀ କଲୋନୀରେ ଥିବା ସମର୍ଥ ନାମକ ଏକ ମାନସିକ ରୋଗୀ ଥାଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଶାରୀରିକ ନିର୍ଯାତନା ଅଭିଯୋଗ ହୋଇଥିଲା। ତେଣୁ ଗତ ଜାନୁଆରୀ ୨୮ରେ ଧନୁପାଲି ପୋଲିସ ଘଟଣାର ତଦନ୍ତ ପୂର୍ବକ ସଂସ୍ଥାର ମାଲିକ ତଥା ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ ଓ ମହିଳା ସହାୟିକା ସ୍ୱାଗତିକା ପ୍ରଧାନଙ୍କୁ ଗିରଫ କରିଥିଲା। ଏହାବାଦ ଉକ୍ତ ଥଇଥାନ କେନ୍ଦ୍ରକୁ ସିଲ୍ କରାଯାଇ ଗତ ଜାନୁଆରୀ ୩୧ରେ ଅନ୍ତେବାସୀଙ୍କୁ ବୈଜାମୁଣ୍ଡାସ୍ଥିତ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ନବନିର୍ମିତ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ (ଆଇଆଇସି)କୁ ସ୍ଥାନାନ୍ତର କରଯାଇଥିଲା।

# ଓଡ଼ିଆ ଭାଷା ବିକାଶରେ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ


ଆୟୋଜିତ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସରେ ମଞ୍ଚାସୀନ ଅତିଥି ।

**ସମ୍ବଲପୁର, ୧୧।୩(ବି.ଶଙ୍କର)**

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ମଙ୍ଗଳବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗାଳ୍ପିକା ତଥା ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପିକା ଡ. ସନ୍ତୋଷିନୀ ବାବୁ ଯୋଗଦାନ କରିଥିଲେ। ଡ. ବାବୁ ଓଡ଼ିଆ ଭାଷାର ଐତିହାସିକ ବିକାଶ, ଉତ୍‌ଥାନ ଓ ପତନର ବିଭିନ୍ନସ୍ତର ଉପରେ ଆଲୋକପାତ କରିଥିଲେ। ଛାତ୍ରୀମାନେ ତଥା ଯୁବ ସମାଜ ଓଡ଼ିଆ ଭାଷାକୁ ପ୍ରାଣର ଭାଷା ଭାବରେ ଗ୍ରହଣ କଲେ ହିଁ ଓଡ଼ିଆ ଭାଷାର ବିକାଶ ହେବ। ଭାଷା ସାମାନ୍ୟ କାରଣରୁ ବିକୃତ ହୁଏ ବୋଲି ମୁଖ୍ୟବକ୍ତା ଡ.ବାବୁ ମତପୋଷଣ କରିଥିଲେ। ପ୍ରାରମ୍ଭିକ ସମ୍ଭାଷଣରେ ପ୍ରଫେସର ବରାଳ ଶିକ୍ଷାର ସକାରାତ୍ମକ ବିକାଶ କ୍ଷେତ୍ରରେ ଓଡ଼ିଆ ଭାଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ଅଖିଳ ବିଶ୍ୱାଳ ଓଡ଼ିଆ ଭାଷାକୁ ଆକର୍ଷଣୀୟ କରିବା ପାଇଁ ଶବ୍ଦକୋଷ, ଜ୍ଞାନକୋଷ, ପାଠ୍ୟପୁସ୍ତକ ଆଦିର ପ୍ରକାଶନ ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗର ଅନ୍ୟତମ ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିବା ସହିତ ଓଡ଼ିଆ ଭାଷାର ଚଳମାନତା ଓ ସ୍ୱାତନ୍ତ୍ର୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ରମେଶଚନ୍ଦ୍ର ମିର୍ଦ୍ଧା, ଡ. ପ୍ରଜ୍ଞାପିତା ଦାସ, ଶୁଭସ୍ମିତା ମହାପାତ୍ର, ରଞ୍ଜିତା ମାଝୀ ଏବଂ ଲୁଚକାନ୍ତି ପଧାନ ସହଯୋଗ କରିଥିଲେ।

# ଧର୍ମାନ୍ତରୀକରଣ ବନ୍ଦ କର


ଡେପୁଟି କଲେକ୍ଟର ସରିତା ଓରାମ ଦାବିପତ୍ର ଗ୍ରହଣ କରୁଛନ୍ତି।

**କୁଚିଣ୍ଡା, ୧୧।୩(ବିରଞ୍ଚି ଦର୍ଜୀ)**

## ଉପଜିଲାପାଳଙ୍କୁ ଦାବିପତ୍ର

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ସ୍ଥାନରେ ଧର୍ମାନ୍ତରୀକରଣ ଚାଲିଥିବା ଅଭିଯୋଗ ହୋଇଛି। ଏଥିରେ ରୋକ ଲଗାଇବାକୁ ମଙ୍ଗଳବାର ବାମରା ବ୍ଲକ କବରିବାହାଲ ଗ୍ରାମର ବହୁ ଲୋକେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ପୃଥକଭାବେ କବରିବାହାଲ ସରପଞ୍ଚ ଭଗିନ୍ଦ୍ର କିଷାନ ମଧ ତାଙ୍କ ପଞ୍ଚାୟତରେ ଏକ ଦମ୍ପତି ସଭାକରି, ଅର୍ଥ ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରୁଥିବା ଅଭିଯୋଗ କରିଛନ୍ତି। ଗତ କିଛି ବର୍ଷ ହେବ ସେମାନେ ଗ୍ରାମ ବନଦୁର୍ଗା ମନ୍ଦିର ପାଖ ମୁଣ୍ଡାପଡାରେ ଗୋଚର ଏବଂ ସରକାରୀ ଜମି ଜବରଦଖଲ କରି ଅଞ୍ଚଳର ଗରିବ ଆଦିବାସୀଙ୍କୁ ଧର୍ମାନ୍ତରୀକରଣ କରୁଥିବା ଉପଜିଲାପାଳଙ୍କୁ ପ୍ରଦତ୍ତ ଦାବିପତ୍ରରେ ଗ୍ରାମବାସୀ ଓ ସରପଞ୍ଚ ଉଲ୍ଲେଖ କରିଛନ୍ତି। ବିଶେଷ କରି ଗ୍ରାମର ଆଦିବାସୀ ପଡା ମାନଙ୍କରେ ହାଲୋଲିଆ ସଭାକରି ଧର୍ମାନ୍ତରୀକରଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି।ପୂର୍ବରୁ ଉପଖଣ୍ଡର କୁଚିଣ୍ଡା, ବକ୍ସମା, କେଶାଇବାହାଲ ସମେତ ବିଭିନ୍ନ ଗ୍ରାମରେ ଧର୍ମାନ୍ତରୀକରଣ ଚାଲିଥିବା ଉପଖଣ୍ଡ ଓ ଜିଲା ପ୍ରଶାସନ ନିକଟରେ ହିନ୍ଦୁ ସମାଜ ପକ୍ଷରୁ ଅଭିଯୋଗ ଦାଖଲ କରାଯାଇଥିଲା। ତେଣୁ ପ୍ରଶାସନ ଏଦିଗରେ ପଦକ୍ଷେପ ନେବାକୁ କୁଚିଣ୍ଡା ଉପଜିଲାପାଳ, ଏସଡିପିଓ, ଜିଲାପାଳ, ବାମରା ତହସିଲଦାର ଓ ମହୁଲପାଲି ଥାନାରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତରେ ଡେପୁଟି କଲେକ୍ଟର ସରିତା ଓରାମ ଦାବିପତ୍ର ଗ୍ରହଣ କରି ଏଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ସରପଞ୍ଚ ଭଗିନ୍ଦ୍ର କିଷାନ,ସମ୍ବଲପୁର ଧର୍ମଜାଗରଣ ପ୍ରମୁଖ ପ୍ରଫୁଲ୍ଲ ଧାନ, ଅବନୀ ବେହେରା, ମିଶ୍ର କେଚ୍ଛୁ, ବିଶ୍ୱ ହିନ୍ଦୁ ପରିଷଦ ଧର୍ମ ପ୍ରସାର ବିଭାଗର ତୁଳାରାମ କଉଡି, ମାନବ ଅଧିକାର ରକ୍ଷକ ରାମଚରଣ ରାୟ, କୁମାର ବିକ୍ରମ, ଶ୍ରୀକାନ୍ତ ଦ୍ୱିବେଦୀ, ଜିଲା ଦେବସେନା ଅଧକ୍ଷ ସୌରଭ ରଞ୍ଜନ କର, ଉପଖଣ୍ଡ ଦେବସେନା ଅଧକ୍ଷ ମଣ୍ଟୁ ରାୟ,ଦେବସେନାର ଭିକୁ ନାଏକ, ବଜରଙ୍ଗ ଦଳର ଅତିଶ ଅଗ୍ରୱାଲ, ଅଙ୍ଗଦ ରାୟ, ଭୀମସେନ କିଷାନ, ଜନ୍ମାଜୟ ଖଡିଆ, ବରିଞ୍ଚି କେର୍କେଟା, ଦୟା ଖଡିଆଙ୍କ ସମେତ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର, ୧୧।୩(ଭବାନୀ ଶଙ୍କର ଭୋଇ)**


ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମର ଅଧିକାରୀମାନେ।

ରେଙ୍ଗାଲୀ ବ୍ଲକ ସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଲପଙ୍ଗାଠାରେ ୪୦ ବର୍ଷ ପରେ ଅସ୍ୱାଭାବିକ ଗର୍ଭାଶୟ ରକ୍ତସ୍ରାବ ଉପରେ ମଙ୍ଗଳବାର ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସ୍ୱର୍ଣ୍ଣ ହସ୍ପିଟାଲର ବିଶିଷ୍ଟ ସ୍ତ୍ରୀରୋଗ ବିଶେଷଜ୍ଞ ଡକ୍ଟର ଏମ. କେ. ଦାସ ଏହି ଶିବିରରେ ଯୋଗ ଦେଇଥିଲେ। କିଭଳିଭାବେ ମହିଳାମାନେ ଅସ୍ୱାଭାବିକ ଗର୍ଭାଶୟ ରକ୍ତସ୍ରାବରୁ ସୁରକ୍ଷିତ ରହିପାରିବେ ଏବଂ ଏହାର ନିରାକରଣ ଉପରେ ବୁଝାଇଥିଲେ। ଏହା ସହିତ ସେ ସର୍ଭାଇକାଲ ଟିକାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କ ପାଇଁ ଏକ ଥର୍ମାଲ ମେମୋଗ୍ରାଫି ସ୍କ୍ରିନିଂ ଏବଂ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିରର ମଧ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଦିତ୍ୟ ଆଲୁମିନିୟମର ୟୁନିଟ ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ ଉଦ୍‌ଘାଟନ କରିଥିଲେ।ଏହି ଅବସରରେ ଏଫ୍‌ଆରପିର ସହ ସଭାପତି ପି. ଭି. କୋଟିରତ୍ନକୃଷ୍ଣ, ଆଦିତ୍ୟ ଆଲୁମିନିୟମ ଚିକିତ୍ସା ସେବା ମୁଖ୍ୟ ଡକ୍ଟର ଅରିନ୍ଦମ ରାୟ ଚୌଧୁରୀ ଉପସ୍ଥିତ ଥିଲେ।

# ବନ୍ଦେ ଉତ୍କଳ ଜନନୀ ଗାନ ପାଇଁ ବାଧ କରିବା ଅନୁଚିତ: ପଶ୍ଚିମାଞ୍ଚଳ ଏକତା ମଞ୍ଚ

**ସମ୍ବଲପୁର, ୧୧।୩(ପ୍ରମୋଦ ବହିଦାର)**



ମହାନଦୀ କ୍ଲବରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା

ପଶ୍ଚିମ ଓଡ଼ିଶାବାସୀଙ୍କୁ ବନ୍ଦେ ଉତ୍କଳ ଜନନୀ ଗାନ ପାଇଁ ବାଧ କରିବା ଅନୁଚିତ ବୋଲି ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ କୁହାଯାଇଛି। ସମ୍ବଲପୁର ଜିଏମ୍ ପ୍ରେକ୍ଷାଳୟରେ ଗତ ମାର୍ଚ୍ଚ ୮ରେ ଅନୁଷ୍ଠିତ ଏକ ସରକାରୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ବନ୍ଦେ ଉତ୍କଳ ଜନନୀ ଗାନ ସମୟରେ ଛିଡ଼ା ହୋଇ ସମ୍ମାନ ଜଣାଇ ନ ଥିଲେ। ଏପରିକି ତାଙ୍କ ବକ୍ତବ୍ୟରେ ସେ ଏହି ସଙ୍ଗୀତକୁ ତୀବ୍ର ସମାଲୋଚନା ମଧ କରିଥିଲେ। ଉକ୍ତ ପ୍ରସଙ୍ଗରେ ପଶ୍ଚିମ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସାମାଜିକ ସଙ୍ଗଠନ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଜୟନାରାୟଣଙ୍କୁ ସମର୍ଥନ କରିଛି। ସମ୍ବଲପୁର ମହାନଦୀ କ୍ଲବରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚର ଉପଦେଷ୍ଟା ଡ. ପ୍ରମୋଦ ରଥ କହିଛନ୍ତି ଯେ, ଜୟନାରାୟଣଙ୍କ ବକ୍ତବ୍ୟ କେବଳ ପଶ୍ଚିମାଞ୍ଚଳବାସୀଙ୍କ ଭାବନାର ପ୍ରତିଫଳନ। ସେ ଆରମ୍ଭରୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ବିରୋଧ କରିଆସିଛନ୍ତି। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଓଡ଼ିଶା କହିଲେ କେବଳ ଉତ୍କଳ ନୁହେଁ, ବରଂ ଉତ୍କଳ, କୋଶଳ ଓ କଳିଙ୍ଗର ସମ୍ମିଶ୍ରଣରେ ଓଡ଼ିଶା ରାଜ୍ୟ ଗଠିତ ହୋଇଥିଲା। ମାତ୍ର ଏହି ସଙ୍ଗୀତରେ ଉତ୍କଳ ବ୍ୟତୀତ ରାଜ୍ୟର ଅନ୍ୟ ଅଞ୍ଚଳର ଭୌଗୋଳିକ, ସାଂସ୍କୃତିକ, ଐତିହ୍ୟ ବା ବରପୁତ୍ରଙ୍କ ଗୁଣଗାନ କରାଯାଇ ନ ଥିବାରୁ ସେ ଏହାକୁ ସମାଲୋଚନା କରିଥିଲେ। ହେଲେ ତାଙ୍କ ବକ୍ତବ୍ୟକୁ ବିଶେଷ କରି ବିଜେଡି ନେତାମାନେ ଭିନ୍ନ ଢଙ୍ଗରେ ଉପସ୍ଥାପନ କରି ଜନତାଙ୍କ ସମ୍ମୁଖରେ ଜୟନାରାୟଣଙ୍କ ବ୍ୟକ୍ତିତ୍ୱକୁ ମଳିନ କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଥିଲେ, ପଶ୍ଚିମାଞ୍ଚଳ ଏକତା ମଞ୍ଚ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର ଓ ପଶ୍ଚିମାଞ୍ଚଳର ନ୍ୟାର୍ଯ୍ୟ ଅଧିକାର ପାଇଁ କାର୍ଯ୍ୟ କରି ଆସୁଛି। ବିଭିନ୍ନ ସମୟରେ ଆଇଆଇଏମ୍ ସ୍ଥାପନ, ବରଗଡ଼ରେ କ୍ୟାନସର ହସ୍ପିଟାଲ ସ୍ଥାପନ, ଇଲେକ୍ଟ୍ରିକାଲ ସ୍ମାର୍ଟ ମିଟରକୁ ବିରୋଧ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆଦି ବିଭିନ୍ନ ଦାବିକୁ ମଞ୍ଚ ସର୍ବଦା ସମର୍ଥନ କରିଛି। ୨୦୨୦ ମସିହାରେ ବନ୍ଦେ ଉତ୍କଳ ଜନନୀକୁ ତତ୍କାଳୀନ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଓ ରାଜ୍ୟ ସରକାରଙ୍କ ତତ୍କାଳୀନ କ୍ୟାବିନେଟ୍ ମନ୍ତ୍ରୀ ସୁଶାନ୍ତ ସିଂ ବିରୋଧ କରିଥିଲେ। ଫଳରେ ମଞ୍ଚ ପକ୍ଷରୁ ଉଭୟ ନେତାଙ୍କୁ ଧନ୍ୟବାଦ ଅର୍ପଣ ସହ ପଶ୍ଚିମାଞ୍ଚଳର ସ୍ୱାର୍ଥକୁ ସମର୍ଥନ କରୁଥିବା ଦଳମତ ନିର୍ବିଶେଷରେ ଯେକୌଣସି ଦଳର ନେତାଙ୍କୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସମର୍ଥନ କରିବ ବୋଲି ସେ କହିଛନ୍ତି। ଏଥିରେ ଲଳିତା ଭୋଇ, ମୁକେଶ ଜରିୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

**ସମ୍ବଲପୁର, ୧୧।୩(ବି.ଶଙ୍କର)**


ଜିଏମ୍‌ୟୁ ପ୍ରେକ୍ଷାଳୟରେ ଅନୁଷ୍ଠିତ ଲକ୍ଷପତି ଦିଦି କର୍ମଶାଳାରେ ଜିଲାପାଳ ବକ୍ତବ୍ୟ ରଖୁଛନ୍ତି।

ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ମିଳିତ ଆନୁକୂଲ୍ୟରେ ଲକ୍ଷପତି ଦିଦି କର୍ମଶାଳା ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ବିଧାୟକ ଜୟନାରାୟଣ ମିଶ୍ରଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରି ନାଏକ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ, ପ୍ରଶାସନିକ ଅଧିକାରୀ, ସମସ୍ତ ବ୍ଲକରୁ କମ୍ୟୁନିଟି ସପୋର୍ଟ ଷ୍ଟାଫ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଲକ୍ଷପତି ଦିଦିଙ୍କ ସ୍ୱପ୍ନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଖିଥିଲେ। ତାଙ୍କ ସ୍ୱପ୍ନକୁ କେବଳ ମହିଳାମାନେ ପୁରା କରିପାରିବେ। ସେଥିପାଇଁ ଯୋଜନା ବିଷୟରେ ଭଲ ଭାବେ ଅବଗତ ହେବା ଉଚିତ ବୋଲି ବିଧାୟକ ପ୍ରତିନିଧି ମିଶ୍ର ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ନାଏକ କହିଥିଲେ ରାଜ୍ୟ ସରକାର ମହିଳାମାନଙ୍କର ବିକାଶ ନିମନ୍ତେ ଅନେକ ଯୋଜନା ଆରମ୍ଭ କରିଛନ୍ତି। ସେଥିମଧ୍ୟରୁ ଲକ୍ଷପତି ଦିଦି ସହାୟତା ଯୋଜନା ଏକ ପ୍ରମୁଖ ଯୋଜନା। ଯୋଜନାର ଉପଯୁକ୍ତ ବିନିଯୋଗ କରିବା ଜରୁରି। ଜିଲା ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ଜିଲାପାଳ ବୋନ୍ଦର ଆଲୋଚନା କରିଥିଲେ। ନିଜ ଜୀବିକା ଜରିଆରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜି ନିଜକୁ ଜଣେ ଲକ୍ଷପତି ଦିଦି ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବା ପାଇଁ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ତୃତୀୟ ତ୍ରୈମାସିକ ରିପୋର୍ଟ ଅନୁଯାୟୀ ପ୍ରାୟ ୧୨,୫୯୫ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି। ଚଳିତ ଆର୍ଥିକ ବର୍ଷର ଶେଷ ସୁଦ୍ଧା ଆମର ଲକ୍ଷ୍ୟ ହାସଲ କରିପାରିବୁ। ଲକ୍ଷପତି ଦିଦି ସୃଷ୍ଟି କରିବାରେ ରାଜ୍ୟସ୍ତରରେ ସମ୍ବଲପୁର ଜିଲା ପ୍ରଥମ ସ୍ଥାନରେ ଅଛି ବୋଲି ଜିଲାପାଳ କହିଥିଲେ।

ସୂଚନାଯୋଗ୍ୟ ଯେ, ଅଧିକରୁ ଅଧିକ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସଏସ)ଙ୍କୁ ତାଲିମ ପ୍ରଦାନ କରାଯାଉଛି। ଉଦ୍‌ଘାଟନୀ ଦିବସରେ ଜିଲାର ବାମରା, କୁଚିଣ୍ଡା, ଜମନକିରା ଏବଂ ଯୁଯୁମରା ବ୍ଲକ ଏବଂ ବୁଧବାର ଜିଲାର ବାକି ୫ଟି ବ୍ଲକରେ ଅନୁଷ୍ଠିତ ହେବ। ଚଳିତ ବର୍ଷରେ ପ୍ରାୟ ୧୯,୨୫୨ ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ରହିଛି। ଏବଂ ଏଥି ମଧ୍ୟରୁ ପ୍ରାୟ ୨୪,୬୨୩ ସମ୍ଭାବ୍ୟ ଲକ୍ଷପତି ଦିଦି ଚିହ୍ନଟ କରାଯାଇଛି। ସମନ୍ୱୟ ଓ ସହଭାଗିତା ମାଧ୍ୟମରେ ବିଭିନ୍ନ ଜୀବନ ଜୀବିକା କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ହିତାଧିକାରୀମାନଙ୍କୁ ସେମାନଙ୍କର ଭୂମିକା ଓ ଦାୟିତ୍ୱ ବିଷୟରେ ସଚେତନ କରାଇବା ଲକ୍ଷପତି ଦିଦି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ।

## ସଂକ୍ଷେପରେ

## ଲାଠୋରରେ ବୁଲା କୁକୁର ଆତଙ୍କ

**୨ ଦିନରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କାମୁଡ଼ିଲାଣି**

ଲାଠୋର,୧୧।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଦୀର୍ଘ ଦିନ ହେବ ବୁଲା କୁକୁର ଆତଙ୍କ ଦେଖାଦେଇଛି। ଫଳରେ ବିଭିନ୍ନ ସମୟରେ ଲୋକ ବୁଲା କୁକୁର ଆକ୍ରମଣର ଶିକାର ହେଉଛନ୍ତି। ସୋମବାର ଏବଂ ମଙ୍ଗଳବାର ଦୁଇ ଦିନ ଭିତରେ ଗ୍ରାମର ବିଭିନ୍ନ ପଡ଼ାର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଏବଂ ଶିଶୁଙ୍କୁ ବୁଲା କୁକୁର କାମୁଡ଼ିଛି । ସେଥିମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପାଟଣାଗଡ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା। ଗ୍ରାମର ମାର୍କେଟ, ବ୍ୟାଙ୍କ ଛକ, ଶିଶୁମନ୍ଦିର ଛକ, ବସଷ୍ଟାଣ୍ଡ, ରେଲୱେ ଏରିଆ ଆଦି ମୁଖ୍ୟ ସ୍ଥାନରେ ଦଳ ଦଳ ହୋଇ ବୁଲା କୁକୁର ବୁଲୁଛନ୍ତି। ଲୋକ ଦୁଇଚକିଆ ଯାନରେ ଯିବା ଆସିବା ବେଳେ ଅନେକ ସମୟରେ ଗୋଡାଇ କାମୁଡୁଛନ୍ତି। ଏହାର ବିହିତ ପ୍ରତିକାର ଲାଗି ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ବୁଲା କୁକୁର ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ବୁଲା କୁକୁର କାମୁଡ଼ାର ଶିକାର ହୋଇଥିବା ଜଣେ ଯୁବକ।

# ବଲାଙ୍ଗୀର ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

ବଲାଙ୍ଗୀର,୧୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ଜୀବିକା ମିଶନ (ଓଏଲଏମ୍) ଏବଂ ମିଶନ ଶକ୍ତି ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ମଙ୍ଗଳବାର ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଯୋଗ ଦେଇଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ଭାରତ ଭଳି ଜନମଙ୍ଗଳ ରାଷ୍ଟ୍ରରେ ମହିଳାଙ୍କୁ ଅଗ୍ରାଧିକାର ଦେବା ଏବଂ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଅଧିକାରୀ ମହାପାତ୍ର ଲକ୍ଷପତି ଦିଦି ଯୋଜନାରେ ବିଭିନ୍ନ ସରକାରୀ ଯୋଜନା ଏବଂ ମହିଳା ମାନଙ୍କ ଭାଗିଦାରୀ ଉପରେ କହିଥିଲେ। କିଭଳି ମହିଳାମାନେ ସବୁ ଯୋଜନାର ସୁଫଳ ପାଇବେ କହିଥିଲେ। କାର୍ଯ୍ୟକ୍ରମରେ ଲକ୍ଷପତି ଦିଦିମାନେ ନିଜ ନିଜର ସଫଳ କାହାଣୀ ଉପସ୍ଥାପନା କରିଥିଲେ। ସେମାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ମାଛ ଚାଷ, କୁକୁଡ଼ା ଚାଷ, ଗୋପାଳନ ଏବଂ ଅନ୍ୟାନ୍ୟ ବ୍ୟବସାୟ କରିବାକୁ ମହିଳାମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଏହି କାର୍ଯକ୍ରମରେ ଜିଲାର ୧୪ଟି ବ୍ଲକରୁ ଶତାଧିକ ମହିଳା ଆସି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା, ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ସିଡ଼ିଭିଓ ଅଞ୍ଜନ ଦାସ, ଏଲଡିଏମ୍ ପ୍ରଶାନ୍ତ କୁମାର ବେହେରା, ମତ୍ସ୍ୟ ଅଧିକାରୀ ଉମେଶ ଧରୁଆ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ଉପସ୍ଥିତ ଥିଲେ।




ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳାରେ ମଞ୍ଚାସୀନ ଅତିଥି।

**ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ**

## କଣ୍ଟାବାଞ୍ଜି ମାଟିର ମହୋତ୍ସବ ଉଦ୍‌ଘାଟିତ

କଣ୍ଟାବାଞ୍ଜି,୧୧।୩(ଗୁରୁ ଦୟାଳ ହଂସ)

କଣ୍ଟାବାଞ୍ଜି ସହରରେ କଣ୍ଟାବାଞ୍ଜି ମାଟିର ମହୋତ୍ସବ ସୋମବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ମା' ଦୁଆରଶିନି ପୀଠରୁ ଏକ ମଶାଲ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବା ପରେ ରେଲୱେ ଫୁଟବଲ ଗ୍ରାଉଣ୍ଡରେ ପହଞ୍ଚି ଥିଲା । ଏହି ଶୋଭାଯାତ୍ରାରେ ମହୋତ୍ସବ କମିଟିର ଚେୟାରମ୍ୟାନ ତଥା ବିଧାୟକ ଲକ୍ଷ୍ମଣ ବାଗଙ୍କ ସହ ଅନେକ କଳାକାର, କମିଟିର ସଭ୍ୟ ତଥା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ବିଧାୟକ ବାଗ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଭାଜପା ନେତା ଶିବାଜୀ ମହାନ୍ତି, କମିଟି ସଭାପତି ବ୍ରଜଶ୍ୟାମ ଗୁରୁ, ଉପ-ସଭାପତି ବିରଞ୍ଚି ଦାସ, ସଞ୍ଜୟ ଗାନ୍ଧୀ, ନାରିନେତ୍ରୀ ନିରୁପମା ମାଝି, ଅବସରପ୍ରାପ୍ତ ବ୍ଲକ କମାଣ୍ଡୋ ଗିରିରାଜମାଝି, ପୁଷ୍ପକେତୁ ବେହେରା, ସମ୍ପାଦକ ମନୋଜ ଦାଶ, କୈଳାସ ଦୀପ, ଅଜୟ ଅଗ୍ରୱାଲ ମଞ୍ଚାସୀନ ଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଫଣିନ୍ଦ୍ରମ ଦେଓ ଯୋଗ ଦେଇଥିଲେ। ଏହି ଅବସରରେ ଓଡିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ଅଞ୍ଚଳର ୩ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ନୟାପଲ୍ଲୀସ୍ଥିତ ଅଫିସ୍‌ର କଲୋନୀରେ ଥିବା ୭ଟି ଗ୍ରେଡ୍ ଏ ଫ୍ଲାଟର ନବୀକରଣ (ଇଲେକ୍ଟ୍ରିକାଲ୍ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ଓ୍ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ମାର୍ଚ୍ଚ ୨୭, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର


## ୩ ମାଣ୍ଡିଆ ଚାଷୀଙ୍କୁ ସମ୍ବର୍ଦ୍ଧନା

## ଶ୍ରୀଅନ୍ନ ଅଭିଯାନ ସମ୍ବନ୍ଧୀୟ କୃଷକ କର୍ମଶାଳା


ମୁରିବାହାଲ,୧୧।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଇଛାପଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଲା ଆଶା ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ମଙ୍ଗଳବାର ଦିନ ଶ୍ରୀଅନ୍ନ ଅଭିଯାନ ସମ୍ବନ୍ଧୀୟ ଏକ ଦିବସୀୟ କୃଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩ ଜଣ ମାଣ୍ଡିଆ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶା ମିଲେଟ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ଓ ମୁରିବାହାଲ କୃଷକ ମଞ୍ଚ ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି କର୍ମଶାଳାରେ ବ୍ଲକ ର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଆଶା ଅନୁଷ୍ଠାନର ସମ୍ପାଦକ ଭାସ୍କର ସାହୁ କରଙ୍କ ସଂଯୋଜନାରେ ହୋଇଥିବା ଏହି କର୍ମଶାଳାରେ ଭାଜପାର ବଲାଙ୍ଗୀର ଜିଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ମାଣ୍ଡିଆ ଚାଷ ଦ୍ୱାରା ଚାଷୀଙ୍କ ଆର୍ଥିକ ବିକାଶ ହେବା ସହ ମାଣ୍ଡିଆ ବ୍ୟବହାର ଯୋଗୁ ମନୁଷ୍ୟ ରୋଗ ମୁକ୍ତ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଏଡିଓ ସୁରେନ୍ଦ୍ର ଘୋଡ଼ା, ଶ୍ରୀଅନ୍ନ ଅଧିକାରୀ ସୁନନ୍ଦା ସାହୁ, ବ୍ଲକ କୃଷି ଅଧିକାରୀ ଆନନ୍ଦ ମଲ୍ଲିକ, ଶ୍ରୀଅନ୍ନ ଜିଲା ସଂଯୋଜକ ଯଶୋବନ୍ତ ନାୟକ, ଏଏଓ ଅବିନାଶ ପାଣଗ୍ରାହୀ ପ୍ରମୁଖ ଯୋଗଦେଇ ମାଣ୍ଡିଆ ଚାଷ ର ଲାଭ ଓ ମାଣ୍ଡିଆର ଉପଯୋଗିତା ବିଷୟରେ ଅବଗତ କରିଥିଲେ। ଏହି ଅବସରରେ ଉନ୍ନତ ମାଣ୍ଡିଆ ଚାଷ କରିଥିବା ୩ ଜଣ ଚାଷୀ ଚନ୍ଦ୍ରମଣି ପଟେଲ, ଆତ୍ମାରାମ ପଟେଲ ଓ ଗଣପତି ଦୀପଙ୍କୁ ମାନପତ୍ର,ଉତ୍ତରୀୟ ସହ ପୁରସ୍କାର ରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ରମେଶ ରଣା, ଅକ୍ଷୟ ମହାନନ୍ଦ, ମଚିନ୍ଦ୍ର ବାଗ, ସୁରେଶ ଗହିର, ନକୁଳ ମାଝି, ପରମାନନ୍ଦ ବାଗ, ଦଶରଥ ଭୋଇ ଯଜ୍ଞସେନୀ ଭୋଇ, ରବିଲାଲ ନାଗ ଓ ସୁର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଦେଓଗାଁ ବଣିକ ସଂଘର ପ୍ରଥମ ସଭାପତିଙ୍କ ପରଲୋକ

ଦେଓଗାଁ,୧୧।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁର ଜଣାଶୁଣା ସାମାଜିକ କର୍ମୀ ବଳଭଦ୍ର ସାହୁଙ୍କ (୭୪)ଙ୍କ ନିଜ ବାସଭବନରେ ମଙ୍ଗଳବାର ଅପରାହ୍ନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ପରିବାରବର୍ଗ ଉପସ୍ଥିତ ଥିଲେ । ସ୍ଥାନୀୟ ସୋନଗଡ ନଦୀ ତଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁଅ ଅଶ୍ୱିନୀ ମୁଖାଗ୍ନି ଦେଇଥିଲେ। ସେ ଦେଓଗାଁ ବଣିକ ସଂଘର ପ୍ରଥମ ସଭାପତି, ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ପୂର୍ବତନ ସମ୍ପାଦକ, ଦେଓଗାଁ ଶୀତଳ ଷଷ୍ଠୀ ପରିଚାଳନା କମିଟିର ପୂର୍ବତନ ସଂପାଦକ ତଥା ଦେଓଗାଁ ଗ୍ରାମ ପଞ୍ଚାୟତର ପୂର୍ବତନ ୱାର୍ଡ ସଭ୍ୟ ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ବିଧାୟକ କଳିକେଶ ନାରାୟଣ ସିଂଦେଓ, ବ୍ଲକ ବିଜେଡି ସଭାପତି ଶୁଶିଲ ଚାନ୍ଦ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଯୁବସଭାପତି ଶୈଳେନ୍ଦ୍ର କୁମାର ସାହୁ, ଉମା ଶଙ୍କର ସିଂ, କଂଗ୍ରେସ ଯୁବନେତା ବିଶ୍ୱଜିତ ପାତ୍ର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।



ବଳଭଦ୍ର ସାହୁ।

# ଜଳୁଛି ଜଙ୍ଗଲ, ବିଭାଗ ଚେଇଁ ଶୋଇଛି

ଦେଓଗାଁ,୧୧।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ସଇଁନ୍ତଲା ବନାଞ୍ଚଳ ଅନ୍ତର୍ଗତ ଡୁଷୁରା ଛକ ପତ୍ରା ଜଙ୍ଗଲ ଓ ମୁରସିଂହ ନିକଟ ଜଙ୍ଗଲରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳୁଛି। ଫଳରେ ଅନେକ ମୂଲ୍ୟବାନ ଗଛ ନଷ୍ଟ ହୋଇ ଯାଇଥିବା ଦେଖିବାକୁ ମିଳିଛି । ଚଳିତବର୍ଷ ଡୁଷୁରା ଛକ ପତ୍ରା ଜଙ୍ଗଲଠାରେ ଜଙ୍ଗଲ ବିଭାଗ ତରଫରୁ କାମ୍ପା ଯୋଜନାରେ ନୂତନ ବନୀକରଣ କରାଯାଇଥିଲା। ନିଆଁ ଲାଗିଯିବା ଫଳରେ ନୂତନ ବନୀକରଣ ଏବେ ପୋଡ଼ି ଛାରଖାର ହୋଇଯାଇଛି। ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଗଛ ନଷ୍ଟ ହେବା ସହ ଜଙ୍ଗଲରେ ଥିବା ବିଭିନ୍ନ ଜୀବଜନ୍ତୁ, ପଶୁପକ୍ଷୀ ତଥା ମାଟିରେ ଥିବା ଅଣୁଜୀବମାନେ ନଷ୍ଟ ହୋଇଯାଉଛନ୍ତି। ଏ ଦିଗରେ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି। ବର୍ତ୍ତମାନ ମହୁଲ ଫୁଲ ଗୋଟାଇବା ପାଇଁ କେହି କେହି ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଏ ଦିଗରେ ବିଭାଗ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉନାହିଁ। ଏଣୁ ଜଙ୍ଗଲ ପୋଡି ବଢିଚାଲିଛି। ଜଙ୍ଗଲ ବିଭାଗ କର୍ମଚାରୀ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜଙ୍ଗଲରେ ନିଆଁ ନ ଲାଗିବା ଓ ନିଆଁ ଲିଭାଇବା ପାଇଁ ସ୍ୱତନ୍ତ୍ର ଫାୟାର ସ୍କ୍ୱାଡ୍ ନିୟୋଜିତ ହୋଇଛନ୍ତି। ହେଲେ କାହାରି ଦେଖା ନାହିଁ। ଅନ୍ୟପକ୍ଷରେ ଜଙ୍ଗଲରେ ନିଆଁ ନ ଲଗାଇବା ଓ ଜଙ୍ଗଲକୁ ସୁରକ୍ଷା ଦେବାପାଇଁ ବିଭାଗ ପକ୍ଷରୁ ବିଭିନ୍ନ ଗାଁରେ ସଚେତନତା ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା କୁହାଯାଉଛି। କିନ୍ତୁ ତାହା କାଗଜ କଲମରେ ସୀମିତ ବୋଲି ଅଭିଯୋଗ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ କନ୍ଧକେଲଗାଁ ବିଟ୍ ଅନ୍ତର୍ଗତ ଡୁଷୁରା ଛକ ନିକଟରେ ଥିବା ପତ୍ରା ଜଙ୍ଗଲ ଓ ପାଟଣାଗଡ ରେଞ୍ଜ ଅନ୍ତର୍ଗତ କିରିବାଞ୍ଜି ଜଙ୍ଗଲରେ ଲାଗିଥିବା ନିଆଁକୁ ଦେଖିଲେ ସହଜେ ଅନୁମେୟ। ଏ ସମ୍ପର୍କରେ ସଇଁନ୍ତଲା ରେଞ୍ଜରଙ୍କୁ ପଚାରିବାରେ ଆମେ ଏ ଦିଗରେ ସଜାଗ ଅଛୁ, ଷ୍ଟାଫ ଯଥା ସମ୍ଭବ ନିଆଁ ଲିଭାଉଛନ୍ତି । କିନ୍ତୁ ଦୁଃଖର ବିଷୟ କେତେକ ଦୁର୍ବୃତ୍ତ ବାରମ୍ବାର ଜଙ୍ଗଲରେ ନିଆଁ ଲଗାଉଛନ୍ତି ବୋଲି ସେ କହିଥିଲେ।



ଡୁଷୁରା ଛକ ନିକଟ ପତ୍ରା ଜଙ୍ଗଲାରେ ନିଆଁ ଲାଗିଛି ।

## ଚଳକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ମୁରିବାହାଲ,୧୧।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବାନ୍ଧୁପଲା କଷ୍ଟର ଅନ୍ତର୍ଗତ ଚଳକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମ ଖେଳଣା କର୍ମଶାଳା ପ୍ରଧାନଶିକ୍ଷକ ଜିତେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁରିବାହାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢ଼ିହାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଶ୍ରୀମନ୍ତ କୁମାର ନାୟକ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୋଲାନାଥ କୁମ୍ଭାର, ବି. କେ ସାହୁ ଓ ନକୁଳ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଭୋଜରାଜ ପଧାନ ମଞ୍ଚ ପରିଚାଳନା ଓ ଶିକ୍ଷକ ପ୍ରକାଶ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ହେମନ୍ତ ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିବୃନ୍ଦ ଆମ ସଂସ୍କୃତି ଆମ ଖେଳଣା ଷ୍ଟଲଗୁଡ଼ିକ ପରିଦର୍ଶନ କରି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମଧୁସୂଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯକ୍ରମରେ ଶିକ୍ଷୟିତ୍ରୀ ସବିତା ମାଝୀ, ନୀଳିମା ସୁନା, ଶିକ୍ଷକ କୈଳାସ ଚନ୍ଦ୍ର ସାହୁ, ଚୈତନ୍ୟ ବାଗଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଏପ୍ରିଲ ୭ରୁ ସୁକ୍‌ତେଲ ବନଦୁର୍ଗା ମହୋତ୍ସବ

ବଲାଙ୍ଗୀର,୧୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ବୁଡିଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଏବଂ ସେମାନଙ୍କ କଳା, ସଂସ୍କୃତିର ସୁରକ୍ଷା ଲକ୍ଷ୍ୟ ନେଇ ସୁକ୍‌ତେଲ ଡ୍ୟାମ୍ ନିକଟରେ ବନଦୁର୍ଗା ମହୋତ୍ସବ ପାଳନ ପରିକଳ୍ପନା କରାଯାଇଛି। ଆସନ୍ତା ଏପ୍ରିଲ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ପାଳନ ହେବ। ଏଥିସକାଶେ ସୁକ୍‌ତେଲ ଡ୍ୟାମ୍ ତଳେ ସୋମବାର ଅପରାହ୍ଣରେ ଭୂମିପୂଜା ପର୍ବ ସମ୍ପନ୍ନ ହୋଇଛି। ସୁକ୍‌ତେଲ ବନଦୁର୍ଗା ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ସଭାପତିତ୍ୱରେ ସେଠାରେ ଅନୁଷ୍ଠିତ ବୈଠକରେ ସୁକ୍‌ତେଲ ବୁଡିଅଞ୍ଚଳର ବିଭିନ୍ନ ଗାଁର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, କମିଟି ସଦସ୍ୟ ଓ ଶତାଧିକ ଜନସାଧାରଣ ଯୋଗଦାନ କରିଥିଲେ। ଏହି ମହୋତ୍ସବ ମାଧ୍ୟମରେ ବିସ୍ଥାପିତ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଏବଂ ବିପନ୍ନ କଳା, ସଂସ୍କୃତିର ସୁରକ୍ଷା ଉଦ୍ୟମ କରାଯିବ ବୋଲି କୁହାଯାଇଛି। ଏଭଳି ଅଭିନବ ଉଦ୍ୟମକୁ ବୁଡିଅଞ୍ଚଳର ଜନସାଧାରଣ ସ୍ୱାଗତ କରିଛନ୍ତି। ମହୋତ୍ସବ ମାଧ୍ୟମରେ ସରକାର ଓ ପ୍ରଶାସନ ସହ ଉତ୍ତମ ଯୋଗାଯୋଗ ଏବଂ ଆବଶ୍ୟକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି। କମିଟି ଅଧ୍ୟକ୍ଷ ମିଶ୍ର କହିଥିଲେ ଯେ, ଜିଲା ତଥା ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ଲୋୟର ସୁକତେଲ ବୁଡି ଅଞ୍ଚଳର ୨୯ଟି ଗାଁର ଲୋକେ ଅନେକ କିଛି ତ୍ୟାଗ କରିଛନ୍ତି । ସେମାନଙ୍କ ଭିଟାମାଟି, ଜୀବନ ଜୀବିକା, ଗ୍ରାମ୍ୟ ସଂସ୍କୃତି, ଆସ୍ଥାବିଶ୍ୱାସ, ମନ୍ଦିର, ପରମ୍ପରା, କଳା ସଂସ୍କୃତି ପୀଠ ଛାଡି ବିସ୍ଥାପିତ ହୋଇଛନ୍ତି। ବିସ୍ଥାପିତ ହେବା ପୂର୍ବରୁ ଯଦିଓ ଅଧିକାଂଶ ଲୋକ କ୍ଷତିପୂରଣ ପାଇଛନ୍ତି ତେବେ ଆହୁରି ଅନେକ ଲୋକଙ୍କ କ୍ଷତିପୂରଣ, ପୁନର୍ବାସ ସମସ୍ୟା ଅସମାହିତ ରହିଛି। ଭୂମିହୀନ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ନାହିଁ କି ଛୋଟ ପିଲାଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ର ତିଆରି ହୋଇନାହିଁ। ସେମାନଙ୍କ ସମସ୍ୟା କେହି ଶୁଣୁନାହାନ୍ତି। ଏହି ମହୋତ୍ସବ ବିସ୍ଥାପିତଙ୍କ ଭାବ ବିନିମୟ ଏବଂ ସାଂସ୍କୃତିକ ମିଳନ ସ୍ଥଳ ହେବା ସହ ସମସ୍ୟା ସମାଧାନର ମାଧ୍ୟମ ବୋଲି ସେ କହିଥିଲେ। ବୈଠକରେ ମହୋତ୍ସବ ଉପଦେଷ୍ଟା ସୁକ୍‌ତେଲ ଡ୍ୟାମ୍‌ର ଅବସରପ୍ରାପ୍ତ ମୁଖ୍ୟନିର୍ମାଣ ଯନ୍ତ୍ରୀ ବେଲାର ସିଂ ଭୋଇ, ଲୋକନାଥ କୁମୁରା, ଦୁର୍ଗା ଭୋଇ, ସମାଜ କର୍ମୀ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ଲୋଚନ ବିଶ୍ୱାଲ, ମହୋତ୍ସବ କମିଟି ସଭାପତି ସଞ୍ଜୟ ଗଡତ୍ୟା, ଉପସଭାପତି କୈଳାସ ଚନ୍ଦ୍ର ସିଂଦେଓ, ସମ୍ପାଦକ ଜୟକୃଷ୍ଣ ମିଶ୍ର, ସହସମ୍ପାଦକ ବିକାଶ ରଥ ଓ କୋଷାଧ୍ୟକ୍ଷ ନରେନ୍ଦ୍ର ବିଶିଙ୍କ ସମେତ ବିଭିନ୍ନ ଗାଁର ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।




ବନଦୁର୍ଗା ମହୋତ୍ସବ ଆୟୋଜନ ପାଇଁ ସୁକ୍‌ତେଲ ଡ୍ୟାମ୍ ତଳେ ଭୂମିପୂଜା କରାଯାଉଛି।

**■ ବିସ୍ଥାପିତଙ୍କ ସଂସ୍କୃତି ସୁରକ୍ଷା, ସମସ୍ୟା ସମାଧାନ ପାଇଁ ଅଭିନବ ଉଦ୍ୟମ**

**■ ଲୋୟର ସୁକ୍‌ତେଲ ଡ୍ୟାମ୍ ତଳେ ହେଲା ଭୂମିପୂଜା, ବୈଠକ**


## Government of Odisha
## Higher Education Department

**Important notice for the applicants seeking admission into P.G. Courses at State Public Universities and Colleges participating under SAMS for the Academic Session 2025-26**

**No.N-193** : It is for information of all concerned that admission into P.G. Courses for the current Academic Session: 2025-26 at the HEIs participating under SAMS shall be done through a **Common PG Entrance Test (CPET-2025)**. Accordingly, the candidates are hereby instructed to fill-up the Common Application Form by visiting the SAMS P.G. portal as per the timeline mentioned below. Common Prospectus (CP) for CPET-2025 is available on the SAMS P.G. Portal. Applicants are advised to refer to the CP before filling up the CAF. The key points of P.G. e-Admission for the Academic Year 2025-26 are as follows.

1. **For the academic session 2025-26, P.G. admissions will be based exclusively on the scores secured in the Common Postgraduate Entrance Test (CPET). The earlier year's practice of applying the 80:20 ratio (CPET marks: Career marks) for preparing the statewide merit rank will be discontinued.**
2. **In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for the left out or fresh applicants.**
3. **The Phase-I admission will consists of 4 rounds of selection.** The reservation and weightage will be continued for 1st and 2nd rounds of selection. In the 3rd round, the de- reservation of seats will be carried out in case of absence of the eligible applicants of a specific category. The 4th round will be the last round for Phase-I, which will be a Waiting list admission process.
4. **Applicants who got selected and taken admission during the Phase-I admission process (in any of the rounds) in any subject at any Higher Education Institutions (HEIS) will not be eligible to participate in further phase/round of admission process, which will be available exclusively for the left out or fresh students.**
5. **This implies, only the left out applicants who have not been admitted to any of the HEIs in Phase-I admission process will be allowed to participate in the further phase/round of admission process.**
6. An applicant with **Elective Papers which carries at least 24 credits at U.G. Level are eligible to apply for that subject** to get admission into P.G. Courses. If an applicant enters incorrect details (not having at least 24 credits but mentioned the same in the CAF), **his/her candidature will be cancelled during the admission and document verification process or even after the admission is completed.**
7. For this Academic Year, applicants wish to be considered for scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
8. **For the current academic session 2025-26, the P.G. admission process will start early, regardless of the declaration of final results. However, admitted students must submit their graduation or equivalent certificate to their respective institutions within two months of admission. If students fail to provide the required certificates within two months from the date of admission or their final marks do not meet the eligibility criteria specified in the Common Prospectus, their admission will be cancelled by the concerned University/ College. Further, those seats can be allotted to other eligibile applicants.**
9. Whenever a seat is allocated, applicants are compulsorily required to choose one of the option - **Freeze, Float or Slide** - carefully. The detail process of "Freeze", "Slide" and "Float" is mentioned in the Common Prospectus (CP) availbale on the SAMS portal. **If the applicant will not choose any of these options that implies the applicant is rejecting the offered/allocated seat and s/he will be out of the counselling process for the subsequent rounds of that Phase.**

**Timeline for e-Admission into P.G. Courses under SAMS in the State Public Universities and Colleges for the Academic Session: 2025-26**

The timeline for e-Admission into P.G. Courses for the session 2025-26 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 10-Mar-2025 (Monday) **(04:00 P.M.)** |
| 2 | Last date of applying online CAF through www.samsodisha.gov.in | 28-Mar-2025 (Friday) **(11.45 P.M.)** |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 29-Mar-2025 (Saturday) **(10.00 A.M. to 11.45 P.M.)** |
| 4 | Submision of applicant's data to State selection Board (SSB) by OCAC | 04-April-2025 (Friday) |
| 5 | Availability of Hall Ticket/Admit Card on the website of the State selection Board (www.ssbodisha.ac.in) for downloading by the Applicants | 28-April-2025 (Monday) **(11.00 A.M. onwards)** |
| 6 | Conduct of Entrance Examination (CPET-2025) | 04-May-2025 (Sunday) to 18-May-2025 (Sunday) |
| 7 | Handing over the entrance marks to OCAC by SSB, Odisha | 26-May-2025 (Monday) |
| 8 | Publication of subject-wise and State-wide merit list, Updation of Graduation/Equivalent marks, Choice filling of HEIs by the eligible applicants and Publication of Provisional Allotment of Seats for different Rounds | Dates will be notified by the Higher Education Department Later |

**For more details please contact : e-Admission Helpline (Toll Free) Number 155335 / 1800-345-6770**

**N.B. :** To enroll into the P.G. Courses, the applicants must have completed their graduation/ equivalent courses from an UGC recognized university. Subject Wise eligibility criteria is available on the SAMS portal. Applicants are advised to check the same before filling the Common Application Form (CAF). Candidates, whose final U.G. results are awaiting (not published), can also apply on-line by filling up the Common Application Form (CAF) to appear the CPET-2025.

**Sd./- Deputy Director, PTC section**

**OIPR-11001/11/0040/2425**

**ଗାଡ଼ି ଧକ୍କାରେ ଜଣେ ମୃତ**

ବିନିକା, ୧୧।୩ (ରାମ ଗୋପାଳ ବାଘ) : ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଧିନ ସୋନପୁର-ବିନିକା ମୁଖ୍ୟରାସ୍ତାର ଦୁଙ୍ଗୁରିପାଲି ଛକ ନିକଟରେ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ସୋନପୁର ବ୍ଲକ କବାଟତେଲେଇର ସନ୍ତୋଷ କୁମାର (୫୬)। ମଙ୍ଗଳବାର ସନ୍ଧ୍ୟାରେ ତରବାରୁ ବିବାହ ସାରି ନିଜ ଗ୍ରାମକୁ ବାଇକ ଯୋଗେ ଫେରୁଥିବା ବେଳେ ସନ୍ତୋଷଙ୍କୁ ଦୁଙ୍ଗୁରିପାଲି ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ପଳାଇଥିଲା। ସୋନପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ଦୁର୍ଘଟଣା: ଜଣେ ଗୁରୁତର

ବାଙ୍ଗୁଣୀ, ୧୧।୩(ଦେବାଶିଷ ନେପାକ)

ମଙ୍ଗଳବାର ପୂର୍ବାହ୍ନରେ ୫୭ନଂ ଜାତୀୟ ରାଜପଥର ମନମୁଣ୍ଡା ଥାନା ଜମଗାଡ଼ୀ ନିକଟରେ ଟ୍ରକ ପଛରୁ ଏକ ବାଇକ୍ ଧକ୍କା ଦେବା ଫଳରେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବାଙ୍ଗୁଣୀ ଥାନା ନଗପାଲି ଗ୍ରାମର ରାମଚନ୍ଦ୍ର ମହାକୁଡ଼ ବାଇକ ଯୋଗେ ଯାଉଥିବା ବେଳେ ଜମଗାଡ଼ୀ ଛକ ନିକଟରେ ରାସ୍ତା କଡ଼ରେ ପୂର୍ବରୁ ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲେ। ଫଳରେ ଏହି ଦୁର୍ଘଟଣାରେ ସେ ଗୁରୁତର ଆହତ ହେବାରୁ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଙ୍ଗୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଦେଶ୍ଫାଲ ଲୋକକଳା ମହୋତ୍ସବ ଉଦ୍ଘାଟିତ

ସୋନପୁର, ୧୧।୩(ମୃତ୍ୟୁଞ୍ଜୟ ଶତପଥୀ)




ଉଦ୍ଘାଟନୀ ଉତ୍ସବରେ ଅତିଥିମାନେ।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳାଠାରେ ଷଷ୍ଠ ଦେଶଫାଲ ଲୋକକଳା ମହୋତ୍ସବ ମଙ୍ଗଳବାର ଉଦ୍ଘାଟିତ ହୋଇଛି। ମହୋତ୍ସବ କମିଟି ସଭାପତି ପ୍ରଫୁଲ୍ଲଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଉଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିନ୍ମୟ ମହାନନ୍ଦ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ, ସ୍ଥାନୀୟ ସରପଞ୍ଚ କେଶବ ଜଗଲା, ଉପସଭାପତି ହରିହର କର୍ଣ୍ଣ ଯୋଗଦେଇ ମହୋତ୍ସବ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କେଶବ କୁମାର ଦାସ, ବ୍ରହ୍ମା କୁମାର ଓ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଯୁଗଳ କିଶୋର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ହୃଷିକେଶ ଚାନ୍ଦ ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ହରିହର କର୍ଣ୍ଣ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବରଗଡ଼ର ଡାଲିଆ ଖୁସ୍ପା, କଟକର ତ୍ରିନେତ୍ର କଳାକୁଞ୍ଜ, ଖୋର୍ଦ୍ଧାର ପ୍ରଜ୍ଞା ନୃତ୍ୟାଙ୍ଗନ, ପୁରୀର ମା' ତାରିଣୀ ଘୋଡା ନାଚ, କେନ୍ଦ୍ରାପଡ଼ାର ଅନନ୍ତ କଳା ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମଙ୍ଗଳବାର ସକାଳୁ ଜ୍ୟୋତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା' ମେଟାକାନି, ପାତାଳି ଶ୍ରୀକ୍ଷେତ୍ର, ଚାମ୍ପେଶ୍ୱର ମନ୍ଦିର, ମା' କଳାପାଟ ମନ୍ଦିରରୁ ଆଞ୍ଚମାଳ ଆଣି ମହୋତ୍ସବସ୍ଥଳରେ ସ୍ଥାପନ କରାଯାଇଥିଲା। ଦେଶଫାଳ ଲୋକକଳା ମହୋତ୍ସବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ନୂତନ ଆଇନ କାର୍ଯ୍ୟକାରିତାକୁ ନେଇ ସଚେତନତା ସଭା

ଦୁଙ୍ଗୁରିପାଲି, ୧୧।୩(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଦୁଙ୍ଗୁରିପାଲି ଥାନା ପରିସରରେ ମଙ୍ଗଳବାର ରାତି ୮ଟାରେ ଦେଶରେ କାର୍ଯ୍ୟକାରୀ ହେଉଥିବା ନୂତନ ଆଇନ ବିଦ୍ୟନ୍ଦସ ପ୍ରଚଳନକୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ସଭାରେ ଦେଶରେ କାର୍ଯ୍ୟକାରୀ ହେଉଥିବା ବିଦ୍ୟନ୍ଦସ ଆଇନ ପ୍ରଚଳନ ହେବା ଦ୍ୱାରା ଜନସାଧାରଣ କିପରି ସୁବିଧା ପାଉଛନ୍ତି ତାହା ଉପରେ ସଭାରେ ଉପସ୍ଥିତ ଜନସାଧାରଣଙ୍କ ସେ ମତ ରଖିଥିଲେ। ଏସ୍ଆଇ ଚନ୍ଦ୍ରଧର ଛତ୍ରିଆ ଓ ଏସ୍ଆଇ ପ୍ରେମରାଜ ସାହୁ ସଭାରେ ଯୋଗଦେଇ ବିଦ୍ୟନ୍ଦସ ଆଇନ ପ୍ରଚଳନ ପରେ ଲୋକେ କିପରି ସୁବିଧା ପାଉଛନ୍ତି ଆଲୋଚନା କରିଥିଲେ। ଇଂରେଜ ଅମଳରୁ କାର୍ଯ୍ୟକାରୀ ହୋଇ ଆସୁଥିବା ଆଇନରେ କେତେକ ପରିବର୍ତ୍ତନ କରାଯାଇ ଗତ ୧ଜୁଲାଇ ୨୦୨୪ରୁ ନୂତନ ଆଇନ ପରିବର୍ତ୍ତନ ହୋଇ ନୂତନ ଆଇନ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ କରାଯାଇଛି। ସଭାରେ ଏଏସ୍ଆଇ ମୋହନ ବରିହା, ଗଣମାଧ୍ୟମ ପ୍ରତିନିଧି, ଦୁଙ୍ଗୁରିପାଲି ମିନିଟ୍ରକ ଚାଳକ ସଂଘ, ସଚେତନ ନାଗରିକ, ଅଞ୍ଚଳବାସୀ ଉପସ୍ଥିତ ଥିଲେ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ନୟାପଲ୍ଲୀସ୍ଥିତ ଅଫିସ୍ର କଲୋନୀରେ ଥିବା ୭ଟି ଗ୍ରେଡ୍ ଏ ଫ୍ଲାଟର ନବୀକରଣ (ଇଲେକ୍ଟ୍ରିକାଲ୍ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି। ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ମାର୍ଚ୍ଚ ୨୭, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

** କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**


### ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ସୋନପୁର, ୧୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବାରମହାରାଜପୁରଠାରେ ପ୍ରସିଦ୍ଧ ଦୋଳଯାତ୍ରା ଉପଲକ୍ଷେ ପାଳିତ ହୋଇ ଆସୁଥିବା ନାମଯଜ୍ଞ ଚଳିତ ବର୍ଷ ପଚାଶ ବର୍ଷରେ ପଦାର୍ପଣ କରିଛି। ନାମଯଜ୍ଞର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୫ଶହରୁଅଧିକ ମହିଳା ଓ ପୁରୁଷ ଉତ୍ତରବାହିନୀରୁ କଳସ ପୂର୍ଣ୍ଣ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ସକାଳ ୯ଟାରେ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରାରେ ମାଣିକପୁର, ଖାରକୁମୁଣ୍ଡା, କଳାପଥରର ଗୁଡାପଡା ପ୍ରଭୃତି ଗ୍ରାମର ସଂକୀର୍ତ୍ତନ ଦଳ ସହିତ ବଡ ବର୍ଣ୍ଣଗାଁ ଗ୍ରାମର ମାହେଶ୍ୱରୀ ସେନା ଦ୍ୱାରା ବାଡ଼ି ଖେଳ ପ୍ରଦର୍ଶନ କରାଯାଇଥିଲା। ଯଜ୍ଞ କର୍ତ୍ତାଭାବେ ଖାରକୁମୁଣ୍ଡାର ବସନ୍ତ ମହାକୁଡ ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ। କଳସ ଶୋଭାଯାତ୍ରାରେ ଶ୍ରୀଗୋଜାନାଥ ନାମଯଜ୍ଞ କମିଟିର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ପଣ୍ଡା, ସମ୍ପାଦକ ସତ୍ୟବ୍ରତ ମିଶ୍ର, ବରିଷ୍ଠ ସଦସ୍ୟ ଦୟାନିଧି ହୋତା, ଅକ୍ଷୟ କୁମାର ମିଶ୍ର, ବାମଦେବ ହୋତା, ମନୋରଞ୍ଜନ ହୋତା, ରବିନାରାୟଣ ପଣ୍ଡାଙ୍କ ସମେତ କମିଟିର ସମସ୍ତ ସଦସ୍ୟ, ଯାତ୍ରା କମିଟି ସଦସ୍ୟ ସହଯୋଗ କରିଥିଲେ। ବୁଧବାର ସକାଳ ୯ଟାରୁ ନାମଯଜ୍ଞ ଆରମ୍ଭ ହୋଇ ୧୫ ତାରିଖରେ ପୂର୍ଣ୍ଣାହୁତି ହେବ।

# ଦେଉଳପଦର ନୋଡାଲ ସ୍କୁଲର ବାର୍ଷିକ ଉତ୍ସବ

ତରଭା, ୧୧।୩(ମାନଭଞ୍ଜନ ମିଶ୍ର)



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଦେଉଳପଦର ନୋଡାଲ ସ୍କୁଲର ବାର୍ଷିକ ଉତ୍ସବ ସମ୍ପର୍କ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସରୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତରଭା ବ୍ଲକ ଅଧକ୍ଷ ସରୋଜ କୁମାର କନ୍ଧ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ତରଭା ବ୍ଲକ ବିଇଓ ନାରାୟଣ ମିଶ୍ର ମୁଖ୍ୟବକ୍ତା, ଏବିଇଓ ସତ୍ୟ ନାରାୟଣ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ପ୍ରଧାନଶିକ୍ଷକ ଚୈତନ୍ୟ ବାରିକ, ପରିଚାଳନା କମିଟି ସଭାପତି ଯଦୁ ରଣା, ସିଆରସିସି ବ୍ୟାସଦେବ ମହାକୁଡ ପାଠପଢା ସହ ଚରିତ୍ରବାନ ହୋଇ ଦେଶ ଗଠନରେ ପ୍ରଧାନ ଭୂମିକା ଗ୍ରହଣ କରିବାକୁ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀମାନେ ଅତିଥିମାନେ ପରାମର୍ଶ ଦେଇଥିଲେ। ୨୦୨୪-୨୫ ବର୍ଷରେ ପଞ୍ଚମ ଶ୍ରେଣୀ ଛାତ୍ର ଅଙ୍କୁଶ ସା ଓ ତୃତୀୟ ଶ୍ରେଣୀ ଛାତ୍ରୀ ରୁପଶ୍ରୀ ସା ତରଭା ବ୍ଲକରେ ବୃତ୍ତି ପରୀକ୍ଷାରେ ଶୀର୍ଷ ସ୍ଥାନ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ସେହିପରି ବିଭିନ୍ନ ବିଷୟରେ ପାରଦର୍ଶିତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଗୋପବନ୍ଧୁ ଖାଙ୍କର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଜୋଲମଣି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଣୀଭୂଷଣପୁର ନାଏବ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ କୋରମ ଅଭାବରୁ ବାତିଲ

ହରଭଙ୍ଗା, ୧୧।୩(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ସୌଦାମିନୀ ମଲିକଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ କୋରମ ଅଭାବରୁ ମଙ୍ଗଳବାର ଦିନ ବାତିଲ ହୋଇଛି। ପ୍ରକାଶ ଯେ, ବାଣୀଭୂଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେର ଗତ ଜାନୁୟାରୀ ୨ ତାରିଖରେ ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ନିଖୋଜ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ସେ ଭୁବନେଶ୍ୱରଠାରେ ଏକ ଘରୋଇ ମେଡିକାଲରେ ଚିକିତ୍ସା ହେବା ସହ ଗତ ଫେବୃୟାରୀ ୧୭ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସରପଞ୍ଚ ଦୀର୍ଘ ୧୫ ଦିନରୁ ଅଧିକ ଅନୁପସ୍ଥିତ ରହିଥିବାରୁ ପ୍ରଶାସନ ପକ୍ଷରୁ ନାଏବ ସରପଞ୍ଚ ସୌଦାମିନୀ ମଲିକଙ୍କୁ ସରପଞ୍ଚ କାର୍ଯ୍ୟ ତୁଲାଇବାକୁ ଦାୟିତ୍ୱ ଦିଆଯାଇଥିଲା। ନାଏବ ସରପଞ୍ଚ ଦାୟିତ୍ୱ ତୁଲାଇବା ପରେ ପଞ୍ଚାୟତର ୧୩ ଜଣ ୱାର୍ଡ ସଭ୍ୟା ସଭ୍ୟଙ୍କ ମଧ୍ୟରୁ ୧୦ ଜଣ ନାଏବ ସରପଞ୍ଚ ମନମୁଖି କାର୍ଯ୍ୟ କରୁଥିବା ନେଇ ଅସନ୍ତୋଷ ଜାହିର କରିଥିଲେ। ଗତ ଫେବୃୟାରୀ ୪ ତାରିଖରେ ନାଏବ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୱାର୍ଡ ସଭ୍ୟାସଭ୍ୟଙ୍କ ଲିଖିତ ଅଭିଯୋଗ ପରେ ଉପଜିଲାପାଳ ଅନାସ୍ଥା ଭୋଟ ପାଇଁ ମାର୍ଚ୍ଚ ୧୧ ତାରିଖକୁ ଦିନ ଧାର୍ଯ୍ୟ କରିବା ସହ ଜିଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତିଙ୍କୁ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ଆଦେଶ ଅନୁସାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ହରଭଙ୍ଗା ପଞ୍ଚାୟତ ସମିତି ସଭାଗୃହଠାରେ ଅନାସ୍ଥା ଭୋଟ ପାଇଁ ପ୍ରଶାସନ ପ୍ରସ୍ତୁତ ହୋଇ ରହିଥିଲା। ପଞ୍ଚାୟତର ୧୩ ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ମାତ୍ର ୪ ଜଣ ଉପସ୍ଥିତ ଥିବାରୁ ଅନାସ୍ଥା ପାଇଁ କୋରମ ହୋଇ ପାରି ନ ଥିଲା। ଫଳରେ ନାଏବ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଶେଷରେ ବାତିଲ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ପଞ୍ଚାୟତ ଅଧିକାରୀଙ୍କ ସହିତ ବ୍ଲକ ପଞ୍ଚାୟତ ଅଧିକାରୀ ଯତୀନ କୁମାର ମିଶ୍ର, ପିଇଓ ଶ୍ରୀମନ୍ତ ପ୍ରଧାନ ଉପସ୍ଥିତ ଥିଲେ।

### ଓଡ଼ିଶା ଓମେନ ଫେଷ୍ଟରେ ଇନ୍ଦୁମତି ସମ୍ବର୍ଦ୍ଧିତ

ସୋନପୁର, ୧୧।୩(ମୃତ୍ୟୁଞ୍ଜୟ ଶତପଥୀ)

ଭୁବନେଶ୍ୱର ଜୟଦେବ ଭବନରେ ସଂସ୍ଥାପନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ଓମେନ୍ ଫେଷ୍ଟ ରବିବାର ଆୟୋଜିତ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ସହରର ସାମାଜିକକର୍ମୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଇନ୍ଦୁମତି ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ପ୍ରାକ୍ତନ ଅଧ୍ୟକ୍ଷା ନିବେଦିତା ନାୟକ, ପ୍ରଫେସର ଅନୁସୁୟା ରଥ, ସ୍ୱର୍ଣ୍ଣଲିକା ମହାନ୍ତି ଓ ଡକ୍ଟର ଜୟଶ୍ରୀ ମହାପାତ୍ର ଅତିଥି ଭାବେ ଯୋଗଦେଇ ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଇନ୍ଦୁମତୀ ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ସଙ୍ଗଠନର ଉପସଭାପତି ଅଛନ୍ତି। ସେହିପରି ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ପରିବାର ମିଳାମିଶାରେ କାଉନସିଲର ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେ ୨୦୧୫ ମସିହା ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଦିନ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ପୁରସ୍କାର ପାଇଛନ୍ତି।

# ଗୋରେଖନାଥଙ୍କ ୨ ପୁସ୍ତକ ଉନ୍ମୋଚିତ

ସୋନପୁର, ୧୧।୩(ମୃତ୍ୟୁଞ୍ଜୟ ଶତପଥୀ)



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପ୍ରାବନ୍ଧିକ ଗୋରେଖନାଥ ସାହୁଙ୍କ ଦୁଇଟି ପୁସ୍ତକ ଗୋରେଖନାଥ ସାହୁଙ୍କ ପ୍ରବନ୍ଧମାଳା ଓ ତାଙ୍କ ଆତ୍ମଜୀବନୀ ବୈଶାଳୀ ଯୋଗେଶ୍ୱର ମନ୍ଦିର ଯୋଗ ବିହାର ପ୍ରାଙ୍ଗଣରେ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ତାଙ୍କ ସ୍ୱର୍ଗତ ପିତା ପିତବାସ ସାହୁଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧମାଳା ବର୍ଣ୍ଣାଳୀର ସଙ୍କଳନ ଓ ସମ୍ପାଦନା କରିଛନ୍ତି ଲେଖିକା ଓ କବୟିତ୍ରୀ ପ୍ରାଧ୍ୟାପିକା ମୀନା ମହାରଣା। ଏହି ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ କୁମୁଦିନୀ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ଗୋରେଖନାଥ ସାହୁ ଅଧକ୍ଷତା କରିଥିଲେ। ବାବା ନରୋତ୍ତମ ଦାସ, ସମାଜସେବୀ ଗୋରେଖଲାଲ ଦାସ, ଶ୍ରୀକାନ୍ତ ମହାରଣା, ପ୍ରାଧ୍ୟାପିକା ମୀନା ମହାରଣା, ଲକ୍ଷ୍ମୀ ନାରାୟଣ ସାହୁ, ଅବସରପ୍ରାପ୍ତ ବ୍ୟାଙ୍କ ମେନେଜର ଗଜାନନ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ବକ୍ତାମାନେ ଲେଖକ ସାହୁଙ୍କ ସାହିତ୍ୟ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ମିଥୁନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ସ୍ୱାବଲମ୍ବୀ କରିବାରେ ହେବ ସହାୟକ



କର୍ମଶାଳାରେ ଜିଲାପାଳ ଓ ଅନ୍ୟ ଅତିଥି।

**ଜିଲାସ୍ତରୀୟ ଲକ୍ଷପତି ଦିଦିଙ୍କ କର୍ମଶାଳା**

ବୌଦ୍ଧ, ୧୧।୩(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ପୁର୍ଣ୍ଣଚ୍ଚି ଖେଳ ପଡିଆଠାରେ ମଙ୍ଗଳବାର ଦିନ ଜିଲାସ୍ତରୀୟ ଲକ୍ଷପତି ଦିଦିଙ୍କ ନିମିତ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କର୍ମଶାଳା ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ଅନ୍ତର୍ନିହିତ ଚେତନାକୁ ଜାଗ୍ରତ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ ଯୋଗଦେଇ ସୁସ୍ଥ ପରିବାର ଗଠନରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଆଗକୁ ମାଆମାନେ କୋରପତି ହେବାର ଅଭିମୁଖ୍ୟ ରହିଛି ଓ ତାହା ମାଆମାନେ ପୂରଣ କରିପାରିବେ ବୋଲି କହିଥିଲେ। କର୍ମଶାଳାରେ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କର୍ମଶାଳାରେ ଉପଜିଲାପାଳ ପ୍ରବୀଣ କୁମାର ବାଣ୍ଡୁଆ, ଭାରପ୍ରାପ୍ତ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ମଦନମୋହନ ପ୍ରଧାନ, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ଲକ୍ଷପତି ଦିଦି କର୍ମଶାଳା ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ୧୦ ଜଣ ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାତାକାନ୍ତି କଳିଆସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଶାଳାରେ ବହୁ ସଂଖ୍ୟାରେ ମହିଳା ଗୋଷ୍ଠୀ, ସିଆରପି, ଏମବିକେ ମହିଳାମାନେ ଯୋଗ ଦେଇଥିଲେ।

### ୫୧୫ ବୋତଲ କଫ ସିରପ ଜବତ, ୨ ଗିରଫ

ବରଗଡ଼, ୧୧।୩(ପ୍ରେମାନନ୍ଦ ଖମାରୀ)

ଅମ୍ବାଭୋନା ଥାନା ଅଧୀନରେ ଥିବା ଭୁଖା ଜଳିପଡ଼ା ସ୍ଥିତ ବିନୋଦ ଭୁତୁରିଙ୍କ ପୁରୁଣା ଘରେ ବିପୁଳ ପରିମାଣର ବେଆଇନ କଫ ସିରପ ଗଚ୍ଛିତ ରଖିଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଭୁଖା ଜଳିପଡ଼ାର ବିନୋଦ ଭୁତୁରି ଓ ନାରଙ୍ଗପୁର ଗ୍ରାମର ଅଜିତ ନାୟକ। ତଲ୍ଲାସ ସମୟରେ ୫୧୫ ବୋତଲ କଫ ସିରପ ଜବତ ହୋଇଛି। ସେମାନେ ବ୍ୟବହାର କରିଥିବା ୨ମୋଟର ସାଇକେଲ, ୨ମୋବାଇଲକୁ ମଧ୍ୟ ପୋଲିସ ଜବତ କରିଛି। ଏ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା (ନଂ.୪୭/୨୦୨୫) ରୁଜୁ ହୋଇଛି।


## Government of Odisha
## Higher Education Department

**Important notice for the applicants seeking admission into P.G. Courses at State Public Universities and Colleges participating under SAMS for the Academic Session 2025-26**

**No.N-193** : It is for information of all concerned that admission into P.G. Courses for the current Academic Session: 2025-26 at the HEIs participating under SAMS shall be done through a **Common PG Entrance Test (CPET-2025)**. Accordingly, the candidates are hereby instructed to fill-up the Common Application Form by visiting the SAMS P.G. portal as per the timeline mentioned below. Common Prospectus (CP) for CPET-2025 is available on the SAMS P.G. Portal. Applicants are advised to refer to the CP before filling up the CAF. The key points of P.G. e-Admission for the Academic Year 2025-26 are as follows.

1. **For the academic session 2025-26, P.G. admissions will be based exclusively on the scores secured in the Common Postgraduate Entrance Test (CPET). The earlier year's practice of applying the 80:20 ratio (CPET marks: Career marks) for preparing the statewide merit rank will be discontinued.**
2. **In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for the left out or fresh applicants.**
3. **The Phase-I admission will consists of 4 rounds of selection.** The reservation and weightage will be continued for 1st and 2nd rounds of selection. In the 3rd round, the de- reservation of seats will be carried out in case of absence of the eligible applicants of a specific category. The 4th round will be the last round for Phase-I, which will be a Waiting list admission process.
4. **Applicants who got selected and taken admission during the Phase-I admission process (in any of the rounds) in any subject at any Higher Education Institutions (HEIS) will not be eligible to participate in further phase/round of admission process, which will be available exclusively for the left out or fresh students.**
5. **This implies, only the left out applicants who have not been admitted to any of the HEIs in Phase-I admission process will be allowed to participate in the further phase/round of admission process.**
6. An applicant with **Elective Papers which carries at least 24 credits at U.G. Level are eligible to apply for that subject** to get admission into P.G. Courses. If an applicant enters incorrect details (not having at least 24 credits but mentioned the same in the CAF), **his/her candidature will be cancelled during the admission and document verification process or even after the admission is completed.**
7. For this Academic Year, applicants wish to be considered for scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
8. **For the current academic session 2025-26, the P.G. admission process will start early, regardless of the declaration of final results. However, admitted students must submit their graduation or equivalent certificate to their respective institutions within two months of admission. If students fail to provide the required certificates within two months from the date of admission or their final marks do not meet the eligibility criteria specified in the Common Prospectus, their admission will be cancelled by the concerned University/ College. Further, those seats can be allotted to other eligible applicants.**
9. Whenever a seat is allocated, applicants are compulsorily required to choose one of the option - **Freeze, Float or Slide** - carefully. The detail process of "Freeze", "Slide" and "Float" is mentioned in the Common Prospectus (CP) availbale on the SAMS portal. **If the applicant will not choose any of these options that implies the applicant is rejecting the offered/allocated seat and s/ he will be out of the counselling process for the subsequent rounds of that Phase.**

**Timeline for e-Admission into P.G. Courses under SAMS in the State Public Universities and Colleges for the Academic Session: 2025-26**

The timeline for e-Admission into P.G. Courses for the session 2025-26 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer the CP for the below mentioned activities.

| Sl# | Activities | Timeline |
| --- | --- | --- |
| 1 | Availability of Online CAF in the website www.samsodisha.gov.in | 10-Mar-2025 (Monday) **(04:00 P.M.)** |
| 2 | Last date of applying online CAF through www.samsodisha.gov.in | 28-Mar-2025 (Friday) **(11.45 P.M.)** |
| 3 | Editing of the CAF (If required), by the eligible applicants for the CAF submitted earlier (New CAF submission is not allowed on this day) | 29-Mar-2025 (Saturday) **(10.00 A.M. to 11.45 P.M.)** |
| 4 | Submission of applicant's data to State selection Board (SSB) by OCAC | 04-April-2025 (Friday) |
| 5 | Availability of Hall Ticket/Admit Card on the website of the State selection Board (www.ssbodisha.ac.in) for downloading by the Applicants | 28-April-2025 (Monday) **(11.00 A.M. onwards)** |
| 6 | Conduct of Entrance Examination (CPET-2025) | 04-May-2025 (Sunday) to 18-May-2025 (Sunday) |
| 7 | Handing over the entrance marks to OCAC by SSB, Odisha | 26-May-2025 (Monday) |
| 8 | Publication of subject-wise and State-wide merit list, Updation of Graduation/Equivalent marks, Choice filling of HEIs by the eligible applicants and Publication of Provisional Allotment of Seats for different Rounds | Dates will be notified by the Higher Education Department Later |

**For more details please contact : e-Admission Helpline (Toll Free) Number 155335 / 1800-345-6770**

**N.B.** : To enroll into the P.G. Courses, the applicants must have completed their graduation/ equivalent courses from an UGC recognized university. Subject Wise eligibility criteria is available on the SAMS portal. Applicants are advised to check the same before filling the Common Application Form (CAF). Candidates, whose final U.G. results are awaiting (not published), can also apply on-line by filling up the Common Application Form (CAF) to appear the CPET-2025.

OIPR-11001/11/0040/2425

Sd./- Deputy Director, PTC section

**ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା**

# ସ୍ୱାବଲମ୍ବୀ ହେବେ ମହିଳା

**ସୁନ୍ଦରଗଡ଼,୧୧।୩(ଜୟ ନାରାୟଣ ମେଣ୍ଡୁଲି)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ସୁନ୍ଦରଗଡ଼ ସରକାରୀ କଲେଜ ନିକଟ ଯତରା ପଡ଼ିଆଠାରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଏକ ଦିବସୀୟ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଯୋଗଦେଇ କର୍ମଶାଳା ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳାମାନଙ୍କୁ ଉଦ୍ୟୋଗୀ ହେବା ପାଇଁ ସମସ୍ତ ଆର୍ଥିକ ସୁବିଧା ଯୋଗାଇ ଦିଆଯାଉଛି। ବ୍ୟବସାୟ କରିବା ପାଇଁ ସବ୍‌ସିଡି ବ୍ୟବସ୍ଥା ରହିଛି। ମତ୍ସ୍ୟ ଚାଷ, ପଶୁ ପାଳନ, କୃଷି ତଥା ଆନୁସଙ୍ଗିକ କ୍ଷେତ୍ର ଏବଂ ଅନ୍ୟାନ୍ୟ କ୍ଷୁଦ୍ର ଉଦ୍ୟୋଗ ସ୍ଥାପନ ମାଧ୍ୟମରେ ଆର୍ଥିକ ଭାବେ ମହିଳାମାନେ ଲାଭାନ୍ୱିତ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ଲକ୍ଷପତି ଦିଦି କାର୍ଯ୍ୟକ୍ରମ ହେଉଛି ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ। ଫଳରେ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବ।

ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ ଏବଂ ଉପ ନିର୍ଦ୍ଦେଶକ, ଉଦ୍ୟାନ କୃଷି ନିଜ ବିଭାଗ ଅନ୍ତର୍ଗତ ଥିବା ବିଭିନ୍ନ ଯୋଜନା ଆଦି ସମ୍ପର୍କରେ ଉପସ୍ଥାପନ କରିଥିଲେ ଏବଂ କୃଷି ତଥା ଆନୁସାଙ୍ଗିକ କ୍ଷେତ୍ରରେ ମହିଳାମାନେ କିଭଳି କିଭଳି ଭାବେ ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଆଲୋଚନା କରିଥିଲେ। ସେହିଭଳି ଜିଲା ମତ୍ସ୍ୟ ଅଧିକାରୀ ଅରୁଣ ସାହୁ ମତ୍ସ୍ୟ ଚାଷ କରି କିଭଳି ଭାବେ ଆତ୍ମନିର୍ଭରଶୀଳ ହୋଇପାରିବେ ତାହା ଉପରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା ସନୋଷ ଷଡ଼ଙ୍ଗୀ ଦୁଗ୍ଧ ଉତ୍ପାଦନ ପାଇଁ ଗୃହପାଳିତ ପ୍ରାଣୀ ପାଳନ କରି ମହିଳା ମାନେ କିଭଳି ନିଜର ଆୟକୁ ଦ୍ୱିଗୁଣିତ କରିପାରିବେ ତାହା ଉପରେ ଉପସ୍ଥାପନ କରିଥିଲେ। ସେହିଭଳି ଓରମାସର ଉପ ମୁଖ୍ୟ ନିର୍ବାହୀ ଅଧିକାରୀ କେଶବ ଝା ଅଣ କୃଷି ଜୀବିକା ଉପରେ ଉପସ୍ଥାପନ କରିଥିଲେ। ଯେପରିକି ବ୍ୟବସାୟ, ଦ୍ରବ୍ୟ ବା ସାମଗ୍ରୀ ଉତ୍ପାଦନ, ଖଲିପତ୍ର ସିଲେଇ, ଟେରାକୋଟା ସାମଗ୍ରୀ, ଘର କରଣ ସାମଗ୍ରୀ ପ୍ରସ୍ତୁତ ଆଦିକୁ ଆପଣେଇ ମହିଳାମାନେ କିଭଳି ଭାବେ ପରିବାରର ଆୟ ବୃଦ୍ଧିରେ ସହାୟକ ହୋଇପାରିବେ ତାହା ଉପରେ ଆଲୋଚନା କରିଥିଲେ। ଏଲଡିଏମ ଗଗନ ବିହାରୀ ଭୋଳ ପୁଞ୍ଜି ତଥା ଭିତ୍ତିଭୂମି ସହାୟତାରେ ବ୍ୟାଙ୍କର ଭୂମିକା ଉପରେ ଆଲୋଚନା କରିଥିଲେ।

ଏହି କର୍ମଶାଳାରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ପି ଏ ଆଇଟିଡିଏ ଧୀରେନ୍ଦ୍ର ସେଠୀ, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ସାମୁଏଲ ଟୋପୋ, ମିଶନଶକ୍ତିର ଜିଲା ପ୍ରକଳ୍ପ ସଂଯୋଜୋକ ବସନ୍ତ ମଲ୍ଲିକ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପରିଚାଳନା କରିଥିଲେ।

# ସେଲ୍ ସାବାସ ଯୋଜନାରେ ଆର୍ଏସ୍‌ପି କର୍ମଚାରୀ ପୁରସ୍କୃତ

**ରାଉରକେଲା,୧୧।୩ (ବିପ୍ଲବ ରଞ୍ଜନ ଦାଶ)**



ପୁରସ୍କୃତ ହୋଇଥିବା ଆର୍ଏସ୍‌ପି ଅଧିକାରୀ ଓ କର୍ମଚାରୀ।

ଆର୍ଏସ୍‌ପି ମାନବ ସମ୍ବଳ ବିଭାଗର ଅଧୀନରେ କାର୍ଯ୍ୟରତ ଅଧିକାରୀଙ୍କ ସମେତ ୯ଜଣ କର୍ମଚାରୀଙ୍କୁ ସେମାନଙ୍କ ଅଭିନବ ପ୍ରୟାସ ପାଇଁ ଇଡି (ଏଚ୍ଆର) ସଚିବାଳୟର ସମାଧାନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେଲ୍ ସାବାସ ଯୋଜନାରେ ପୁରସ୍କୃତ କରାଯାଇଛି। ସେମାନେ ହେଲେ ବିଏସ୍ଏଚ୍ଆର ବିଭାଗର ଏଜିଏମ ଟି. ବି ଟପ୍ପୋ, ଭି-ବିଦ୍ୟୁତ୍ ବିଭାଗର ଏଜିଏମ ଆଶୁତୋଷ ଭୋଇ, ଟାଉନ ସର୍ଭିସେସ ବିଭାଗର ସିନିୟର ମ୍ୟାନେଜର ପି. କେ. ଜେନା, ଡେପୁଟି ମ୍ୟାନେଜର ହେମନ୍ତ ସାହୁ, ଆଇନ ବିଭାଗର ଡେପୁଟି ମ୍ୟାନେଜର ଡ. ଏନ୍. ବେହେରା, ଟି ଇଲେକ୍ଟ୍ରିକାଲ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ତ୍ରିନ୍ସେନ ଜେନା, ଟାଉନ ସର୍ଭିସେସ ବିଭାଗର ସିନିୟର ଏକ୍ଜିକ୍ୟୁଟିଭ ଆସିଷ୍ଟାଣ୍ଟ ଏସ୍. ସି. ମହାପାତ୍ର, ବରିଷ୍ଠ ଲ୍ୟାଣ୍ଡ ସର୍ଭେର ଏସ୍. କେ. ମିଞ୍ଜ ଏବଂ ଏଚ୍ଆର ବିଭାଗ ବିପିଓ ଏସ୍. ପଶାୟତ। ଏହି କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧ୍ୟକ୍ଷତା କରି ଆର୍ଏସ୍‌ପିର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଆଇନ ବିଭାଗର ସିଜିଏମ୍ ଡ. ଚିନ୍ମୟ ସମାଦ୍ଦାର, ଟାଉନ ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗ ସିଜିଏମ୍ ବି. କେ. ଚୋଲେ, ମାନବ ସମ୍ବଳ ବିଭାଗ ସିଜିଏମ୍ ଏସ୍. ଏନ୍ ପଣ୍ଡା ତଥା ଉକ୍ତ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଚ୍ଆର ଓଡି ବିଭାଗର ଜିଏମ୍ ଏସ୍. ବଡପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ନୟାପଲ୍ଲୀସ୍ଥିତ ଅଫିସର୍ସ କଲୋନୀରେ ଥିବା ୭ଟି ଗ୍ରେଡ୍ ଏ ଫ୍ଲାଟର ନବୀକରଣ (ଇଲେକ୍ଟ୍ରିକାଲ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି। ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ମାର୍ଚ୍ଚ ୨୭, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**

# ସୁଶୀଳାବତୀ ସରକାରୀ କଲେଜରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରାଉରକେଲା,୧୧।୩(ବିପ୍ଲବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଓଡିଆ ବିଭାଗ ଏବଂ ଉତ୍କଳ ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଶ୍ୱିନୀ ରାୟ ମୁଖ୍ୟ ଅତିଥି ଏବଂ ଉତ୍କଳ ସାହିତ୍ୟ ସମାଜର ଆବାହକ ରାଜୀବ ପାଣି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଓଡିଆ ବିଭାଗର ମୁଖ୍ୟ ଡ. ସଞ୍ଜୟ କୁମାର ହାତୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଇପ୍‌ସିବା ଏକ୍କା ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସର ଯଥାର୍ଥତା ସମ୍ପର୍କରେ ମତ ରଖିଥିଲେ। ପରେ ଡ. ହାତୀଙ୍କ ରଚିତ ଓଡ଼ିଆ ଭାଷାର କ୍ରମବିକାଶ ଉତ୍ତରଣ ନାଟକ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଡ. ଅଶ୍ୱିନୀ କୁମାର ରାୟ ଓଡିଆ ଭାଷାର ପ୍ରାଚୀନତା ଓ ମହାନତା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ବିଶ୍ୱର ଅନ୍ୟାନ୍ୟ ଶାସ୍ତ୍ରୀୟ ଭାଷା ସମ୍ପର୍କରେ ଆଲୋଚନା କରିଥିଲେ। ରାଜୀବ ପାଣି ଓଡ଼ିଆ ଭାଷାର ବ୍ୟବହାରିକ ଦିଗ ସହ ପରିଚୟ କରାଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ଅଧ୍ୟାପିକା ମହାଶ୍ୱେତା ସାହୁ, ସୁଶ୍ରୀ ଚନ୍ଦ୍ରିକାରାଣୀ ପଣ୍ଡାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ମାନସ କୁମାର ବେହେରା, ପ୍ରଜ୍ଞାଞ୍ଜଳୀ ମିଶ୍ର, ଡ. ସାଇଗୋପାଳ ରାଜଗୁରୁ, ଈଶ୍ୱର ମେହେର, ଗୀତାଞ୍ଜଳୀ ଟେଟେ, ଡ. ଲୋପାମୁଦ୍ରା ଶତପଥୀ, ଦୀପିକା ମାଝୀ ଓ ପ୍ରକାଶ ସୋରେନ ପ୍ରମୁଖ ସହଯୋଗ କରିଥିଲେ। ଦ୍ୱିତୀୟ ବର୍ଷର ପିଜି ଛାତ୍ରୀ ଅର୍ଣ୍ଣପୂର୍ଣ୍ଣା ବରାଳ କାର୍ଯ୍ୟକ୍ରମ ପରିଚାଳନା ଏବଂ ଅଧ୍ୟାପିକା ଲିପିକା କେରକେଟା ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁଣାତ୍ମକ ଶିକ୍ଷା, ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ

**ବଡ଼ଗାଁ ୧୧।୩(ଅଶୋକ ଷଡ଼ଙ୍ଗୀ)**




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାଲବିରା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି, ବ୍ଲକ ଶିକ୍ଷାଧିକାରୀ ଶାନ୍ତି ମୁନି ସୁରେଖା ହରୋ ମୁଖ୍ୟ ବକ୍ତା ଓ ସିଆର୍‌ସିସି ଦୁର୍ଗା ମାଧବ ବେହେରା, ଇତମା ସମିତି ମେମ୍ବର ଫକିର ପ୍ରଧାନ, ଭିଖମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡଲେଶ୍ୱର୍ କିସାନ, ଏସ୍ଏମ୍‌ସି ଅଧ୍ୟକ୍ଷ କ୍ଷିରୋଦ ଧରେଇ, ଏସ୍ଏମ୍‌ସି ଭାଇସ ଚେୟାରମେନ ପ୍ରମିଳା ଧରେଇ, ମୋ ସ୍କୁଲ ଅଭିଯାନର ସଭାପତି ଉଦେଶ ଗୁଡିଆ, ଏସ୍ଏମ୍‌ସି ସଭ୍ୟ ରମେଶ ଶର୍ମା, ନାରୀ ଚେତନା ସଂଘର କର୍ମକର୍ତ୍ତା ବୈଜୟନ୍ତୀ ପୃଷେଟ, ସିଆର୍‌ପି ସୁଜାତା କିସାନ ସୂର୍ଯ୍ୟ ତନ୍ତୀ, ଦେବକୀ ନାଏକ, ଏକମିତା ପୃଷେଟ, ସହକାରୀ ଶିକ୍ଷୟିତ୍ରୀ କଳ୍ପନା ଗର୍ଡିଆ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ପ୍ରଧାନ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରି ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟାନ୍ତ ଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷକ ଧନଞ୍ଜୟ ନାଏକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ହୋଇଥିଲାବେଳେ ବାର୍ଷିକ ଉତ୍ସବ ଅବସରରେ ଛାତ୍ରୀଛାତ୍ରମାନଙ୍କ ପାଇଁ ବିସ୍କୁଟ ଡିଆଁ ଏବଂ ମହିଳାମାନଙ୍କ ପାଇଁ ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା। ଏଥିସହିତ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍କୁଲର କୃତୀ ପ୍ରତିଯୋଗୀ ପଲ୍ଲବୀ ସା, ସଂଯୁକ୍ତା ଦେଓ, ଗାୟତ୍ରୀ ପୃଷେଟ, ହେମକାନ୍ତି ପୃଷେଟ, ସବ୍ୟସାଚୀ ପ୍ରଧାନ, ଶ୍ରବଣ ଦେଓ, ଇସିକା ରାଉତ, ଆୟୁଷ୍ମାନ ଚାମ୍ପିଆ, ସୌମ୍ୟା ପୃଷେଟ, ସୌରଭ ମୁଣ୍ଡା, ନିରୁପମା ପ୍ରଧାନ, ଗୋବିନ୍ଦ କିସାନ, ହେମକାନ୍ତି ନାଏକ, ନୀତେଶ ପୃଷେଟ, କ୍ରିଷ୍ଟା ଧରେଇଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ମାଦକଦ୍ରବ୍ୟର କୁପ୍ରଭାବ ନେଇ ସଚେତନତା ଶୋଭାଯାତ୍ରା




ଶୋଭାଯାତ୍ରାରେ ଜନସଚେତନତା ସୃଷ୍ଟି କରାଯାଉଛି।

**ସୁନ୍ଦରଗଡ଼, ୧୧।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଶିକ୍ଷକ-ଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ସକାଳ ୭ଟାରେ ଏକ ଗ୍ରାମ୍ୟ ଜନସଚେତନତା 'ସାମୂହିକ ସଫେଇ ଏବଂ ମାଦକ ଦ୍ରବ୍ୟ ନିବାରଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ ଉଦ୍‌ଘାଟନ କରିଥିବାବେଳେ ଡ଼. ଶମ୍ଭୁ ଶଙ୍କର ଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟକ୍ଷ ପଟେଲ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ପ୍ରୟୋଜନୀୟତା ଏବଂ ଗ୍ରାମବାସୀ କିପରି ଲାଭାନ୍ୱିତ ହେବେ ସେ ବିଷୟରେ ଅଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଅଧ୍ୟାପକ ଏବଂ ସ୍ଥାନୀୟ ଲୋକମାନେ କିରେଇ ଗ୍ରାମପଞ୍ଚାୟତରୁ ଏକ ଶୋଭାଯାତ୍ରାରେ କିରେଇ ଗ୍ରାମ ପରିକ୍ରମା କରି ଜନସଚେତନତା ସୃଷ୍ଟି କରିଥିଲେ। ଏହାପରେ ବିଭାଗୀୟ ଅଧ୍ୟାପକ ପ୍ରତାପ ପ୍ରଧାନଙ୍କ ଅଧ୍ୟକ୍ଷତାରେ 'ମଦର ପଇଗୁନ' ନାମକ ଏକ ପଥପ୍ରାନ୍ତ ନାଟକ ବିଭାଗର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଏହି ନାଟକ ମାଧ୍ୟମରେ ଛାତ୍ରୀଛାତ୍ରମାନେ ମାଦକ ଦ୍ରବ୍ୟର କୁପ୍ରଭାବ ଉପସ୍ଥାପନା କରିଥିଲେ। ଶେଷରେ ସମସ୍ତ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକ ସାମୂହିକ ଭାବେ କିରେଇ ଗ୍ରାମପଞ୍ଚାୟତର ହାଟ ପରିସର ସଫା କରି ସମାଜକୁ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ପ୍ରତାପ ପ୍ରଧାନ, ସନତ ପ୍ରଧାନ, ଅଧ୍ୟାପିକା ଦୀପାଞ୍ଜଳି ମେହେର, ସୌମ୍ୟାମୟୀ ରଥ, ଶତାବ୍ଦୀ ସୀତାନ୍ତିକା, ଅଣ ଶିକ୍ଷକ ଜ୍ୟୋତିପ୍ରକାଶ ପଟେଲ, ଶୁଭମ କୁମାର ମେହେର, ଏମ୍‌ଡି. ଜାମିଲ ଅନ୍‌ସାରି, ମଙ୍ଗଳ ସାମେଲ, ଅଣଶିକ୍ଷୟିତ୍ରୀ ଉଷାବତୀ ସିଂ ଏବଂ କିରେଇ ଗ୍ରାମବାସୀ ସହଯୋଗ କରିଥିଲେ। ବିଭାଗୀୟ ମୁଖ୍ୟ ଡ଼. ବସନ୍ତ କୁମାର ମାହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

**୫ ଦିନିଆ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**

# ହରିକେନ୍ ସୁପର କିଙ୍ଗ୍ ଚାମ୍ପିୟନ

**ଲହୁଣୀପଡ଼ା,୧୧।୩(ଦାଶରଥି ପଣ୍ଡା)**



ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ସୁନ୍ଦରଗଡ ଜିଲା ଲହୁଣୀପଡ଼ା କ୍ରିକେଟ ଖେଳ ପଡ଼ିଆରେ ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଚାଲିଥିବା ୧୬ତମ ପାଞ୍ଚଦିନିଆ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଲହୁଣୀପଡା ଡିଏକ୍ସ ଦଳକୁ ୫ ଉଇକେଟରେ ହରାଇ ହରିକେନ ସୁପର କିଙ୍ଗ୍ ଦଳ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ ମୁଖ୍ୟ ଅତିଥି, ନିକିତା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ନିଗେସ ଚନ୍ଦ୍ର ଚୌରାସିଆ, କୁଡେଇକଳା ସମିତି ସଭ୍ୟ ଆକାଶ ମାହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନ ସଭାପତି ବିକାଶ ଜୟସ୍ୱାଲ ଅଧ୍ୟକ୍ଷତା କରିଥିବା ବେଳେ ଏମ୍‌ଡି ଛୋଟୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରଞ୍ଜିତ ଶୁକ୍ଳା ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ମୁନୁ ମାହାନ୍ତ, ଶୁଶାନ୍ତ କୁମାର ମାହାନ୍ତ ଖେଳ ପରିଚାଳନା କରିଥିଲେ। ଲିପୁନ ମାହାନ୍ତ, ଏମ୍‌ଡି ଉମର, ଲକି ମାହାନ୍ତ, ପ୍ରଭାତ ମାହାନ୍ତ, ଏମ୍‌ଡି ଅମିନ, ଶୁଧାଂଶୁ ମାହାନ୍ତ, ବାଦଲ ସାହୁ, ନିକୁଞ୍ଜ ସିଂ, ଏମ୍‌ଡି ଗଲ୍ଲୁ, ସଞ୍ଜୟ ସାହୁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଦିଲୀପ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

**Government of Odisha**
**Higher Education Department**

**Important notice for the applicants seeking admission into P.G. Courses at State Public Universities and Colleges participating under SAMS for the Academic Session 2025-26**

**No.N-193** : It is for information of all concerned that admission into P.G. Courses for the current Academic Session: 2025-26 at the HEIs participating under SAMS shall be done through a **Common PG Entrance Test (CPET-2025)**. Accordingly, the candidates are hereby instructed to fill-up the Common Application Form by visiting the SAMS P.G. portal as per the timeline mentioned below. Common Prospectus (CP) for CPET-2025 is available on the SAMS P.G. Portal. Applicants are advised to refer to the CP before filling up the CAF. The key points of P.G. e-Admission for the Academic Year 2025-26 are as follows.

1. **For the academic session 2025-26, P.G. admissions will be based exclusively on the scores secured in the Common Postgraduate Entrance Test (CPET). The earlier year's practice of applying the 80:20 ratio (CPET marks: Career marks) for preparing the statewide merit rank will be discontinued.**
2. **In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for the left out or fresh applicants.**
3. **The Phase-I admission will consists of 4 rounds of selection.** The reservation and weightage will be continued for 1st and 2nd rounds of selection. In the 3rd round, the de- reservation of seats will be carried out in case of absence of the eligible applicants of a specific category. The 4th round will be the last round for Phase-I, which will be a Waiting list admission process.
4. **Applicants who got selected and taken admission during the Phase-I admission process (in any of the rounds) in any subject at any Higher Education Institutions (HEIS) will not be eligible to participate in further phase/round of admission process, which will be available exclusively for the left out or fresh students.**
5. **This implies, only the left out applicants who have not been admitted to any of the HEIs in Phase-I admission process will be allowed to participate in the further phase/round of admission process.**
6. An applicant with **Elective Papers which carries at least 24 credits at U.G. Level are eligible to apply for that subject** to get admission into P.G. Courses. If an applicant enters incorrect details (not having at least 24 credits but mentioned the same in the CAF), **his/her candidature will be cancelled during the admission and document verification process or even after the admission is completed.**
7. For this Academic Year, applicants wish to be considered for scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
8. **For the current academic session 2025-26, the P.G. admission process will start early, regardless of the declaration of final results. However, admitted students must submit their graduation or equivalent certificate to their respective institutions within two months of admission. If students fail to provide the required certificates within two months from the date of admission or their final marks do not meet the eligibility criteria specified in the Common Prospectus, their admission will be cancelled by the concerned University/ College. Further, those seats can be allotted to other eligibile applicants.**
9. Whenever a seat is allocated, applicants are compulsorily required to choose one of the option - **Freeze, Float or Slide** - carefully. The detail process of "Freeze", "Slide" and "Float" is mentioned in the Common Prospectus (CP) availbale on the SAMS portal. **If the applicant will not choose any of these options that implies the applicant is rejecting the offered/allocated seat and s/ he will be out of the counselling process for the subsequent rounds of that Phase.**

**Timeline for e-Admission into P.G. Courses under SAMS in the State Public Universities and Colleges for the Academic Session: 2025-26**

The timeline for e-Admission into P.G. Courses for the session 2025-26 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 10-Mar-2025 (Monday) **(04:00 P.M.)** |
| 2 | Last date of applying online CAF through www.samsodisha.gov.in | 28-Mar-2025 (Friday) **(11.45 P.M.)** |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 29-Mar-2025 (Saturday) **(10.00 A.M. to 11.45 P.M.)** |
| 4 | Submision of applicant's data to State selection Board (SSB) by OCAC | 04-April-2025 (Friday) |
| 5 | Availability of Hall Ticket/Admit Card on the website of the State selection Board (www.ssbodisha.ac.in) for downloading by the Applicants | 28-April-2025 (Monday) **(11.00 A.M. onwards)** |
| 6 | Conduct of Entrance Examination (CPET-2025) | 04-May-2025 (Sunday) to 18-May-2025 (Sunday) |
| 7 | Handing over the entrance marks to OCAC by SSB, Odisha | 26-May-2025 (Monday) |
| 8 | Publication of subject-wise and State-wide merit list, Updation of Graduation/Equivalent marks, Choice filling of HEIs by the eligible applicants and Publication of Provisional Allotment of Seats for different Rounds | Dates will be notified by the Higher Education Department Later |

**For more details please contact : e-Admission Helpline (Toll Free) Number 155335 / 1800-345-6770**

**N.B. :** To enroll into the P.G. Courses, the applicants must have completed their graduation/ equivalent courses from an UGC recognized university. Subject Wise eligibility criteria is available on the SAMS portal. Applicants are advised to check the same before filling the Common Application Form (CAF). Candidates, whose final U.G. results are awaiting (not published), can also apply on-line by filling up the Common Application Form (CAF) to appear the CPET-2025.

**Sd./- Deputy Director, PTC section**

**OIPR-11001/11/0040/2425**

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଭାଗ ବିଫଳ



**ନିଷିଦ୍ଧ ଅଫିମ ଗଛ ନଷ୍ଟ କରିବା ଘଟଣାକୁ ଏକବର୍ଷ ପୂରିଲା**

**■ଜାଣିଶୁଣି ସବୁ ଚୁପ୍ ଅବକାରୀ ଅଧିକାରୀ**

**ଦେବଗଡ଼,୧୧।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଗୁଣ୍ଡିଆପାଲି ଗ୍ରାମପଞ୍ଚାୟତ ଧଉରାଗୋଠ ଗ୍ରାମରେ ପ୍ରାୟ ଦେଢ ଏକର ସରକାରୀ ଜମିରେ ଥିବା ନିଷିଦ୍ଧ ଅଫିମ ଗଛ ନଷ୍ଟ କରିବା ଘଟଣାକୁ ଏକବର୍ଷ ବିତିଯାଇଛି। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ ଅବକାରୀ ବିଭାଗ। ଫଳରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସାଧୁତା ଓ କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ, ଦୀର୍ଘ ପ୍ରାୟ ୪ ବର୍ଷ ଧରି ଧଉରାଗୋଠ ଗ୍ରାମର ଏକ ନିର୍ଦ୍ଦିଷ୍ଟ ସରକାରୀ ଜମିରେ ବେଆଇନ ଅଫିମ ଚାଷ ହୋଇ ଆସୁଥିଲା। ମାତ୍ର ଏହା ଅଫିମ ବୋଲି ଗ୍ରାମବାସୀ ଜାଣିପାରି ନ ଥିଲେ। ଅନ୍ୟପକ୍ଷରେ ଚାଷୀ ଏକ ବିଦେଶୀ ପ୍ରଜାତିର ସୋରିଷ ବୋଲି କହୁଥିବାରୁ ଗ୍ରାମବାସୀ ଅନ୍ଧକାରରେ ରହିଥିଲେ। ପ୍ରାୟ ଏକବର୍ଷ ପୂର୍ବେ ରିଆମାଳ ଅବକାରୀ କାର୍ଯ୍ୟାଳୟର ଜଣେ ପ୍ରଭାବଶାଳୀ ଏଏସ୍ଆଇ (ଇତିମଧ୍ୟରେ ସୁନ୍ଦରଗଡ ଜିଲାକୁ ବଦଳି ହୋଇଥିବା)ସାଦା ପୋଷାକରେ ଆସି ଚାଷୀ ଜନ୍ ଟାଓଙ୍କ ସହିତ ଚୁପୁରୁଚାପୁରୁ ହେଉଥିବା ଦେଖିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା। ଚାଷୀ ପକ୍ଷରୁ ସୋରିଷ ଗଛ କୁହାଯାଉଥିବା ଉକ୍ତ ଗଛ ଗୁଡିକରେ ରଙ୍ଗ ବେରଙ୍ଗର ଫୁଲ ଫୁଟିବା ସହ ବଡ ବଡ ଫଳ ଫଳିଥିବାରୁ କେତେକ ଯୁବକ ଏହାର ଚିତ୍ର ଉତ୍ତୋଳନ କରି ଗୁଗୁଲରେ ସର୍ଚ୍ଚ କରିବାରୁ ଏହା ନିଷିଦ୍ଧ ଅଫିମ ବୋଲି ଜଣାପଡିଥିଲା। ଫଳରେ ଗତ ୨୦୨୪ ମାର୍ଚ୍ଚ ୩ ସକାଳେ ଧଉରାଗୋଠ ଗ୍ରାମର ବହୁ ପୁରୁଷ ଓ ମହିଳା ସେଠାରେ ପହଞ୍ଚି ଗୁଣ୍ଡିଆପାଲି ସରପଞ୍ଚ ପ୍ରକାଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଉକ୍ତ ବଗିଚାରେ ମିଳିତ ଚଢ଼ାଉ କରି ଜନଙ୍କୁ କାବୁ କରିଥିଲେ। ତେବେ ଗ୍ରାମବାସୀଙ୍କୁ ଦେଖି ଉକ୍ତ ବଗିଚାରେ ଥିବା ମୁଖ୍ୟ ଅଭିଯୁକ୍ତ କେନ୍ଦୁଝର ଜିଲାର ଅମ୍ଳାନ ଭଦ୍ରା ସେଠାରୁ ଦୌଡି ପଳାଇଥିଲା। ଏ ନେଇ ଗ୍ରାମବାସୀ ଅବକାରୀ ବିଭାଗ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଅବକାରୀ ଅଧୀକ୍ଷିକା ବାସନ୍ତୀ ପ୍ରଭା ନାୟକ ଓ ତତ୍କାଳୀନ ଇନ୍ସପେକ୍ଟର ମଧୁସୂଦନ ସାହୁ ସଦଳବଳେ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଫିମ ଗଛ ଉପାଡି ନିଆଁରେ ପୋଡ଼ି ଦେଇଥିଲେ। ଗ୍ରାମବାସୀ ଅଟକ ରଖିଥିବା ଚାଷୀ ଜନ ଟାଓଙ୍କୁ ଅବକାରୀ ବିଭାଗରେ ହସ୍ତାନ୍ତର କରିବା ପରେ ବିଭାଗ ପକ୍ଷରୁ ଏନ୍ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରିଥିଲା। ପରେ ତାଙ୍କୁ ଗିରଫ କରି ଏହାର ପରଦିନ ଅର୍ଥାତ ୨୦୨୪ ମାର୍ଚ୍ଚ ୪ରେ କୋର୍ଟ ଚାଲାଣ କରାଯାଇଥଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଇତି ମଧ୍ୟରେ ଘଟଣାର ଦୀର୍ଘ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଅମ୍ଳାନ ଭଦ୍ରା କିମ୍ବା ଅନ୍ୟ କାହାରିଙ୍କୁ ଗିରଫ କରାଯାଇନାହିଁ କିମ୍ବା କୌଣସି ବିଭାଗୀୟ କୌଣସି କର୍ମଚାରୀ/ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅବକାରୀ ବିଭାଗର କେତେକ ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ପରୋକ୍ଷ ସମର୍ଥନରେ ନିଷିଦ୍ଧ ଅଫିମ ଚାଷ କରାଯାଇଥିବାରୁ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କଲେ ସେମାନଙ୍କ ମୁଖା ଖୋଲିଯିବା ଭୟରେ ଜାଣିଶୁଣି ଗିରଫ କରାଯାଉ ନ ଥିବା ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ମାମଲାର ତଦନ୍ତ ଅଧିକାରୀ ତଥା ମୋବାଇଲ ସବ୍ଇନ୍ସପେକ୍ଟର ଶଶୀକାନ୍ତ ରାଉତଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ଚିରାଚରିତ ଭାବେ ମୋବାଇଲ ନମ୍ବର ଅଧାରରେ ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି ବୋଲି କହିଛନ୍ତି। ତେବେ ସେ ଯାହା ହେଉନା କାହିଁକି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କିମ୍ବା ବିଚାର ବିଭାଗ ପକ୍ଷରୁ ତଦନ୍ତ କରାଯାଇ ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ରାଜମିସ୍ତ୍ରି ମୃତ

**ଦେବଗଡ଼,୧୧।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ପୌରାଞ୍ଚଳ ୧୦ନଂ ୱାର୍ଡ ରଜାମୁଣ୍ଡା ବେଲ୍ଡାଟୋଲି ସାହିରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ୪୫ ମିନିଟରେ ଏକ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜଣେ ଅଣଓଡ଼ିଆ ରାଜମିସ୍ତ୍ରିଙ୍କ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗର ଜାହିରୁଦ୍ଦିନ ଶେଖ। ସୂଚନା ଅନୁଯାୟୀ ରଜାମୁଣ୍ଡା ବେଲ୍ଡାଟୋଲି ସାହିରେ ଝସକେତନ ପ୍ରଧାନଙ୍କ ଗୃହ ନିର୍ମାଣ ଚାଲିଥିଲା। ଏଥିରେ ଜାହିରୁଦ୍ଦିନ ନିୟୋଜିତ ଥିଲେ। ନିର୍ମାଣାଧୀନ ଗୃହ ଉପରେ ଚଢି କାର୍ଯ୍ୟ କରୁଥିବା ବେଳେ ଅସାବଧାନତା ବସତଃ ଏହାର ଉପର ଦେଇ ଯାଇଥିବା ୧୧କେଭି କ୍ଷମତା ସମ୍ପନ୍ନ ଜୀବନ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଓ ସାଥୀ ଶ୍ରମିକମାନେ ଉଦ୍ଧାର କରି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଦେବଗଡ଼ ଆଦର୍ଶ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ସଂରକ୍ଷିତ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ,
ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ନୟାପଲ୍ଲୀସ୍ଥିତ ଅଫିସ୍‌ର କଲୋନୀରେ ଥିବା ୭ଟି ଗ୍ରେଡ୍ ଏ ଫ୍ଲାଟର ନବୀକରଣ (ଇଲେକ୍ଟ୍ରିକାଲ୍ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ମାର୍ଚ୍ଚ ୨୭, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

 କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର


**ସଂକ୍ଷେପରେ**

## ମାଲ ବୋଝେଇ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଦେବଗଡ଼,୧୧।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ସଦର ମହକୁମାସ୍ଥିତ ବ୍ରାହ୍ମଣୀ ପୋଲ ଉପରେ ମଙ୍ଗଳବାର ସନ୍ଧ୍ୟାରେ ଏକ ମାଲ ବୋଝେଇ ଟ୍ରକ୍ ବାଇକ୍‌କୁ ଧକ୍କା ଦେଇ ୩ଶହ ମିଟର ଘୋଷାଡି ନେଇଥିଲା। ଫଳରେ ବାଇକ୍ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୁରମାର ହୋଇଯିବା ସହ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକ ହେଲେ ଦେବଗଡ଼ ଥାନା ସମରଖାଇ ଗ୍ରାମର ରଞ୍ଜନ ଲୁହୁରା। ମିଳିଥିବା ସୂଚନା ଅନୁଯାୟୀ ସମରଖାଇ ଗ୍ରାମର ରଞ୍ଜନ ଏକ ବାଇକ୍ (ନଂ.ଓଡି-୧୪ଏ-ସି୭୮୬୫)ଯୋଗେ ପାଲଲହଡା ପଟୁ ଗାଁକୁ ଫେରୁଥିଲେ। ରାତି ପ୍ରାୟ ୮ଟାରେ ବାରକୋଟସ୍ଥିତ ୪୯ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ପୋଲ ଉପରେ ପଛପଟୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍ (ନଂ.ଓଡି୧୪ଏଚ୍-୧୪୫୧)ତାଙ୍କୁ ଧକ୍କା ଦେବା ସହ ପ୍ରାୟ ୩୦୦ ମିଟର ଦୂର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ଫଳରେ ବାଇକ୍ ଚୁରମାର ହୋଇପଡ଼ିବା ସହ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଚାଳକ ଟ୍ରକ୍ ଛାଡି ଫେରାର ହୋଇଯାଇଥିଲେ। ଖବର ପାଇ ବାରକୋଟ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକ୍ ଜବତ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରକୁ ପଠାଇଛି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

## ଜିଲା ଭାଜପାର ୨ ବରିଷ୍ଠ ନେତାଙ୍କ ବିୟୋଗରେ ଶୋକସଭା

**ଝାରସୁଗୁଡ଼ା,୧୧।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାର ୨ ବରିଷ୍ଠ ନେତା ସ୍ୱର୍ଗତ ସତ୍ୟନାରାୟଣ ବହିଦାର ଓ ସତ୍ୟନାରାୟଣ ଶର୍ମାଙ୍କ ବିୟୋଗରେ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଅପରାହ୍ନ ୪ଟାରେ ସରବାହାଲ ବାଇପାସସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଭାଜପାର ୨ ଦିବଂଗତ ବରିଷ୍ଠ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ବହିଦାର ପୂର୍ବତନ ଜିଲା ସଧାରଣ ସମ୍ପାଦକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲାର ଜଣେ ବରିଷ୍ଠ ବିଜ୍ଞ ଆଇନଜୀବୀ ଥିଲେ। ସ୍ୱର୍ଗତ ଶର୍ମା ପୂର୍ବତନ ଝାରସୁଗୁଡ଼ା ବ୍ଲକ୍ କୃଷକ ମୋର୍ଚ୍ଚା ସଭାପତି ଥିବା ସହିତ ଜିଲାର ଜଣେ ଶୃଙ୍ଖଳିତ କର୍ମୀ ଥିଲେ। ଗତ ସପ୍ତାହରେ ଉଭୟଙ୍କ ପରଲୋକ ଘଟିଥିଲା। ଉଭୟଙ୍କ ଆତ୍ମାର ସଦ୍‌ଗତି କାମନା ପାଇଁ ଜିଲା କାର୍ଯ୍ୟାଳୟଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ପୂର୍ବତନ ଜିଲା ସଭାପତି ପ୍ରମୋଦ ସେନାପତି, ବରିଷ୍ଠ ନେତା ଦିନେଶ ଜୈନ, ଜିଲା ସାଧାରଣ ସମ୍ପାଦକ ଚକାନନ୍ଦ ସା, ଅମରେନ୍ଦ୍ର ରାୟ, ବନ୍ଦନା ମୁଦ୍ରା, ପ୍ରେମସେନ୍ ରାୟ, ଗୋପାଳ ପଟେଲ, ସମୀର ମହାନ୍ତି, ଆଲୋକ ସାହୁ, ତପନ ସ୍ୱାଇଁ, ଜିତେନ୍ଦ୍ର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସ୍ଥାୟୀ ନିଯୁକ୍ତି, ମାସିକ ପ୍ରୋତ୍ସାହନ ଦାବିରେ ଗାଁ ସାଥୀ ସଂଘର ବିକ୍ଷୋଭ, ଧାରଣା

**ଦେବଗଡ଼,୧୧।୩(ଶଶାଙ୍କ ଶେଖର ଝାଙ୍କର)**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ରାଶି ଦାବିରେ ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଧାରଣା ଦିଆଯାଇଥିଲା। ଦେବଗଡ଼ ଜିଲା ଗାଁ ସାଥୀ ସଂଘ ଜିଲା ସଂଯୋଜକ ଯୁଗଳ କିଶୋର ନାୟକଙ୍କ ନେତୃତ୍ୱରେ ଜିଲାର ବହୁ ପୁରୁଷ ଓ ମହିଳା ଗାଁ ସାଥୀ ସ୍ଥାନୀୟ ନୂଆଁ ବସଷ୍ଟାଣ୍ଡରୁ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ସେମାନେ ଧାରଣାରେ ବସି ଜିଲାପାଳଙ୍କୁ ଉପରୋକ୍ତ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ସ୍ମାରକପତ୍ରର ନକଲ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ୧୧ଜଣ ଅଧିକାରୀ ଓ ସାମ୍ବିଧାନିକ ମୁଖ୍ୟମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି। ଆଶାୟୀ ଲିଗାଲ ଗାଁ ସାଥୀଙ୍କ ଆବଶ୍ୟକ ବୟସ କୋହଳ ସହିତ ଯୁକ୍ତ ୨ରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ଗାଁ ସାଥୀଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ଯୁକ୍ତ ୨ରୁ କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ଗାଁ ସାଥୀଙ୍କୁ ମାସିକ ୧୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ସ୍ମାରକପତ୍ର ଜରିଆରେ ଦାବି କରାଯାଇଛି।

## ଶ୍ରୀ ଶ୍ୟାମ ମିତ୍ର ମଣ୍ଡଳ ପରିବାର ପକ୍ଷରୁ ନିଶାନ ପଦଯାତ୍ରା

**ଦେବଗଡ଼,୧୧।୩(ଶଶାଙ୍କ ଶେଖର ଝାଙ୍କର)**

ଫାଲଗୁନ ଏକାଦଶୀ ତିଥିରେ ରାଜସ୍ଥାନସ୍ଥିତ ଖାଟୁଧାମର ବାବା ଶ୍ୟାମଙ୍କ ଫାଲଗୁନ ମେଳା ଅବସରରେ ଦେବଗଡ଼ଠାରେ ନିଶାନ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଦେବଗଡ଼ ମାରୱାଡ଼ି ସମ୍ପ୍ରଦାୟର ମହିଳା ଓ ପୁରୁଷଙ୍କ ଦ୍ୱାରା ନିଶାନ ପଦଯାତ୍ରା ସ୍ଥାନୀୟ ପୁରୁଣାଗଡସ୍ଥିତ ଜଗନ୍ନାଥ ମନ୍ଦିରରୁ ଶୁଭାରମ୍ଭ ହୋଇଥିଲା। ସମସ୍ତ ଶ୍ରୀଶ୍ୟାମ ମିତ୍ର ମଣ୍ଡଳ ସଦସ୍ୟମାନେ ହାତରେ ଧ୍ୱଜ ଧରି ବାବାଙ୍କ ଭଜନ ସହ ସଙ୍କୀର୍ତ୍ତନ ମଣ୍ଡଳୀ ଓ ଶ୍ୟାମ ବାବାଙ୍କ ଧ୍ୱନି ଦେଇ ନଗର ପରିକ୍ରମା କରି ଗୋପାଳଜିଉ ମନ୍ଦିର ପରେ ମୁଖ୍ୟବଜାର ଦେଇ ଶାସନ ସାହିସ୍ଥିତ ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ସମସ୍ତେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ସହିତ ଆଳତି କରିଥିଲେ। ପରେ ଭଜନ ସହିତ ନାଚ ଗୀତ କରି ଫୁଲର ହୋଲି ଖେଳିଥିଲେ। ଶେଷରେ ଭକ୍ତ ନିଜ ନିଜ ଧ୍ୱଜା ନେଇ ଘରେ ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ଶ୍ରୀଶ୍ୟାମ ମିତ୍ର ମଣ୍ଡଳ ସଭାପତି ବଜରଙ୍ଗ ଲାଲ ଅଗ୍ରୱାଲ, ଉପସଭାପତି ଆଶିଷ ଅଗ୍ରୱାଲ, ସମ୍ପାଦକ ସୌରଭ ଗୋଏଲ, କୋଷାଧ୍ୟକ୍ଷ ସୁନିଲ ଗୋଏଲ, ଉମା ଗୋଏଲ, ଶ୍ୟାମ ସୁନ୍ଦର ମିତ୍ତଲ, ଶିଖା ଅଗ୍ରୱାଲ, ପାଏଲ ମିତଲ, ବିନ୍ଦୁ ଅଗ୍ରୱାଲ, କିରଣ ଅଗ୍ରୱାଲ, ସରିତା ସୋମାନିଙ୍କ ସମେତ ବହୁ ମହିଳା ଓ ପୁରୁଷ ଭକ୍ତ ଯୋଗଦେଇଥିଲେ।

## ମାସର ତୃତୀୟ ସୋମବାର ହେବ ଅଭିଯୋଗ ଶୁଣାଣି ଶିବିର

**ଝାରସୁଗୁଡ଼ା,୧୧।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ପୌର ପରିଷଦରେ ପ୍ରତ୍ୟେକ ମାସର ତୃତୀୟ ସୋମବାର ଅଭିଯୋଗ ଶୁଣାଣି ହେବା ପାଇଁ ପୌର ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଅଭିଯୋଗ ଶୁଣାଣି ବିଷୟରେ ଜିଲାପାଳଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ଜଣାଯାଇଛି। ଲୋକମାନେ ବିଭିନ୍ନ ସମସ୍ୟା ନେଇ ପୌର ପରିଷଦ ଆସୁଥିବା ବେଳେ ସମ୍ପୃକ୍ତ ବିଭାଗ କିରାଣି ତଥା ଇଓଙ୍କୁ ମଧ୍ୟ ଭେଟି ପାରୁନାହାନ୍ତି। ସେମାନେ ପୌର ପରିଷଦ ବିଭିନ୍ନ କାର୍ଯ୍ୟ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ତଥା ପରିଷଦ ବିଭିନ୍ନ କ୍ଷେତ୍ର ପରିଦର୍ଶନରେ ଯାଇଥାନ୍ତି। ଏସବୁ ବ୍ୟବସ୍ଥା ଆଖି ଆଗରେ ରଖି ଲୋକଙ୍କ ସମସ୍ୟା କିପରି ପୌର ପରିଷଦ ଜାଣି ପାରିବ, ସେଥିପାଇଁ ମାର୍ଚ୍ଚ ୬ରେ ପୌର ପରିଷଦ ରେଗୁଲେସନ ଚିଠି ହିସାବରେ ମାସର ତୃତୀୟ ସୋମବାର ଅଭିଯୋଗ ଶୁଣାଣି କରିବାକୁ ନିଷ୍ପତ୍ତି ନିଆଯାଇଛି। ଅଭିଯୋଗ ଶୁଣାଣିରେ କମିଟି ସଭ୍ୟ ଭାବେ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଇଓ ରହିଥିବା ବେଳେ ଅଧିକାରୀସ୍ତରେ ସାନିଟେସନ ଇନ୍ସପେକ୍ଟର, ଇଲେକ୍ଟ୍ରିକାଲ ଇଞ୍ଜିନିୟର, ଇନଫାଷ୍ଟ୍ରକଚର ଏକ୍ସପର୍ଟ, କମ୍ୟୁନିଟି ଅର୍ଗାନାଇଜର ରହିଥିବା ବେଳେ ଅଭିଯୋଗ ପଞ୍ଜୀକରଣ ପାଇଁ ୨ଜଣ କିରାଣିଙ୍କୁ ଦାୟିତ୍ୱ ଦିଆଯାଇଛି।

## ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ


ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ।

**ଝାରସୁଗୁଡ଼ା,୧୧।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ୍ ପକ୍ଷରୁ ସ୍ଥାନୀୟ ମଙ୍ଗଳବଜାରଠାରେ ସୋମବାର ଅପରାହ୍ନରେ ସରକାରୀ ବିଭାଗ ଓ କର୍ପୋରେଟସ୍ତରରେ ଦ୍ୱିତୀୟ ତମ ଦିନିକିଆ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଙ୍ଗିଲ୍ ବର୍ଗରେ ୨୦ ଜଣ ଓ ଡବଲ୍ସ ବର୍ଗରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ସିଙ୍ଗିଲ୍ ବର୍ଗରେ ତନ୍ମୟ ଦାଶ ଚାମ୍ପିୟନ ହୋଇଥିବା ବେଳେ ଜ୍ଞାନରଞ୍ଜନ ସ୍ୱାଇଁ ଉପବିଜେତା ହୋଇ ପୁରସ୍କୃତ ହୋଇଥିଲେ। ସେହିପରି ଡବଲ୍ସ ବର୍ଗରେ ତେଜ୍ ବାହାଦୁର ଗୁରୁମ୍ ଓ ସନ୍ତୋଷ ଖରାଲ ଚାମ୍ପିୟନ୍ ହୋଇଥିବା ବେଳେ ଜ୍ଞାନ ରଞ୍ଜନ ସ୍ୱାଇଁ ଓ ଦୁଷ୍ମନ୍ତ କିଶାନ ଉପବିଜେତା ହୋଇ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ରେଲୱେ ଡେପୁଟି ଚିଫ ଇଞ୍ଜିନିୟର ଶିବ ପ୍ରସାଦ ତ୍ରିପାଠୀ, ଦ୍ୱିତୀୟ ଓଏସ୍ଏପି ବଟାଲିୟନର କମାଣ୍ଡାଣ୍ଟ ପ୍ରତାପ ତମାଙ୍ଗ, କ୍ରୀଡ଼ାପ୍ରେମୀ ପ୍ରତାପ ବେହେରା, ଜୀବନ ମହାନ୍ତି ପ୍ରମୁଖ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଝାରସୁଗୁଡ଼ା ଜିଲା ବ୍ୟାଡମିଣ୍ଟନ ଆସୋସିଏଶନର ସମସ୍ତ ସଦସ୍ୟ ଖେଳ ଆୟୋଜନରେ ସହଯୋଗ କରିଥିଲେ।

# ଅଂଶୁଘାତ ରୋଗୀଙ୍କ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା

**ଗ୍ରୀଷ୍ମ ପ୍ରବାହ ଦାଉରୁ ରକ୍ଷା ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ**

**ଦେବଗଡ଼,୧୧।୩(ଶଶାଙ୍କ ଶେଖର ଝାଙ୍କର)**



ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ମୁକାବିଲା ପାଇଁ ଜିଲା ପ୍ରଶାସନିକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସାହୁ ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରଶାସନିକସ୍ତରରେ ସମସ୍ତେ ସଜାଗ ରହିବାକୁ ପରାମର୍ଶ ଦେବା ସହିତ ବୈଠକର ନିଷ୍ପତ୍ତିଗୁଡିକ କଡାକଡି ଭାବେ ପାଳନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ପ୍ରଚାର ତଥା ଗଣମାଧ୍ୟମ ଜରିଆରେ ସଚେତନତା ସୃଷ୍ଟି କରାଯିବ। ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସା ବିଭାଗ, ପଞ୍ଚାୟତିରାଜ, ଶିକ୍ଷାନୁଷ୍ଠାନ, ଅନୁସୂଚିତ ଜାତି ଓ ଜନଜାତି, ଶ୍ରମ ବିଭାଗ, ପରିବହନ ବିଭାଗ, ଜଙ୍ଗଲ ବିଭାଗ, ବିଦ୍ୟୁତ୍ ବିଭାଗ, ସମାଜ ମଙ୍ଗଳ ଅଧିକାରୀ ଓ ଜିଲା ଚିକିତ୍ସା ଅଧିକାରୀ ସଜାଗ ରହିବା ସହିତ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ପରିମାଣରେ ଅଂଶୁଘାତ ଔଷଧ ଓ ଓଆର୍ଏସ୍ ମହଜୁତ ରଖିବା ସହିତ ଅଂଶୁଘାତ ରୋଗୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲା ଓ ବ୍ଲକରେ ବିଭିନ୍ନ ବିଭାଗରେ କଣ୍ଟ୍ରୋଲ ରୁମ ବ୍ୟବସ୍ଥା କରାଯିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାର କଣ୍ଟ୍ରୋଲ ରୁମ ନମ୍ବର-୦୬୬୪୧୨୨୬୮୪୩ ଜାରି କରାଯାଇଛି। ଗ୍ରାମାଞ୍ଚଳରେ ପାନୀୟ ଜଳ, ବିଦ୍ୟୁତ୍, ଅଚଳ ନଳକୂପଗୁଡିକ ତୁରନ୍ତ ମରାମତି ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନଳକୂପ ଖରାପ ହୋଇଥିଲେ ତୁରନ୍ତ ମରାମତି କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ପୌରାଞ୍ଚଳରେ ପ୍ରତ୍ୟେକ ପଞ୍ଚାୟତରେ ଜଳଛତ୍ର ଖୋଲାଯିବା ସହିତ ଶିକ୍ଷାନୁଷ୍ଠାନଗୁଡିକ ସମୟ ପରିବର୍ତ୍ତନ ଓ ପାନୀୟ ଜଳ ବ୍ୟବସ୍ଥା ଠିକ ରୂପେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀବାହୀ ବସ୍‌ରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ଓ ଛାୟା କରାଯିବା ପାଇଁ କୁହାଯାଇଥିଲା। ଜିଲାରେ ପ୍ରତ୍ୟେକ ବ୍ଲକ, ତହସିଲ ଓ ଚିକିତ୍ସାଳୟ ଆରଡବ୍ଲ୍ୟୁଏସ୍ଏସ୍, ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଏବଂ ପଶୁ ଚିକିତ୍ସାଳୟରେ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ, ଉପ ଜିଲାପାଳ ପରକ୍ଷିତ ସାହୁ, ଜିଲା ଜରୁରୀ କାଳୀନ ଅଧିକାରୀ ହେମନ୍ତ ସିଂ, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।


**Government of Odisha**
**Higher Education Department**

**Important notice for the applicants seeking admission into P.G. Courses at State Public Universities and Colleges participating under SAMS for the Academic Session 2025-26**

**No.N-193** : It is for information of all concerned that admission into P.G. Courses for the current Academic Session: 2025-26 at the HEIs participating under SAMS shall be done through a **Common PG Entrance Test (CPET-2025)**. Accordingly, the candidates are hereby instructed to fill-up the Common Application Form by visiting the SAMS P.G. portal as per the timeline mentioned below. Common Prospectus (CP) for CPET-2025 is available on the SAMS P.G. Portal. Applicants are advised to refer to the CP before filling up the CAF. The key points of P.G. e-Admission for the Academic Year 2025-26 are as follows.

1. **For the academic session 2025-26, P.G. admissions will be based exclusively on the scores secured in the Common Postgraduate Entrance Test (CPET). The earlier year's practice of applying the 80:20 ratio (CPET marks: Career marks) for preparing the statewide merit rank will be discontinued.**
2. **In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for the left out or fresh applicants.**
3. **The Phase-I admission will consists of 4 rounds of selection.** The reservation and weightage will be continued for 1st and 2nd rounds of selection. In the 3rd round, the de- reservation of seats will be carried out in case of absence of the eligible applicants of a specific category. The 4th round will be the last round for Phase-I, which will be a Waiting list admission process.
4. **Applicants who got selected and taken admission during the Phase-I admission process (in any of the rounds) in any subject at any Higher Education Institutions (HEIS) will not be eligible to participate in further phase/round of admission process, which will be available exclusively for the left out or fresh students.**
5. **This implies, only the left out applicants who have not been admitted to any of the HEIs in Phase-I admission process will be allowed to participate in the further phase/round of admission process.**
6. An applicant with **Elective Papers which carries at least 24 credits at U.G. Level are eligible to apply for that subject** to get admission into P.G. Courses. If an applicant enters incorrect details (not having at least 24 credits but mentioned the same in the CAF), **his/her candidature will be cancelled during the admission and document verification process or even after the admission is completed.**
7. For this Academic Year, applicants wish to be considered for scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
8. **For the current academic session 2025-26, the P.G. admission process will start early, regardless of the declaration of final results. However, admitted students must submit their graduation or equivalent certificate to their respective institutions within two months of admission. If students fail to provide the required certificates within two months from the date of admission or their final marks do not meet the eligibility criteria specified in the Common Prospectus, their admission will be cancelled by the concerned University/ College. Further, those seats can be allotted to other eligibile applicants.**
9. Whenever a seat is allocated, applicants are compulsorily required to choose one of the option - **Freeze, Float or Slide** - carefully. The detail process of "Freeze", "Slide" and "Float" is mentioned in the Common Prospectus (CP) availbale on the SAMS portal. **If the applicant will not choose any of these options that implies the applicant is rejecting the offered/allocated seat and s/ he will be out of the counselling process for the subsequent rounds of that Phase.**

**Timeline for e-Admission into P.G. Courses under SAMS in the State Public Universities and Colleges for the Academic Session: 2025-26**

The timeline for e-Admission into P.G. Courses for the session 2025-26 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer the CP for the below mentioned activities.

| Sl# | Activities | Timeline |
| --- | --- | --- |
| 1 | Availability of Online CAF in the website www.samsodisha.gov.in | 10-Mar-2025 (Monday) **(04:00 P.M.)** |
| 2 | Last date of applying online CAF through www.samsodisha.gov.in | 28-Mar-2025 (Friday) **(11.45 P.M.)** |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 29-Mar-2025 (Saturday) **(10.00 A.M. to 11.45 P.M.)** |
| 4 | Submision of applicant's data to State selection Board (SSB) by OCAC | 04-April-2025 (Friday) |
| 5 | Availability of Hall Ticket/Admit Card on the website of the State selection Board (www.ssbodisha.ac.in) for downloading by the Applicants | 28-April-2025 (Monday) **(11.00 A.M. onwards)** |
| 6 | Conduct of Entrance Examination (CPET-2025) | 04-May-2025 (Sunday) to 18-May-2025 (Sunday) |
| 7 | Handing over the entrance marks to OCAC by SSB, Odisha | 26-May-2025 (Monday) |
| 8 | Publication of subject-wise and State-wide merit list, Updation of Graduation/Equivalent marks, Choice filling of HEIs by the eligible applicants and Publication of Provisional Allotment of Seats for different Rounds | Dates will be notified by the Higher Education Department Later |

**For more details please contact : e-Admission Helpline (Toll Free) Number 155335 / 1800-345-6770**

**N.B. :** To enroll into the P.G. Courses, the applicants must have completed their graduation/ equivalent courses from an UGC recognized university. Subject Wise eligibility criteria is available on the SAMS portal. Applicants are advised to check the same before filling the Common Application Form (CAF). Candidates, whose final U.G. results are awaiting (not published), can also apply on-line by filling up the Common Application Form (CAF) to appear the CPET-2025.

**Sd./- Deputy Director, PTC section**

**OIPR-11001/11/0040/2425**

## ସଂକ୍ଷେପରେ

### ଭିଜା ଥାଇ ଆମେରିକାରୁ ବିଦାହେଲେ ପାକ୍ କୂଟନୀତିଜ୍ଞ

ଇସ୍ଲାମାବାଦ,୧୧।୩

ବୈଧ ଭିଜା ଏବଂ ଆଇନଗତ ଗସ୍ତ କାଗଜପତ୍ର ଥିବା ସତ୍ତ୍ୱେ ତୁର୍କମେନିସ୍ତାନ ପାଇଁ ପାକିସ୍ତାନର ରାଷ୍ଟ୍ରଦୂତ ଥିବା କେ.କେ. ଅହସାନ ୱାଗନ୍‌ଙ୍କୁ ଆମେରିକାରେ ପ୍ରବେଶ ଅନୁମତି ମିଳିନାହିଁ। ତାଙ୍କୁ ଲସ୍ ଏଞ୍ଜେଲ୍ସରୁ ବିଦା କରିଦିଆଯାଇଛି। ୱାଗନ୍ ଛୁଟି କଟାଇବା ପାଇଁ ଲସ୍ ଏଞ୍ଜେଲ୍ସ ଯାଉଥିବାବେଳେ ଆମେରିକାର ଆପ୍ରବାସନ କର୍ତ୍ତୃପକ୍ଷ ସେମାନଙ୍କୁ ବିମାନବନ୍ଦରରେ ଅଟକାଇଥିଲେ। ତାଙ୍କ ଭିଜା ସୁପାରିସ୍‌କୁ ନେଇ ବିବାଦ ରହିଥିବା ଆମେରିକା କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ତେବେ ତାଙ୍କୁ ବିଦା କରାଯିବାର ନିର୍ଦ୍ଦିଷ୍ଟ କାରଣ ସେମାନେ ଜଣାଇ ନାହାନ୍ତି।

### ମରିସସ୍ ପ୍ରଧାନମନ୍ତ୍ରୀଙ୍କୁ ଓସିଆଇ କାର୍ଡ ଦେଲେ ମୋଦି

ପୋର୍ଟ ଲୁଇସ୍,୧୧।୩(ପି.ଟି.)

ମରିସସ୍ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ତାଙ୍କ ପ୍ରତିପକ୍ଷ ନବୀନ ରାମଗୁଲାମ୍ ଓ ତାଙ୍କ ସ୍ତ୍ରୀ ବୀଣା ରାମଗୁଲାମଙ୍କୁ ଭାରତର ଦରିଆପାରି ନାଗରିକ (ଓସିଆଇ) କାର୍ଡ ପ୍ରଦାନ କରିଛନ୍ତି। ଏକ କମ୍ୟୁନିଟି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଏହି କାର୍ଡ ପ୍ରଦାନ କରିଥିବାବେଳେ ସେଠାରେ ମରିସସ୍ କ୍ୟାବିନେଟ ସଦସ୍ୟ, ନ୍ୟାଶନାଲ ଆସେମ୍ବ୍ଲି ସଦସ୍ୟ ଏବଂ ସରକାରୀ ଅଧିକାରୀଙ୍କ ସମେତ ୩,୫୦୦ ଲୋକ ଉପସ୍ଥିତ ଥିଲେ। ଏହା ମୋ ପାଇଁ ଅତ୍ୟନ୍ତ ଖୁସି ଓ ବିସ୍ମୟ ବୋଲି ରାମଗୁଲାମ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ମରିସସ୍ ସହ ଭାରତର ଐତିହାସିକ ସମ୍ପର୍କ ରହିଆସିଛି। ମରିସସ୍ କେବଳ ଏକ ସହଯୋଗୀ ଦେଶ ନୁହେଁ ବରଂ ପରିବାର ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ମରିସସ୍‌ର ଜାତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ମୋଦି ୨ ଦିନିଆ ଗସ୍ତରେ ଯାଇଛନ୍ତି। ବ୍ରିଟିଶ ଶାସନ କାଳରୁ ମରିସସ୍ ସହ ଭାରତର ଗଭୀର ସମ୍ପର୍କ ରହିଆସିଛି। ମରିସସ୍ ସଙ୍କଟରେ ପଡ଼ିଲେ, ଭାରତ ପ୍ରଥମେ ସହାୟତାର ହାତ ବଢ଼ାଇଥାଏ ବୋଲି ମୋଦି କହିଛନ୍ତି।


### କେଜ୍‌ରିୱାଲଙ୍କ ବିରୋଧରେ ମାମଲା ରୁଜୁ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୧।୩

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ରେ ଦିଲ୍ଲୀର ଦ୍ୱାରକାରେ ଜନସାଧାରଣଙ୍କ ଅର୍ଥର ଦୁରୁପଯୋଗ କରି କେଜ୍‌ରିୱାଲଙ୍କର ହୋର୍ଡିଂ ଲଗାଯାଇଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ଆପ୍ ମୁଖ୍ୟଙ୍କ ବିରୋଧରେ ମାମଲା ରୁଜୁ ହେଉ ବୋଲି ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟଙ୍କ ନିକଟରେ ଏକ ଆବେଦନ ଦାଖଲ ହୋଇଥିଲା। ମଙ୍ଗଳବାର ଏହି ଆବେଦନର ଶୁଣାଣିକରି ଅଦାଲତ ମାମଲା ରୁଜୁକରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଖାର୍ଗେଙ୍କ ମନ୍ତବ୍ୟକୁ ନେଇ ରାଜ୍ୟ ସଭାରେ ହଙ୍ଗାମା

ନୂଆଦିଲ୍ଲୀ,୧୧।୩ (ପି.ଟି.)


କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରାଜ୍ୟ ସଭାରେ ଉଦ୍‌ବୋଧନ ଦେଉଛନ୍ତି।

ରାଜ୍ୟ ସଭାରେ ମଙ୍ଗଳବାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଣସଂସଦୀୟ ମନ୍ତବ୍ୟକୁ ନେଇ ପ୍ରବଳ ହଙ୍ଗାମା ହୋଇଛି। ତେବେ କେନ୍ଦ୍ର ସରକାର ଦେଶକୁ ଆଞ୍ଚଳିକତା ଭିତ୍ତିରେ ଭାଗ ଭାଗ କରିବାକୁ ଉଦ୍ୟମ କରୁଥିବାରୁ ସେ ଏଭଳି ମନ୍ତବ୍ୟ ଦେଇଥିବା ସ୍ପଷ୍ଟୀକରଣରେ କହିବା ସହ ଗୃହ ଅଧ୍ୟକ୍ଷଙ୍କୁ କ୍ଷମା ମାଗିଛନ୍ତି।

ପାର୍ଲାମେଣ୍ଟର ଉଚ୍ଚ ସଦନରେ ପ୍ରଶ୍ନୋତ୍ତର କାଳ ଶେଷରେ ଶିକ୍ଷା ମନ୍ତ୍ରଣାଳୟର କାର୍ଯ୍ୟକୁ ନେଇ ଆଲୋଚନା ଆରମ୍ଭ ହୋଇଥିଲା। ତାମିଲନାଡୁ ସରକାରଙ୍କ ବିରୋଧରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ବୋଲି ବହୁ ବିରୋଧୀ ସଦସ୍ୟ ଦାବି କରିଥିଲେ। ସୋମବାର ଲୋକ ସଭାରେ ଧର୍ମେନ୍ଦ୍ର ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ଅଧୀନରେ ତ୍ରିଭାଷୀ ନୀତି ଉପରେ ତାମିଲନାଡୁ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିଥିଲେ। ରାଜ୍ୟ ସରକାର ରାଜନୀତି ପାଇଁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ କରୁଥିବା ସେ କହିଥିଲେ। ମଙ୍ଗଳବାର ଗୃହର ଉପାଧ୍ୟକ୍ଷ ହରିବଂଶ କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କୁ ଶିକ୍ଷା ମନ୍ତ୍ରଣାଳୟର କାର୍ଯ୍ୟ ସମ୍ପର୍କରେ ଆଲୋଚନା ଆରମ୍ଭ କରିବାକୁ ଡାକିଥିଲେ। ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଏବଂ ଏନ୍‌ଇପିକୁ ବିରୋଧ କରି ଗୃହରେ କଳା ପୋଷାକ ପିନ୍ଧିଥିବା ଡିଏମ୍‌କେ ସଦସ୍ୟମାନେ ଛିଡ଼ାହୋଇ ଧର୍ମେନ୍ଦ୍ର ପ୍ରଥମେ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ।

ହଙ୍ଗାମା ଲାଗି ରହିଥିବାବେଳେ ବିରୋଧୀ ଦଳ ନେତା ଖାର୍ଗେ ଏଥିରେ ହସ୍ତକ୍ଷେପ କରିଥିଲେ। ତେବେ ତାଙ୍କୁ ପୂର୍ବରୁ କହିବା ପାଇଁ ସୁଯୋଗ ଦିଆଯାଇଥିବାରୁ ଏବେ ଦିଗ୍‌ବିଜୟଙ୍କ ପାଳି ବୋଲି ଗୃହରେ ଅଧ୍ୟକ୍ଷତା କରୁଥିବା ହରିବଂଶ କହିବା ସତ୍ତ୍ୱେ ବିରୋଧୀ ଦଳ ସରକାରଙ୍କୁ ଘେରିବା ପାଇଁ ପ୍ରସ୍ତୁତ ଥିବା କଂଗ୍ରେସ ଅଧ୍ୟକ୍ଷ ହିନ୍ଦୀରେ କହିବା ସହ ମର୍ଯ୍ୟାଦାହାନି ହେଲାଭଳି ଶବ୍ଦ କହିଥିଲେ। ତାଙ୍କ ମନ୍ତବ୍ୟକୁ ସରକାରୀ ଦଳର ସଦସ୍ୟମାନେ ଅଣସଂସଦୀୟ କହିବା ସହ ହୋହଲ୍ଲା କରିଥିଲେ। ଗୃହର ନେତା ଜେ.ପି. ନଡ୍ଡା ହସ୍ତକ୍ଷେପ କରି କହିଥିଲେ, ଗୃହର ଅଧ୍ୟକ୍ଷଙ୍କୁ ଆକ୍ଷେପ କରି ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟ ନିନ୍ଦନୀୟ। ସେ କ୍ଷମା ମାଗନ୍ତୁ ଓ ନିଜ ମନ୍ତବ୍ୟକୁ ଫେରାଇ ନିଅନ୍ତୁ ବୋଲି ନଡ୍ଡା ଦାବି କରିଥିଲେ। ଖାର୍ଗେ ତୁରନ୍ତ କ୍ଷମା ମାଗିବା ସହ ସେ ଗୃହର ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ନୁହେଁ ବରଂ ସରକାରଙ୍କ ନୀତିକୁ ନେଇ ଏଭଳି ମନ୍ତବ୍ୟ ଦେଇଥିବା କହିଥିଲେ। ସରକାରୀ ଦଳକୁ ଲକ୍ଷ୍ୟ କରି ଖାର୍ଗେ କହିଥିଲେ, ଦେଶର ଗୋଟିଏ ଭାଗ ଏବଂ ଏହାର ଲୋକମାନଙ୍କ ଆତ୍ମସମ୍ମାନକୁ ଆପଣମାନେ ଆଘାତ ଦେଇଛନ୍ତି। ସେମାନଙ୍କୁ ଅସଭ୍ୟ ଓ ଅଭଦ୍ର କହିଛନ୍ତି। ସେହି ମନ୍ତ୍ରୀ ଇସ୍ତଫା ଦେବା ଉଚିତ। ସେମାନେ ଦେଶକୁ ଭାଗ ଭାଗ କରିବା କଥା କହୁଛନ୍ତି ବୋଲି ଖାର୍ଗେ ସ୍ପଷ୍ଟୀକରଣରେ କହିଥିଲେ। ଗୃହର ଅଧ୍ୟକ୍ଷଙ୍କୁ ଖାର୍ଗେ କ୍ଷମା ମାଗିଥିବାରୁ ନଡ୍ଡା ଏହାର ପ୍ରଶଂସା କରିଥିଲେ। ତେବେ ମନ୍ତବ୍ୟ ସରକାରଙ୍କ ପ୍ରତି ହୋଇଥିଲେ ତାହା ମଧ୍ୟ ନିନ୍ଦନୀୟ ବୋଲି କହିଥିଲେ।

## ଲୋକ ସଭାରେ ଆପ୍ରବାସନ ବିଲ୍ ଆଗତ

ନୂଆଦିଲ୍ଲୀ,୧୧।୩ (ପି.ଟି.)

ଆପ୍ରବାସନ ଏବଂ ବିଦେଶୀମାନଙ୍କ ପ୍ରବେଶ, ପ୍ରସ୍ଥାନ ଏବଂ ଭାରତରେ ରହିବା ସମ୍ପର୍କିତ ବିଭିନ୍ନ ସେବା କାର୍ଯ୍ୟପ୍ରଣାଳୀରେ ସୁଧାର ଆଣିବା ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ଲୋକ ସଭାରେ ଇମିଗ୍ରେଶନ ଆଣ୍ଡ ଫରେନର୍ସ ବିଲ୍, ୨୦୨୫ ଆଗତ କରିଛନ୍ତି। ତେବେ ଏହା ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କହି ବିରୋଧୀ ସଦସ୍ୟମାନେ ପ୍ରତିବାଦ କରିଥିଲେ। ସଂଘୀୟ ତାଲିକା ଅନୁଯାୟୀ ଆପ୍ରବାସନ ଏବଂ ବିଦେଶୀ ସେବା ସମ୍ପର୍କିତ ବିଧେୟକ ଆଣିବାର ସମସ୍ତ ଅଧିକାର କେନ୍ଦ୍ର ସରକାରଙ୍କର ରହିଥିବା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଥିଲେ। ସେ କହିଥିଲେ, ପର୍ଯ୍ୟଟକମାନଙ୍କୁ ଭାରତ ଆସିବା ପାଇଁ ସ୍ୱାଗତ କରାଯାଉଥିବାବେଳେ ଦେଶର ଶାନ୍ତି ଏବଂ ସାର୍ବଭୌମତ୍ୱ ଯେପରି ଅକ୍ଷୁଣ୍ଣ ରହେ ତାହା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। ବିଲ୍‌କୁ ବିରୋଧ କରି କଂଗ୍ରେସ ସଦସ୍ୟ ମନୀଷ ତିୱାରୀ କହିଥିଲେ, ଏହା ସମ୍ବିଧାନର ଅନେକ ବ୍ୟବସ୍ଥା ଏବଂ ବିଭିନ୍ନ ଆଇନର ଉଲ୍ଲଂଘନ କରୁଛି। ଏହା ମୌଳିକ ଅଧିକାର ସିଦ୍ଧାନ୍ତର ଉଲ୍ଲଂଘନ। ବର୍ତ୍ତମାନ ଶାସନରେ ଥିବା ଲୋକଙ୍କ ବିଚାରଧାରାରେ ସହମତ ନ ଥିବା ଲୋକଙ୍କ ପ୍ରବେଶକୁ ବାରଣ କରିବା ପାଇଁ ସରକାର ପ୍ରସ୍ତାବିତ ଆଇନର ବ୍ୟବସ୍ଥାକୁ ବ୍ୟବହାର କରିପାରନ୍ତି ବୋଲି ମନୀଷ କହିଥିଲେ। ଟିଏମ୍‌ସିର ସୌଗତ ରାୟ କହିଥିଲେ, ପ୍ରସ୍ତାବିତ ଆଇନ ବିଦେଶରୁ ବିଭିନ୍ନ କ୍ଷେତ୍ରରେ ମେଧାବୀମାନଙ୍କ ଆଗମନକୁ ରୋକିପାରେ। ଠିଠା ଆଇନରେ ରହିଥିବା ତ୍ରୁଟି ଏବଂ ଡୁପ୍ଲିକେଟ୍ ବ୍ୟବସ୍ଥାରେ ସଂଶୋଧନ କରାଯାଉ ବୋଲି ସୌଗତ କହିଥିଲେ।

## ଭାରତ ଆମଦାନୀଶୁଳ୍କ ହ୍ରାସ କରିବା ଖବରକୁ କେନ୍ଦ୍ରର ଖଣ୍ଡନ

ନୂଆଦିଲ୍ଲୀ,୧୧।୩ (ପି.ଟି.)

ଆମେରିକା ସାମଗ୍ରୀ ଉପରୁ ଭାରତ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିବାବେଳେ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରିଛନ୍ତି। ଟାରିଫ୍ ହ୍ରାସ କରିବା ପାଇଁ ଭାରତ ପ୍ରତିଶ୍ରୁତି ଦେଇ ନ ଥିବା ସରକାର ସଂସଦୀୟ କମିଟିକୁ କହିଛନ୍ତି। ଭାରତ ଆମ ସାମଗ୍ରୀ ଉପରେ ଅତ୍ୟଧିକ ଶୁଳ୍କ ଲଗାଇଥିବା ଟ୍ରମ୍ପ ବାରମ୍ବାର ଅଭିଯୋଗ କରିବା ସହ ଏପ୍ରିଲ ୨ରୁ ଭାରତୀୟ ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କ ଲଗାଇବାକୁ ଘୋଷଣା କରିଥିଲେ। ଆମେରିକା ରାଷ୍ଟ୍ରପତି ଉଠାଉଥିବା ଅଭିଯୋଗର ସମାଧାନ ପାଇଁ ଉଦ୍ୟମ ଚାଲିଛି ଏବଂ ସେପ୍ଟେମ୍ବର ଯାଏ ସମୟ ମଗାଯାଇଥିବା କେନ୍ଦ୍ର କହିଛି। ମଙ୍ଗଳବାର ଲୋକ ସଭାରେ ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଆମେରିକା ଭାରତ ଉପରେ ରେସିପ୍ରୋକାଲ ଟାରିଫ୍ ଲଗାଇନାହିଁ। ପାରସ୍ପରିକ ଲାଭ, ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ପାଇଁ ବୁଝାମଣା ନିମନ୍ତେ ୨ ଦେଶ ଯୋଜନା କରୁଛନ୍ତି। ବଜାର ପ୍ରବେଶ ବଢ଼ାଇବା, ଶୁଳ୍କ ହ୍ରାସ ଏବଂ ଅଣଶୁଳ୍କ ପ୍ରତିବନ୍ଧକ ହଟାଇବା ଉପରେ ଉଭୟ ଦେଶ ଗୁରୁତ୍ୱ ଦେଉଥିବା ମନ୍ତ୍ରୀ କହିଛନ୍ତି।


ପୋର୍ଟ ଲୁଇସ୍‌ରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମରିସସ୍ ରାଷ୍ଟ୍ରପତି ଧରମବୀର ଗୋଖୁଲ୍ ଓ ଫାଷ୍ଟଲେଡି ବ୍ରିନ୍ଦା ଗୋଖୁଲ୍‌ଙ୍କୁ ଭେଟି ଗଙ୍ଗାଜଳ ଉପହାର ଦେଉଛନ୍ତି। ମହାକୁମ୍ଭ ବେଳେ ପବିତ୍ର ସଙ୍ଗମରୁ ଏହି ଗଙ୍ଗାଜଳ ନିଆଯାଇଥିଲା।

## ଯୁଦ୍ଧ ବନ୍ଦ ପାଇଁ ୟୁକ୍ରେନ୍-ଆମେରିକା ଆଲୋଚନା

ଜେଦ୍ଦା,୧୧।୩

ଦୀର୍ଘ ୩ ବର୍ଷ ଧରି ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଲାଗିରହିଥିବା ଯୁଦ୍ଧର ଅବସାନ ପାଇଁ ମଙ୍ଗଳବାର ଆମେରିକା ଏବଂ ୟୁକ୍ରେନ୍‌ର ବରିଷ୍ଠ ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ସାଉଦି ଆରବରେ ଆରମ୍ଭ ହୋଇଛି। ତେବେ ଆଲୋଚନାର କିଛି ସମୟ ପୂର୍ବରୁ ୟୁକ୍ରେନ୍ ରୁଷିଆ ଉପରେ ଘନ ଘନ ଡ୍ରୋନ୍ ଆକ୍ରମଣ କରିଥିବାବେଳେ ମସ୍କୋର ଏୟାର ଡିଫେନ୍ସ ୩୩୭ଟି ଡ୍ରୋନ୍‌କୁ ଖସାଇଦେଇଛି। ୟୁକ୍ରେନ୍ ସୀମାବର୍ତ୍ତୀ କର୍ସ୍କ ଅଞ୍ଚଳରେ ୧୨୬ଟି ଡ୍ରୋନ୍‌କୁ ଖସାଯାଇଥିବାବେଳେ ମସ୍କୋ ଅଞ୍ଚଳରେ ୯୧ଟିକୁ ଖସାଇ ଦିଆଯାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ରୁଷିଆର ୧୦ଟି ଅଞ୍ଚଳରେ ହୋଇଥିବା ଡ୍ରୋନ୍ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ ପିଲାଙ୍କ ସମେତ ୧୮ ଜଣ ଆହତ ହୋଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ୟୁକ୍ରେନ୍-ରୁଷିଆ ଯୁଦ୍ଧ ସର୍ବବୃହତ୍ ହୋଇଥିବାବେଳେ ଏହାକୁ ବନ୍ଦ କରିବା ପାଇଁ ସାଉଦି ଆରବର ବନ୍ଦର ସହର ଜେଦ୍ଦାଠାରେ ଆମେରିକାର ଶୀର୍ଷ କୂଟନୀତିଜ୍ଞମାନଙ୍କ ସହ ୟୁକ୍ରେନୀୟ ପ୍ରତିନିଧି ଆଲୋଚନା କରିଛନ୍ତି। ଏଥିରେ ଆକେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ସାମିଲ ହୋଇଛନ୍ତି। ଗତ ମାସ ୨୮ରେ ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନସ୍କିଙ୍କ ମୁହାଁମୁହିଁ ଘଟଣା ପରେ ମଙ୍ଗଳବାରର ଏହି ଆଲୋଚନା ୱାଶିଂଟନ ଏବଂ କିଭ୍ ମଧ୍ୟରେ ସମ୍ପର୍କ ବଢ଼ାଇବାରେ ସହାୟକ ହେବ ବୋଲି କୁହାଯାଉଛି।


## ମ୍ୟାନ୍‌ମାର ସ୍କାମ୍ ସେଣ୍ଟରରୁ ମୁକ୍ତ ୩୦୦ ଭାରତୀୟ ଫେରିଲେ

ନୂଆଦିଲ୍ଲୀ,୧୧।୩

ମ୍ୟାନ୍‌ମାରର ସ୍କାମ୍ ସେଣ୍ଟରଗୁଡ଼ିକରୁ ମୁକ୍ତ ହୋଇଥିବା ପାଖାପାଖି ୩୦୦ ଭାରତୀୟଙ୍କୁ ସୋମବାର ବାୟୁସେନାର ସି-୧୭ ବିମାନ ଯୋଗେ ଫେରାଇ ଅଣାଯାଇଛି। ବେଆଇନ ଅନ୍‌ଲାଇନ ଜାଲିଆତି ସେଣ୍ଟରଗୁଡ଼ିକରେ ଚଢ଼ାଉ କରାଯାଇ ବିଭିନ୍ନ ଦେଶର ପ୍ରାୟ ୭,୦୦୦ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ସେମାନେ ମ୍ୟାନ୍‌ମାର-ଥାଇଲାଣ୍ଡ ସୀମା ନିକଟରେ ଅତ୍ୟନ୍ତ ଖରାପ ସ୍ଥିତିରେ ଅଟକି ରହିଥିଲେ। ୨୬୬ ପୁରୁଷ ଓ ୧୭ ମହିଳାଙ୍କୁ ଫେରାଇ ଆଣିବା ପାଇଁ ଭାରତୀୟ ଅଧିକାରୀ ୭ଟି ବସ୍ ପଠାଇଥିଲେ। ସେମାନଙ୍କୁ ଥାଇଲାଣ୍ଡର ମାଏ ସଟ୍ ଏୟାରପୋର୍ଟ ଅଣାଯିବା ପରେ ସେଠାରୁ ସି-୧୭ ବିମାନରେ ଭାରତ ଅଣାଯାଇଛି।

## ଚାଇନା ବାହାରେ ଜନ୍ମିତ ହେବେ ଦଲାଇଲାମାଙ୍କ ଉତ୍ତରାଧିକାରୀ

ବେଜିଂ, ୧୧।୩



ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା (୮୯)ଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଭଏସ୍ ଫର୍ ଦି ଭଏସ୍‌ଲେସ୍' ମଙ୍ଗଳବାର ଉନ୍ମୋଚିତ ହୋଇଛି। ଏହି ପୁସ୍ତକରେ ଦଲାଇଲାମା ଲେଖିଛନ୍ତି, ତାଙ୍କର ଉତ୍ତରାଧିକାରୀ ଚାଇନା ବାହାରେ ମୁକ୍ତ ବିଶ୍ୱର କୌଣସି ଏକ ସ୍ଥାନରେ ଜନ୍ମଗ୍ରହଣ କରିଥିବେ। ତିବ୍ବତୀୟ ପରମ୍ପରା ଅନୁଯାୟୀ, କୌଣସି ବରିଷ୍ଠ ବୌଦ୍ଧଭିକ୍ଷୁଙ୍କ ମୃତ୍ୟୁ ପରେ ତାଙ୍କ ଆତ୍ମା ଏକ ଶିଶୁର ଶରୀରରେ ପୁନର୍ଜନ୍ମ ନେଇଥାଏ। ପୁସ୍ତକରେ ଦଲାଇଲାମା ଲେଖିଛନ୍ତି, ପୁନର୍ଜନ୍ମର ଉଦ୍ଦେଶ୍ୟ ହେଉଛି ପୂର୍ବ ଜନ୍ମର କାର୍ଯ୍ୟକୁ ଆଗକୁ ବଢ଼ାଇବା। ତେଣୁ ନୂଆ ଦଲାଇଲାମାଙ୍କ ଜନ୍ମ ଚାଇନା ବାହାରେ ହେବ, ଫଳରେ ସେ ସାରା ବିଶ୍ୱରେ କରୁଣାର ସ୍ୱର ହୋଇପାରିବେ। ତେବେ ଦଲାଇଲାମାଙ୍କର ଏହି ମନ୍ତବ୍ୟକୁ ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ସମାଲୋଚନା କରିଛି।

## 'ଗଣତନ୍ତ୍ରକୁ ବ୍ୟର୍ଥ କରିବାକୁ ଅମଲାତନ୍ତ୍ରକୁ ଅନୁମତି ଦିଆଯାଇ ପାରିବନି'

ନୂଆଦିଲ୍ଲୀ, ୧୧।୩ (ପି.ଟି.)



### ନିର୍ବାଚିତ ସରପଞ୍ଚଙ୍କୁ ପଦବୀରୁ ହଟାଇଥିଲେ ଜିଲାପାଳ

ସୁପ୍ରିମକୋର୍ଟ ମଙ୍ଗଳବାର ଏକ ମାମଲାର ଶୁଣାଣି କରି କହିଛନ୍ତି, ତୃଣମୂଳ ସ୍ତରର ଗଣତନ୍ତ୍ରକୁ ବ୍ୟର୍ଥ କରିବାକୁ ଅମଲାତନ୍ତ୍ରକୁ ଅନୁମତି ଦିଆଯାଇ ପାରିବ ନାହିଁ। ମହାରାଷ୍ଟ୍ରର ଏକ ଗ୍ରାମରେ ଜଣେ ମହିଳା ସରପଞ୍ଚଙ୍କୁ ପୁନଃସ୍ଥାପିତ କରିବା ପାଇଁ ବମ୍ବେ ହାଇକୋର୍ଟଙ୍କ ରାୟକୁ କାଏମ ରଖିବା ସହ ସର୍ବୋଚ୍ଚ ଅଦାଲତ କହିଛନ୍ତି, ସମ୍ପ୍ରତି ଏପରି ବିଭିନ୍ନ ଘଟଣା ବାରମ୍ବାର ସାମ୍ନାକୁ ଆସୁଛି ଯେଉଁଥିରେ ଅମଲାମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ଅସଦାଚରଣ କରାଯାଉଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଏନ୍ କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ୨ ଜଣିଆ ଖଣ୍ଡପୀଠ କହିଛନ୍ତି, ନିକଟ ଅତୀତରେ ସରକାରୀ ବାବୁମାନେ ନିର୍ବାଚିତ ପ୍ରତିନିଧିଙ୍କୁ ଅସଦାଚରଣ କରୁଥିବା ନେଇ ୨ରୁ ୩ଟି ମାମଲା ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ବିଚାର ହୋଇଛି। ଏପରି ଅଧିକ ମାମଲା ମହାରାଷ୍ଟ୍ରରୁ ଆସୁଛି। ଏହି ବାବୁମାନେ ନିର୍ବାଚିତ ପ୍ରତିନିଧିଙ୍କ ଅଧୀନରେ ରହିବା ଉଚିତ। ତୃଣମୂଳ ସ୍ତରର ଗଣତନ୍ତ୍ରକୁ ବ୍ୟର୍ଥ କରିବାକୁ ଏହି ଅମଲାମାନଙ୍କୁ ଅନୁମତି ଦିଆଯାଇ ପାରିବ ନାହିଁ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ଅମଲାମାନେ ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧିଙ୍କର ବିଭିନ୍ନ ପୁରୁଣା ମାମଲା ଖୋଲିବାକୁ ଚେଷ୍ଟା କରିବା ସହ ସେମାନଙ୍କୁ ଅଯୋଗ୍ୟ ଘୋଷିତ କରିବା ପାଇଁ ଷଡ଼ଯନ୍ତ୍ରରେ ଲିପ୍ତ ରହୁଛନ୍ତି।

ପ୍ରକାଶ ଯେ, ଗତବର୍ଷ ଜୁନ୍ ୭ରେ ମହାରାଷ୍ଟ୍ରର ରାଇଗଡ଼ ଜିଲା ରୋହା ବ୍ଲକ୍ ଐଘର ଗ୍ରାମପଞ୍ଚାୟତର ସରପଞ୍ଚ କଳାବତୀ ରାଜେନ୍ଦ୍ର କୋକାଲେଙ୍କୁ ସରପଞ୍ଚ ପଦ ପାଇଁ ଅଯୋଗ୍ୟ ଦର୍ଶାଇ ଗ୍ରାମ ପଞ୍ଚାୟତର ସରପଞ୍ଚ ପଦବୀ ଖାଲି ଥିବା ନେଇ ରାଇଗଡ଼ର ଜିଲାପାଳ ଏକ ଆଦେଶ ପାରିତ କରିଥିଲେ। ଏହା ବିରୋଧରେ କଳାବତୀ ବମ୍ବେ ହାଇକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ। ହାଇକୋର୍ଟ ଜିଲାପାଳଙ୍କ ଜୁନ୍ ୭ ଆଦେଶକୁ ରଦ୍ଦ କରିବା ସହ କଳାବତୀଙ୍କୁ ଐଘର'ର ସରପଞ୍ଚ ଭାବେ ପୁନଃସ୍ଥାପିତ କରିଥିଲେ।

## ଫୁରସତ୍

# ଜୀବନରେ ଥରେ ଗାଧାନ୍ତି ହିମ୍ବା ଜନଜାତି ମହିଳା

ୱିଣ୍ଡହୋକ୍



ବିଶ୍ୱର ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପରମ୍ପରା ରହିଛି। ତେବେ ସମ୍ପ୍ରତି ଆଧୁନିକ ଯୁଗରେ ଅନେକ ପରମ୍ପରା ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି। ଏହାସତ୍ତ୍ୱେ ବିଶ୍ୱର ବିଭିନ୍ନ ଦେଶରେ ରହିଥିବା ଜନଜାତୀୟ ସମାଜଗୁଡ଼ିକ ଏବେ ମଧ୍ୟ ନିଜର ପ୍ରାଚୀନ ପରମ୍ପରାକୁ ବଜାୟ ରଖିଛନ୍ତି।

ଆଫ୍ରିକୀୟ ଦେଶ ନାମିବ୍ୟାର ଉତ୍ତରଭାଗରେ ବହୁମାତ୍ରାରେ ହିମ୍ବା ଜନଜାତିର ଲୋକେ ବାସ କରନ୍ତି। ଏହି ଜନଜାତିର ମହିଳାମାନେ ହଜାରେ ବର୍ଷ ତଳର ଏକ ପୁରୁଣା ତଥା ନିଆରା ପରମ୍ପରାକୁ ଏବେ ମଧ୍ୟ ପାଳନ କରୁଛନ୍ତି। ଏହି ଜାତିର ମହିଳାମାନେ ଜୀବନରେ କେବଳ ଥରୁଟିଏ ସ୍ନାନ କରନ୍ତି। କେବଳ ବିବାହ କରୁଥିବା ଦିନ ହିଁ ସ୍ନାନ କରିବାକୁ ସେମାନଙ୍କୁ ଅନୁମତି ମିଳିଥାଏ। ଏହାବ୍ୟତୀତ ଜଳର ବ୍ୟବହାର କରି ଗାଧୋଇବାକୁ ସେମାନଙ୍କୁ ବାରଣ କରାଯାଇଥାଏ। ଏହାସତ୍ତ୍ୱେ ଏହି ମହିଳାମାନଙ୍କ ଶରୀର ସବୁବେଳେ ପରିଷ୍କାର ରହିଥାଏ। ଏଥିପାଇଁ ହିମ୍ବା ଜନଜାତିର ମହିଳାମାନେ ଏକ ବିଶେଷ ପ୍ରକାରର ସ୍ନାନ କରିଥାନ୍ତି, ଯାହାକୁ ଧୂଆଁସ୍ନାନ ବୋଲି କୁହାଯାଏ।

ହିମ୍ବା ଜନଜାତିର ମହିଳାମାନେ ଜଳ ପରିବର୍ତ୍ତେ ଅନ୍ୟ ପ୍ରାକୃତିକ ଉପାୟରେ ନିଜ ଶରୀରକୁ ସଫା ରଖିଥାନ୍ତି। ସେମାନେ ପ୍ରଥମେ ସ୍ୱତନ୍ତ୍ର ଔଷଧୀୟ ଜଡ଼ିବୁଟିଗୁଡ଼ିକୁ ପାଣିରେ ଫୁଟାଇଥାନ୍ତି ଏବଂ ଏଥିରୁ ବାହାରୁଥିବା ବାଷ୍ପ ଦ୍ୱାରା ନିଜ ଶରୀରକୁ ସଫା ରଖନ୍ତି। ଏହି କାରଣରୁ ସେମାନଙ୍କ ଶରୀର କେବେ ମଧ୍ୟ ଅପରିଷ୍କାର ରୁହେନାହିଁ। ମହିଳାମାନେ ବାଷ୍ପସ୍ନାନ କରିବା ଦ୍ୱାରା ଏଠାରେ ବହୁମାତ୍ରାରେ ଜଳ ସଞ୍ଚୟ ହୋଇଥାଏ। ସେହିପରି ଏହି ଜନଜାତିର ମହିଳାମାନେ ସୂର୍ଯ୍ୟକିରଣରୁ ନିଜ ଚର୍ମକୁ ରକ୍ଷା କରିବା ପାଇଁ ଏକ ସ୍ୱତନ୍ତ୍ର ଲୋଶନ ପ୍ରୟୋଗ କରିଥାନ୍ତି। ଉକ୍ତ ଲୋଶନ ପ୍ରାଣୀ ଚର୍ବି ଏବଂ ସ୍ୱତନ୍ତ୍ର ମିନେରାଲ ହେମାଟାଇଟ୍‌ରୁ ପ୍ରସ୍ତୁତ ହୋଇଥାଏ। ପିଢ଼ି ପରେ ପିଢ଼ି ଏହି ଜନଜାତିରେ ମହିଳାଙ୍କ ପାଣି ବଦଳରେ ଧୂଆଁରେ ଗାଧୋଇବାର ପରମ୍ପରା ଚାଲିଆସୁଛି। ନାମିବ୍ୟା ପରି ମରୁଭୂମି ଜଳବାୟୁରେ ଜଳ ସଂରକ୍ଷଣ ପାଇଁ ଏହି ପରମ୍ପରା ଅତ୍ୟନ୍ତ ଉପଯୋଗୀ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

ଉତ୍ତର ନାମିବ୍ୟାରେ ହିମ୍ବା ଜନଜାତିର ମୋଟ୍ ଜନସଂଖ୍ୟା ପ୍ରାୟ ୫୦ ହଜାର। ଏହି ଜନଜାତି ଲୋକମାନଙ୍କର ପରିବେଶ ସହ ବିଶେଷ ସମ୍ପର୍କ ରହିଛି। ସେମାନେ ପରିବେଶକୁ ପୂଜା କରନ୍ତି। ଶିକାର ବ୍ୟତୀତ ହିମ୍ବା ଜନଜାତିର ଲୋକମାନେ କୃଷି ଏବଂ ପଶୁପାଳନ କରି ଜୀବିକା ନିର୍ବାହ କରନ୍ତି। ସେହିପରି ଏହି ଜନଜାତିର ଲୋକମାନେ ନିଜ ଲାଲ୍‌ରଙ୍ଗର ଚର୍ମ, ପିନ୍ଧୁଥିବା ଅନନ୍ୟ ଅଳଙ୍କାର ତଥା ଦୃଢ଼ ସାଂସ୍କୃତିକ ପରମ୍ପରା ଏବଂ ବିଶ୍ୱାସ ପାଇଁ ଜଣାଶୁଣା।

## 'ମା': ଅନ୍ୟାୟ ବିରୋଧରେ ଲଢ଼ିବେ କାଜଲ

ମୁମ୍ବାଇ



ମାଇଥୋଲୋଜିକାଲ ହରର୍ ଫିଲ୍ମ 'ମା'ରେ ଅଭିନେତ୍ରୀ କାଜଲ ଦେବଗନ୍‌ଙ୍କୁ ଦେଖିବାକୁ ମିଳିବ। ଏନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଘୋଷଣା କରାଯାଇଛି। ମଙ୍ଗଳବାର ନିର୍ମାତାଙ୍କ ପକ୍ଷରୁ ଫିଲ୍ମରେ କାଜଲଙ୍କ ପ୍ରଥମ ଲୁକ୍‌କୁ ଶେୟାର କରାଯିବା ସହ ଏହାର ରିଲିଜ୍ ତାରିଖକୁ ଘୋଷଣା କରାଯାଇଛି।

ଆସନ୍ତା ଜୁନ୍ ୨୭ରେ କାଜଲଙ୍କ ଅଭିନୀତ ମା' ଫିଲ୍ମ ରିଲିଜ୍ ହେବ। ଫିଲ୍ମରେ କାଜଲଙ୍କ ସହ ଅଭିନେତା ରୋନିତ ରଏ, ଇନ୍ଦ୍ରନୀଲ ସେନ୍‌ଗୁପ୍ତା ଏବଂ ଶିଶୁ କଳାକାର ଖେରିନ ଶର୍ମାଙ୍କୁ ଦେଖିବାକୁ ମିଳିବ। ବିଶାଲ ଫୁରିଆଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ମା' ଭୂମିକାରେ ଅଭିନୟ କରି କାଜଲ ଅନ୍ୟାୟ ବିରୋଧରେ ଲଢ଼ିବା ସହ ନିଜ ଝିଅକୁ ସୁରକ୍ଷା ଦେଉଥିବାର ନଜରକୁ ଆସିବେ। କାଜଲଙ୍କ ସ୍ୱାମୀ ତଥା ଅଭିନେତା ଅଜୟ ଦେବଗନ୍ ଏବଂ ଜ୍ୟୋତି ଦେଶ୍‌ପାଣ୍ଡେଙ୍କ ପ୍ରଯୋଜନାରେ ନିର୍ମିତ ହେଉଥିବା ଏହି ଫିଲ୍ମର କାହାଣୀ ଲେଖିଛନ୍ତି ସାଇୱାନ୍ କ୍ୱାଦ୍ରାସ୍। ଫିଲ୍ମର ପ୍ରଡକ୍ସନ କମ୍ପାନୀ 'ଦେବ୍‌ଗନ ଫିଲ୍ମସ୍' ପକ୍ଷରୁ ସୋସିଆଲ ମିଡିଆରେ ଏହାର ପ୍ରଥମ ମୋଶନ ପୋଷ୍ଟରକୁ ଜାରି କରାଯାଇଛି, ଯେଉଁଥିରେ କାଜଲ ଜଣେ ମା' ଭୂମିକାରେ ନିଜ ଝିଅକୁ କୁଣ୍ଢାଇ ଧରିଥିବା ନଜରକୁ ଆସିଛନ୍ତି। ଏହି ପୋଷ୍ଟରରେ କାଜଲଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଦେଖିବାକୁ ମିଳିଛି। 'ମା' ଫିଲ୍ମ ଏକକାଳୀନ ହିନ୍ଦୀ, ତାମିଲ, ତେଲୁଗୁ ଏବଂ ବେଙ୍ଗଲି ଭାଷାରେ ରିଲିଜ୍ ହେବ। କାଜଲଙ୍କୁ ଶେଷଥର ପାଇଁ ଗତବର୍ଷ ରିଲିଜ୍ ହୋଇଥିବା 'ଦୋ ପତି' ଫିଲ୍ମରେ ଦେଖିବାକୁ ମିଳିଥିଲା।

# ଲଖନା ପଞ୍ଚାୟତ: ଅନାସ୍ଥା ଭୋଟ ଶେଷ, ଫଳାଫଳ ସ୍ଥଗିତ

ନୂଆପଡ଼ା,୧୧।୩
(ମହାଲୁ ବେମାଲ)

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଲଖନା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଅନାସ୍ଥା ଭୋଟ ହୋଇଥିଲେ ମଧ୍ୟ ସରପଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାରୁ ଫଳାଫଳ ଘୋଷଣା କରା ନ ଯାଇ ସ୍ଥଗିତ ରଖାଯାଇଛି। ସରପଞ୍ଚ ଉନ୍ନୟନ କାର୍ଯ୍ୟ ଟଙ୍କା ଆତ୍ମସାତ୍ ସହ ସେମାନଙ୍କୁ ଅବହେଳା କରୁଥିବା ନେଇ ୱାର୍ଡ ସଦସ୍ୟସଦସ୍ୟା ଅଭିଯୋଗ କରି ତାଙ୍କ ବିରୋଧରେ ଅନାସ୍ଥା ଭୋଟ ପାଇଁ ନୂଆପଡ଼ା ଉପଜିଲାପାଳ ଯୋଗେନ୍ଦ୍ର ମାଝିଙ୍କୁ ଲିଖିତ ଭାବେ ଜଣାଇଥିଲେ। ଉପଜିଲାପାଳ ଏହାର ତଦନ୍ତ କରି ମାର୍ଚ୍ଚ ୧୧ରେ ଅନାସ୍ଥା ଭୋଟ ହେବ ବୋଲି ବିଜ୍ଞପ୍ତି ପ୍ରକାଶ କରିଥିଲେ। ତଦନୁଯାୟୀ କୋମନା ତହସିଲଦାର ପ୍ରୟାଗୀ ପ୍ରଧାନଙ୍କ ପରିଚାଳନାରେ ଅନାସ୍ଥା ଭୋଟ ଅନୁଷ୍ଠିତ ହୋଇଥିଲା। ଫଳାଫଳ ଘୋଷଣା ହୋଇ ନ ଥିଲେ ମଧ୍ୟ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନାଏବ ସରପଞ୍ଚ ପଦ୍ମିନୀ ସୁନାନୀଙ୍କ ସପକ୍ଷରେ ୧୧ ଭୋଟ ପଡ଼ିଥିବା ବେଳେ ସରପଞ୍ଚ ଜିତେନ୍ଦ୍ର ଠାକୁରଙ୍କ ସପକ୍ଷରେ ମାତ୍ର ଗୋଟିଏ ଭୋଟ ପଡ଼ିଥିଲା। ଏହାକୁ ନେଇ ସରପଞ୍ଚ ଠାକୁର ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେଇଛନ୍ତି। ହାଇକୋର୍ଟରେ ତାଙ୍କ ଦ୍ୱାରା ଦାଖଲ ଏକ ରିଟ ପିଟିଶନ ବିଚାର ହୋଇ ପ୍ରଦତ୍ତ ଅନ୍ତରୀଣ ଆଦେଶର ନକଲ ଜିଲାପାଳଙ୍କ ନିକଟରେ ବିଚାର ପାଇଁ ଦାଖଲ କରିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଉପଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀ ଓ ତହସିଲଦାରଙ୍କୁ ଯୋଗାଯୋଗ ହୋଇ ପାରି ନ ଥିବାରୁ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସୂଚନା ମିଳିପାରି ନାହିଁ।

# ସମୟ ମିଳିଲେ ସମାଜ ସେବା କରୁଛନ୍ତି ଯବାନ

ଅନୁଗୋଳ,୬।୩ (ମାନସ ବିଶ୍ୱାଳ)

ଦେଶର ସୁରକ୍ଷାରେ ନିୟୋଜିତ ହୋଇଥିଲେ ହେଁ ସମୟ ମିଳିଲେ କରୁଛନ୍ତି ସମାଜ ସେବା। ସ୍ଥାନୀୟ ଯୁବକଙ୍କ ସହ ମିଶି ସାମାଜିକ ସଙ୍ଗଠନ ଗଢ଼ି କରୁଛନ୍ତି ଉନ୍ନତିମୂଳକ, ସଚେତନତା ସମ୍ପର୍କିତ କାର୍ଯ୍ୟ। ଅପହଞ୍ଚ ଗାଁର ମହିଳା ଓ କିଶୋରୀଙ୍କୁ ଋତୁସ୍ରାବକାଳୀନ ସତର୍କତା, ସ୍ୱଚ୍ଛତା ସମ୍ପର୍କରେ ସଚେତନ କରିବା ସହ ବାଣ୍ଟୁଛନ୍ତି ସାନିଟାରି ନାପକିନ୍। ନିଜ ଅର୍ଥରେ ସମାଜର ଉନ୍ନତି ପାଇଁ କାମ କରୁଥିବା ଏହି ଯବାନ ଜଣକ ହେଉଛନ୍ତି ଅନୁଗୋଳ ଜିଲା ବନ୍ତଲା ଗ୍ରାମର ହାସ୍ୟଜିତ ସାହୁ।

ପ୍ରକାଶ ଯେ, ବନ୍ତଲା ଗ୍ରାମର ହାସ୍ୟଜିତ ଆଗ୍ରା ଆର୍ମି ଷ୍ଟେଶନରେ ସିପାହୀ ଭାବେ କାର୍ଯ୍ୟରତ। ଗାଁର କେତେଜଣ ଶିକ୍ଷିତ ଯୁବକଙ୍କୁ ନେଇ ୨୦୨୧ ମସିହାରୁ ସେଭେଣ୍ଡ ଲାଇଫ୍ ୟୁଥ୍ ଆସୋସିଏସନ ନାମକ ଏକ ସାମାଜିକ ସଙ୍ଗଠନ ଗଢ଼ି ସ୍ୱଚ୍ଛ ଭାରତ ଅଭିଯାନ, ଚାରା ରୋପଣ ଭଳି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ତାଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏବେ ୧୫ରୁ ଅଧିକ ଯୁବକ ଉକ୍ତ ସଙ୍ଗଠନ ସହ ଯୋଡ଼ି ହୋଇଛନ୍ତି। ହାସ୍ୟଜିତଙ୍କ ସ୍ତ୍ରୀ ସ୍ୱର୍ଣ୍ଣପ୍ରଭା ମଧ୍ୟ ଏଥିରେ ସହାୟତା କରୁଛନ୍ତି। ସଙ୍ଗଠନ ସଭାପତି ପ୍ରଦୀପ କୁମାର ସାହୁ ବିଭିନ୍ନ କାର୍ଯ୍ୟକୁ ଆଗେଇ ନେବାରେ ସହଯୋଗ କରୁଛନ୍ତି। ହାସ୍ୟଜିତଙ୍କ ପରାମର୍ଶ ଅନୁସାରେ ସଙ୍ଗଠନ ପକ୍ଷରୁ ଗତ ୨୫ ତାରିଖରେ ଅନୁଗୋଳ ବ୍ଲକ ବେତର ଗାଁରେ ଏକ ଋତୁସ୍ରାବକାଳୀନ ସତର୍କତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଗାଁ ପାହାଡ଼, ଜଙ୍ଗଲ ଘେରା ହୋଇଥିବାବେଳେ ଏଠାକାର ମହିଳା ଓ କିଶୋରୀ ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ଆଦୌ ସଚେତନ ନୁହନ୍ତି। ଏହାକୁ ହୃଦୟଙ୍ଗମ କରି ସେଠାରେ ଏହି ଋତୁସ୍ରାବକାଳୀନ ସତର୍କତା ସମ୍ପର୍କରେ ମହିଳା ଓ କିଶୋରୀଙ୍କୁ ସଚେତନ କରାଯାଇଥିଲା। ଋତୁସ୍ରାବ ସମୟରେ ସାନିଟାରି ନାପକିନ୍ ବ୍ୟବହାର କଲେ ସଂକ୍ରମଣ ରୋକାଯାଇ ପାରିବ ବୋଲି ବୁଝାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨୫ରୁ ଅଧିକ ମହିଳା, କିଶୋରୀ ଯୋଗ ଦେଇଥିଲେ। ହାସ୍ୟଜିତ ୨ ହଜାର ଟଙ୍କାର ପ୍ୟାଡ୍ କିଣି ପ୍ରତ୍ୟେକଙ୍କୁ ୩ ପ୍ୟାକେଟ୍ ଲେଖାଏ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣପ୍ରଭା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏ ସମ୍ପର୍କରେ ହାସ୍ୟଜିତ କହିଛନ୍ତି, ଦେଶ ମାତୃକାର ସୁରକ୍ଷା ସହିତ ଦେଶର ମହିଳାମାନଙ୍କ ସୁରକ୍ଷିତ ରଖିବା ଏବଂ ସମ୍ମାନ ଦେବା ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। ମହିଳାଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାର ଉନ୍ନତି ହେଲେ ଦେଶ ଶକ୍ତିଶାଳୀ ହେବ। ଏଥିପାଇଁ ଛୁଟିରେ ଘରକୁ ଆସିଲେ ଅପହଞ୍ଚ ଗ୍ରାମକୁ ଯାଇ ଏପରି ସଚେତନତା କାର୍ଯ୍ୟକ୍ରମ କରିବାକୁ ଆଗ୍ରହ ରଖିଥାଏ। ନେଇ ସଙ୍ଗଠନକୁ ଜଣାଇବା ପରେ ସଭାପତି ଓ ସଦସ୍ୟମାନଙ୍କ ନିଷ୍ପତ୍ତି ଅନୁସାରେ କାର୍ଯ୍ୟ କରାଯାଇଥାଏ। ସଙ୍ଗଠନର ସଦସ୍ୟମାନେ ନିଜସ୍ୱ ଖର୍ଚ୍ଚରେ ଏଭଳି କାର୍ଯ୍ୟ କରିଥାନ୍ତି ବୋଲି ହାସ୍ୟଜିତ ପ୍ରକାଶ କରିଛନ୍ତି।




ବେତର ଗ୍ରାମର ମହିଳାଙ୍କୁ ଋତୁସ୍ରାବକାଳୀନ ସତର୍କତା ସମ୍ପର୍କରେ ବୁଝାଉଛନ୍ତି ଯବାନ ହାସ୍ୟଜିତ।

# ରାଜ୍ୟ ପୋଲିସର ସଫଳ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ଡିଜିପି

ଭୁବନେଶ୍ୱର,୧୧।୩(ସୁଜିତ୍ ରାଉତ)

ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କୁ ରାଜ୍ୟ ପୋଲିସର ସଫଳ କ୍ରୀଡ଼ାବିତ୍‌ମାନେ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଭୁବନେଶ୍ୱରସ୍ଥିତ ଡିଜିଙ୍କ କ୍ୟାମ୍ପ ଅଫିସରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଦକ ବିଜେତାମାନଙ୍କୁ ଡିଜିପି ଶୁଭେଚ୍ଛା ଜଣାଇବା ସହ ପ୍ରଶଂସା କରିଥିଲେ। ଏହି ଅବସରରେ ଡିଜିପି ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ାରେ ପ୍ରତ୍ୟେକ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୫ ହଜାର ଟଙ୍କା, ରୌପ୍ୟପଦକ ବିଜେତାଙ୍କୁ ୩ ହଜାର ଓ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୨ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦେବାକୁ ଘୋଷଣା କରିଥିଲେ। ଏହି ପଦକ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଆଗକୁ ନୂଆ ମାଇଲଖୁଣ୍ଟ ହାସଲ କରିବାକୁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଥିଲେ।

ସୂଚନାଯୋଗ୍ୟ, ମଧ୍ୟପ୍ରଦେଶ ଭୋପାଳରେ ଆୟୋଜିତ ୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍‌ରେ ଓଡ଼ିଶା ପୋଲିସକୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ବିଭିନ୍ନ ପ୍ରତିଯୋଗିତାରେ ୫ଟି ସ୍ୱର୍ଣ୍ଣ ପଦକ, ଗୋଟିଏ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ଜିତିଥିଲେ। ଏହାସହ ତ୍ରିପୁରାଠାରେ ଆୟୋଜିତ ୭୩ ତମ ସର୍ବଭାରତୀୟ ପୋଲିସ ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୋଲିସ ମହିଳା ଫୁଟବଲ ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସେହିପରି ପଞ୍ଜାବ ଜଳନ୍ଧରରେ ଆୟୋଜିତ ସର୍ବ ଭାରତୀୟ ପୋଲିସ କବାଡି କ୍ଲଷ୍ଟର ଓଡ଼ିଶା ପୋଲିସର ଜିମ୍ନାଷ୍ଟ ସୀତାକାନ୍ତ ଓଝା ବ୍ରୋଞ୍ଜ ପଦକ ହାସଲ କରିଥିବା ସୂଚନା ଦିଆଯାଇଛି।

## ପଦକ ବିଜେତାଙ୍କ ପାଇଁ ପ୍ରୋତ୍ସାହନ ରାଶି ଘୋଷଣା

ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ସମେତ ଟିମ୍ ମ୍ୟାନେଜର, ପ୍ରଶିକ୍ଷକ ଓ ଖେଳାଳିମାନେ ଉପସ୍ଥିତ ଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
No.O-1588
e-mail: serwsbd2003@yahoo.com

**E-Procurement Notice for PMGSY maintenance works**

1. Name of the Work: Periodical Renewal work of 5 year post DLP PMGSY Roads (06 Nos.) 2. Class of Contractor: "B" & "A" Class of (Odisha PWD) or relevant class of other licensing authority. 3. Estimated Cost: **Varies from Rs.80.28 Lakhs to Rs.292.27 Lakhs (Approximately)**. 4. Details projects as per Annexure attached.

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-22/2024-25 | 12.03.2025 at 11.00 A.M. | 21.03.2025 upto 5.00 P.M. | 20.03.2025 upto 2.00 P.M. | 24.03.2025 at 11.00 A.M. | To be intimated separately |

5. The details of works can be seen from the website **https://www.pmgsytenders.gov.in** for PMGSY maintenance works. 6. Any Corrigendum/Addendum will be displayed in the above e-tender website.

**Sd./- Chief Construction Engineer, Rural Works Circle, Sunabeda**
**OIPR-25182/11/0041/2425**



**GOVERNMENT OF ODISHA**
**HOUSING AND URBAN DEVELOPMENT DEPARTMENT**
**OFFICE OF THE BIRAMITRAPUR MUNICIPALITY, BIRAMITRAPUR**
**"e" Procurement Notice**
**No.C-1817**
**Tender ID : 2025_ORULB_111464**
**Tender Call Notice No : 476 /BM/2024-25 Date : 07.03.2025**

1. Name of work : Civil works as mentioned in DTCN.
2. No. of works : 04 Nos. of work.
3. Bid value : Rs. 4.97 lakhs to Rs. 13.83 lakhs
4. Period of Completion : As per DTCN.
5. Date and time of availability, received of the bid documents in the portal from **10.00 A.M. dated 10.03.2025 to dated 21.03.2025 up-to 05.00 P.M.**
6. Bids received online shall be opened on date **24.03.2025 at. 03.30 P.M.**
7. Name & Address of the Officer inviting Bid : Executive Officer, Birmitrapur Municipality For further details can be seen from the Procurement portal : https://tendersodisha.gov.in

**Sd./- Executive Officer**
**Birmitrapur Municipality**
**OIPR-13139/11/0007/2425**



**Sambalpur Municipal Corporation, Sambalpur**
**Email Id: sambalpurm.hud@nic.in**
**"e" PROCUREMENT NOTICE**
**Bid reference No. 31/SMC_SBP/2024-25**
**Tender Id No.2025_ORULB_111043**

**No.C-1802:** The Municipal Commissioner on behalf of Municipal Corporation, Sambalpur invites tenders in double cover system. Bid documents consisting of specification the schedule of Quantities and the set of terms and conditions of contract and other necessary documents can be seen the Govt. website i.e **https://tendersodisha.gov.in.**

1. Number of Civil Works: 1_ (One) Number
2. Estimated Costs: **51.15 Lakhs**
3. Period of Completion: As per NIT
4. Date and Time of availability of the bid documents in the portal: From 11.00 A.M. of 24.02.2025 to 05.00 PM of 10.03.2025.
5. Last Date/Time for receipt of bids in the portal: 05.00 PM of 10.03.2025.
6. Bids will be opened on: 11.00 AM of Dt.11.03.2025.
7. Name and address of the Officer Inviting Bid: **Municipal Commissioner, Sambalpur Municipal Corporation, Sambalpur.**

**Sd./-**
**Commissioner**
**Sambalpur Municipal Corporation**
OIPR-13122/11/0089/2425



**OFFICE OF THE SUPERINTENDING ENGINEER, RWSS DIVISION, BERHAMPUR**
Near Jarada Bunglow, Pin - 760004, Ph. - 0680-2296344
eerwss_bam@nic.in, rwssbam@gmail.com
Government of Odisha "e" Procurement Notice
**NATIONAL COMPETITIVE BIDDING**
**Bid Identification No. EERWSSBAM-ID-16-of-2024-25**

**No.O-1587** : The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites bids in Double Cover system according to the norm of "e" Procurement system in online mode for electrification works in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. scheme in Ganjam District |
| 2 | No. of Work (Tender) | 01 No. |
| 3 | Estimated cost (Approximate) | 178.02 Lakhs |
| 4 | Period of completion | 210 days |
| 5 | Date & Time of availability of bid document in the Portal | From 12.03.2025 at 11.00 hrs to 31.03.2025 up to 17.00 hrs |
| 6 | Last date & time for seeking clarification | 28.03.2025 up to 17.00 hrs |
| 7 | Dt. of opening of Bid | 02.04.2025 at 11.00 hrs |
| 8 | Last date / Time for receipt of bids in the Portal | 31.03.2025 up to 17.00 hrs |
| 9 | Name & address of the Officer inviting tender | Superintending Engineer, RWSS Division, Near Jarada Bunglow, berhampur-760004, Dist. Ganjam, Odisha |

Further details can be seen from the e-procurement portal https://tendersorissa.gov.in

**Sd./- Superintending Engineer**
**RWS&S Division, Berhampur**
**OIPR-25035/11/0010/2425**



**OFFICE OF THE CHIEF ENGINEER, MEGA LIFT, BHUBANESWAR**
**Plot No.A-8/2, Bhoi Nagar, Bhubaneswar, Odisha, PIN-751022**
**No.A-1171:** **E-mail: cemlpwr.od@gmail.com**
**Government of Odisha "e" Procurement Notice**
**Bid Identification No.10ML/2024-25**

Online open tender is invited for EPC Contract (Turn Key basis) for Mega Lift, Odisha
1. Name of Work: Execution of 07 Nos. of Lift Irrigation Schemes with intake points on Udanti River and Lower Indra Reservoir having Command area between 500 Ha. to 2000 Ha. in Cluster No.XXVIII in the district of Nuapada including its distribution network, upto 1 Ha Chak having total planned Culturable Command Area of 8,800 Ha. on "EPC- Turn Key" basis including power system connectivity and Operation & Maintenance of complete commissioned schemes for fifteen years. 2. Period of Completion: 36 (Thirty-six) Calendar months including rainy season. 3. Date & time of availability of bid document in the portal: 13.03.2025, 10 A.M. 4. Last date/time for receipt of bids in the portal: 02.04.2025 upto 5.00 P.M. 5. Name & address of the Officer Inviting Bid: Chief Engineer, Megalift, A-8/2, Bhoi Nagar, Bhubaneswar, Pin-751022.
Further details can be seen from the e-procurement portal "https://tendersodisha.gov.in."

**Sd./- Chief Engineer, Megalift**
**Bhubaneswar**
**OIPR-32504/11/0018/2425**



**OFFICE OF THE SUPERINTENDING ENGINEER LOWER INDRA CANAL DIVISION, KHARIAR, DIST. - NUAPADA**
**Email : eelicd.khr@gmail.com**
**No.926** **Dated : 06.03.2025**
**TENDER CALL NOTICE No. SELICD-06/2024-25**
**Dated:-06.03.2024**

**No.A-1176** : Sealed bids in conformity with terms and conditions in the prescribed form are invited from reputed and experienced manpower service provider for providing Outsourcing Personnel in Dam site, Tikhali under office of the Superintending Engineer, Lower Indra Canal Division, Khariar.

The details of the Tender Call Notice and Document are available in the website https://nuapada.odisha.gov.in & https://dowrodisha.gov.in. The date & time of sale of Bid Document is from **11.03.2025(10.00 A.M.)** to **18.03.2025 (5.00. P.M.).** The last date & time of receipt of Bid at Office of the Superintending Engineer, Lower Indra Canal Division, Khariar is **21.03.2025** up to **01.00 P.M.** and will be opened on **21.03.2025** at **04.00 P.M.**

**Sd./- (Er. Soumya Kishore Jaipuria)**
**Superintending Engineer**
**LI Canal Division, Khariar**
**OIPR-32206/11/0006/2425**



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**
No.B-1068
**Phone : 0680-2281582, e-mail : ccescbam@gmail.com**
**INVITATION FOR EXPRESSION OF INTEREST (EOI) [e-Procurement]**
**EOI Identification No. CCE, S.C (R&B)-BAM-01/2024-25** **No.568 // Dated : 05.03.2025**

1. The Chief Construction Engineer, Southern Circle (R&B), Berhampur (the "Authority") on behalf of the Works Department, Government of Odisha (the "Government") invites Expression of Interest (EOI) from eligible consulting firms as mentioned below :
2. Nature of work : DPR Consultancy Service
3. No. of work : 1 No.
4. Available of Bid document in the Website : From 11.00 A.M. of 12.03.2025 to 04.00 P.M. of 26.03.2025
5. Date of opening of Bid : Dt. 27.03.2025 at 4.30 P.M.
The Bidders have to participate in ONLINE bidding only. Further details can be seen from the website **https://tenderodisha.gov.in.** Any addendum / corrigendum / cancellation of tender can also be seen in the said website.

**Sd./-** (Nihar Ranjan Behera)
**Chief Construction Engineer,**
**Southern (R&B) Circle, Berhampur**
**OIPR-34103/11/0018/2425**



**ODISHA STATE SEEDS CORPORATION LIMITED**
**(A GOVERNMENT UNDERTAKING)**
**SANTARAPUR, BHUBANESWAR - 751002.**
**Tel- MD 0674-2340573, Email- mdosscltd456@gmail.com**
**NIT No. - OSSC/Mktg (Hort) - 10/2025**
**Short e-Tender Call Notice for Procurement of Certified Chilli Seeds for Kharif-2025**

**No.CAD-2776** : OSSC Ltd. invites Short e-Tender only from registered Chilli seed producers (and in case of GOI PSUs, their authorized Agencies) on item wise rate contract basis **for Procurement of Certified Chilli Seeds for Kharif-2025** in double cover system through online mode only for the work below.

| | |
|---|---|
| Name of the work | Purchase of Certified Chilli Seeds for Kharif-2025 |
| No. of work | One |
| Availability of bid documents in portal | 15.00 hours on dt.10.03.2025 to 17.00 hrs of dt.19.03.2025 |
| Last date of receipt of tender in portal | 17.00 hrs of dt.19.03.2025 |
| Date and time opening of Bid | 10.30 hrs of dt.20.03.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.

**Sd./- Managing Director**
**OSSC Ltd.**
**OIPR-01045/11/0032/2425**



GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE ADDITIONAL CHIEF ENGINEER, CANAL CIRCLE, BURLA- 768017**
**e-Procurement Notice No-ACECCB-06(01-05)/2024-25**
**Bid Identification No.-ACECCB-06(01)/2024-25 to ACECCB-06(05)/2024-25**
**No.A-1175:**

| | | | |
|---|---|---|---|
| 1 | Type of Work | : | Road Works |
| 2 | No. of Works | : | 5 (Five) Nos. |
| 3 | Class of Contractor | : | "A" & "B" Class |
| 4 | Bid Identification No. | : | ACECCB-06 (01)/2024-25 to ACECCB-06 (05)/2024-25 |
| 5 | Estimated Cost | : | Rs.164.95 Lakhs to Rs.254.08 Lakh (Approx) |
| 6 | Period of Completion | : | 11 (Eleven) Calendar Months including rainy season |
| 7 | Date and Time of availability of bid documents in the portal | : | Dt.13.03.2025 at 11.00 AM to Dt.28.03.2025 upto 5.30 PM |
| 8 | Last date/time for receipt of bids in the portal | : | Dt.28.03.2025 upto 5.30 PM |
| 9 | Date of Opening of Technical Bid (Cover-I) | : | Dt.29.03.2025 at 11.30 AM, O/o Additional Chief Engineer, Canal Circle, Burla |
| 10 | Date of Opening of Financial Bid (Cover-II) | : | To be intimated later |
| 11 | Name and Address of the Officer Inviting Bid | : | Additional Chief Engineer, Canal Circle, Burla- 768017 Email Id: aceccburla12@gmail.com |

1. Any Addendum/ Corrigendum / Cancellation/ erratum of tender can also be seen in the said website.
2. Further details can be seen from Government Website **http://tendersodisha.gov.in**

**Sd./- Additional Chief Engineer**
**Canal Circle, Burla**
**OIPR-32460/11/0013/2425**



**ODISHA LIFT IRRIGATION CORPORATION LTD.**
**(A Government of Odisha Undertaking)**
Plot No. N-17/2, Nayapalli, Bhubaneswar - 751 012
Phone No. : (0674)2390195 (Off), Fax No. : (0674)2395844,
E-Mail ID : olicltd123@bsnl.in, olicltd@ymail.com
http://odishalift.com
**NATIONAL COMPETITIVE BIDDING THROUGH e-Procurement**
**No. IT-23/2025-2003/OLIC, Dated : 07.03.2025**

**No.CAD-2780** : The Managing Director, OLIC Ltd., Bhubaneswar invities percentage rate online tender through e-procurement for installation of Borewells for Solar Pumping System in different districts of Odisha state. Interested Bidders may visit website : www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.
**Important features of this NCB are as under :**

| | | | |
|---|---|---|---|
| A. | Brief description of Work | : | Installation of Borewells for Solar Pumping System in Keonjhar & Kalahandi districts of Odisha State (04 Package) |
| B. | Estimated cost of works | : | Varies from Rs. 434.88 Lakhs to Rs. 663.15 Lakhs |
| C. | Date and time of availability of bid document in the portal | : | From dt. 11.03.2025 to dt. 02.04.2025 (up to 17.00 Hours) |
| D. | Last date / time for receipt of bid in the Portal | : | Dt. 02.04.2025 up to 17.00 Hours |
| E. | Last date of seeking clarification | : | Dt. 21.03.2025 up to 17.00 Hours |
| F. | Technical bid will be opened on | : | Dt. 03.04.2025 at 11.00 Hours |

Any Addendum / Corrigendum / Cancellation of tender will be available in the said website.
Authority reserves the right to accept / reject any or all the tenders, increase or decrease the quantities of work put to bidding without assigning any reasons thereof.

**Sd./- MANAGING DIRECTOR**
**OLIC LTD., BHUBANESWAR**
**OIPR-32135/11/0029/2425**



**OFFICE OF THE SUPERINTENDING ENGINEER DHENKANAL (R&B) DIVISION,DHENKANAL**
**No.B-1067:** **Email- eedklpwd@gmail.com**
**INVITATION FOR BIDS THROUGH e-Procurement**
**Bid Identification No.SEDKL (R&B) 50/2024-25**
**Invitation For Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of Work | : | 4 Nos. Buildings Works |
| 3. | No. of Work | : | 04 Nos. |
| 4. | Bid Cost | : | Rs.6,000/- each |
| 5. | Class of Contractor | : | 'C' & 'B' License |
| 6. | Availability of Bid documents in the website | : | From 10.00 AM of 12.03.2025 to 5.00 PM of 26.03.2025 |
| 7. | Date of Opening of Bid | : | Dt.27.03.2025 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website only. | | |

**Sd./- Superintending Engineer**
**Dhenkanal (R&B) Division,**
**Dhenkanal**
**OIPR-34016/11/0041/2425**



ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ–ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର–୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
**No.O-1576:** **At/Po-Ambapua, Near Income Tax Office, Berhampur-760011, Ganjam, Odisha)**
**(E-Mail: serwbpr2004@yahoo.com, Tel. No.-0680-2404287)**
**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/33-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 33-2024-25/ BPR | Road Works under MMSY-TRIP & MMSY- IMPROVE-MENT TO EXISTING RD ROADS & MMSY-TRIP (Bal-ance Work) | 05 Nos. | From Rs.110.53 Lakhs to Rs.863.43 Lakhs | "B" Class, "A" Class & "Special" Class as appli-cable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/33-2024-25/ BPR | 12.03.2025 at 10.00 A.M. | 26.03.2025 upto 5.30 P.M. |

**(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.**
**(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.**
**Further details & Corrigendum if any can be seen from the website:- www.tendersodisha.gov.in**

**Sd./- Chief Construction Engineer,**
**R.W.Circle, Berhampur**
**OIPR-25071/11/0059/2425**



**Government of Odisha**
**Office of the Chief Construction Engineer, Rural Works Circle, Sambalpur**
**E-mail Id serwcirclesbp@yahoo.com**
**Bid Identification No. Road Tender Online RWCSBP-21/2024-25 No: 827 Dated:06.03.25**

**No.O-1574:** The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for MMSY- Transferred Roads Improvement Programme for the year 2024-25.

1 Name of work : MMSY-Transferred Roads Improvement Programme for the year 2024-25.
2. No. of works : 01 No. details as per DTCN
3. Estimated cost : Approximately Rs.831.91 lakhs
4. Class of Contractor : 'A', & 'Special'
5. Cost of tender paper and mode of deposit : Rs. 10,000/- per set.( to be deposited On-line) in favour concerned Executive Engineer.
6 Mode of submission of tender : Tender should be submitted only Online in website **www.tendersorissa.gov.in.** (https//tendersodisha.gov.in)
7 EMD and mode of deposit : **1% of estimated cost of the work to be remitted online as mentioned in DTCN.**

8 Summary of key dates are provided below :

| Procurement Officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-21/2024-25 | 12.03.2025 From 11.00 A.M. | 26.03.2025 upto 05.00 P.M. | 24.03.2025 Upto 5.00 P.M. | 27.03.2025 at 11.00 AM | Will be intimated later |

* Further details can be seen from the e-procurement portal **www.tendersorissa.gov.in.** (https//tendersodisha.gov.in)
* Subsequent modification / corrigendum/ Addendum if required shall appear in website only.
* The amount put to bid is exclusive of GST.
* Bidders should inspect the road before bidding and quote his rate accordingly.

**OIPR-25091/11/0041/2425** **Sd./- Chief Construction Engineer, Rural Works Circle, Sambalpur**

# ୨ପିଲାଙ୍କୁ ହତ୍ୟା କରି ଦମ୍ପତିଙ୍କ ଆତ୍ମହତ୍ୟା

**ହାଇଦ୍ରାବାଦ,୧୧।୩**

ସମ୍ପ୍ରତି ପାରିବାରିକ ସମସ୍ୟା ଏକ ଚିନ୍ତାର କାରଣ ପାଲଟିଛି। ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖୀନ କରିବାକୁ ବିଫଳ ହୋଇ ଅନେକେ ଜୀବନ ହାରିବାକୁ ମଧ୍ୟ ଶ୍ରେୟସ୍କର ମନେ କରୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଆର୍ଥିକ ଅନଟନ ଏହାର ମୁଖ୍ୟ କାରଣ ସାଜୁଛି। ଏମିତି ଏକ ଘଟଣା ଘଟିଛି ହାଇଦ୍ରାବାଦରେ। ଆର୍ଥିକ ଅନଟନ କାରଣରୁ ଏକ ଦମ୍ପତି ସେମାନଙ୍କ ୨ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି ଘଟଣା ସୋମବାର ଘଟିଥିବାବେଳେ ମଙ୍ଗଳବାର ଲୋକଲୋଚନକୁ ଆସିଛି। ମୃତଦେହ ନିକଟରୁ ଏକ ସୁଇସାଇଡାଲ୍ ନୋଟ୍ ଉଦ୍ଧାର ହୋଇଛି। ସେଥିରେ 'ଆମମାନଙ୍କ ମୃତ୍ୟୁ ପାଇଁ ଅନ୍ୟ କେହି ଦାୟୀ ନୁହନ୍ତି' ବୋଲି ଉଲ୍ଲେଖ ରହିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁସାରେ, ହାଇଦ୍ରାବାଦର ହବ୍‌ସିଗୁଡ଼ା ଅଞ୍ଚଳରେ ଚନ୍ଦ୍ରଶେଖର ରେଡ୍ଡୀ ସ୍ତ୍ରୀ କବିଥା, ୨ପିଲା ଶ୍ରୀଥା ଏବଂ ବିଶ୍ୱାନଙ୍କ ସହ ରହୁଥିଲେ। ସୋମବାର ଚନ୍ଦ୍ରଶେଖରଙ୍କ ଘର ମଧ୍ୟରୁ କୌଣସି ଶବ୍ଦ ନ ଶୁଣିବାରୁ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା। ପରେ ଜଣେ ପଡ଼ୋଶୀ ଏନେଇ ସ୍ଥାନୀୟ ଓସ୍‌ମାନିଆ ୟୁନିଭର୍ସିଟି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ଖୋଲିବା ପରେ ୪ଜଣଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ପାଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଦମ୍ପତି ସେମାନଙ୍କ ୨ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି। ମୃତଦେହ ନିକଟରେ ତେଲୁଗୁରେ ଲେଖାହୋଇଥିବା ଏକ ସୁଇସାଇଡାଲ ନୋଟ ମିଳିଥିଲା। ସେଥିରେ ଆମ ୪ଜଣଙ୍କ ମୃତ୍ୟୁ ପାଇଁ ଅନ୍ୟ କେହି ଦାୟୀ ନୁହନ୍ତି। ଆମେ ବହୁ ଅସୁବିଧାର ସମ୍ମୁଖୀନ ଦେଇ ଗତି କରିଛୁ। ଉଭୟ ଶାରୀରିକ ଓ ମାନସିକ ନିର୍ଯାତନା ମଧ୍ୟ ପାଇଛୁ। ଅନ୍ୟ କୌଣସି ଉପାୟ ନ ପାଇ ଜୀବନ ହାରିବାକୁ ଶ୍ରେୟସ୍କର ମନେକଲୁ। ଆମମାନଙ୍କୁ କ୍ଷମା କରିଦେବ ବୋଲି ଲେଖାଯାଇଥିବା ପୋଲିସ କହିଛି। ପ୍ରକାଶ ଯେ, ଚନ୍ଦ୍ରଶେଖରଙ୍କ ଘର ମେହେବୁବ୍ ନଗରରେ। ଗତ ବର୍ଷେତଳେ ସେ ହବ୍‌ସିଗୁଡ଼ାରେ ଆସି ରହୁଥିଲେ। ଚନ୍ଦ୍ରଶେଖର ଗତ ୬ମାସ ହେଲା କିଛି କାମ କରୁ ନ ଥିଲେ। ଫଳରେ ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ। ଏହାହିଁ ସେମାନଙ୍କ ମୃତ୍ୟୁର କାରଣ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମୃତକଙ୍କ ପରିବାର ଏବଂ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରୁଛି। ସମ୍ପ୍ରତି ଦେଶରେ ଏମିତି ଅନେକ ଘଟଣା ଘଟୁଛି, ଯେଉଁଠାରେ ଆର୍ଥିକ ସମସ୍ୟା କାରଣରୁ ଅନେକେ ଜୀବନ ହାରୁଥିବା ସୁଇସାଇଡାଲ୍ ନୋଟରୁ ଜଣାପଡୁଛି। ୨୦୨୪ ଅକ୍ଟୋବରରେ ମହାରାଷ୍ଟ୍ର ନାଗପୁରରେ ଅନୁରୂପ ଭାବେ ଏକ ଦମ୍ପତି ସେମାନଙ୍କ ୨ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିଲେ। ସେହିପରି ଗତ ପ୍ରାୟ ୫ମାସ ତଳେ ଦିଲ୍ଲୀର ରଙ୍ଗପୁରୀ ଅଞ୍ଚଳରେ ଜଣେ ୫୦ବର୍ଷୀୟ ବ୍ୟକ୍ତି ଏବଂ ତାଙ୍କ ୪ଝିଅଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନେ ସମସ୍ତେ ଭିନ୍ନକ୍ଷମ ଥିବା ଜଣାପଡ଼ିଥିଲା।

## 'ଆମମାନଙ୍କ ମୃତ୍ୟୁ ପାଇଁ ଅନ୍ୟ କେହି ଦାୟୀ ନୁହନ୍ତି'



ମୃତକ ଚନ୍ଦ୍ରଶେଖର, ସ୍ତ୍ରୀ କବିଥା, ଝିଅ ଶ୍ରୀଥା ଏବଂ ପୁଅ ବିଶ୍ୱାନ।

# ଜଙ୍ଗଲରେ ନିଆଁ ଲଗାଇ ଜନ୍ତୁ ଶିକାର

## ୨ ମୃତ ଜନ୍ତୁ ସହ ଦେଶୀ ବନ୍ଧୁକ ଜବତ



ଜବତ ଝିଙ୍କ ମାଂସ, ମୃତ ଗୁରାଣ୍ଡି, ଦେଶୀ ବନ୍ଧୁକ, କଟୁରି, ଓ ଶିକାରୀ ବ୍ୟବହାର କରୁଥିବା ସାମଗ୍ରୀ।

**ନାକଟିଦେଉଳ,୧୧।୩(ବୈକୁଣ୍ଠନାଥ ସାହୁ)**

ଶିକାରିମାନେ ଜଙ୍ଗଲରେ ନିଆଁ ଲଗାଇ ବନ୍ୟଜନ୍ତୁଙ୍କୁ ବନ୍ଧୁକ ଏବଂ ଫାସ ସାହାଯ୍ୟରେ ଶିକାର କରୁଛନ୍ତି। ସମ୍ବଲପୁର ଜିଲା ଖଳାଶୁଣି ବନ୍ୟପ୍ରାଣୀ ଅଭୟାରଣ୍ୟ କିସିଣ୍ଡା ରେଞ୍ଜରେ ବେଆଇନ ଭାବେ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ହେଉଥିବା ବେଳେ ବିଭାଗ ଚଢ଼ାଉକୁ ଜୋରଦାର କରିଛି। କିସିଣ୍ଡା ଥାନା ଗଇଳମୁଣ୍ଡି ଏବଂ ଭୁଲ୍‌କିର କେତେଜଣ ଶିକାରୀ ଅଭୟାରଣ୍ୟରୁ ବନ୍ୟଜନ୍ତୁ ଶିକାର କରିଥିବା ଖବର ପାଇ ଖଳାଶୁଣି ବନ୍ୟପ୍ରାଣୀ ଅଭୟାରଣ୍ୟ କିସିଣ୍ଡା ରେଞ୍ଜ ପକ୍ଷରୁ ସୋମବାର ଗଇଳମୁଣ୍ଡି ଗ୍ରାମରେ ଚଢ଼ାଉ କରାଯାଇଥିଲା। ଗ୍ରାମର ଜଣେ ଶିକାରୀଙ୍କ ଘରୁ ଗୋଟିଏ ମୃତ ଝିଙ୍କ, ଗୋଟିଏ ମୃତ ଗୁରାଣ୍ଡି, ୧ଟି ଦେଶୀ ବନ୍ଧୁକ, ୧୫ଟି ଗୁଳି, ୭୬ଟି ଛଲରା ଗୁଳି, ୨ଟି ସମ୍ବର ସିଂଘ, ଗୋଟିଏ ଲେଖାଏ ବାଟୁଲିଖଡା, ହେଡ୍ ଲାଇଟ ଏବଂ ମାଚିସ, ୨ଟି କଟୁରି, ଗୋଟିଏ ଟାଙ୍ଗିଆ, ବାରୁଦ ୨୫ ଗ୍ରାମ, ଚଢେଇ ଏବଂ ଜନ୍ତୁମରା ଫାସ ଜବତ କରିଥିଲେ। ତେବେ ଚଢ଼ାଉର ପୂର୍ବାଭାସ ପାଇ ସମ୍ପୃକ୍ତ ଶିକାରୀମାନେ ଘରୁ ଫେରାର ହୋଇଯାଇଥିଲେ। ଫେରାର ଶିକାରୀଙ୍କ ମଧ୍ୟରୁ ଜଣେ ଗଇଳମୁଣ୍ଡିର ଏବଂ ଅନ୍ୟ ୨ ଜଣ ଭୁଲୁକି ଗ୍ରାମର। ସେମାନେ ପେସାଦାର ଶିକାରୀ ହୋଇଥିବା ବେଳେ ବନ୍ୟପ୍ରାଣୀ ଅଭୟାରଣ୍ୟରେ ପଶି ଅବାଧରେ ଜନ୍ତୁ ଶିକାର କରୁଥିବା ଖବର ମିଳିବା ପରେ ଏହି ଚଢ଼ାଉ କରାଯାଇଥିଲା। ସମ୍ପୃକ୍ତ ଶିକାରୀମାନେ ଜଙ୍ଗଲରେ ନିଆଁ ଲଗାଇ ବନ୍ଧୁକ ଏବଂ ଫାସ ଦ୍ୱାରା ଜନ୍ତୁ ଶିକାର କରୁଥିଲେ। ଏପରିକି ଅନେକ ସମୟରେ ଖରାରୁ ରକ୍ଷା ପାଇବାକୁ ବନ୍ୟଜନ୍ତୁମାନେ ଜଙ୍ଗଲରେ ଥିବା ଝରଣାକୁ ପାଣି ପିଇବାକୁ ଆସିବା ବେଳେ ଛକି ରହିଥିବା ଶିକାରୀମାନେ ଶିକାର କରୁଥିଲେ। ଖଳାଶୁଣି ବନ୍ୟପ୍ରାଣୀ ଅଭୟାରଣ୍ୟ କିସିଣ୍ଡା ରେଞ୍ଜ ଅଫିସର ମହେନ୍ଦ୍ର କୁମାର ସାହୁ, ଫରେଷ୍ଟର ଅନୁରାଧା ଖରସେଲ, ଯତୀନ୍ଦ୍ର ମାଝୀ, ଫରେଷ୍ଟ ଗାର୍ଡ ଲିଲି ବିଶି ଏବଂ ନିହାର ରଞ୍ଜନ ବଡ଼ପଣ୍ଡା ଏହି ଚଢ଼ାଉରେ ସାମିଲ ହୋଇଥିଲେ। ତେବେ ନାକଟିଦେଉଳ ପ୍ରାଣୀଧନ ଚିକିତ୍ସକ ଶ୍ରବଣ କୁମାର ଆଚାରୀଙ୍କ ଦ୍ୱାରା କିସିଣ୍ଡା ସରପଞ୍ଚ ରୀନା ନାଏକ ଏବଂ ସମିତି ସଭ୍ୟା ଯାଜ୍ଞସେନି କୁଅଁରଙ୍କ ଉପସ୍ଥିତିରେ ଜବତ ମୃତ ଝିଙ୍କ ଏବଂ ଗୁରାଣ୍ଡିର ଶବ ବ୍ୟବଚ୍ଛେଦ ପରେ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି। ଫେରାର ୩ ଜଣ ଶିକାରୀଙ୍କୁ ଧରିବାକୁ ଚଢ଼ାଉ ଜାରି ରହିଛି ବୋଲି ରେଞ୍ଜ ଅଫିସର ମହେନ୍ଦ୍ର କୁମାର ସାହୁ କହିଛନ୍ତି।

**ଖସିଗଲେ ଶିକାରୀ**

# ଝିଅ, ପୁଅଙ୍କ ସମ୍ମୁଖରେ ବାପାଙ୍କୁ ହତ୍ୟା

## ନାଳରେ ଚୁଆ ଖୋଳିବାକୁ ନେଇ ଶତ୍ରୁତା ଥିଲା

**ସୋନପୁର,୧୧।୩ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଲୁପୁରସିଂହା ଗ୍ରାମରେ ଦୁଇ ଝିଅ ଓ ପୁଅଙ୍କ ସମ୍ମୁଖରେ ବାପାଙ୍କୁ ହତ୍ୟା କରାଯାଇଛି। ନାଳରେ ଚୁଆ ଖୋଳିବାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଛି। ଗ୍ରାମର କାର୍ତ୍ତିକ ବରିହା(୫୦)ଙ୍କୁ ହତ୍ୟା କରାଯାଇଛି। ଲୁପୁରସିଂହାର ଦୈତାରି ପଧାନ, ରାମ ଭୁଏ ଓ ରାମଙ୍କ ବାପା ଶୁକ୍ରୁ ହତ୍ୟା କରିଥିବା ମୃତ କାର୍ତ୍ତିକଙ୍କ ପୁଅ ଶିବ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗାଁପାର୍ଶ୍ୱରେ ବହି ଯାଇଥିବା ନାଳ ପାଣିକୁ ବ୍ୟବହାର କରି କାର୍ତ୍ତିକ ଓ ଅଭିଯୁକ୍ତମାନେ କ୍ଷେତରେ ଧାନ, ଚଣା ଏବଂ ପନିପରିବା ଚାଷ କରିଛନ୍ତି। ନାଳରେ ଚୁଆ ଖୋଳିବାକୁ ନେଇ କାର୍ତ୍ତିକ ଓ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ସୋମବାର କାର୍ତ୍ତିକ ଗାଈ ଧରି କ୍ଷେତକୁ ଯାଇଥିଲେ। ପୁଅ ଶିବ କ୍ଷେତରେ ଥିବା ପାଣି ମୋଟର ନିକଟରେ ଥିଲେ। କାର୍ତ୍ତିକଙ୍କ ଦୁଇ ଝିଅ ପଦ୍ମିନୀ ଓ ଶୀର କ୍ଷେତରୁ ଚଣା ତୋଳୁଥିଲେ। ସନ୍ଧ୍ୟାରେ କାର୍ତ୍ତିକ ଗାଈ ଧରି ଘରକୁ ଫେରୁଥିବା ସମୟରେ ଦୈତାରି, ଶୁକ୍ରୁ ଓ ରାମ ଠେଙ୍ଗା, ବାଡିରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିଯୋଗୁ କାର୍ତ୍ତିକଙ୍କ ଶରୀର ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ବାପାଙ୍କ ଚିତ୍କାର ଶୁଣି ନିକଟରେ ଥିବା ଶିବ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ଏହି ସମୟରେ ଦୈତାରି ଶିବଙ୍କୁ କାଠଫାଳିଆରେ ଆକ୍ରମଣ କରିଥିଲା। ଶୁକ୍ରୁ ଟାଙ୍ଗିଆରେ ଶିବଙ୍କୁ ହାଣି ଦେବାକୁ ଉଦ୍ୟମ କରିଥିଲେ। ସେହିପରି କାର୍ତ୍ତିକଙ୍କୁ ଅଭିଯୁକ୍ତମାନେ ଘୋଷାରି ନେବା ଦେଖି ଦୁଇ ଝିଅ ପଦ୍ମିନୀ ଓ ଶୀର ଭୟଭୀତ ହୋଇଯାଇଥିଲେ। ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ କାର୍ତ୍ତିକଙ୍କୁ ଡାକ୍ତରଖାନା ନେବା ପାଇଁ ଉଦ୍ୟମ କରିଥିଲେ। ହେଲେ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ କାରଣରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଲଛିପୁର ଆଇଆଇସି ଭୋଜରାଜ ସା ପୋଲିସ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ପୋଲିସ ଟିମ୍ ମୃତଦେହକୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଜଗି ରହିଥିଲା। ରାତିରେ ଶୁକ୍ରୁ ଓ ଦୈତାରିଙ୍କୁ ପୋଲିସ ଘରୁ ଉଠାଇ ଆଣି ଥାନାରେ ପଚରାଉଚରା କରିଥିଲା। ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରିଛନ୍ତି। ଘଟଣାସ୍ଥଳରୁ ରକ୍ତଭିଜା କାଠଫାଳିଆ, ବାଡି ଓ ରକ୍ତ ଛିଟାର ନମୁନା ଜବତ କରାଯାଇଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ରାମ ଫେରାର ଥିବା ବେଳେ ଲଛିପୁର ପୋଲିସ ଅଭିଯୁକ୍ତ ଶୁକ୍ରୁ ଓ ଦୈତାରିଙ୍କୁ ଗିରଫ କରିଛି।



ସୋନପୁର ଏସ୍‌ଡିପିଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

**ବ୍ରହ୍ମପୁର,୧୧।୩(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ବିଚାରପତି ପ୍ରଣତି ପଟ୍ଟନାୟକ ମଙ୍ଗଳବାର ଜଣେ ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ସୋରଡା ଥାନା ଅଞ୍ଚଳର ବାଦଲ ଗୌଡ(୨୨)। ଜେଲ ସହ ଦୋଷୀଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୧୧ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତା ନାବାଳିକାଙ୍କୁ ୧୦ଲକ୍ଷ ୫୦ ହଜାର ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ(ଡିଏଲ୍‌ଏସ୍‌ଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ଫେବୃଆରୀ ୨୪ ତାରିଖରେ ସୋରଡା ଥାନା ଅଞ୍ଚଳର ୧୨ ବର୍ଷୀୟା ନାବାଳିକା ଘରେ ଶୋଇଥିବା ବେଳେ ଅଧରାତିରେ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ବି ତାଙ୍କ ପତ୍ତା ମିଳି ନ ଥିଲା। କିଛି ଘଣ୍ଟା ପରେ ନାବାଳିକା ବାଦଲଙ୍କ ଘରୁ ଆସୁଥିବା ପରିବାର ଲୋକେ ଦେଖିଥିଲେ। ନାବାଳିକାଙ୍କୁ ପଚରାଉଚରା କରିବାରୁ ବାଦଲ ତାଙ୍କୁ ଡରାଇ ଧମକାଇ ଛାତ ଉପରକୁ ନେଇ ବଳାତ୍କାର କରିଥିବା କହିଥିଲେ। ଏନେଇ ପରିବାର ଲୋକେ ସୋରଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୮୮/୨୫ରେ ମାମଲା ରୁଜୁ କରି ବାଦଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ଅପହୃତା ନାବାଳିକା ଉଦ୍ଧାର: ମାସେ ପରେ ଅଭିଯୁକ୍ତ ଗିରଫ

**ଲୋଇସିଂହା,୧୧।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ଥାନା ତେଲେନପାଲି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ତେଲେନପାଲିର ବୁଲୁ ଗଡତ୍ୟା(୨୮) । ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ବୋଇ ଜଣାଇଛନ୍ତି। ୨୦୨୪ ଡିସେମ୍ବରରେ ସମ୍ପୃକ୍ତ ନାବାଳିକାଙ୍କୁ ଅଭିଯୁକ୍ତ ବୁଲୁ ଅପହରଣ କରି ତାମିଲନାଡୁ ଅଞ୍ଚଳକୁ ନେଇ ଯାଇଥିଲେ। ସେଠାରେ କିଛି ମାସ ଏକାଠି ରହିବା ପରେ ବୁଲୁ ବରଗଡ ଜିଲା ଗାଇସିଲାଟ ଥାନା କଠିପାଲିର ସମ୍ପର୍କୀୟଙ୍କ ଘରେ ନାବାଳିକାଙ୍କୁ ଛାଡି ଫେରାର ହୋଇଯାଇଥିଲେ। ଏନେଇ ପୀଡିତା ଘଟଣା ପରବାର ଲୋକଙ୍କୁ ଜଣାଇଥିଲେ। ପୀଡିତା ନାବାଳିକାଙ୍କ ପରିବାରଠାରୁ ଖବର ପାଇ ପୋଲିସ ଗତମାସ ୭ ତାରିଖରେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ସେତେବେଳେ ପୀଡିତାଙ୍କ ବୟାନ ରେକର୍ଡ କରାଯିବା ସହିତ ଡାକ୍ତରୀ ମାଇନା କରାଯାଇଥିଲା। ଫେରାର ଥିବା ବୁଲୁଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଥିଲା। ଅଭିଯୁକ୍ତ ବୁଲୁ କଠିପାଲି ଅଞ୍ଚଳରେ ଥିବା ଜାଣି ସେଠାରେ ଚଢାଉ କରି ଗିରଫ କରିଥିଲା। ପୀଡିତାଙ୍କ ବୟାନ ଆଧାରରେ ମାମଲା ପରିବର୍ତ୍ତନ କରାଯାଇଛି। ସୂଚନାଯୋଗ୍ୟ, ୩୦ ଡିସେମ୍ବର ୨୦୨୪ରେ ନାବାଳିକାଙ୍କ ପରିବାର ଲୋକେ ତାଙ୍କ ଝିଅକୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ସେତେବେଳେ ଥାନାରେ ଏକ ମାମଲା(ନଂ ୨୪୦/୨୪)ରୁଜୁ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଜଗା ବଳିଆ**
**କାହା ଘରେ ଧାନ ମୁଣ୍ଡିଏ ନ ଥାଏ**
**କାହା ଘରେ ଧାନ ଓଳିଆ।**

କୁହାଯାଏ ଭଗବାନଙ୍କ କୃପା ଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ନୁହେଁ। ତାଙ୍କ ଇଙ୍ଗିତରେ ହିଁ ସଂସାର ଆତଯାତ। ଭଗବାନଙ୍କ କୃପା ବଳରେ ମନୁଷ୍ୟର ସକଳ ଆଶା ପୂରଣ ହୋଇଥାଏ, ତାଙ୍କ କୃପା ଥିଲେ ଘରେ ଧନଧାନ୍ୟ ପରିପୂର୍ଣ୍ଣ ହୁଏ। ତାଙ୍କ ଲୀଳା ବୁଝିବା ମନୁଷ୍ୟଙ୍କ ପକ୍ଷେ କଷ୍ଟକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଜୀବ ଥିଲା ବେଳେ ମୁହିଁ ବଳିଆ**
**ଜୀବ ଗଲାବେଳେ ସାହା କାଳିଆ।**

ଜୀବଦଶାରେ ମଣିଷ ନିଜକୁ ଅତ୍ୟନ୍ତ ଶକ୍ତିଶାଳୀ ବୋଲି ମନେକରିଥାଏ। କିନ୍ତୁ ସେ ଯେତେବେଳେ ମୃତ୍ୟୁର ସନ୍ନିକଟ ହୁଏ, ସେତେବେଳେ ଭଗବାନଙ୍କୁ ସହାୟ ହେବା ପାଇଁ ନିବେଦନ ଜଣାଏ। ଭଗବାନ ହିଁ ମଣିଷର ମୃତ୍ୟୁକାଳୀନ ସହାୟକ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୪ ଥାନା ଅଞ୍ଚଳରୁ ୮,୨୮୫ କେଜି ଗଞ୍ଜେଇ ଜବତ

**ଫୁଲବାଣୀ/ବାଲିଗୁଡା, ୧୧।୩(ରାକେଶ ରାଉତ/ସଞ୍ଜୟ କୁମାର ପାଣିଗ୍ରାହୀ)**

କନ୍ଧମାଳ ଜିଲା ପୋଲିସ ୪ଟି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୮୨୮୫ କେଜି ଗଞ୍ଜେଇ ଜବତ କରିଛି। ଗୋଚ୍ଛାପଡା ଥାନା ଅଞ୍ଚଳରୁ ୩୬୭୫ କେଜି, ଫୁଲବାଣୀ ସଦର ଥାନା ଅଞ୍ଚଳରୁ ୧୪୪୦ କେଜି, ତୁମୁଡିବନ୍ଧ ଥାନା ଅଞ୍ଚଳରୁ ୬୧୫ କେଜି ଓ ବ୍ରାହ୍ମଣୀଗାଁ ଥାନା ଅଂଚଳରୁ ୨୫୫୫ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ କାହାରିକୁ ଗିରଫ କରା ଯାଇନାହିଁ। ସମସ୍ତ ଗଞ୍ଜେଇ ଜଙ୍ଗଲ ଅଞ୍ଚଳରୁ ମିଳିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା କନ୍ଧମାଳ ଏସ୍‌ପି ହରିଶ ବିସି କହିଛନ୍ତି।

# ଘରେ ପଶି ମହିଳାଙ୍କ ବେକରୁ ସୁନା ଚେନ ଲୁଟ ଘଟଣାରେ ଜଣେ ଗିରଫ

**ଅନୁଗୋଳ,୧୧।୩(ମାନସ ବିଶ୍ୱାଳ)**

ଘରେ ପଶି ଜଣେ ମହିଳାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେବା ମାମଲାରେ ଅନୁଗୋଳ ପୋଲିସକୁ ସଫଳତା ମିଳିଛି। ପୋଲିସ ଅନୁଗୋଳ ଥାନା କୁଶ ଗ୍ରାମର ବାପୁନ ପ୍ରଧାନ(୨୨)ଙ୍କୁ ଗିରଫ କରିବା ସହ ୧୫ ଗ୍ରାମର ସୁନାଚେନ ଜବତ କରିଛି। ଏଥିସହ ଏକ ସ୍କୁଟି (ନଂ. ଓଆର ୧୯ପି-୯୬୬୩) ଓ ମୋବାଇଲ ଫୋନ ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି।

ପୋଲିସ କହିଛି, ଅନୁଗୋଳ ଥାନା ଗାନ୍ଧୀ ମାର୍ଗ ଗଣପତି ଆପାର୍ଟମେଣ୍ଟର କ୍ୱାର୍ଟର ନଂ. ୨ (ବି)ରେ ବିବେକାନନ୍ଦ ମହନ୍ତ ରହୁଛନ୍ତି। ଗତ ୯ ତାରିଖ ସନ୍ଧ୍ୟା ୫ଟା ୫୦ରେ ବିବେକାନନ୍ଦ ଘରେ ନ ଥିବା ବେଳେ ଅଭିଯୁକ୍ତ ବାପୁନ ତାଙ୍କ ଘର କବାଟ ବାଡ଼େଇଥିଲେ। ବିବେକାନନ୍ଦଙ୍କ ସ୍ତ୍ରୀ କବାଟ ଖୋଲିବା ପରେ ଅଭିଯୁକ୍ତ ବାପୁନ କ୍ଷୀର ରଖିବେ କି ବୋଲି ପଚାରିଥିଲେ। ଏହାପରେ ପିଇବା ପାଇଁ ପାଣି ମାଗିଥିଲେ। ମହିଳା ଜଣକ ପାଣି ଆଣିବାକୁ ଯିବା ପରେ ବାପୁନ ଘର ଭିତରକୁ ପଶି ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ। ପରେ ଅଭିଯୁକ୍ତ ବାହାରୁ କବାଟ ଦେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ବିବେକାନନ୍ଦ ରାତି ୧୧ଟା ୨୪ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୭୬/୨୦୨୫ରେ ଏକ ମାମଲା ରୁଜୁ କରିଥିଲା।

# ଗୋଚାଲାଣକାରୀଙ୍କୁ ଏନ୍‌କାଉଣ୍ଟର

- ୨ ଆହତ ମେଡିକାଲରେ ଭର୍ତ୍ତି
- ପିସ୍ତଲ, ଗୋରୁ ବୋଝେଇ ଟ୍ରେଲର ଜବତ

**ସମ୍ବଲପୁର,୧୧।୩(ପ୍ରମୋଦ ବହିଦାର)**

ସମ୍ବଲପୁରର ସିଟି ରେଳଷ୍ଟେଶନ ନିକଟରେ ମଙ୍ଗଳବାର ଭୋର ସମୟରେ ଗୋଚାଲାଣକାରୀଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଛି। ଏଥିରେ ୨ ଚାଲାଣକାରୀ ଯୁବକ ଆହତ ହୋଇଛନ୍ତି। ସେମାନଙ୍କ ଗୋଡ଼ରେ ଗୁଳି ବାଜିଛି। ସେମାନେ ହେଲେ ପଶ୍ଚିମବଙ୍ଗ ହାୱଡ଼ା ଜିଲା ବାଗୱାନ ଥାନା ବରଭଗବତିପୁରର ଶେଖ ମଣ୍ଟୋ ହକ୍(୩୪) ଓ କାର ଡ୍ରାଇଭର ଶେଖ ଆରିଫ୍(୨୨)। ଉଭୟଙ୍କୁ ଭିମ୍‌ସାରରେ ଭର୍ତ୍ତି କରାଯାଇଛି। ଉଭୟ ବିପଦମୁକ୍ତ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ ଘଟଣାସ୍ଥଳରୁ ୨ଟି ଦେଶୀ ପିସ୍ତଲ, ୪ଟି ଖାଲି କାର୍ଟୁସ, ୪ଟି ଗୁଳି, ଗୋରୁ ବୋଝେଇ ୧୮ଚକିଆ ଟ୍ରେଲର୍, ଏକ କାର, ୩ଟି ମୋବାଇଲ୍ ଫୋନ ଓ ନଗଦ ୧୫ ହଜାର ଟଙ୍କା ଜବତ କରିଛି। ଏହାସହ ଟ୍ରେଲରରେ ଚାଲାଣ ହେଉଥିବା ୩୦ ଗୋରୁଙ୍କୁ ଉଦ୍ଧାର କରି ପୋତାପାଲିସ୍ଥିତ ଶ୍ରୀକୃଷ୍ଣ ଗୋଶାଳା ପଠାଇଛି। ଟ୍ରେଲର୍ ଚାଳକ ପଞ୍ଜାବ ଅମୃତସର ଜିଲା ଭାଲଥୋଆ ଥାନା ଖେମକରଣ ଗ୍ରାମର ଦବିନ୍ଦର ସିଂ(୨୫) ଓ ଗୋଚାଲାଣକାରୀଙ୍କ ସ୍ଥାନୀୟ ସହଯୋଗୀ ସୁବର୍ଣ୍ଣପୁର ଜିଲା ରାମପୁର ଥାନା ସଦର ଗ୍ରାମର ନରେନ୍ଦ୍ର ମେହେର(୨୯)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଧନୁପାଲି ଥାନାରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୦୩(୨), ୩୧୭(୨), ୧୩୨, ୨୨୪, ୧୦୯(୧), ୩(୫) ଏବଂ ଅସ୍ତ୍ରଶସ୍ତ୍ର ନିଷେଧ ଆଇନ ଧାରା ୨୫, ୨୭ ଅନ୍ତର୍ଗତ ୧୧(୧)(ଏ)(ଡି) ଦଫାରେ ଏକ ମାମଲା(୬୪/୨୫) ରୁଜୁ ହୋଇଛି।

ଜିଲା ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ଆୟୋଜିତ ମିଳିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମ ସୂଚନା ଦେଇ କହିଛନ୍ତି; ସୋମବାର ବିଳମ୍ବିତ ରାତିରେ ସମ୍ବଲପୁର ଦେଇ ଯାଇଥିବା ଜାତୀୟ ରାଜପଥ ୫୩ରେ ଗୋରୁ ଚାଲାଣ ହେଉଥିବା ଖବର ମିଳିଥିଲା। ଗୋଚାଲାଣ ଗାଡ଼ିକୁ ୨ଟି ଦାମୀ କାରରେ ଚାଲାଣକାରୀ ବାଟ କଢ଼ାଇ ନେଉଥିବା ସୂଚନା ମିଳିଥିଲା। ସୂଚନା ଆଧାରରେ ଧନୁପାଲି ଥାନାର ଏକ ଟିମ୍ ସମ୍ବଲପୁର ସିଟି ଷ୍ଟେଶନ ନିକଟରେ ଜଗି ରହିଥିଲେ। ମଙ୍ଗଳବାର ଭୋର ପ୍ରାୟ ସାଢ଼େ ୫ଟାରେ ଗୋରୁ ବୋଝେଇ ଟ୍ରେଲର୍(ଆରଜେ-୦୯-ଜିବି-୨୭୪୬)କୁ ପୋଲିସ ଅଟକାଇଥିଲା। ଏହି ସମୟରେ ଟ୍ରକକୁ ଏସ୍କର୍ଟ କରୁଥିବା ଏକ କାର ଦ୍ରୁତଗତିରେ ପଳାଇଥିବା ବେଳେ ଦ୍ୱିତୀୟ କାର(ଡବ୍ଲ୍ୟୁବି-୧୪-ଏଏ-୧୨୩୨)ରୁ ଓହ୍ଲାଇ ଡ୍ରାଇଭର ଓ ଅନ୍ୟ ଜଣେ ଯୁବକ ପୋଲିସ ଉପରକୁ ୩ ରାଉଣ୍ଡ ଗୁଳିଚାଳନା କରିଥିଲେ। ଜବାବରେ ପୋଲିସ ପକ୍ଷରୁ ପାଲଟା ୫ ରାଉଣ୍ଡ ଗୁଳିଚାଳନା କରାଯାଇଥିଲା। ଏଥିରେ ଜଣଙ୍କର ବାମ ଓ ଅନ୍ୟ ଜଣଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ପ୍ରାଥମିକ ତଦନ୍ତରୁ ଗୋରୁଙ୍କୁ ବରଗଡ଼ ଜିଲା ସୋହେଲା ଅଞ୍ଚଳରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରାଯାଉଥିଲା। ଖସି ଯାଇଥିବା କାରରେ ଥିବା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ରାକେଟ୍‌ର ମୁଖ୍ୟଙ୍କ ସହିତ ସହଯୋଗୀମାନଙ୍କୁ ଗିରଫ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ଭାମୁ କହିଛନ୍ତି।



ପୋଲିସ ଗୁଳିରେ ଆହତ ୨ ଗୋଚାଲାଣକାରୀ ଏବଂ ଘଟଣାସ୍ଥଳରୁ ଜବତ ଖୋକା ଓ ଦେଶୀ ପିସ୍ତଲ।

# ନକଲି ହନୁମାନ ପଇସା କାରବାର ମୁଖ୍ୟ ଗିରଫ | ମାଉଜର ସହ ଜୀବନ୍ତ ଗୁଳି ଜବତ

ନୀଳଗିରି, ୧୧।୩ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରିରୁ ନକଲି ହନୁମାନ ପଇସା କାରବାରର ମୁଖ୍ୟ କାର୍ତ୍ତିକ ଓରଫ ରଜନୀ ସାମଲ ପୋଲିସ ହାତରେ ଧରାପଡିଛନ୍ତି। ତାଙ୍କଠାରୁ ମାଉଜର, ଜୀବନ୍ତ ଗୁଳି, ଗୋଟିଏ ବଡ଼ଖଣ୍ଡା, ଝିଙ୍କ କାଠି, ୫ଟି ହନୁମାନ ପଇସା, ୪ଟି ଗୋଲେଇ ଆକୃତିର ଚୁମ୍ବକ, ଛୁଞ୍ଚ, ବ୍ଲେଡଖଣ୍ଡ, ଅରୁଆ ଚାଉଳ, ନଗଦ ୨ଲକ୍ଷ ୩୫ ହଜାର ଟଙ୍କା ଜବତ ହୋଇଛି। ଚଢ଼ାଉ ବେଳେ କାର୍ତ୍ତିକ ଚତୁରତାର ସହ ମାଉଜରକୁ ଘରବାଡ଼ିରେ ପୋତି ଦେଇଥିବା ବେଳେ ପୋଲିସ ଖୋଜି ବାହାର କରିଛି।

ନୀଳଗିରି ଥାନା ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆପାଟଣା ଗ୍ରାମର କାର୍ତ୍ତିକ ସାମଲ(୪୮) ଅନେକ ଦିନରୁ ହନୁମାନ ପଇସା କାରବାର କରୁଥିବା ନେଇ ପୋଲିସକୁ ସୁରାକ ମିଳିଥିଲା। ଏହାପରେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ ମଲ୍ଲିକ ଓ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସୋମବାର ସକାଳଠାରୁ ଜାଲ ବିଛାଇଥିଲା। ସନ୍ଧ୍ୟାରେ ଉକ୍ତ ଟିମ୍ କାର୍ତ୍ତିକଙ୍କ ଘରେ ଅଚାନକ ଚଢ଼ାଉ କରିଥିଲା। ସେ ଖସିଯିବାକୁ ଉଦ୍ୟମ କରି ବିଫଳ ହୋଇ ଶେଷରେ ପୋଲିସ ହାତରେ ଧରାପଡ଼ିଥିଲେ। ମଙ୍ଗଳବାର ଅପରାହ୍ଣରେ ଖବରଦାତା ସମ୍ମିଳନୀରେ କାର୍ତ୍ତିକ ହନୁମାନ ପଇସା ସାହାଯ୍ୟରେ ଚାଉଳକୁ ଆକର୍ଷିତ କରିବା, ଛୁଞ୍ଚକୁ ଆକର୍ଷିତ କରିବା, ଉଜାଲା ରଙ୍ଗରେ ବ୍ୟାଟେରୀ ପାଣି ମିଶାଇ ହନୁମାନ ପଇସା ପକାଇ ଧଳାପାଣି କରିବା ଆଦି ଡେମୋ ଦେଖାଇଛି। କାର୍ତ୍ତିକ ଲୋକମାନଙ୍କ ସହ ଭାଣ୍ଡାମୀ କରି ହନୁମାନ ପଇସା ଦେବାର ଲୋଭ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରୁଥିବା ବେଳେ ପ୍ରକୃତ ହନୁମାନ ପଇସା ଦେଉ ନ ଥିଲେ। ଓଲଟା ବନ୍ଧୁକ, ଖଣ୍ଡା ଦେଖାଇ ଭୟଭୀତ କରୁଥିବା ନେଇ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ, ବାଲେଶ୍ୱର ଏସ୍‌ପି ରାଜପ୍ରସାଦ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ ନୀଳଗିରି ଥାନାରେ ମାମଲା ନଂ. ୯୧ ଭାରତୀୟ ନ୍ୟାୟ ସଂହିତା ଦଫା ୩୧୮(୪) ଏବଂ ଅସ୍ତ୍ରନିରୋଧ ଆଇନ ଦଫା ୨୫ରେ ମାମଲା ରୁଜୁ ହୋଇ ଅଭିଯୁକ୍ତ କାର୍ତ୍ତିକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।





ଜବତ ବନ୍ଧୁକ, ଗୁଳି, ଟଙ୍କା ଓ ବିଭିନ୍ନ ସାମଗ୍ରୀ। ଗିରଫ ଅଭିଯୁକ୍ତ ।

## ୨୦ରୁ ଆବେଦନ ପାଇଁ ଖୋଲିବ ପାରଦର୍ଶୀ ପୋର୍ଟାଲ

ଭୁବନେଶ୍ୱର, ୧୧।୩(ସୁଚିସ୍ମିତା ସାହୁ)

ଘରୋଇ ବିଦ୍ୟାଳୟରେ ଆର୍ଥିକ ଅସ୍ୱଚ୍ଛଳ ବର୍ଗ ତଥା ଗରିବ ଶ୍ରେଣୀର ପିଲାଙ୍କ ମାଗଣା ଆଡ୍‌ମିଶନ ପାଇଁ ପାରଦର୍ଶୀ ପୋର୍ଟାଲ ଆବେଦନ ପ୍ରକ୍ରିୟାକୁ ଏକମାସ ଘୁଞ୍ଚାଇ ଦେବାକୁ ବିରୋଧ କରି ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ଆମରଣ ଅନଶନ ଚାଲିଥିଲା। ମଙ୍ଗଳବାର ଏହି ପ୍ରସଙ୍ଗରେ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋୟୀ, ସାଧାରଣ ସମ୍ପାଦକ ଅଶୋକ ପାଇକରାୟ, ଭୁବନେଶ୍ୱର ଆବାହକ ପଦ୍ମନାଭ ସାହୁ ଏବଂ ସଞ୍ଜୟ ଖୁଣ୍ଟିଆଙ୍କୁ ନେଇ ଏକ ପ୍ରତିନିଧି ଦଳ ସଚିବାଳୟରେ ଅତିରିକ୍ତ ସଚିବ ଯଦୁମଣି ମହାପାତ୍ର ଏବଂ ଅତିରିକ୍ତ ନିର୍ଦ୍ଦେଶିକା ସଙ୍ଗୀତା ପଣ୍ଡାଙ୍କୁ ଭେଟି ଆଲୋଚନା କରିଥିଲେ। ଆସନ୍ତା ୨୦ ତାରିଖଠାରୁ ପାରଦର୍ଶୀ ପୋର୍ଟାଲରେ ଛାତ୍ରୀଛାତ୍ରଙ୍କ ଆବେଦନ ଆରମ୍ଭ କରାଯିବାକୁ ଆଲୋଚନାରେ ସହମତି ପ୍ରକାଶ ପାଇଛି।

## ୨ ଶିକାରୀ ଗିରଫ

### ହାଡ଼, ୪ ବନ୍ଧୁକ ଜବତ

ନୀଳଗିରି/ ଔପଦା, ୧୧।୩(ପ୍ରଶାନ୍ତ ବିଶ୍ୱାଳ/ ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟ ଚିତ୍ରାଶୂଳ ବାଘମପଡ଼ା ଗ୍ରାମରୁ ମଙ୍ଗଳବାର ୨ ଶିକାରୀଙ୍କୁ ଗିରଫ କରାଯାଇଛି। ବନବିଭାଗ କର୍ମଚାରୀ ୪ ବନ୍ଧୁକ ସହ ଜନ୍ତୁ ହାଡ଼ ଜବତ କରିଛନ୍ତି। ଶିକାରୀଦ୍ୱୟ ଶିକାର କରି ଫେରୁଥିବା ବେଳେ ବନ କର୍ମଚାରୀ ଙ୍କ ହାବୁଡ଼ରେ ପଡ଼ିଥିଲେ। ପରେ କୁଲଡିହା ବନବିଭାଗ ଅଫିସକୁ ଅଣାଯାଇ ପଚରାଉଚୁରା କରାଯାଉଥିବା ବେଳେ ବନବିଭାଗ ପକ୍ଷରୁ ଆର୍ମ ଆକ୍ଟରେ ମାମଲା ରୁଜୁ କରାଯାଇଛି। ବୁଧବାର କୋର୍ଟଚାଲାଣ କରାଯିବ ବୋଲି ବନବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ୨ ଯୁବକ ମୃତ

ଧୁଷୁରୀ, ୧୧।୩ (ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ଦୋହରାପାଟଣା ନିକଟରେ ଭଦ୍ରକ-ଆରଡ଼ି ୩୫ନଂ. ରାଜ୍ୟ ରାଜପଥରେ ମଙ୍ଗଳବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇ ଯୁବକଙ୍କ ନାମ ଜଣାପଡ଼ି ନ ଥିବାବେଳେ ଜଣେ ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ତଳଦୁମୁକାର ଓ ଅନ୍ୟ ଜଣେ ଯାଜପୁର ଜିଲା ମଙ୍ଗଳପୁର ଅଞ୍ଚଳର। ଗୋଟିଏ ବାଇକ୍‌ରେ ଦୁଇ ଯୁବକ ଯାଉଥିବା ବେଳେ ଭାରସାମ୍ୟ ହରାଇ ଗାଡ଼ିରୁ ପଡ଼ିଯାଇ ମୃତ୍ୟୁ ଘଟିଥିବା କୁହାଯାଉଛି।

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ

**ଏଲ୍.ଏ.କେସ୍ ନଂ.-୨୪୯/୨୦୨୨**

**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ**

**ବନାମ**

No.XXXIII-44: ୧. ପ୍ରଫୁଲି ବେହେରା, ସ୍ୱାମୀ-ନରସିଂହ ବେହେରା, ୨. ରାମଚନ୍ଦ୍ର ବେହେରା, ପିତା-ନରସିଂହ ବେହେରା, ସା-ପାଟଣାସାହି, ପୋ/ଥା-ବାଲୁଗାଁ, ଜିଲ୍ଲା-ଖୋର୍ଦ୍ଧା, ପିନ୍ -୭୫୨୦୩୦, ୩. ସଞ୍ଜୁକ୍ତା ବେହେରା, ପିତା-ନରସିଂହ ବେହେରା, ସ୍ୱାମୀ-କାହ୍ନୁଚରଣ ବେହେରା, ସା-ଗୋପିନାଥପୁର, ହାଟବଜାର, ପୋ/ଥା-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୪. ଏ). ଲୋକନାଥ ବେହେରା, ୪.ବି).ସୀମାଞ୍ଚଳ ବେହେରା, ୪.ସି). ଅକ୍ଷୟ କୁମାର ବେହେରା, ୪.ଡି). ଅଜୟ କୁମାର ବେହେରା, ମାତା-ସବିତା ବେହେରା, ସା-ଅଶୋକ ନଗର, ପୋ/ଥା-ବାଲୁଗାଁ, ଜିଲ୍ଲା-ଖୋର୍ଦ୍ଧା, ୫.ଝୁନାରାଣୀ ଦେଈ, ପିତା-ନରସିଂହ ବେହେରା, ସ୍ୱାମୀ-ପ୍ରଶାନ୍ତ କୁମାର ରାଉତ, ସା-ଘର ନଂ.-ବି/୨୩୮, ବଳରମା ଟାଉନସିପ୍, ପୋ-ଏନ୍.ଏସ.ନଗର, ଭରତପୁର, ଥା-ଏକ୍ରାମପୁର, ଜିଲ୍ଲା-ଅନୁଗୁଳ, ପିନ୍ -୭୫୯୧୪୮.... ବିରୋଧୀ ପକ୍ଷମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ.-୨୪୯/୨୦୨୨ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ଜିଲ୍ଲା-ଖୋର୍ଦ୍ଧା, ମୌଜା- ସାଆନ୍ତରାପୁର, ଖାତା ନଂ-୨୧୩/୬୯୮, ପ୍ଲଟ୍ ନଂ.- ୩୭/୧୮୮୪, ଅଧିଗୃହୀତ ରକବା ଏ ୦.୦୨୧ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୦.୦୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୧୨.୧୨.୨୪ ରିଖ । Draft notice is approved. Petitioner to get it published in any of the four most widely circulated odia daily news papers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି
ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0052/2425

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ

**ଏଲ୍.ଏ.କେସ୍ ନଂ.-୬୬/୨୦୧୯**

**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ**

**ବନାମ**

No.XXXIII-38: ୧. ଉଗ୍ରସେନ ବଳିଆର ସିଂ, ପିତା-ଭରତ ବଳିଆର ସିଂ, ସା-ଦାରୁଠେଙ୍ଗ, ୨.ବବିତା ବାରି, ସ୍ୱାମୀ-ରାମରାଇ ବାରି, ସା-ଶ୍ରୀରାମ ବିହାର ଆପାର୍ଟମେଣ୍ଟ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ୩.ଅଳକା ନାୟକ, ସ୍ୱାମୀ- ଭବପ୍ରସାଦ ନାୟକ, ସା-ନୀଳାଦ୍ରି ବିହାର, ଭୁବନେଶ୍ୱର, ୪.ରାମରାଇ ବାରି, ପିତା-ସାଧୁ ଚରଣ ବାରି, ସା-ଶ୍ରୀରାମ ବିହାର ଆପାର୍ଟମେଣ୍ଟ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ୫.ପାର୍ବତୀ ଶ୍ରୀଚନ୍ଦନ, ସ୍ୱାମୀ-ଆନନ୍ଦ ଶ୍ରୀଚନ୍ଦନ, ୬.ସ୍ନେହଲତା ମହାପାତ୍ର, ସ୍ୱାମୀ-ଗଗନ ବିହାରୀ ମହାପାତ୍ର, ସା-ଚନ୍ଦକା, ଭୁବନେଶ୍ୱର, ୭.ସାଲୁ ଜାରିକା, ସ୍ୱାମୀ- ରାମାରାଇ ଜାରିକା, ସା-ଚାନ୍ଦିଆ, ପୋ-ଗୋବରଘାଟି, ଥାନା-ସୁକିନ୍ଦା, ଜିଲ୍ଲା-ଯାଜପୁର, ୮.ସୁରୁବାଲି ହେମ୍ବ୍ରମ, ସ୍ୱାମୀ-ସନାତନ ହେମ୍ବ୍ରମ, ସା-ମୂଷାମାରି, ପୋ-ଦେବସୋଲ, ଜିଲ୍ଲା-ମୟୂରଭଞ୍ଜ, ୯.ରାମଚନ୍ଦ୍ର ପୂର୍ତ୍ତୀ, ପିତା-ବିଜୟ ସିଂ ପୂର୍ତ୍ତୀ, ସା-ଗୋଡାବିନ୍ଧା, ପୋ-ହାତୀଗୋଡ଼ା, ଥାନା-ଠାକୁରମୁଣ୍ଡା, ଜିଲ୍ଲା-ମୟୂରଭଞ୍ଜ, ୧୦. ଶୈଳବାଳା ସ୍ୱାଇଁ, ପିତା-ଲାଲମୋହନ ସ୍ୱାଇଁ, ସା-ଡୁମଡୁମା, ପୋ/ଥାନା-ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୧୧. ଆନନ୍ଦ ରାଓ, ପିତା-ପ.କେଶବ ରାଓ, ସା-ଘର ନଂ.-୨-ଜିବ.ଆଇ.ଡି.ବି.ଆଇ. ଷ୍ଟାଫ୍ କ୍ୱାର୍ଟର, ଜି.ଜି.ପି. କଲୋନୀ, ରସୁଲଗଡ଼, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୧୨. ପି.ବିଜୟଲକ୍ଷ୍ମୀ, ପିତା-ଏ.କାମାରାଜୁ, ସା-ଘର ନଂ.-୨-ଜିବ. ଆଇ.ଡି.ବି.ଆଇ. ଷ୍ଟାଫ୍ କ୍ୱାର୍ଟର, ଜି.ଜି.ପି. କଲୋନୀ, ରସୁଲଗଡ଼, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୧୩.ପ୍ରଦୀପ କୁମାର ଦାସ, ପିତା-ଗୌରାଙ୍ଗ ଚରଣ ଦାସ, ସା-ଘର ନଂ-ଏଚ୍.ଆଇ.ଜି.୩୯, ଫେଜ୍-୭, ଶୈଳଶ୍ରୀବିହାର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ..... ବିରୋଧୀ ପକ୍ଷମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ.-୬୬/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା- ସୁନ୍ଦରପୁର, ଖାତା ନଂ-୧୪, ପ୍ଲଟ୍ ନଂ.- ୨୦୫, ରକବା ଏ ୦.୦୩୯ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୫.୦୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୧୬.୧୨.୨୪ ରିଖ । Draft notice is approved. Petitioner to get it published in any of the four most widely circulated odia daily news papers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱା/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/11/0050/2425

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଘୋଷଣା

**No.RDM-LAB-BOUDH-0004-2024 2953 / R&DM, Dated 28 JAN 2025**

**No.XXXI-06**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ତେନ୍ତୁଲିପଦର**, ଥାନା-ବୌଦ୍ଧ ନଂ.୭୩, ତହସିଲ-ବୌଦ୍ଧ, ଜିଲ୍ଲା-ବୌଦ୍ଧରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧାରୋଡ୍ -ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୭୬୨୩, ତା.୧୬.୦୮.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ତେନ୍ତୁଲିପଦର,** ଥାନା-ବୌଦ୍ଧ ନଂ. ୭୩, ତହସିଲ-ବୌଦ୍ଧ, ଜିଲ୍ଲା-ବୌଦ୍ଧରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ବୌଦ୍ଧ | ତହସିଲ-ବୌଦ୍ଧ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବୌଦ୍ଧ | ବୌଦ୍ଧ | ତେନ୍ତୁଳିପଦର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୦.୪୫୦ | ଏ. ୦.୪୫୦ | ଏଥିସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ବୌଦ୍ଧ | ତହସିଲ-ବୌଦ୍ଧ

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୦.୦୯.୨୦୨୪।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./-(ମଧୁସ୍ମିତା ସାହୁ)**
ଅତିରିକ୍ତ ଶାସନ ସଚିବ

### ଜମିର ତାଲିକା

**ପ୍ରସ୍ତାବିତ ଖୋର୍ଦ୍ଧାରୋଡ-ବଲାଙ୍ଗୀର ନୂତନ ରେଳପଥ ପ୍ରକଳ୍ପ**

**ଗ୍ରାମ-ତେନ୍ତୁଳିପଦର (ଅତିରିକ୍ତ), ତହସିଲ-ବୌଦ୍ଧ, ଥାନା-ବୌଦ୍ଧ (ନଂ.୭୩) ଜିଲ୍ଲା-ବୌଦ୍ଧ**

**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨୫/ ୪୧ | ୧୬୦/ ୬୪୧ | ୦.୪୫୦ | ୦.୪୫୦ | ଶାରଦ-୨ | ସରୋଜ କୁମାର ପ୍ରଧାନ, ପି-ଦୁଃଖିଶ୍ୟାମ ପ୍ରଧାନ |
| | | ମୋଟ ଏ | ୦.୪୫୦ | ୦.୪୫୦ | | |

ସ୍ୱା./- ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ
ଖୋର୍ଦ୍ଧାରୋଡ-ବଲାଙ୍ଗୀର ନୂତନ ଓସାରିଆ
ରେଳପଥ ପ୍ରକଳ୍ପ, ବୌଦ୍ଧ

OIPR-24001/14/0157/2425

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଅଧିସୂଚନା

**No.RDM-LAA-BLS-0001-2025-690/ R&DM, Dated 06 JAN 2025**

**No. III-16:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରୀର ଚଷାଖଣ୍ଡ ସବ୍‌ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: **ଚଷାଖଣ୍ଡ (ଅତିରିକ୍ତ)**, ଥାନା: ବାଲେଶ୍ୱର, ସଦର ନଂ. ୧୫, ତହସିଲ: ରେମୁଣା, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୦୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

**୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରୀର ଚଷାଖଣ୍ଡ ସବ୍‌ମାଇନର ନିର୍ମାଣ ନିମନ୍ତେ ।
**୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି ।
**୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ** – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
**୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ** – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
**୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ** – ଉପଜିଲ୍ଲାପାଳ, ବାଲେଶ୍ୱର ।
**୬. ଜମିର ବିବରଣୀ:**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ରେମୁଣା | ଚଷାଖଣ୍ଡ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୦.୪୦ | ଏ. ୦.୦୮ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା-୨୧/୨୦୨୪

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରୀର ଚଷାଖଣ୍ଡ ସବ୍‌ମାଇନର ମୌଜା-ଡି. ଚଷାଖଣ୍ଡ (ଅତିରିକ୍ତ), ଥାନା-ବାଲେଶ୍ୱର ସଦର ନଂ-୧୫, ତହସିଲ-ରେମୁଣା, ଜିଲ୍ଲା-ବାଲେଶ୍ୱର**

| ଖାତା ନଂ. ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୬୧୪/ ୧୬୭ | ୧୫/ ୧୮୦୨ | ୦.୪୦ | ୦.୦୮ | ଶାରଦ ଦୁଇ | ପ୍ରଦୀପ ଚନ୍ଦ୍ର ପତି, ପି-ଭଗବାନ ପତି, ଜା-ବ୍ରାହ୍ମଣ, ବା-ମହେଶପୁର, ଥା-ବୈଶିଙ୍ଗା, ଜି-ମୟୂରଭଞ୍ଜ |
| ମୋଟ | ୧ ପ୍ଲଟ | ଏ.୦.୪୦ ଡେ.ମି | ଏ.୦.୦୮ ଡେ.ମି. | | |

| | | | |
|---|---|---|---|
| Sd./- AMIN, Baripada Zone | Sd./- Rev-Inspector Zone-I, Baripada | Sd./- Zone Officer-cum-L.A. Collector, S.I.P., Baripada Zone | Sd./- Spl. Land Acquisition Officer S.I.P., Baripada |

OIPR-24001/14/0160/2425

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

### ନୋଟିସ୍

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ

**ଏଲ୍.ଏ.କେସ୍ ନଂ.-୬୯/୨୦୧୯**

**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ**

**ବନାମ**

No.XXXIII-40: ୧. ଦୀପକ କୁମାର ପଟ୍ଟନାୟକ, ୨.ପ୍ରଣୟ କୁମାର ପଟ୍ଟନାୟକ, ୩.ଅବନିତା ପଟ୍ଟନାୟକ, ୪.ନିବେଦିତା ପଟ୍ଟନାୟକ, ପିତା-ଲଳିତ ପଟ୍ଟନାୟକ, ୫.ଶୈଳବାଳା ପଟ୍ଟନାୟକ, ସ୍ୱାମୀ-ଲଳିତ ପଟ୍ଟନାୟକ, ସା-ଅନ୍ଧାରୁଆ, ପୋ-ଜଗନ୍ନାଥ ପ୍ରସାଦ, ଥା-ଚନ୍ଦକା, ଜି-ଖୋର୍ଦ୍ଧା, ୬.ଶ୍ରୀ ଭାଗବତ ବାସୁଦେବ, ବିଜେ ଜଗନ୍ନାଥ ପ୍ରସାଦ ଗଡ଼ସାହି, ତରଫ ମାର୍ଫତ୍-ପ୍ରଶାନ୍ତ ସୁବୁଦ୍ଧି, ୭.ସୁଶାନ୍ତ ସୁବୁଦ୍ଧି, ପିତା-ଭାସ୍କର ସୁବୁଦ୍ଧି, ୮. ପବିତ୍ର ଦଳାଇ, ପିତା-ସନାତନ ଦଳାଇ, ୯.ବାବାଜୀ ଚମ୍ପତି, ୧୦.ବ୍ରଜ କିଶୋର ଚମ୍ପତି, ପିତା-ଜୟକୃଷ୍ଣ ଚମ୍ପତି, ୧୧.ଶ୍ରୀନିବାସ ପ୍ରଧାନ, ୧୨.ନିବାସ ପ୍ରଧାନ, ପିତା-ପ୍ରଭାକର ପ୍ରଧାନ, ୧୩.ବିକ୍ରମ ବଳିଆରସିଂ, ୧୪.ପ୍ରଭାତ ବଳିଆରସିଂ, ୧୫.ମଣି ବଳିଆରସିଂ, ପିତା-ପଦ୍ମଚରଣ ବଳିଆରସିଂ, ୧୬.ଅର୍ଜୁନ ପରିଡ଼ା, ୧୭.ଅଜିତ୍ ପରିଡା, ୧୮.ଅନୁରାଗ ପରିଡ଼ା, ୧୯.ମନ୍ମଥ ପରିଡା, ପିତା-ସର୍ବେଶ୍ୱର ପରିଡା, ୨୦. ସୁରେନ୍ଦ୍ର ଭୂୟାଁ, ପିତା-ଜୟକୃଷ୍ଣ ଭୂୟାଁ, ସା-ଗଡ଼ସାହି, ଜଗନ୍ନାଥ ପ୍ରସାଦ, ପୋ-ଅନ୍ଧାରୁଆ, ଥା-ଚନ୍ଦକା, ଜି-ଖୋର୍ଦ୍ଧା, ୨୧.ଏମ୍.ଏସ୍.ମାଇନେକ୍ସ ଇଣ୍ଡିଆ ମ୍ୟାନେଜିଂ ପାର୍ଟନର-ସବ୍ୟସାଚୀ ପଟ୍ଟନାୟକ, ପିତା-ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ସା-ପ୍ଲଟ ନଂ.୨୯୮/ଏ, ସହିଦନଗର, ଭୁବନେଶ୍ୱର-୭୫୧୦୦୭, ୨୨. ଜିନିଥ୍ ମାଇନିଂ ପ୍ରା.ଲି଼ ଏମ୍.ଡି.-ସୟଦ ନଜମ ଅହମ୍ମଦ, ପିତା-ଏସ୍.ଜେ.ଅହମ୍ମଦ, ସା-ସଡବ, ପୋ-ତୁଳସୀପୁର, ଥା-ବିଡାନାସୀ, ଜି-କଟକ, ୨୩.ବ୍ରହ୍ମାନନ୍ଦ ଜେନା, ପିତା-ମହନ ଜେନା, ୨୪.ବଂଶୀଧର ଜେନା, ପିତା-ଭିକାରୀ ଜେନା, ସା-ବଡ଼ଗଡ଼, ଥା-ନିଉ କ୍ୟାପିଟାଲ, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ୨୫. ଝରିଲତା ଜେନା, ପିତା-ବ୍ରହ୍ମାନନ୍ଦ ଜେନା, ସା-ପ୍ଲଟ୍ ନଂ.୩, ଲାଲବାହାଦୁର କଲୋନୀ, ଓଲ୍‌ଡ ଷ୍ଟେସନ ସ୍କୋୟାର, ପୋ-ଭୁବନେଶ୍ୱର-୬, ଥା-ଲକ୍ଷ୍ମୀସାଗର, ଜି-ଖୋର୍ଦ୍ଧା, ୨୬.ହେମନ୍ତ କୁମାର ଜେନା, ପିତା-ହୃଦାନନ୍ଦ ଜେନା, ୨୭.ଦୀପକ କୁମାର ଜେନା, ୨୮.ଅମରେଶ ଜେନା, ୨୯.ସମରେଶ ଜେନା, ପିତା-ହେମନ୍ତ କୁମାର ଜେନା, ୩୦.ସବିତା ଜେନା, ସ୍ୱାମୀ-ହେମନ୍ତ କୁମାର ଜେନା, ୩୧. କଳ୍ପନା ଜେନା, ପିତା-ହୃଦାନନ୍ଦ ଜେନା, ସା-ଲାଲବାହାଦୁର କଲୋନୀ, ଓଲ୍‌ଡ ଷ୍ଟେସନ ସ୍କୋୟାର, ପୋ-ଭୁବନେଶ୍ୱର-୬, ଥା-ଲକ୍ଷ୍ମୀସାଗର, ଜି-ଖୋର୍ଦ୍ଧା,..... ବିରୋଧୀ ପକ୍ଷମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଅଦାଲତରେ ଏଲ୍.ଏ. କେସ୍ ନଂ.-୬୯/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା- ସୁନ୍ଦରପୁର, ଖାତା ନଂ-୧୩୮, ପ୍ଲଟ୍ ନଂ.- ୭୨୫, ଅଧିଗୃହୀତ ରକବା ଏ ୦.୦୨୨ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୦.୦୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ଆର୍ଥିକ ରାଶି କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୧୨.୧୨.୨୪ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱା/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି
ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0055/2425

## ନିବେଶକ ନିରୁତ୍ସାହିତ

**ମୁମ୍ବାଇ:** କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩ (୧୨.୮୫) ପଏଣ୍ଟ ହ୍ରାସ ଘଟି ୭୪,୧୦୨ (୭୪,୧୦୨.୩୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୮ (୩୭.୬୦) ପଏଣ୍ଟ ବୃଦ୍ଧି ଘଟି ୨୨,୪୯୮ (୨୨,୪୯୭.୯୦) ଅଙ୍କରେ କାରବାର ଶେଷ ହୋଇଥିଲା।

### ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏପିବିର ନୂଆ ମାଇଲଖୁଣ୍ଟ

**ନୂଆଦିଲ୍ଲୀ,୧୧।୩**

ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ (ଏପିବି)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ବ୍ୟାଙ୍କ ବର୍ତ୍ତମାନ ୧,୦୦,୦୦୦ ରୁ ଅଧିକ ମହିଳା ବ୍ୟବସାୟ ପ୍ରତିନିଧିଙ୍କ ସହ କାର୍ଯ୍ୟ କରିବା ସହିତ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ସେହିଭଳି ଆର୍ଥିକ ଉପଲବ୍ଧତା ବିସ୍ତାର କରିବାରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବ୍ୟାଙ୍କ ସ୍ୱୀକୃତି ଦେଇଛି। ବିଶେଷତ୍‌କରି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏପିବି ବ୍ୟାଙ୍କିଙ୍ଗ୍ ଓ ଅଣସଙ୍ଗଠିତ ସମୁଦାୟଗୁଡିକ ମଧ୍ୟରେ ବ୍ୟବଧାନ ଦୂରକରୁଥିବା ମହିଳା ବ୍ୟବସାୟ ପ୍ରତିନିଧିମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟକୁ ସମ୍ମାନ ଜଣାଇଛି।

ଏପରିକି ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବାର ଏକ ବିଶାଳ ଲକ୍ଷ୍ୟର ଅଂଶ ଭାବେ ଏପିବି ମହିଳା ଉଦ୍ୟୋଗୀମାନଙ୍କ ଉପରେ ଗୁରୁତ୍ୱ ଦେଉଛି। ଏ ସମ୍ପର୍କରେ ଏପିବିର ସିଓଓ ଗଣେଶ ଅନନ୍ତନାରାୟଣନ କହିଛନ୍ତି, ମହିଳାମାନେ ସବୁବେଳେ ଦେଶର ପ୍ରତ୍ୟେକ କୋଣରେ ଆର୍ଥିକ ସେବା ପହଞ୍ଚାଇବା ପାଇଁ ଆମର ଲକ୍ଷ୍ୟର କେନ୍ଦ୍ରରେ ରହି ଆସିଛନ୍ତି। ଆମର ମହିଳା ବ୍ୟବସାୟ ପ୍ରତିନିଧି ନେଟ୍‌ୱର୍କ ମାଧ୍ୟମରେ ଆମେ କେବଳ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରୁନାହୁଁ ବରଂ ମହିଳାମାନଙ୍କୁ ସେମାନଙ୍କ ସମୁଦାୟଗୁଡିକରେ ପରିବର୍ତ୍ତନକାରୀରେ ପରିଣତ ହେବା ପାଇଁ ସଶକ୍ତ କରୁଛୁ।

# ଟାଟା ପାୱାର ଓଡ଼ିଶା ଡିସ୍‌କମ୍‌ର ନୂତନ ଅଭିଯାନ

**ଭୁବନେଶ୍ୱର,୧୧।୩ (ଅଭୟ ଦାଶ)**

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ତଥା ଟାଟା ପାୱାର(ଟିପି) ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍ (ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍, ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍, ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ଏବଂ ଟିପି ନଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍)ର ନୂତନ ଅଭିଯାନ 'ନୂଆ ଆରମ୍ଭ'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଏହି ଅଭିଯାନ ସ୍ୱତନ୍ତ୍ର ଭାବେ ମହିଳାମାନଙ୍କ ପାଇଁ ଆରମ୍ଭ ହୋଇଛି,ଯେଉଁମାନେ କ୍ୟାରିୟରରୁ ସାମାନ୍ୟ ଅବ୍ୟାହତି ନେଇଥିଲେ ଏବଂ ବର୍ତ୍ତମାନ କାର୍ଯ୍ୟକ୍ଷେତ୍ରରେ ପୁନର୍ବାର ପ୍ରବେଶ କରିବାକୁ ଚାହୁଁଛନ୍ତି। ଏହି ଅଭିଯାନ କମ୍ପାନୀର କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପାଇଁ ଏକ ସହାୟକ ଏବଂ ଅନ୍ତର୍ଭୁକ୍ତୀକରଣ ପରିବେଶ ସୃଷ୍ଟିକରିବା ପାଇଁ ରହିଥିବା ପ୍ରତିବଦ୍ଧତାର ଏକ ପ୍ରମାଣ ବୋଲି କୁହାଯାଉଛି। ଏହି



ଟାଟା ପାୱାରର ଓଡ଼ିଶା ଡିସ୍‌କମ୍‌ରେ ପୁନର୍ନିଯୁକ୍ତ ପାଇଥିବା ପ୍ରାର୍ଥିନୀଙ୍କ ସମେତ ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିପି ଓଡ଼ିଶା ଡିସ୍‌କମ୍‌ଗୁଡ଼ିକର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ନେଇ ଉଷା ପାଢ଼ୀ ମହିଳା କର୍ମଚାରୀଙ୍କ ପାଇଁ କାର୍ଯ୍ୟ ଏବଂ ଜୀବନ ମଧ୍ୟରେ ସନ୍ତୁଳନ ଅବଲମ୍ବନ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏପରିକି ସେ କାର୍ଯ୍ୟରେ ଯୋଗଦେଇଥିବା ନୂଆ ପ୍ରାର୍ଥିନୀମାନଙ୍କୁ ଦ୍ୱିତୀୟ କ୍ୟାରିୟର ଆରମ୍ଭ କରୁଥିବାରୁ ନିଜର ପ୍ରେରଣା ଏବଂ ଶୁଭେଚ୍ଛା ଜଣାଇଥିଲେ। ଉକ୍ତ ସମାରୋହରେ ଚୟନ କରାଯାଇଥିବା ପ୍ରାର୍ଥୀମାନଙ୍କୁ ଉଷା ପାଢ଼ୀ ସେମାନଙ୍କର ଯୋଗଦାନ କିଟ୍ ପ୍ରଦାନ କରିଥିଲେ। ଏପରିକି ସେମାନେ ଏକ ବିରତି ପରେ କାର୍ଯ୍ୟକ୍ଷେତ୍ରକୁ ଫେରିବାର ନିଜ ନିଜର ହୃଦୟସ୍ପର୍ଶୀ କାହାଣୀ ବାଣ୍ଟିଥିଲେ। ପାଢ଼ୀ ଟିପି ଓଡ଼ିଶା ଡିସ୍‌କମ୍‌ଗୁଡ଼ିକୁ ଏଭଳି ଏକ ଅନନ୍ୟ ଏବଂ ପ୍ରଶଂସନୀୟ ପଦକ୍ଷେପ ଆରମ୍ଭ କରିଥିବାରୁ ପ୍ରଶଂସା କରିଥିଲେ।

# ୫ଜି ନେଟ୍‌ୱର୍କର ଗତି ୪ଜି ତୁଳନାରେ ପ୍ରାୟ ୯ ଗୁଣା ଅଧିକ

**ମୁମ୍ବାଇ,୧୧।୩**

Jio TRUE 5G

ଦେଶର ୨ ପ୍ରମୁଖ ଘରୋଇ ଟେଲିକମ୍ ଅପରେଟର ରିଲାଏନ୍ସ ଏବଂ ଭାରତୀ ଏୟାରଟେଲ ମହାକୁମ୍ଭ (କୁମ୍ଭମେଳା)ରେ ସେବା ଯୋଗାଉଥିଲେ। ଏପରିକି ମହାକୁମ୍ଭ ମେଳାରେ ରିଲାଏନ୍ସ ଜିଓର ୫ଜି ନେଟ୍‌ୱର୍କ ଚମତ୍କାର ପ୍ରଦର୍ଶନ କରିଥିଲା ବୋଲି ଓକଲା ଦ୍ୱାରା ପ୍ରକାଶିତ ରିପୋର୍ଟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ ମହାକୁମ୍ଭ ମେଳାରେ ରିଲାଏନ୍ସ ଜିଓର ନେଟ୍‌ୱର୍କ ସ୍ପିଡ୍ କେବଳ ଯେ ସବୁଠାରୁ ଦ୍ରୁତ ଥିଲା ତାହା ନୁହେଁ, ଏହା ୫ଜି ନେଟ୍‌ୱର୍କ ଉପଲବ୍ଧତାରେ ପ୍ରତିଦ୍ୱନ୍ଦ୍ୱୀ ଭାରତୀ ଏୟାରଟେଲକୁ ମଧ୍ୟ ପଛରେ ପକାଇଦେଇଛି। ଚଳିତ ମହାକୁମ୍ଭରେ ୫ଜି ନେଟ୍‌ୱର୍କର ଗତି ୪ଜି ତୁଳନାରେ ପ୍ରାୟ ୯ଗୁଣା ଅଧିକ ଥିଲା ବୋଲି ଓକଲା ତା'ର ରିପୋର୍ଟରେ ଉଲ୍ଲେଖ କରିଛି। ସେହିଭଳି ୫ଜି ନେଟ୍‌ୱର୍କ କାର୍ଯ୍ୟଦକ୍ଷତାରେ ଜିଓ ହାରାହାରି ୨୦୧.୮୭ ଏମ୍‌ବିପିଏସ୍ ଡାଉନ୍‌ଲୋଡ୍ ସ୍ପିଡ୍ ସହ ସବୁଠାରୁ ଆଗରେ ରହିଥିବାବେଳେ ଏହା ପଛକୁ ଏୟାରଟେଲ ୧୬୫.୨୩ ଏମ୍‌ବିପିଏସ୍ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲା। ମହାକୁମ୍ଭ ସମୟରେ ରିଲାଏନ୍ସ ଜିଓର ୫ଜି ନେଟ୍‌ୱର୍କର ହାରାହାରି ଡାଉନଲୋଡ୍ ସ୍ପିଡ୍ ଏୟାରଟେଲ ଅପେକ୍ଷା ପ୍ରାୟ ୩୬ ଏମ୍‌ବିପିଏସ୍ ଅଧିକ ରହିଥିଲା। ଭାରତରେ କେବଳ ଜିଓ ଏବଂ ଏୟାରଟେଲ୍ ୫ଜି ସେବା ପ୍ରଦାନ କରିଥାନ୍ତି। ମେଳା ପରିସରରେ ଜିଓର ୫ଜି ନେଟ୍‌ୱର୍କର ଉପଲବ୍ଧତା ୮୯.୯% ଥିଲାବେଳେ ଏୟାରଟେଲର ଉପଲବ୍ଧତା ୪୨.୪% ଏବଂ ଏୟାରଟେଲର ତୁଳନାରେ ଜିଓର ଉପଲବ୍ଧତା ୨ଗୁଣରୁ ଅଧିକ ଥିଲା।

**Classified Everyday**
0674-2580101, 9692975378

ମନେ ପଡ଼ନ୍ତି




MATRIMONIAL

BRIDE WANTED

ମନବୁଝା ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚ ଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର। ସକାରାତ୍ମକ; ବେଳହୁଁ ପହଞ୍ଚ ସ୍ୱାଗତଯୋଗ୍ୟ। 9437593214. D-3223

Sundhi Boy 1996, 6', BA., Serving Accountant, only son. "SUNASANSAR". 9937512659. D-3227

ଭୁବନେଶ୍ୱରସ୍ଥିତ 2 ବର୍ଷର ପୁଅ ଥିବା ପରିବାର, **38** ବର୍ଷ ବିବାହିତ ପୁଅଙ୍କ ପାଇଁ ସୁନ୍ଦରୀ ଶିକ୍ଷିତ କନ୍ୟା ଆବଶ୍ୟକ । ଯୋଗାଯୋଗ: **9437307749, WHATSAPP-8917676959.** D-3213

Handsome Teli Boy, 32+ MBBS/Govt. Doctor. "SUHAG". 9938199964, 9090486408. D-3222

ଜ୍ୟୋତିଷ କନ୍ୟା ପାତ୍ରୀ ଆବଶ୍ୟକ। Age 19 to 40. Mobile-9237210331. D-3192

GROOM WANTED

ବିଧବା 41 ବୟସ୍କା Software Engineer ପିପିଲି ବାସିନ୍ଦା ନିଃସନ୍ତାନ ରାଜପୁତ ଜାତି ଝିଅଙ୍କୁ ପୁଅ ଦରକାର। 6370471610. D-3224

Forest departmentରେ ଚାକିରି, ବଡ଼ ଭଉଣୀଙ୍କ ସଙ୍ଗେ ରହୁଥିବା 51 ବୟସ୍କା ବିଧବା ବଙ୍ଗାଳୀ ଝିଅଙ୍କୁ ପୁଅ ଦରକାର। 7064113532. D-3268




REAL ESTATE

SALE

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

Book a 3BHK duplex having land area 1500sqft. and construction 2000sqft. with 30feets road with gated community near Satya Sai Enclave, Kolthia, Khandagiri, Bhubaneswar, handover within 20months. Price-1.17Cr. 8093402755. D-76803



CONSTRUCTION

**Construct your dream home @950/-, 1500/- with branded materials we provide plan approval, Interior work, Borewell & Vastu complaints. Krishna Construction-9438315332.** D-3206

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-3219



Healthcare

Newly open Jyoti spa positively health benefits (Expert therapist). 8458067955. D-76200

Full body massage by Odia therapist in homely atmosphere. 9556498382. D-75364

Positively health benefited SPA by expert female therapist, Bapujinagar. 8018429809. D-76901

Positively health benifited spa by expert therapist. 8658088274. D-76903

All types hair cutting, body massage by smart lady room services available. Contact: 7077240328. D-71396

LOST

I, Raseda Begum have with declare that one of the chain RSD linked to my property 1: Khata No.- 179/744, Plot No.- 211/2398 area Ac 0.038 dec and Property 2: Khata No.- 179/743, Plot No.- 211/2480 area Ac-0.0052 dec below were being lost details of the same is (1) RSD No.- 10391212630, dated 18.12.2012 excuted by Mirajul Hussainy and Naveed Hussainy in favour of Md. Mustakim Raja. If any person found this, kindly inform me, in the following number Raseda Begum. Mob- 8328922676, 9438856909. D-3263

We, Dillip Kumar Nayak and Neelambar Nayak, S/o-Ullash Nayak, resident of Pipili-752104 lost Sale Deed document No.- 793/1995 on 07.02.2025 while travelling from Bharatipur to Pipili. If anyone find can contact:7008793929. D-3257

I, Damodar Sahoo, S/o-Arakhit Sahoo, resident of Begunia-752061 lost Sale Deed document No.- 1/2002 on 27.02.2025 while travelling from Kalapathar to Raj sunakhala. If anyone find can contact:8917688764. D-3258

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

ଘୋଷଣାନାମା- ଏହିକି ଯେ ମୁଁ ଶ୍ରୀ ପ୍ରତାପ କୁମାର ଭଞ୍ଜ, ବୟସ ୩୪ ବର୍ଷ, କାକୁଡ଼ିକୋଶାଙ୍ଗ, ଥାନା- ପିପିଲି, ଜି- ପୁରୀ, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍, ପିପିଲିଙ୍କ ଇଜିଲାସରେ ତା।୦୫।୦୩।୨୦୨୫ରି ଖେ ସତ୍ୟାପନ ନଂ.- 72AA 183794ରେ କରିଥିବା ସତ୍ୟପାଠ ଅନୁଯାୟୀ ଜଣାଉଅଛି କି ଆମ୍ଭର ଆଇ ୰ଲାବଣ୍ୟ ଭଞ୍ଜ, ସ୍ୱା- ୰ରାମଚନ୍ଦ୍ର ଭଞ୍ଜ, ଗ୍ରାମ- କାକୁଡ଼ିକୋଶାଙ୍ଗ, ଥାନା- ପିପିଲିଙ୍କ ଇଚ୍ଛାରେ ତାଙ୍କ ଅଂଶରେ ପ୍ରତାପ ଭଞ୍ଜ ନାମରେ ପୋଷ୍ୟପୁତ୍ର ହୋଇ ସମସ୍ତ ସମ୍ପତ୍ତି ଭୋଗ ଦଖଲ କରିବାକୁ ଯାଉଅଛି। କାହାର କିଛି ଆପତ୍ତି ଥିଲେ ୭ଦିନ ମଧ୍ୟରେ ଜଣାଇବେ।
ସ୍ୱା.- ପ୍ରତାପ କୁମାର ଭଞ୍ଜ, କାକୁଡ଼ିକୋଶାଙ୍ଗ, ପିପିଲି ଧ-୩୨୭୦

By virtue of an affidavit sworn before Executive Magistrate, Udala, Mayurbhanj, No.-818, dated 03.03.2025, I, Ajay Mallik, Address: At-Talia, P.O.-Nudadiha, P.S.-Kaptipada, Dist.- Mayurbhanj, Odisha-757077 declare that I have changed my daughter's name from Rupali Mallik to Sonali Mallik. Henceforth, she shall be known as Sonali Mallik for all purposes . Ajay Mallik D-3256

By virtue of an affidavit in the Court of the Executive Magistrate, Talcher on 10.03.2025, I, Mamita Bisai has changed my name from Mamata Bisoyi to Mamita Bisai. Henceforth, I shall be known as Mamita Bisai instead of Mamata Bisoyi for all my future purposes. Sd./- Mamita Bisai D-3255

I, Pragyandipta Panda, S/o- Pradipta Kumar Panda, resident of Plot No.- 551, infront of Reliance Fresh, Sahid Nagar, Bhubaneswar, PIN- 751007, Odisha declare by this affidavit No.- 86/2025, dtd. 10.3.25 that now onwards I shall be known as **PRAGYANA DIPTA PANDA** for all future purposes. D-75839

By virtue of an affidavit sworn before the Executive Magistrate, BALIAPAL, on dated 10th March 2025, I, Mrs. SABITRI BISWAL, Address: AT-MADHUPURA, P.O.-PANCHARUKHI, P.S.- BALIAPAL, DIST.- BALASORE, PIN- 756026, Odisha, have changed my name from "SABITRI GIRI" to "SABITRI BISWAL". Henceforth, I shall be known as "SABITRI BISWAL" for all purposes. D-3261

"By virtue of an affidavit sworn before Executive Magistrate, Bhubaneswar, dated 23.03.24, I, Subhashree Barik, Address: Plot No.- 2251/52, Bhotapada, R.E.C. Road, Near Signature Arcade, Mancheswar, Bhubaneswar- 751017 have changed my daughter's name from "Sreedhesha Muduli" to "Shreedisha Barik". Henceforth, she shall be known as Shreedisha Barik for all purposes." D-3262

By virtue of an affidavit sworn before the Executive Magistrate, Nimapara on dated 12.02.2025 that Nazma Begum, At- Sagada Deuli, P.S.- Nimapara, Dist.- Puri, Odisha, PIN-752114. Aadhaar No.- xxxx xxxx 7905 declare that I have changed my name from Nazma Begum to New name Suhana Begum. Henceforth, she shall be known as Suhana Begum for all purpose. D-3266

By virtue of an affidavit sworn before the Notary Public, Jajpur, dated 05.03.25, I, Susanta Kumar Jena, Address: At-Badanapanga, P.O.- Bankamunha, Via- Debidwar, P.S.- Bhandaripokhari, Dist.- Bhadrak, PIN- 755007 declare that I have changed my son's name from Sai Prasad Jena to Sai Sriyanshu Jena. Henceforth, he shall be known as Sai Sriyanshu Jena for all purposes. Susanta Kumar Jena D-76428

By virtue of an affidavit sworn before Executive Magistrate, Bhadrak, I, Mangaraj Behera (41 yrs), S/o- Jatindra Behera, Vill/P.O.- Andheipalli, P.S.- Bhadrak (R), Dist.- Bhadrak declare that I have changed my name in my LIC Policy bearing No.- 587954668 from Satrughan Behera to Mangaraj Behera. Henceforth, Mangaraj Behera and Satrughan Behera same and one person. D-3269

Affidavit No.-184, dt- 10.03.2025 before Executive Magistrate, khurda, my name has changed from Tanmaya Kumar Mahapatra to Tanmaya Kumar Patra. Henceforth, I shall be known as Tanmaya Kumar Patra, D/o- Manoj Kumar Patra, At-Jhadeswarpur, P.O.- Haladia, Dist.-Cuttack for all purpose. D-3271


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


### ଏକାଦଶାହ ଉପଲକ୍ଷେ



**୰ଶିରିଶ ସାମଲ (ସାରି)**

ବୋଉ, ଜେଜମା, ପତ୍ନୀ, ଭଉଣୀ ଏମିତି କେତେ ରୂପରେ ତୁ ଏଇ ପରିବାରକୁ ସ୍ନେହ, ଶ୍ରଦ୍ଧା ଅଜାଡ଼ି ଦେଇ ବାନ୍ଧି ରଖିଥିଲୁ। ଏଇ ବନ୍ଧନର ଡୋରକୁ ଛିଣ୍ଡାଇ ଆମକୁ ଅନାଥ କରି ଦେଇଗଲୁ। ତୋ ସ୍ନେହମମତା ଆଉ ମାର୍ଗଦର୍ଶନର ଅପୂରଣୀୟ ଶୂନ୍ୟସ୍ଥାନ ଆମକୁ ସାରା ଜୀବନ ଆନ୍ଦୋଳିତ କରିବ। ତୋ ଆତ୍ମାର ସଦ୍‌ଗତି ତଥା ତୋର ଶୁଭାଶୀର୍ବାଦ ହିଁ କେବଳ ଏକମାତ୍ର କାମ୍ୟ ।

ଶୋକସନ୍ତପ୍ତ- ପୁଅ ହାରାଚାନ୍ଦ ସାମଲ ଓ ବୋହୂ ସରସ୍ୱତୀ, ହୃଷୀକେଶ ସାମଲ (ସ୍ୱାମୀ), ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ପୁତୁରା, ଝିଆରୀ, ପୁତୁରାବୋହୂ, ବନ୍ଧୁ ଓ ପରିବାରବର୍ଗ ।

ଧ-୩୨୬୭

### ଦଶମ ଶ୍ରାଦ୍ଧବାର୍ଷିକୀ



**୰ ଡଃ ନାରାୟଣ ଦାଶ**

ବାଲିଘାଟ, ତୀର୍ଥ ନିବାସ, ପୁରୀ
ଆବିର୍ଭାବ : ୦୧.୦୨.୧୯୪୮
ତିରୋଧାନ : ୧୨.୦୩.୨୦୧୫

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଉପଦେଶ ଓ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଏହା ହିଁ ଆମ୍ଭର ବିନମ୍ର ପ୍ରାର୍ଥନା।

**ଆପଣଙ୍କ ହତଭାଗିନୀ ସ୍ତ୍ରୀ ବୀଣାପାଣି ଦାଶ ଓ ପରିବାର ବର୍ଗ**

ଧ-୭୫୮୩୮

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ପଦ୍ମନାଭ ସାହୁ**

ଅରବିନ୍ଦନଗର, ପଣ୍ଡା କ୍ଲିନିକ୍ ନିକଟ, ନୟାଗଡ଼
ଆବିର୍ଭାବ : ୦୨.୧୦.୧୯୪୪
ତିରୋଧାନ: ୦୨.୦୩.୨୦୨୫

ଆପଣଙ୍କ ବିୟୋଗରେ ଆମେ ଅତ୍ୟନ୍ତ ମ୍ରିୟମାଣ । ଆପଣଙ୍କ ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।

**ଶୋକସନ୍ତପ୍ତ :**
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ଧ-୭୫୮୪୦




# ଫସଲ ଉତ୍ପାଦନରେ ବୋରନ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

କୌଶସି ଫସଲର ଶତପ୍ରତିଶତ ଅମଳ ପାଇବାକୁ ହେଲେ ୧୭ଗୋଟି ଖାଦ୍ୟ ଉପାଦାନ ମାଟିରେ ସୁଷମ ପରିମାଣରେ ରହିବା ଆବଶ୍ୟକ । ଉକ୍ତ ୧୭ ଗୋଟି ଖାଦ୍ୟ ଉପାଦାନ ମଧ୍ୟରୁ ବୋରନ୍ ବା ଟାଙ୍ଗଣା ଅନ୍ୟତମ । ବୋରନ୍ ଫସଲ ପାଇଁ ଏକ ଅଣୁଖାଦ୍ୟ ଉପାଦାନ । ମାଟିରେ ୧୬ ଗୋଟି ଖାଦ୍ୟ ଉପାଦାନ ଥାଇ ଯଦି ବୋରନ୍ ମାଟିରେ ଠିକ୍ ପରିମାଣରେ ନ ଥାଏ ତେବେ ଫସଲ ଅମଳରେ ବାଧା ଆସିବ । କାରଣ ବୋରନ ଅଭାବରେ ଫସଲ ତା'ର ଜୀବନ ଚକ୍ର ପରିପୂର୍ଣ୍ଣ କରିପାରିବ ନାହିଁ।

ବୋରନ୍ ଉଦ୍ଭିଦର ନିର୍ଦ୍ଦିଷ୍ଟ କେତେକ ଏନ୍‌ଜାଇମ୍‌କୁ ଠିକ୍ ରୂପେ କାର୍ଯ୍ୟକାରି କରି ଅନେକ ଯୌଗିକ ଜୈବ ପଦାର୍ଥ ପ୍ରସ୍ତୁତକରେ, ଯାହାକି ଫସଲ ଅଭିବୃଦ୍ଧିରେ ବିଶେଷ ସହାୟକ ହୁଏ । ଗଛରେ ପ୍ରସ୍ତୁତ ହେଉଥିବା ସରଳ ଶ୍ୱେତସାର ଖାଦ୍ୟକୁ ବୋରନ୍ ଫସଲର ଝିଲ୍ଲି ମଧ୍ୟ ଦେଇ ତା'ର ବିଭିନ୍ନ ଶାଖା ପ୍ରଶାଖାକୁ ପଠାଇବା ସହ ଜଟିଳ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତିରେ ସାହାଯ୍ୟ କରିଥାଏ। ଗଛର କୋଷର ବିଭାଜନରେ ବୋରନ୍ ସାହାଯ୍ୟ କରି ଫସଲର ଅଭିବୃଦ୍ଧି ଘଟାଏ । ବୋରନ୍ ମାଟିରୁ କ୍ୟାଲ୍‌ସିୟମ ଗ୍ରହଣ କରି ଫସଲର ପୋଟାସିୟମ୍ ଏବଂ କ୍ୟାଲ୍‌ସିୟମର ଅନୁପାତକୁ ସୁଦୃଢ଼ କରି ଝିଲ୍ଲି ପ୍ରସ୍ତୁତିରେ ସାହାଯ୍ୟ କରେ । ବୋରନ୍ ଫୁଲର ପରାଗ ନଳୀ, ପରାଗ ପେଟିକା, ପରାଗ ରେଣୁ ଗଠନକୁ ସୁଦୃଢ଼କରି ପରାଗ ସଙ୍ଗମରେ ସାହାଯ୍ୟ କରେ,ଯଦ୍ୱାରା ହୃଷ୍ଟପୁଷ୍ଟ ମଞ୍ଜି ସୃଷ୍ଟି ହୁଏ ।ବୋରନ୍ ଅଣୁଖାଦ୍ୟ ଉପାଦାନ ଅଭାବରେ ଗଛର ମୁକୁଳ ବଢ଼ିପାରେ ନାହିଁ । ଗଛର ନୂଆପତ୍ର ସାଧାରଣ ଗଠନଠାରୁ ମୋଟା ହୁଏ । ଗଛର କାଣ୍ଡ ମୋଟା ହୋଇ ଫାଟିଯାଏ । ଶସ୍ୟଜାତୀୟ ଫସଲର ସାଧାରଣ ଗଠନର ପରିବର୍ତ୍ତନ ଘଟେ । ଫସଲର ଫୁଲ ଆସିବାରେ ବାଧା ଆସେ। ପରାଗ ସଙ୍ଗମ ହୋଇ ନ ପାରି ଫୁଲ ଝଡ଼ିପଡ଼େ । କେତେକ ସ୍ଥଳରେ ଅପରିପକ୍ୱ ଫଳ ଆସେ । ଫଳରେ ମଞ୍ଜି ସୃଷ୍ଟି ହୁଏ ନାହିଁ। ଶ୍ୱେତସାର ଜାତୀୟ ଫସଲର କାଣ୍ଡ ଫୁଲି ନ ପାରି ଫାଟିଯାଏ। ଧାନ ଫସଲର ଅଗାଡ଼ି ସଂଖ୍ୟା ଅଧିକ ହୁଏ । ମକାରେ ମଞ୍ଜି ହୋଇପାରେ ନାହିଁ। ଫୁଲକୋବି ଧଳା ନ ହୋଇ ବାଦାମୀ ରଙ୍ଗର ହୁଏ ଏବଂ କାଣ୍ଡ ଫମ୍ପାହୋଇ ଭିତର ଅଂଶ କଳାପଡ଼େ । ମୂଳା, ଗାଜର, ବିଟ୍ ଏବଂ ଆଳୁ ବଢ଼ି ନ ପାରି ଫାଟେ । ଆଳୁକୁ କାଟିଲେ ଭିତର ଅଂଶ ବାଦାମୀ ରଙ୍ଗ ହୁଏ । ଆଳୁ ଗଛର କାଣ୍ଡ ଛୋଟ ହୁଏ ଏବଂ ଗୋଛାଳିଆ ହୋଇ ବଢ଼େ । ସୂର୍ଯ୍ୟମୁଖୀର କାଣ୍ଡ ଫାଟେ, ଫୁଲ ଛୋଟ ହୁଏ ଏବଂ ଡେମ୍ଫରୁ ଭାଙ୍ଗିଯାଏ। ଚିନାବାଦାମର ଶସ୍ୟ ଛୋଟ ହୁଏ ଏବଂ ଭିତର ଅଂଶ କଳା ପଡ଼େ । କପାଗଛର କାଣ୍ଡର ପବ ଛୋଟ ହୁଏ ଏବଂ ଫଳ ଛୋଟ ହୋଇ ଝଡ଼ିପଡେ । ବିଲାତି ବାଇଗଣର ପତ୍ର ସବୁଜ ନ ହୋଇ କମଳା ରଙ୍ଗର ହୁଏ । ଲେମ୍ବୁଗଛର ନୂଆ ମୁକୁଳ ବଢ଼ି ନ ପାରି ମରିଯାଏ । ଲେମ୍ବୁ ଛୋଟ ଏବଂ ଟାଣ ହୁଏ । ନଡ଼ିଆ ଗୋଟମା ଅପରିପକ୍ୱ ଅବସ୍ଥାରେ ଝଡ଼ି ପଡ଼େ । ପଇଡ଼ ଭିତରେ ପାଣି ଏବଂ ଶସ ହୋଇ ନ ପାରି ଫମ୍ପା ହୁଏ। ଶସ୍ୟ ହେଲେ କଳାରଙ୍ଗ ହୁଏ।

"ବୋରନ୍ ଅଣୁଖାଦ୍ୟ ଉପାଦାନ ଅଭାବରେ ଗଛର ମୁକୁଳ ବଢ଼ିପାରେ ନାହିଁ। ଗଛର ନୂଆପତ୍ର ସାଧାରଣ ଗଠନଠାରୁ ମୋଟା ହୁଏ । ଗଛର କାଣ୍ଡ ମୋଟା ହୋଇ ଫାଟିଯାଏ । ଶସ୍ୟଜାତୀୟ ଫସଲର ସାଧାରଣ ଗଠନର ପରିବର୍ତ୍ତନ ଘଟେ । ଫସଲର ଫୁଲ ଆସିବାରେ ବାଧା ଆସେ । ପରାଗ ସଙ୍ଗମ ହୋଇ ନ ପାରି ଫୁଲ ଝଡ଼ିପଡ଼େ । କେତେକ ସ୍ଥଳରେ ଅପରିପକ୍ୱ ଫଳ ଆସେ । ଫଳରେ ମଞ୍ଜି ସୃଷ୍ଟି ହୁଏ ନାହିଁ । ଶ୍ୱେତସାର ଜାତୀୟ ଫସଲର କାଣ୍ଡ ଫୁଲି ନ ପାରି ଫାଟିଯାଏ । ଧାନ ଫସଲର ଅଗାଡ଼ି ସଂଖ୍ୟା ଅଧିକ ହୁଏ ।"



ବାଲିଆ, ଦୋରସା ବାଲିଆ ଏବଂ ବାଲିଆ ଦୋରସା ମାଟିରେ ବୋରନ୍ ବାନ୍ଧିହୋଇ ନ ପାରି ବର୍ଷାଜଳ ଦ୍ୱାରା ଧୋଇହୋଇ ନଷ୍ଟ ହୁଏ । ଅଧିକ ଥର ଜଳସେଚ଼ନ ଦ୍ୱାରା ବୋରନ୍ ମାଟିରୁ ଧୋଇ ନଷ୍ଟହୁଏ । ମାଟି ପରୀକ୍ଷାରୁ ବୋରନ୍ ପରିମାଣ ହେକ୍ଟର ପ୍ରତି ୧.୦ କିଲୋ ଗ୍ରାମରୁ କମ୍ ହେଲେ ମାଟିରେ ବୋରନ୍‌ର ଅଭାବ ଥାଏ । ଓଡ଼ିଶାର ବିଭିନ୍ନ ଜିଲାର ମାଟି ପରୀକ୍ଷାରୁ ରାଜ୍ୟର ସମୁଦାୟ ଚାଷଜମିର କ୍ଷେତ୍ରଫଳର ଶତକଡ଼ା ୫୮ଭାଗ ମାଟିରେ ବୋରନ୍ ଅଭାବ ରହିଛି ବୋଲି ଜଣାପଡିଛି। ସେଥିମଧ୍ୟରୁ କୋରାପୁଟ ଜିଲାରେ ସବୁଠାରୁ ଅଧିକ ଅର୍ଥାତ୍ ୮୯ ଶତକଡ଼ା ଜମିରେ ବୋରନ୍ ଅଭାବ ରହିଛି । ବୌଦ୍ଧ ଏବଂ ଗଞ୍ଜାମ ଜିଲାର ଯଥାକ୍ରମେ ୮୧ ଏବଂ ୮୦ ଶତକଡ଼ା ଜମିରେ ବୋରନ୍ ଅଭାବ ଅଛି । ବଲାଙ୍ଗୀର, ବରଗଡ଼ ଏବଂ ଯାଜପୁର ଜିଲାର ଯଥାକ୍ରମେ ୭୨,୬୬ ଏବଂ ୬୫ ଶତକଡ଼ା ଜମିର ବୋରନ୍ ଅଭାବ ରହିଛି। ଅନ୍ୟାନ୍ୟ ଜିଲାରେ ଶତକଡ଼ା ୨୦ ରୁ ୫୧ ଭାଗ ଜମିରେ ବୋରନ୍ ଅଭାବ ଥିବା ପରୀକ୍ଷାରୁ ଜଣା ପଡ଼ିଛି ।

ବୋରନ୍ ଅଭାବ ଥିବା ମାଟିରେ ବୋରନ୍ ସାର ଫସଲରେ ପ୍ରୟୋଗ କରାଯାଏ । ବଜାରରେ ବିକ୍ରି ହେଉଥିବା ବୋରନ୍ ସାର ମଧ୍ୟରେ ବୋରାକ୍ସ, ବୋରିକ୍ ଏସିଡ୍, ସଲ୍ୟୁବୋର, ବୋରନେଟେଡ୍ ଏସ୍ଏସ୍‌ପି ଏବଂ ବୋରନେଟେଡ୍ ଜିପ୍‌ସମ୍ ମୁଖ୍ୟ । ବୋରାକ୍ସ ଦୁଇଟି ଗ୍ରେଡ୍‌ର ଯଥା ଶତକଡ଼ା ୧୧ ଏବଂ ଶତକଡ଼ା ୧୫ ମିଳେ । ବୋରିକ୍ ଏସିଡ୍‌ରେ ଶତକଡ଼ା ୧୭.୫ ଏବଂ ସଲ୍ୟୁବୋରରେ ଶତକଡ଼ା ୨୦.୫ ଭାଗ ବୋରନ୍ ଥାଏ । ବୋରନେଟେଡ୍ ଜିପ୍‌ସମ୍‌ରେ ଶତକଡ଼ା ୧.୫ ରୁ ୩.୦ ଭାଗ ଏବଂ ବୋରନେଟେଡ୍ ଏସ୍ଏସ୍‌ପିରେ ସବୁଠାରୁ କମ୍ ଅର୍ଥାତ୍ ଶତକଡ଼ା ୦.୧୮ ଭାଗ ବୋରନ୍ ଥାଏ । ଆମ ରାଜ୍ୟରେ କୃଷି ବିଭାଗ ଦ୍ୱାରା ଶତକଡ଼ା ୧୧ ଭାଗ ବୋରନ୍ ଥିବା ବୋରାକ୍ସକୁ ଅନୁମୋଦନ କରାଯାଉଛି ।

ବୋରାକ୍ସକୁ ସିଧାସଳଖ ମାଟିରେ କିମ୍ବା ପତ୍ରଛିଞ୍ଚା ଭାବେ ପ୍ରୟୋଗ କରାଯାଇପାରେ। ମାଟିରେ ପ୍ରୟୋଗ ପାଇଁ ବୋରାକ୍ସ ହେକ୍ଟର ପିଛା ୧୦ କି.ଗ୍ରା. ଆବଶ୍ୟକ ହୁଏ । ମଞ୍ଜି ବୁଣା କିମ୍ବା ଚାରା ରୁଆ ସମୟରେ ବୋରାକ୍ସକୁ ଧାଡ଼ିରେ ପ୍ରୟୋଗ କରାଯାଏ । ଫସଲ ପାଇଁ ଅନୁମୋଦିତ ସିଙ୍ଗଲ ସୁପର ଫସ୍‌ଫେଟ୍ ସହ ବୋରାକ୍ସକୁ ମିଶାଇ ଧାଡ଼ିରେ ପ୍ରୟୋଗ କରାଯାଇପାରେ । ସିଙ୍ଗଲ ସୁପର ଫସ୍‌ଫେଟ୍ ପ୍ରୟୋଗ ହୋଇ ନ ଥିଲେ, ଅନୁମୋଦିତ ବୋରାକ୍ସର ୪ ରୁ ୫ ଗୁଣ ଗୁଣ୍ଡଖତ କିମ୍ବା ବାଲି ମିଶାଇ ପ୍ରୟୋଗ କରାଯାଇପାରେ । ଠିଆ ଫସଲରେ ବୋରନ୍ ଅଭାବଜନିତ ଲକ୍ଷଣ ଦେଖାଦେଲେ ବୋରାକ୍ସକୁ ପତ୍ରଛିଞ୍ଚା କରାଯାଇପାରେ । ଏଥିପାଇଁ ଶତକଡ଼ା ୦.୩ଭାଗ ବୋରାକ୍ସ ଅର୍ଥାତ୍ ୧୦ଲିଟର ପାଣିରେ ୩୦ ଗ୍ରାମ ଦ୍ରବଣ ପ୍ରସ୍ତୁତକରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ରଛିଞ୍ଚା କରାଗଲେ ଫସଲରୁ ବୋରନ୍‌ର ଅଭାବ ଦୂର ହୁଏ । ବୋରାକ୍ସ ମାଟିରୁ ବର୍ଷା କିମ୍ବା ଜଳସେଚନ ଦ୍ୱାରା ଶୀଘ୍ର ଧୋଇ ନଷ୍ଟ ହୁଏ । ତେଣୁ ପ୍ରତ୍ୟେକ ଫସଲ ଅମଳ ପରେ ମାଟି ପରୀକ୍ଷାକରି ବୋରନ୍‌ର ସ୍ଥିତି ଜାଣିବା ଉଚିତ । ମାଟି ପରୀକ୍ଷା ହୋଇ ନ ପାରିଲେ ଠିଆ ଫସଲର ବୋରନ୍ ଅଭାବ ଜନିତ ଲକ୍ଷଣ ଜାଣି ବୋରାକ୍ସ ପତ୍ରଛିଞ୍ଚା କରିବା ଉଚିତ । ବରଗଡ଼ ଜିଲାରେ ଅଧିକ ଅମଳକ୍ଷମ ଧାନରେ ବୋରାକ୍ସ ପ୍ରୟୋଗ କରାଯାଇ ୧୫ରୁ ୨୦ ଶତକଡ଼ା ଅଧିକ ଅମଳ ମିଳିବାର ପ୍ରମାଣ ମିଳିଛି । ସେହିପରି ରବି ପନିପରିବାରେ ବୋରାକ୍ସ ପ୍ରୟୋଗ କରାଯାଇ ୨୫ରୁ ୩୦ ଶତକଡ଼ା ଅଧିକ ମିଳିଛି ।

-ଶୈଳଶ୍ରୀବିହାର, ୭ମ ପର୍ଯ୍ୟାୟ,
ଭୁବନେଶ୍ୱର
ମୋ- ୯୫୫୬୨୬୬୦୮୫



# ସବୁଜ ଗୋଖାଦ୍ୟ ଫସଲ

ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

## ଚାଷୀଙ୍କ ପାଇଁ



- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଡଙ୍ଗରରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।
- ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡ଼ାଙ୍କର ନାଳିଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।
- କୁକୁଡ଼ାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

-ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।

# ରଜନୀଗନ୍ଧା ୩୦ ଦିନର ହୋଇଥିଲେ...

ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ' ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର) ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡ଼ିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

# ଅଣଧାନ ଫସଲ ଚାଷ




ଧାନ ବଦଳରେ ଅଣଧାନ ଫସଲ ଯଥା ମକା-ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃ ଫସଲ ଚାଷ କରନ୍ତୁ। ଢିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃ ଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

# ଅଧିକ ଅମଳକ୍ଷମ ହଳଦୀ କିସମ



ରୋମା,ସୁରମା,ରଙ୍ଗ,ରଶ୍ମି ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର । ହଳଦୀ ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆକୁ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ୧ମିଟର ଓସାର ,୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମି.ଲି. ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନକରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର୍ ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ ,୧୨କି.ଗ୍ରା. ଫସ୍‌ଫରସ୍,୩୬ କି.ଗ୍ରା. ପଟାସ ୩ ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ବୁଧବାର, ୧୨ ମାର୍ଚ୍ଚ, ୨୦୨୫ | Bhubaneswar, Wednesday, 12 March, 2025

## ସରିତାଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ



**ଭୁବନେଶ୍ୱର, ୧୧।୩(ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ୭ମ ଜାତୀୟ ମାଷ୍ଟର୍ସ ଗେମ୍ସରେ ଓଡ଼ିଶାର ସରିତା ମିଶ୍ର ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୫୦୦ ମିଟରରେ ସ୍ୱର୍ଣ୍ଣ ଓ ୫୦୦୦ ମିଟରରେ ରୌପ୍ୟ ଜିତିଛନ୍ତି। ଭୁବନେଶ୍ୱର ଗୌତମ ନଗର ନିବାସୀ ସରିତା ଏହା ପୂର୍ବରୁ ଓଡ଼ିଶା ମହିଳା ଫୁଟ୍‌ବଲ ଦଳର ସଦସ୍ୟା ଥିଲେ। ଫୁଟ୍‌ବଲ ସହ ଆଥ୍‌ଲେଟିକ୍ସରେ ମଧ ସେ ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି।

# ଡବ୍ଲ୍ୟୁଏଫ୍‌ଆଇ ଉପରୁ ବାସନ୍ଦ ହଟିଲା

## ଏନ୍‌ଏସ୍‌ଏଫ୍ ମାନ୍ୟତା ଫେରାଇଲା କ୍ରୀଡ଼ା ମନ୍ତ୍ରଣାଳୟ

**ନୂଆଦିଲ୍ଲୀ,୧୧।୩(ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଉପରୁ କ୍ରୀଡ଼ା ମନ୍ତ୍ରଣାଳୟ ମଙ୍ଗଳବାର ବାସନ୍ଦାଦେଶ ହଟାଇ ଦେଇଛି। ଏଥିଯୋଗୁ ଦେଶରେ କୁସ୍ତିକୁ ନେଇ ଗତ ୧୫ ମାସ ହେଲା ଦେଖାଦେଇଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ଫଳରେ ଅମ୍ମାନଠାରେ ହେବାକୁ ଥିବା ଆଗାମୀ ଏସିଆନ ଚାମ୍ପିୟନଶିପ ଲାଗି ସିଲେକ୍ସନ ଟ୍ରାଏଲ୍ସ ଆୟୋଜନ ହେବାର ବାଟ ଫିଟିଛି।

ପରିଚାଳନାଗତ ତ୍ରୁଟି ଲାଗି ଡବ୍ଲ୍ୟୁଏଫଆଇର ନବ ନିର୍ବାଚିତ କାର୍ଯ୍ୟକାରୀ ପରିଷଦକୁ ୨୦୨୩ ଡିସେମ୍ବର ୨୭ତାରିଖରେ ମନ୍ତ୍ରଣାଳୟ ପକ୍ଷରୁ ବାସନ୍ଦ କରାଯାଇଥିଲା। ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶରେ କୁହାଯାଇଛି, ଡବ୍ଲ୍ୟୁଏଫଆଇ ତା'ର ତ୍ରୁଟି ସୁଧାରିବା ପାଇଁ ଦୃଷ୍ଟିମୂଳକ ପଦକ୍ଷେପ ନେଇଛି। ଏଣୁ କ୍ରୀଡ଼ା ଓ ଆଥ୍‌ଲେଟଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ବାସନ୍ଦାଦେଶ ଉଠାଇବାକୁ ନିଷ୍ପତ୍ତି ନେଇଛି। ଡବ୍ଲ୍ୟୁଏଫଆଇ ଏବେ ବି ପୂର୍ବତନ ସଭାପତି ବ୍ରିଜ ଭୂଷଣ ଶରନ ସିଂଙ୍କ ଘରୁ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା। ଏଥିଯୋଗୁ ମନ୍ତ୍ରଣାଳୟ ପକ୍ଷରୁ ଏକ ଭେରିଫିକେଶନ କମିଟି ଗଠନ କରାଯାଇଥିଲା। ଏହି କମିଟିର ତଦନ୍ତ ପରେ ଫେଡେରେଶନର କାର୍ଯ୍ୟାଳୟ ନୂଆଦିଲ୍ଲୀରେ ଇଷ୍ଟ ବିନୋଦ ନଗରକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଥିଲା।




ଫେଡେରେଶନ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଏବଂ କାର୍ଯ୍ୟକାରୀ ପରିଷଦର ଅନୁପସ୍ଥିତି ୨୦୨୬ ଏସିଆନ ଗେମ୍ସ ଓ ୨୦୨୮ ଅଲିମ୍ପିକ ଗେମ୍ସରେ ଭାରତୀୟ କୁସ୍ତି ଯୋଦ୍ଧାଙ୍କ ପଦକ ସମ୍ଭାବନା ପ୍ରଭାବିତ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛି। ତେବେ ମନ୍ତ୍ରଣାଳୟ ପକ୍ଷରୁ ଡବ୍ଲ୍ୟୁଏଫଆଇକୁ କିଛି ନିର୍ଦ୍ଦିଷ୍ଟ ନିୟମକୁ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫେଡେରେଶନକୁ ନିର୍ବାଚିତ କର୍ମକର୍ତ୍ତାଙ୍କ ମଧ୍ୟରେ ଶକ୍ତିର ସନ୍ତୁଳନ ନିଶ୍ଚିତ କରିବାକୁ ପଡ଼ିବ ଏବଂ କାର୍ଯ୍ୟକାରୀ ପରିଷଦକୁ ନିଲମ୍ବିତ ଅଧିକାରୀଙ୍କଠାରୁ ଦୂରେଇବା ଦରକାର। ଏ ସମ୍ପର୍କରେ କାର୍ଯ୍ୟକାରୀ ପରିଷଦକୁ ୪ ସପ୍ତାହ ମଧ୍ୟରେ ଅଣ୍ଡରଟେକିଂ ଦେବାକୁ ପଡ଼ିବ। ଅଣ୍ଡରଟେକିଂର ଉଲ୍ଲଂଘନ କଲେ ଉଚିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ସ୍ପୋର୍ଟ୍ସ କୋଡ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହିତ ସମସ୍ତ ଅନ୍ତର୍ଜାତୀୟ ଇଭେଣ୍ଟ ଲାଗି ସମସ୍ତ ଚୟନ ପ୍ରକ୍ରିୟା ବେଳେ ସ୍ପୋର୍ଟ୍ସ କୋଡ୍ ମୁତାବକ, ସ୍ୱଚ୍ଛ, ନିରପେକ୍ଷ ଓ ପାରଦର୍ଶିତା ଅବଲମ୍ବନ କରାଯାଉଥିବା ଡବ୍ଲ୍ୟୁଏଫଆଇକୁ ନିଶ୍ଚିତ କରିବାକୁ ପଡ଼ିବ।

ଏଭଳି ନିଷ୍ପତ୍ତି ନେବା ଲାଗି ମୁଁ ସରକାରଙ୍କୁ ଧନ୍ୟବାଦ ଦେଉଛି। ଏହା ଆମକୁ ଉଚିତ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦେବ। ଦେଶରେ କୁସ୍ତିର ମଙ୍ଗଳ ପାଇଁ ଏହାର ଆବଶ୍ୟକତା ଥିଲା। ଆଥଲେଟଙ୍କୁ ଆବଶ୍ୟକ ପରିମାଣରେ ପ୍ରତିଯୋଗିତାରେ ଖେଳିବାକୁ ସୁଯୋଗ ମିଳୁ ନ ଥିଲା। ଆମେ ଏକ ନୂଆ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରି ସାରିଛୁ। ଖୁବ ଶୀଘ୍ର ଆମେ କାର୍ଯ୍ୟକାରୀ ପରିଷଦ ବୈଠକ ଡକାଇବୁ ଏବଂ ସିଲେକ୍ସନ ଟ୍ରାଏଲ୍ସ ଲାଗି ସର୍କ୍ୟୁଲାର ଜାରି କରିବୁ। ସରକାରଙ୍କ ନିର୍ଦ୍ଦେଶ ପାଳନ କରିବାରେ ଆମର କୌଣସି ଅସୁବିଧା ନାହିଁ ବୋଲି ସଭାପତି ସଞ୍ଜୟ ସିଂ କହିଛନ୍ତି।

### 'ରେସ୍‌ଲିଂ ସହ ଜଡ଼ିତ ବ୍ୟକ୍ତିଙ୍କ ଲାଗି ଏକ ଉପହାର'

**ଗୋଣ୍ଡା(ଉତ୍ତରପ୍ରଦେଶ), ୧୧।୩(ପି.ଟି.)**

ଡବ୍ଲ୍ୟୁଏଫଆଇ ଉପରୁ କ୍ରୀଡ଼ା ମନ୍ତ୍ରଣାଳୟ ବାସନ୍ଦାଦେଶ ହଟାଇବାକୁ ନେଇଥିବା ନିଷ୍ପତ୍ତିକୁ ପୂର୍ବତନ ସଭାପତି ବ୍ରିଜ ଭୂଷଣ ଶରନ ସିଂ ମଙ୍ଗଳବାର ପ୍ରଶଂସା କରିବା ସହ ନ୍ୟାୟ ହୋଇଛି ଏବଂ ଷଡ଼ଯନ୍ତ୍ରକାରୀ ସଫଳ ହୋଇପାରିଲେ ନାହିଁ ବୋଲି କହିଛନ୍ତି। ନିର୍ବାଚନର ୩ ଦିନ ପରେ ତ୍ରୁଟିପୂର୍ଣ୍ଣ ପରିଚାଳନା ଲାଗି ବାସନ୍ଦ ହୋଇଥିବା ଡବ୍ଲ୍ୟୁଏଫଆଇକୁ କ୍ରୀଡ଼ା ମନ୍ତ୍ରଣାଳୟ ତା'ର ଜାତୀୟ କ୍ରୀଡ଼ା ମହାସଂଘ ମାନ୍ୟତା ଫେରାଇ ଦେଇଛି। ଭିନେଶ ଫୋଗତ, ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କ ଭଳି ଦେଶର ଟପ କୁସ୍ତିଯୋଦ୍ଧାମାନେ ବ୍ରିଜ ଭୂଷଣ ଶରନଙ୍କ ବିରୋଧରେ ଜୁନିୟର ରେସଲରଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ କରିଥିଲେ। ଏଥିଲାଗି ୨୦୨୩ ଜାନୁୟାରୀରେ ଜନ୍ତର ମନ୍ତରରେ ଧାରଣା ଦେଇ ବ୍ରିଜ ଭୂଷଣଙ୍କ ଗିରଫଦାରି ଓ ଡବ୍ଲ୍ୟୁଏଫଆଇରେ ଅମୂଳଚୂଳ ପରିବର୍ତ୍ତନ ଦାବି କରିଥିଲେ। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ଥିବା ବେଳେ ବ୍ରିଜ ଭୂଷଣଙ୍କ ଘନିଷ୍ଠ ସଞ୍ଜୟ ସିଂ ସେହି ବର୍ଷ ନିର୍ବାଚନ ଜିତିଥିଲେ। ଆଇଓଏ ଦ୍ୱାରା ଗଠିତ ଆଡ-ହକ ପ୍ୟାନେଲ କିଛି ମାସ ପର୍ଯ୍ୟନ୍ତ ଡବ୍ଲ୍ୟୁଏଫଆଇର କାର୍ଯ୍ୟଭାର ତୁଲାଇଥିଲେ।

୨୬ ମାସ ଧରି ଅନେକ ଷଡ଼ଯନ୍ତ୍ର କରାଯାଇଥିଲା, ଅନେକ ମିଛ ଅଭିଯୋଗ ଅଣାଯାଇଥିଲା ଓ ଭାରତୀୟ କୁସ୍ତିକୁ ଭାଗ ଭାଗ କରିବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ ଷଡ଼ଯନ୍ତ୍ରକାରୀ ସେମାନଙ୍କ ଲକ୍ଷ୍ୟ ହାସଲ କରିବାରେ ସଫଳ ହେଲେ ନାହିଁ। ଏହି ବିବାଦ ଯୋଗୁ ଭାରତୀୟ ଦଳ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇପାରିଲା ନାହିଁ। ସେମାନଙ୍କ ଟ୍ରେନିଂ କ୍ୟାମ୍ପ ଓ ଖେଳ ବାଧାପ୍ରାପ୍ତ ହୋଇଥିଲା। ହୋଲି ପୂର୍ବରୁ ରେସଲିଂ ସହ ଜଡ଼ିତ ସଭିଙ୍କ ଲାଗି ଏହା ଏକ ଉପହାର। ଏଭଳି ପରିସ୍ଥିତି ଖେଳରେ ଦେଖାଦିଏ। କିନ୍ତୁ ବର୍ତ୍ତମାନ ନ୍ୟାୟ ହୋଇଛି ବୋଲି ପୂର୍ବତନ ଭାଜପା ଏମ୍‌ପି କହିଛନ୍ତି।

# କିଟ୍ ମହିଳା କ୍ରିକେଟ ଦଳକୁ ସର୍ବଭାରତୀୟ ଯୋଗ୍ୟତା



କିଟ୍ ମହିଳା କ୍ରିକେଟ ଦଳ।

**ଭୁବନେଶ୍ୱର, ୧୧।୩ (ତପନ ସ୍ୱାଇଁ)**

ଇଷ୍ଟ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍ ମହିଳା ଦଳ ସର୍ବଭାରତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ ସହଯୋଗରେ ପୂର୍ବାଞ୍ଚଳ ପ୍ରତିଯୋଗିତା କିଟ୍ ପରିସରରେ ଅନୁଷ୍ଠିତ ହେଉଛି। ମଙ୍ଗଳବାର ତୃତୀୟ ଦିବସରେ କିଟ୍ ମହିଳା ଦଳ ୬୮ ରନରେ ଅଟଳ ବିହାରୀ ବାଜପାୟୀ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି।

## କୁଶ ମାଇନି ରିଜର୍ଭ ଡ୍ରାଇଭର

**ଲଣ୍ଡନ, ୧୧।୩(ପି.ଟି.)**

ମାର୍ଚ୍ଚ ୧୬ରେ ମେଲବୋର୍ନରେ ସିଜନ ଓପନ୍‌ର ପୂର୍ବରୁ ଭାରତର କୁଶ ମାଇନି ଅଲ୍‌ପାଇନ୍ ଫର୍ମୁଲା-୧ ଟିମ୍‌ର ରିଜର୍ଭ ଡ୍ରାଇଭରକୁ ପଦୋନ୍ନତି ପାଇଛନ୍ତି। ମାଇନି ଫର୍ମୁଲା-୧ର ଏକ ଫିଡର ସିରିଜ ଫର୍ମୁଲା-୨ର ବିଭିନ୍ନ ରେସ୍‌ରେ ଭାଗ ନେଇସାରିଛନ୍ତି। ବେଙ୍ଗାଲୁରୁର ଏହି ୨୪ ବର୍ଷୀୟ ୨୦୨୩ ଅକ୍ଟୋବରରେ ଅଲ୍‌ପାଇନର ଜୁନିୟର ଡ୍ରାଇଭର ପ୍ରୋଗ୍ରାମରେ ସାମିଲ ହୋଇ ଫ୍ରାନ୍‌କୋ କୋଲାପିଣ୍ଟୋ, ପଲ୍ ଆରନ ଓ ରିଓ ହିରାକାୱାଙ୍କ ସହ ଯୋଗ ଦେଇଛନ୍ତି। ଦୀର୍ଘ ୭୫ ବର୍ଷର ଫର୍ମୁଲା-୧ ଇତିହାସରେ ଟିମ୍‌ଗୁଡ଼ିକ ଜଣେ ଲେଖାଏଁ ରିଜର୍ଭ ଡ୍ରାଇଭର ରଖିଆସୁଥିଲେ। ବର୍ତ୍ତମାନ ଏହି ବିଚାରଧାରା ବଦଳିଛି। ଏବେ ଟିମ୍‌ଗୁଡ଼ିକ ଏକାଧିକ ରିଜର୍ଭ ଡ୍ରାଇଭର ରଖୁଛନ୍ତି। ନାରାୟଣ କାର୍ତ୍ତିକେୟନ ଓ କରୁଣ ଚାଣ୍ଡୋକ୍‌ଙ୍କ ପରେ ମାଇନି ତୃତୀୟ ଭାରତୀୟ ଭାବେ ଫର୍ମୁଲା ୱାନ୍‌ରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଭାରତୀୟ ରେସର ତାଙ୍କର ତୃତୀୟ ଫର୍ମୁଲା-୧ ସିଜନରେ ଡାମ୍ସ ତରଫରୁ ପ୍ରତିନିଧିତ୍ୱ କରିବେ।

## ପାକିସ୍ତାନ କ୍ରିକେଟ ଆଇସିୟୁରେ ଅଛି

**କରାଚୀ,୧୧।୩(ପି.ଟି.)**

ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ ଜାତୀୟ ଟି୨୦ ଦଳକୁ ଅଲରାଉଣ୍ଡର ଶଦାବ ଖାନଙ୍କ ପ୍ରତ୍ୟାବର୍ତ୍ତନ ଉପରେ ପ୍ରଶ୍ନ ଉଠାଇବା ସହ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ପାକିସ୍ତାନ କ୍ରିକେଟ ଆଇସିୟୁରେ ଥିବା କହିଛନ୍ତି। ଗତ ଟି୨୦ ବିଶ୍ୱକପ୍‌ଠାରୁ ଜାତୀୟ ଦଳରୁ ବାଦ ପଡ଼ିଥିବା ଶଦାବଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଲାଗି ଘୋଷିତ ପାକିସ୍ତାନ ଟି୨୦ ଦଳର ଉପ ଅଧିନାୟକ କରାଯାଇଛି। ସଲମାନ ଅଲୀ ଆଘାଙ୍କୁ ଦଳର ନେତୃତ୍ୱ ଭାର ଦିଆଯାଇଛି। କେଉଁ ଆଧାରରେ ତାଙ୍କୁ ଦଳରେ ସାମିଲ କରାଯାଇଛି। ଘରୋଇ କ୍ରିକେଟରେ ତାଙ୍କ ପ୍ରଦର୍ଶନ କେଉଁ ଭଳି ରହିଛି। ତାଙ୍କୁ ପୁଣି ଥରେ କାହିଁକି ଚୟନ କରାଯାଇଛି, ତାହା ବୁଝାପଡୁ ନାହିଁ। ଯେତେବେଳେ ଏକ ବଡ଼ ଇଭେଣ୍ଟ ଆସେ, ଆମେ ପ୍ରସ୍ତୁତି ସମ୍ପର୍କରେ କଥା ହେଉ। ଆମେ ଯେତେବେଳେ ଫ୍ଲପ ହୋଇଯାଉ, ଆମେ ସର୍ଜରୀ ସମ୍ପର୍କରେ କଥା ହେଉ। ସତ କଥା ହେଲା ଯେ, ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି କାରଣରୁ ପାକିସ୍ତାନ କ୍ରିକେଟ ବର୍ତ୍ତମାନ ଆଇସିୟୁରେ ଅଛି। ଆମ ବୋର୍ଡର ନିଷ୍ପତ୍ତି ଓ ନୀତିରେ କୌଣସି ସ୍ଥିରତା ନାହିଁ। ଆମେ ନେତୃତ୍ୱ, କୋଚ ଓ ଦଳରେ କିଛି ଖେଳାଳିଙ୍କୁ ପରିବର୍ତ୍ତନ କରୁ। କିନ୍ତୁ ବୋର୍ଡ ଅଧିକାରୀଙ୍କ ଉତ୍ତର ଦାୟିତ୍ୱ କ'ଣ ବୋଲି ଆଫ୍ରିଦୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏତଦ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଯଦି ଆମ ଅଧିନାୟକ ଓ କୋଚଙ୍କ ଉପରେ ସର୍ବଦା ଖଣ୍ଡା ଝୁଲିବ, ତେବେ ଆମ କ୍ରିକେଟ କେଉଁ ଭଳି ଉନ୍ନତି କରିବ। ବର୍ତ୍ତମାନ ପିସିବି ଦାୟିତ୍ୱରେ ଥିବା ମହସିନ ନକଭି ଜଣେ ସକରାତ୍ମକ ବ୍ୟକ୍ତି। କିନ୍ତୁ ସତ କଥା ହେଲା, ତାଙ୍କୁ କ୍ରିକେଟ ବିଷୟରେ ଅଧିକ କିଛି ଜଣା ନାହିଁ। ସେ ପାକିସ୍ତାନ ପାଇଁ ଭଲ କରିବାକୁ ଚାହୁଁଛନ୍ତି।



ନୂଆଦିଲ୍ଲୀରେ ମଙ୍ଗଳବାର ଆରମ୍ଭ ହୋଇଥିବା ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଁ ପ୍ରିରେ ଭାରତର ସାଗର ଏଫ୍୧୧ ବର୍ଗରେ ଡିସ୍‌କସ୍ ଥ୍ରୋ କରୁଛନ୍ତି।

# ଗ୍ରୁପ୍ 'ବି'ରେ ଭାରତ

### ୧୯ ବର୍ଷରୁ କମ୍ ସାଫ୍ ଫୁଟ୍‌ବଲ

**ନୂଆଦିଲ୍ଲୀ, ୧୧।୩(ପି.ଟି.)**

କାଠମାଣ୍ଡୁଠାରେ ମଙ୍ଗଳବାର ୧୯ ବର୍ଷରୁ କମ୍ ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍ ପାଇଁ ଡ୍ର' ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ଗ୍ରୁପ୍ 'ବି'ରେ ନେପାଳ ଓ ଶ୍ରୀଲଙ୍କା ସହ ସ୍ଥାନ ପାଇଛି। ମାଲଡିଭ୍ସ, ଭୁଟାନ ଓ ବାଂଲାଦେଶ ଗ୍ରୁପ୍ 'ଏ'ରେ ରହିଛନ୍ତି। ୨୦୨୪ ଡିସେମ୍ବରରେ ଫିଫା ର୍‍ୟାଙ୍କିଙ୍ଗ୍ ଅନୁସାରେ ଦଳଗୁଡ଼ିକୁ ସିଡେଡ୍ କରାଯାଇଛି। ଅରୁଣାଚଳ ପ୍ରଦେଶର ୟୁପିଆସ୍ଥିତ ଗୋଲ୍ଡେନ ଜୁବିଲି ଷ୍ଟାଡିୟମରେ ଏହି ପ୍ରତିଯୋଗିତା ମେ' ୯ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଭେନ୍ୟୁରେ ଗତବର୍ଷ ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା।

ଭାଗ ନେଉଥିବା ୬ ଦଳ ମଧ୍ୟରୁ ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ମେ' ୧୬ରେ ସେମିଫାଇନାଲ ଓ ୧୮ରେ ଫାଇନାଲ ଅନୁଷ୍ଠିତ ହେବ। ଭାରତ ଏହି ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିୟନଭାବେ ଖେଳିବ। ୨୦୨୩ରେ




କାଠମାଣ୍ଡୁରେ ଅନୁଷ୍ଠିତ ଗତ ସଂସ୍କରଣର ଫାଇନାଲରେ ପାକିସ୍ତାନକୁ ୩-୦ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। କାର୍ଯ୍ୟସୂଚୀ ଅନୁସାରେ, ଭାରତ ୯ ତାରିଖରେ ଶ୍ରୀଲଙ୍କା ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ପରେ ୧୩ରେ ନେପାଳକୁ ଭେଟିବ।

୨୦୨୪ରେ ପ୍ରତିଯୋଗିତା ୨୦ ବର୍ଷରୁ କମ୍ ବର୍ଗରେ ଖେଳାଯାଇଥିଲା। ସେଥିରେ ଭାରତ ସେମିଫାଇନାଲରେ ବାଂଲାଦେଶ ନିକଟରୁ ହାରିଯାଇଥିଲା। ପ୍ରକାଶଯୋଗ୍ୟ, ଏହାକୁ ମିଶାଇ ଭାରତ ୪ର୍ଥ ଥର ପାଇଁ ଏକ ଏଜ୍ ଗ୍ରୁପ୍ ସାଫ୍ ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି। ପୂର୍ବରୁ ୨୦୧୯ରେ କଲ୍ୟାଣୀରେ ୧୫ ବର୍ଷରୁ କମ୍ ପୁରୁଷ, ୨୦୨୨ରେ ଜାମ୍‌ସେଦ୍‌ପୁରରେ ୧୮ ବର୍ଷରୁ କମ୍ ମହିଳା ଓ ସେହିବର୍ଷ ଭୁବନେଶ୍ୱରରେ ୨୦ ବର୍ଷରୁ କମ୍ ପୁରୁଷ ସାଫ୍ ପ୍ରତିଯୋଗିତା ହୋଇଥିଲା।

## ପିସିବିର ପ୍ରତିବାଦ ଉପରେ ଆଇସିସି ପ୍ରତିକ୍ରିୟା ଦେଇ ନ ପାରେ

**ଦୁବାଇ/କରାଚୀ,୧୧।୩(ପି.ଟି.):** ଚାମ୍ପିୟନ୍ସ ଟ୍ରଫିର ଉଦ୍‌ଯାପନୀ ଉତ୍ସବରୁ ବାଦ୍ ପଡ଼ିବା ଘଟଣା ଉପରେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପକ୍ଷରୁ ଆନୁଷ୍ଠାନିକ ଭାବେ ପ୍ରତିବାଦ ଦାଖଲ କରାଯାଇଥିଲା। ହେଲେ ଏ ସଂକ୍ରାନ୍ତରେ ପିସିବିକୁ ଆଇସିସି ନିକଟରୁ ପ୍ରତିକ୍ରିୟା ମିଳିବାର ସମ୍ଭାବନା ପ୍ରାୟତଃ ନାହିଁ। ଟୁର୍ନାମେଣ୍ଟର ଡାଇରେକ୍ଟର ଦାୟିତ୍ୱରେ ଥିବା ପିସିବିର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ(ସିଇଓ) ସୁମେର ଅହମ୍ମଦ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ହେଲେ ତାଙ୍କୁ ପୁରସ୍କାର ବିତରଣ ଲାଗି ଆମନ୍ତ୍ରଣ କରାଯାଇ ନ ଥିଲା। ଏ ସଂକ୍ରାନ୍ତରେ ପିସିବିର ଜଣେ ଅଧିକାରୀ କହିଛନ୍ତି ଯେ, ଆମେ ଆନୁଷ୍ଠାନିକ ଭାବେ ଆଇସିସି ନିକଟରେ ପ୍ରତିବାଦ ଦାଖଲ କରିଛୁ। କାରଣ ଯାହା ଘଟିଗଲା, ତାହା ଗ୍ରହଣଯୋଗ୍ୟ ନୁହେଁ। ଆମେ ଏଥିଲାଗି ଆଇସିସିଠାରୁ ସ୍ପଷ୍ଟୀକରଣ ଅବା କ୍ଷମାପ୍ରାର୍ଥନା ଚାହୁଁ।

ତେବେ ଏ ସମ୍ପର୍କରେ ଆଇସିସି ସୂତ୍ରରୁ କୁହାଯାଇଛି ଯେ, ଯଦି ପିସିବିର କଥାକୁ ଦୃଷ୍ଟିରେ ରଖାଯାଏ, ତେବେ ଆଇସିସି ସିଇଓ ଜିଓଫ ଅଲାର୍ଡିକ ମଧ ମଞ୍ଚରେ ଉପସ୍ଥିତ ନ ଥିଲେ। ଏହା ପଛର କାରଣ ହେଉଛି ନିୟମ। ସୁମେର ପିସିବିର ଜଣେ କର୍ମଚାରୀ। ସେ କୌଣସି ନିର୍ବାଚିତ ପଦଧିକାରୀ ନୁହନ୍ତି । ଏହା ମଧ ଯାଞ୍ଚ କରିବା ଉଚିତ ଯେ, କେବେ ଓ କେଉଁ ପୁରସ୍କାର ବିତରଣ ଉତ୍ସବରେ ଜଣେ ଟୁର୍ନାମେଣ୍ଟ ଡାଇରେକ୍ଟର ଉପସ୍ଥିତ ଥିଲେ। ଆମେ ଉଦାହରଣ ବି ଦେଇପାରିବୁ। ଆଇସିସିର ନୂଆ କାର୍ଯ୍ୟ ଓ ଯୋଗାଯୋଗ ବିଭାଗର ମୁଖ୍ୟ ଗୌରବ ସକ୍ସେନା ଏକଦା ଦୁବାଇରେ ଏସିଆ କପ୍ ଲାଗି ଟୁର୍ନାମେଣ୍ଟ ଡାଇରେକ୍ଟର ଥିଲେ। ସେ ଅନ୍ତିମ ପୁରସ୍କାର ବିତରଣ ଲାଗି ମଞ୍ଚରେ ଥିଲେ କି। ଉଲ୍ଲେଖଯୋଗ୍ୟ, ବିସିସିଆଇ ସଭାପତି ରୋଜର ବିନି ଭାରତୀୟ ଖେଳାଳିଙ୍କୁ ଧଳା ଜ୍ୟାକେଟ୍ସ ଓ ମ୍ୟାଚ୍ ଅଫିସିଆଲଙ୍କୁ ପଦକ ପ୍ରଦାନ କରିଥିଲେ। ଆଇସିସି ଚେୟାରମ୍ୟାନ ଜୟ ଶାହା ଅଧିନାୟକ ରୋହିତ ଶର୍ମାଙ୍କୁ ଟ୍ରଫି ଓ ବିଜେତାଙ୍କୁ ପଦକ ଦେଇଥିଲେ। ଏହି ଅବସରରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଓ ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ସିଇଓ ରୋଜର ଟୁସେ ମଧ ଉପସ୍ଥିତ ଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ